ପୃଷ୍ଠା–୧୨+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ମେ ୧୨/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, May 12/2024 | Page 20 | ₹ 7.00

୫୦ଶ ଭାଗ ୧୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 167 | ମୂଲ୍ୟ₹୭/-



ORERA Registration No.: RP/07/2022/00795
Website: www.rera.odisha.gov.in

## Find Your Perfect Space for Life




Member Of CREDAI Bhubaneswar Foundation

CMC Approved



**Work in Full Swing, Possession on March 2026**

## NETRA GALAXY :

### Iconic Paradise Living Apartments

"Netra Galaxy" located @**Nuahat adjacent to NH-16, Phulnakhara Square, Cuttack** & well connected to all the major landmarks having wide road access and very comfortable communication rout.

**OUTDOOR Amenities**

- Kid's Play Area.
- Water Wall & Lilly Pool.
- Open Amphitheater.
- Senior Citizen's Sit-out.
- Walking Track.
- Lush Green Landscaping.

**3 side** ventilated 3, 3.5 & 4.5 BHK Residential Apartments | S+5 Floor | 1380 sft. onwards | 5 Blocks | Dedicated Luxury Club House with Modern Amenities | 12000 sft. of central courtyard area | 60% open to sky area | 3.770 Acres of Land Parcel.

**3 BHK Price Starts From ₹80 Lacs* with all amenities**

(Excluding Registration & GST)

**30% Units Left out**






**LOCATION MAP**




- Close to Panda Cancer Hospital, Grand Bazaar and Reliance Petrol Pump.
- 2 mins drive from SUM Hospital (Under Construction), Phulnakhara Sqr.
- 5 to 6 mins drive from Pal Heights Mantra and Pahala Square.
- 6 to 8 mins drive from DPS Kalinga School and Mothers Public School.
- 6 to 8 mins drive from Symphony Mall.
- 8 to 10 mins drive from Rasulgarh Square, Esplanade Mall.
- 8 to 10 mins drive from Link Road, Cuttack.
- 20 to 25 mins drive from Bhubaneswar Railway Station.
- 30 to 35 mins drive from Biju Patnaik International Airport.

**CLUB CALISTO**

*Blending Relaxation with Sophistication*



Preferred Banking Partners

State Bank of India – THE BANKER TO EVERY INDIAN
ICICI Bank Home Loans
LIC HFL – LIC HOUSING FINANCE LTD
बैंक ऑफ इंडिया Bank of India
केनरा बैंक Canara Bank

Developer:
ALISHAN
**ALISHAN REALCON PVT. LTD.**
Plot No.-N2/12, IRC Village, Nayapalli, Bhubaneswar, Odisha-751015
E-mail: netragalaxy@gmail.com, Web: www.netragalaxy.com

:: Contact us ::
7008563697 / 9937938024
9937005103

**ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ୭ କୋଟି ଜବତ**
ଆନ୍ଧ୍ରପ୍ରଦେଶରେ ସୋମବାର ଲୋକ ସଭା ସହ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହାର ୩ ଦିନ ପୂର୍ବରୁ ଏକ ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ୭ କୋଟି ଟଙ୍କା ଜବତ ହୋଇଛି। ଏକ ବ୍ୟବସାୟିକ ଯାନରେ ଶୁକ୍ରବାର ଏହି ଟଙ୍କା ଯାଉଥିବାବେଳେ ଏହା ନଲାଜର୍ଲା ମଣ୍ଡଳର ଅନନ୍ତପାଲ୍ଲୀଠାରେ ଏକ ଟ୍ରକ୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ରାଜ୍ୟରେ ୩ ଦିନରେ ଏହା ଦ୍ୱିତୀୟ ବଡ଼ ଜବତ ଘଟଣା।

# ‘ଶାହା, ଯୋଗୀଙ୍କୁ ବି ଛାଡ଼ିବେନି ମୋଦି’



ନୂଆଦିଲ୍ଲୀର ମେହରୁଲିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହ ରୋଡ୍ ଶୋ’ କରୁଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍।

**ନୂଆଦିଲ୍ଲୀ,୧୧।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ବିପଜ୍ଜନକ ମିଶନରେ ବାହାରିଛନ୍ତି। ଦେଶରେ ଜଣେ ମାତ୍ର ନେତା (ନିଜେ) ରୁହନ୍ତୁ ବୋଲି ସେ ଚାହୁଁଛନ୍ତି। ଏପରି କି ସବୁ ବିରୋଧୀ ନେତାଙ୍କୁ ଜେଲରେ ପୂରାଇବା ସହ ଭାଜପାରେ ଥିବା ତାଙ୍କ ଚ୍ୟାଲେଞ୍ଜରମାନଙ୍କୁ ଶେଷ କରିଦେବାକୁ ମୋଦି ଆଗ୍ରହୀ ବୋଲି ଶନିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କୁ ମାର୍ଚ୍ଚ ୨୧ରେ ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ତିହାର ଜେଲରେ ୫୦ ଦିନ ରହିବା ପରେ ଶୁକ୍ରବାର ସୁପ୍ରିମକୋର୍ଟରୁ ଜାମିନ ପାଇ ସେ ବାହାରିଛନ୍ତି। ମେ’ ୨୫ରେ ଷଷ୍ଠ ପର୍ଯ୍ୟାୟରେ ଦିଲ୍ଲୀର ୭ ଲୋକ ସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଜେଲରୁ ମୁକୁଳିବାର ଦିନକ ପରେ କେଜ୍‌ରିୱାଲ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଏକ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାଜପା ଏଥର ଜିତିଲେ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀ, ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ ଜେଲ ଯିବେ। ଏପରି କି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ପ୍ରତି ମଧ୍ୟ ବିପଦ ଦେଖାଦେବ। କାରଣ ଏହି ୨ ଜଣ ଦଳ ଭିତରେ ମୋଦିଙ୍କ ଚ୍ୟାଲେଞ୍ଜର ହୋଇପାରନ୍ତି। ଲାଲ୍‌କୃଷ୍ଣ ଆଡ୍‌ଭାନୀ, ମୁରଲୀ ମନୋହର ଜୋଷୀ, ସୁମିତ୍ରା ମହାଜନ, ଶିବରାଜ ଚୌହାନ୍ ଏବଂ ଡ. ରମଣ ସିଂଙ୍କ ରାଜନୈତିକ କ୍ୟାରିୟରକୁ ମୋଦି ଶେଷ କରିଦେଇଛନ୍ତି। ଭାଜପା ପୁନର୍ବାର କ୍ଷମତାକୁ ଫେରିଲେ ୨ ମାସ ଭିତରେ ଯୋଗୀ ମୁଖ୍ୟମନ୍ତ୍ରୀ ପଦ ହରାଇବେ। ଦେଶରେ କେବଳ ଜଣେ ଏକଚ୍ଛତ୍ରବାଦୀ ରହିବେ। ତଥାପି ମୋଦି ଆସନ୍ତା ବର୍ଷ ସେପ୍ଟେମ୍ବର ୧୭ରେ ୭୫ ବର୍ଷରେ ଉପନୀତ ହେବା ପରେ ଅନ୍ୟ ବରିଷ୍ଠ ନେତାମାନଙ୍କ ଭଳି ରାଜନୀତିରୁ ଅବସର ନେବେ ବୋଲି କେଜ୍‌ରିୱାଲ କହିଛନ୍ତି। ତେବେ ଭାଜପା ଜିତିପାରିବ ନାହିଁ। ଇଣ୍ଡିଆ ବ୍ଲକ୍ ଜୁନ୍ ୪ରେ ସରକାର ଗଢ଼ିବ ଏବଂ ଆପ୍ ଏଥିରେ ସାମିଲ ହେବ ବୋଲି କେଜ୍‌ରିୱାଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## କେଜ୍‌ରିୱାଲ ନିଶାରେ କହୁଛନ୍ତି: ଭାଜପା

ଏହାର ଜବାବରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଦ ନିଶାରେ ଏପରି କହୁଛନ୍ତି ନା ଜେଲ ପ୍ରଭାବରେ। ମଦ୍ୟପାନ କଲେ ବ୍ୟକ୍ତି ନିଜ ଉପରୁ ନିୟନ୍ତ୍ରଣ ହରାଇଥାନ୍ତି। ସେତେବେଳେ ତାଙ୍କ ପାଟିରୁ ସତକଥା ବାହାରିଥାଏ। ମୋଦି କ୍ଷମତାକୁ ଫେରି ପୁଣି ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି ବୋଲି କେଜ୍‌ରିୱାଲ କହିଥିବା କଥା ସତ। ଇତିମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା କହିଛନ୍ତି, ୭୫-ବର୍ଷ ସମୟସୀମା ମୋଦିଙ୍କ କ୍ଷେତ୍ରରେ ଲାଗୁ ହେବନାହିଁ। ମୋଦି ଭବିଷ୍ୟତରେ ମଧ୍ୟ ଦେଶର ପ୍ରଧାନମନ୍ତ୍ରୀ ପଦରେ ରହିଥିବେ। ଏହାକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ମଦ ଦୁର୍ନୀତି ମାମଲାରେ ଜାମିନ ପାଇଁ ନେହୁରା ହେବାରୁ ସୁପ୍ରିମକୋର୍ଟ ତାଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ଛାଡ଼ିଛନ୍ତି। ୨ ତାରିଖରେ ତାଙ୍କୁ ଆତ୍ମସମର୍ପଣ କରିବାକୁ ପଡ଼ିବ ବୋଲି ଶାହା କହିଛନ୍ତି।

# ବ୍ରାଜିଲ ବନ୍ୟା: ୧୩୬ ମୃତ, ୧୨୫ ନିଖୋଜ



ଆକାଶମାର୍ଗରୁ ବ୍ରାଜିଲ ବନ୍ୟାର ଦୃଶ୍ୟ।

**ବ୍ରାସିଲିଆ,୧୧।୫**

ବ୍ରାଜିଲର ରିଓ ଗ୍ରାଣ୍ଡେ ଡୋ ସୁଲ୍ ରାଜ୍ୟରେ ପ୍ରବଳ ବର୍ଷାଜନିତ ବନ୍ୟାରେ ଶନିବାର ସୁଦ୍ଧା ୧୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୨୫ ଜଣ ନିଖୋଜ ହୋଇଯାଇଛନ୍ତି। ସପ୍ତାହେ ହେଲା ସେଠାରେ ବର୍ଷା ଲାଗିରହିଥିବାରୁ ବ୍ରାଜିଲର ଦକ୍ଷିଣ ଭାଗରେ ଥିବା ଏହି ରାଜ୍ୟର ବହୁ ସହର ବନ୍ୟାପାଣି ଘେରରେ ରହିଛି। ବନ୍ୟା ଯୋଗୁ ୪ ଲକ୍ଷ ଲୋକ ବିସ୍ଥାପିତ ହେବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି। ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପାନୀୟ ଜଳଯୋଗାଣ ଓ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିବାରୁ ୧୪ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୫ ଲକ୍ଷ ଲୋକ ଅନ୍ଧାରରେ ରହିଛନ୍ତି। ପ୍ରବଳ ବର୍ଷା ଯୋଗୁ ୫ଟି ଜଳବିଦ୍ୟୁତ ଡ୍ୟାମ୍ ଏବଂ ସରବରାହ ଲାଇନ୍‌କୁ ବନ୍ଦ ରଖାଯାଇଥିବା ଜାତୀୟ ଗ୍ରୀଡ୍ ଅପରେଟର ଓଏନ୍‌ଏସ୍ କହିଛି। ସହରର ଏୟାରପୋର୍ଟ ବନ୍ୟାପାଣିରେ ବୁଡ଼ିରହିଥିବାରୁ ବିମାନ ଚଳାଚଳ ଶୁକ୍ରବାରଠାରୁ ବନ୍ଦ ରହିଛି।

## ପରିବାରର ୫ ଜଣଙ୍କୁ ହତ୍ୟା ପରେ ଆତ୍ମହତ୍ୟା

**ସୀତାପୁର,୧୧।୫**

ଉତ୍ତରପ୍ରଦେଶର ସୀତାପୁରରେ ଜଣେ ବ୍ୟବସାୟୀ ତାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ହତ୍ୟା କରିବା ପରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଅଭିଯୁକ୍ତ ଅନୁରାଗ ସିଂ(୪୫) ନିଶା ଅଭ୍ୟସ୍ତ ଥିଲେ ବୋଲି ପୋଲିସ କହିଛି। ମୃତକଙ୍କ ମଧ୍ୟରେ ଅଛନ୍ତି ଅନୁରାଗଙ୍କ ମା’ ସାବିତ୍ରୀ ଦେବୀ(୬୦), ସ୍ତ୍ରୀ ପ୍ରିୟଙ୍କା(୪୦) ଏବଂ ୩ ପିଲା ଅଶ୍ୱିନୀ(୧୨), ଅଶ୍ୱୀ(୧୦) ଏବଂ ଅଦ୍ୱୈତ(୬)। ରାମପୁର ଥାନା ଅନ୍ତର୍ଗତ ପାଲାପୁର ଗ୍ରାମରେ ଶନିବାର ସକାଳେ ଏହି ହତ୍ୟାକାଣ୍ଡ ଘଟିଛି। ଘର ବାହାରେ ପିଲାମାନଙ୍କ ମୃତଦେହ ପଡ଼ିଥିବାବେଳେ ଅନ୍ୟମାନଙ୍କ ମରଶରୀର ଘର ଭିତରେ ଥିଲା। ଅନୁରାଗ ଓ ସ୍ତ୍ରୀଙ୍କ ଦେହରେ ଗୁଳି ବାଜିଥିବା ବେଳେ ତାଙ୍କ ମାଆ ଓ ପିଲାମାନଙ୍କୁ ହାତୁଡ଼ିରେ ପିଟି ମାରିଦିଆଯାଇଥିବା ଜଣାପଡ଼ିଛି। ଡ୍ରଗ୍ସ ଓ ମଦ ନିଶାରେ ବୁଡ଼ି ରହୁଥିବା ଅନୁରାଗଙ୍କୁ ତାଙ୍କ ପରିବାର ଲୋକେ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିବାକୁ ଯୋଜନା କରୁଥିବାବେଳେ ଏହାକୁ ନେଇ ତାଙ୍କର ପରିବାର ସଦସ୍ୟଙ୍କ ମଧ୍ୟରେ ପୂର୍ବରୁ ଝଗଡ଼ା ହୋଇଥିଲା ବୋଲି ପୋଲିସ କହିଛି।

## ପିଓକେରେ ବିକ୍ଷୋଭକାରୀଙ୍କୁ ପୋଲିସ ଗୁଳି: ୨ ମୃତ

**ଇସ୍‌ଲାମାବାଦ,୧୧।୫**

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଟିକସ ବୃଦ୍ଧି, ବିଦ୍ୟୁତ୍ ସଙ୍କଟ ଏବଂ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ଆନ୍ଦୋଳନକୁ ଦମନ କରିବା ପାଇଁ ପୋଲିସ ଗୁଳି କରିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଶନିବାର ଅନେକ ହଜାର ବିକ୍ଷୋଭକାରୀ ଶୋଭାଯାତ୍ରାରେ ବାହାରିଥିବାବେଳେ ରେଞ୍ଜର ଏବଂ ପୋଲିସ ପକ୍ଷରୁ ଲୁହବୁହା ବାଷ୍ପ ଛଡ଼ାଯିବା ସହ ଗୁଳିମାଡ଼ କରାଯାଇଥିଲା। ପୋଲିସ ଏକେ-୪୭ରୁ ଲୋକଙ୍କ ଉପରକୁ ଗୁଳି ଚଳାଉଥିବା ଭିଡିଓରୁ ଦେଖିବାକୁ ମିଳିଛି।

## ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

**ନୂଆଦିଲ୍ଲୀ,୧୧।୫**

ଆସନ୍ତା ୧୩ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ସହ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ଏବଂ ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସେଥିପାଇଁ ପ୍ରଚାର ଶନିବାର ସନ୍ଧ୍ୟାରେ ଶେଷ ହୋଇଛି। ଭୋଟରମାନଙ୍କୁ ମନାଇବା ପାଇଁ ଶୀର୍ଷ ରାଜନେତାମାନେ ଶେଷ ଦିନରେ ମାରାଥନ୍ ରାଲି କରି ଜୋର୍‌ଦାର ପ୍ରଚାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶାର ଫୁଲବାଣୀ, ବଲାଙ୍ଗୀର ଓ ବରଗଡ଼ରେ ସଭା କରିବା ସାଙ୍ଗକୁ ଝାଡ଼ଖଣ୍ଡରେ ମଧ୍ୟ ପ୍ରଚାର କରିଥିଲେ। ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଟିଏମ୍‌ସିର ମହୁଆ ମୋଇତ୍ର, ଓମାର ଅବଦୁଲ୍ଲା, ଗିରିରାଜ ସିଂ, ଅଧୀର ରଞ୍ଜନ ଚୌଧୁରୀ, ଶତ୍ରୁଘ୍ନ ସିହ୍ନା, ଅସାଦୁଦ୍ଦିନ ଓୱାଇସି ଏବଂ ୱାଇ.ଏସ୍. ଶର୍ମିଳାଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି। ସୋମବାର ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଆସନରେ ମତଦାନ ହେବ। ଉତ୍ତରପ୍ରଦେଶର ୧୩ ଆସନ ସମେତ ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶ ଏବଂ ପଶ୍ଚିମବଙ୍ଗର ୮ଟି ଲେଖାଏ, ବିହାରର ୫, ଓଡ଼ିଶା ଓ ଝାଡ଼ଖଣ୍ଡର ୪ଟି ଲେଖାଏ ଆସନ ଏବଂ ଜମ୍ମୁ-କଶ୍ମୀରର ଗୋଟିଏ ଆସନ ଲାଗି ଭୋଟ ହେବାକୁ ଯାଉଛି। ଆନ୍ଧ୍ରପ୍ରଦେଶର ସମସ୍ତ ୨୫ ଆସନ ଏବଂ ତେଲଙ୍ଗାନାର ୧୭ ଆସନରେ ମଧ୍ୟ ସୋମବାର ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିସହିତ ଆନ୍ଧ୍ରପ୍ରଦେଶର ସମସ୍ତ ୧୭୫ ବିଧାନସଭା ଆସନ ଏବଂ ଓଡ଼ିଶାର ୧୪୭ ଆସନ ମଧ୍ୟରୁ ୨୮ଟିରେ ମତଦାନ ହେବାକୁ ଯାଉଛି।

# ଖୋଲା ବିତର୍କ ପାଇଁ ମୁଁ ପ୍ରସ୍ତୁତ, ମୋଦି ରାଜି ତ: ରାହୁଲ

**ନୂଆଦିଲ୍ଲୀ,୧୧।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଖୋଲା ବିତର୍କ ଆହ୍ୱାନକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଗ୍ରହଣ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ବିତର୍କରେ ସାମିଲ ହେବାକୁ ପ୍ରସ୍ତୁତ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ପୂର୍ବତନ ବିଚାରପତି ମଦନ ବି ଲୋକୁର, ଅଜିତ ପି. ଶାହ ଏବଂ ବରିଷ୍ଠ ସାମ୍ବାଦିକ ଏନ୍ ରାମ ଉଭୟ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାହୁଲ ଗାନ୍ଧୀଙ୍କୁ ପତ୍ର ଲେଖି ଲୋକ ସଭା ନିର୍ବାଚନ ବେଳେ ଖୋଲା ବିତର୍କରେ ସାମିଲ ହେବାକୁ ଆମନ୍ତ୍ରଣ କରିଥିଲେ। ଏହାଦ୍ୱାରା ଉଭୟ ପକ୍ଷ ପରସ୍ପର ବିରୋଧରେ ଆଣୁଥିବା ଅଭିଯୋଗ ଓ ଚ୍ୟାଲେଞ୍ଜର ଉପଯୁକ୍ତ ଜବାବ ମିଳିପାରିବ ବୋଲି ପୂର୍ବତନ ବିଚାରପତି ଓ ସାମ୍ବାଦିକ ସେମାନଙ୍କ ପତ୍ରରେ ଉଲ୍ଲେଖ କରିଥିଲେ। ଜନସାଧାରଣ କେବଳ ଉଭୟଙ୍କ ଅଭିଯୋଗ ଓ ଚ୍ୟାଲେଞ୍ଜକୁ ଶୁଣି ଅତିଷ୍ଠ ହୋଇପଡ଼ିଥିବାବେଳେ ପରସ୍ପର ମୁହଁରୁ ଅର୍ଥପୂର୍ଣ୍ଣ ପ୍ରତିଜବାବ ଶୁଣିପାରୁ ନାହାନ୍ତି। ରାହୁଲ ସେମାନଙ୍କ ଆମନ୍ତ୍ରଣକୁ ଗ୍ରହଣ କରି ଏକ୍ସ’ରେ ଲେଖିଛନ୍ତି, ଗୋଟିଏ ମଞ୍ଚରେ ବୃହତ୍ ଦଳର ନେତା ଖୋଲା ବିତର୍କରେ ଭାଗ ନେବା ସୁସ୍ଥ ଗଣତନ୍ତ୍ର ପାଇଁ ସକାରାତ୍ମକ ଆମନ୍ତ୍ରଣ। କଂଗ୍ରେସ ଏହାକୁ ସ୍ୱାଗତ କରୁଛି। ପ୍ରଧାନମନ୍ତ୍ରୀ ବିତର୍କରେ ଭାଗନେବା ଦେଶ ଆଶା କରେ ବୋଲି ରାହୁଲ କହିଛନ୍ତି। ବିତର୍କରେ ଭାଗ ନେବାକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଖୁସି ହେବେ। ତେବେ ପ୍ରଧାନମନ୍ତ୍ରୀ ବିତର୍କରେ ସାମିଲ ହେବାକୁ ରାଜି କି ବୋଲି ଜଣାଇବାକୁ ରାହୁଲ କହିଛନ୍ତି।

## ରାମବିଳାସଙ୍କ ପାଇଁ ଭୋଟ ମାଗିଲେ ନୀତୀଶ

**ହାଜିପୁର,୧୧।୫**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶନିବାର ହାଜିପୁରରେ ନିର୍ବାଚନ ପ୍ରଚାର ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ରାମବିଳାସ ପାଶ୍ୱାନଙ୍କ ପାଇଁ ଭୋଟ ମାଗି ଅପଦସ୍ଥ ହୋଇଛନ୍ତି। ପରେ ସେ ନିଜ ଭୁଲ୍ ବୁଝିପାରି ରାମବିଳାସ ନୁହନ୍ତି, ତାଙ୍କ ପୁଅ ଚିରାଗ ପାଶ୍ୱାନଙ୍କୁ ଭୋଟ ଦେଇ ଜିତାନ୍ତୁ ବୋଲି ନୀତୀଶ କହିଥିଲେ। ହାଜିପୁରରୁ ୯ ଥର ଜିତିଥିବା ରାମବିଳାସ ୨୦୨୦ରେ ମୃତ୍ୟୁ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଥିଲେ। ତାଙ୍କ ପରେ ଭାଇ ପଶୁପତି କୁମାର ପାରସ ଓ ପୁଅ ଚିରାଗଙ୍କ ମଧ୍ୟରେ ଦଳର ନେତୃତ୍ୱକୁ ନେଇ ଟଣାଓଟରା ରହିଆସିଛି। ଗତଥର ଏନ୍‌ଡିଏ ଏହି ଆସନରୁ ପଶୁପତିଙ୍କୁ ଟିକେଟ ଦେଇଥିଲା। କିନ୍ତୁ ୨୦୨୪ରେ ଶାସକ ମେଣ୍ଟ ଚିରାଗଙ୍କୁ ପ୍ରାର୍ଥୀ କରିଛି। ତେଣୁ ବିହାରରେ ଏନ୍‌ଡିଏ ନେତା ଭାବେ ନୀତୀଶ ସେଠାକୁ ଯାଇ କହିଥିଲେ, ବିହାରର କୌଣସି କାମ ପଛରେ ରହିବ ନାହିଁ। ସବୁପ୍ରକାରେ କରାଯିବା ପାଇଁ ଭାଇ ରାମବିଳାସଙ୍କୁ ଆପଣମାନେ ଭୋଟ ଦିଅନ୍ତୁ। ଉପସ୍ଥିତ ଭୋଟର ଏହା ଶୁଣିବା ପରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ଶେଷରେ ନୀତୀଶ ନିଜ ତ୍ରୁଟି ସୁଧାରିଥିଲେ।

## ମାଳଦ୍ୱୀପରୁ ଫେରିଲେ ସବୁ ଭାରତୀୟ ସୈନ୍ୟ

**ମାଲେ,୧୧।୫(ପି.ଟି.)**

ମାଳଦ୍ୱୀପରୁ ୭୬ ଭାରତୀୟ ସୈନ୍ୟ ବିଦାହେବା ପରେ ଭାରତ ଦେଇଥିବା ହେଲିକପ୍ଟରଗୁଡ଼ିକର ନିର୍ମାତା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) କର୍ମଚାରୀମାନେ ଏବେ ସେଠାର ୩ଟି ବିମାନ ପ୍ଲାଟ୍‌ଫର୍ମ ଚଳାଉଛନ୍ତି। ମାଳଦ୍ୱୀପ ବହିର୍ବ୍ୟାପାର ମନ୍ତ୍ରୀ ମୂସା ଜମିର ଶନିବାର ଏହି ସୂଚନା ଦେଇଛନ୍ତି। ମାଳଦ୍ୱୀପରେ ହେଲିକପ୍ଟର ଏବଂ ଡୋର୍ନିୟର ବିମାନର ଦୁଇଟି ପ୍ଲାଟ୍‌ଫର୍ମକୁ ଭାରତୀୟ ସୈନ୍ୟମାନେ ପରିଚାଳନା କରୁଥିଲେ। ଶୁକ୍ରବାର ସେଠାରୁ ସବୁ ଭାରତୀୟ ସୈନ୍ୟ ଫେରିଆସିଛନ୍ତି। ଭାରତ ଏହାର ସୈନ୍ୟମାନଙ୍କୁ ଫେରାଇନେବା ଲାଗି ମାଳଦ୍ୱୀପ ମେ’ ୧୦କୁ ଡେଡ୍‌ଲାଇନ ଧାର୍ଯ୍ୟ କରିଥିଲା। ଗତବର୍ଷ ନଭେମ୍ବରରେ ଚାଇନା ସପକ୍ଷବାଦୀ ମୋହମ୍ମଦ ମୁଇଜ୍ଜୁ ମାଳଦ୍ୱୀପ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ଭାରତୀୟ ସୈନ୍ୟ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

**୩ ବିମାନ ପ୍ଲାଟ୍‌ଫର୍ମ ଚଳାଉଛନ୍ତି ହାଲ୍ କର୍ମଚାରୀ**

## କେନ୍ଦ୍ରକୁ ସମାଲୋଚନା ଯୋଗୁ ବରୁଣଙ୍କ ଟିକେଟ କଟିଲା: ମାନେକା

**ସୁଲ୍‌ତାନପୁର,୧୧।୫(ପି.ଟି.)**



ମାନେକା ଗାନ୍ଧୀ

ଉତ୍ତରପ୍ରଦେଶର ପିଲ୍‌ଭିଟ ଏମ୍‌ପି ବରୁଣ ଗାନ୍ଧୀଙ୍କୁ ଭାଜପା ଏଥର ଶେଷ ପର୍ଯ୍ୟନ୍ତ ଝୁଲାଇ ରଖି ଟିକେଟ ଦେଲାନାହିଁ। ଏହି ସଂସଦୀୟ କ୍ଷେତ୍ରରୁ ଶାସକ ଦଳ ଜିତିନ ପ୍ରସାଦଙ୍କୁ ପ୍ରାର୍ଥୀ କରିଛି। ବରୁଣ କେନ୍ଦ୍ର ସରକାରଙ୍କ ବିରୋଧରେ ମନ୍ତବ୍ୟ ଦେଉଥିବାରୁ ଏହା ତାଙ୍କ ଟିକେଟ କଟିବାର କାରଣ ହୋଇଥାଇପାରେ ବୋଲି ମା’ ମାନେକା ଗାନ୍ଧୀ ସଙ୍କେତ ଦେଇଛନ୍ତି। ପିଟିଆଇକୁ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁଲ୍‌ତାନପୁର ଏମ୍‌ପି ମାନେକା କହିଛନ୍ତି, କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବାରୁ ବରୁଣଙ୍କ ଟିକେଟ କଟିଥାଇପାରେ। ଏହା ବ୍ୟତୀତ ଅନ୍ୟ କୌଣସି କାରଣ ଥିବାଭଳି ମନେହେଉନାହିଁ। ବରୁଣ ତାଙ୍କ ପାଇଁ ମେ’ ୨୫ରେ ନିର୍ବାଚନ ଲାଗି ପ୍ରଚାର କରିବାକୁ ଚାହୁଁଛନ୍ତି। କିନ୍ତୁ ଏହା ଉପରେ ନିଷ୍ପତ୍ତି ନିଆଯାଇ ନାହିଁ। ଟିକେଟ କଟିବା ନେଇ ମା’ ହିସାବରେ ସେ ଖୁସି ନୁହନ୍ତି। କିନ୍ତୁ ଦଳୀୟ ନିଷ୍ପତ୍ତିକୁ ସେ ସମ୍ମାନ ଦେଉଛନ୍ତି। ବରୁଣ ଭାଜପା ଟିକେଟ ନ ପାଇ ମଧ୍ୟ ଜଣେ ଭଲ ରାଜନେତା ହୋଇପାରିବେ। ଚନ୍ଦ୍ରଶେଖର ପୂର୍ବରୁ କୌଣସି ସରକାରୀ ପଦବୀରେ ନ ଥାଇ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ ବୋଲି ମାନେକା ଉଦାହରଣ ଦେଇଛନ୍ତି। ପ୍ରକାଶ ଯେ, ବରୁଣ ପୂର୍ବରୁ ପିଲ୍‌ଭିଟରୁ ୨ ଥର ଏମ୍‌ପି ହୋଇଥିବାବେଳେ ତା ପୂର୍ବରୁ ୧୯୮୯ରୁ ମାନେକା ଏହି ଆସନରୁ ପ୍ରତିନିଧିତ୍ୱ କରୁଥିଲେ। ୨୦୧୪ ଓ ୨୦୧୯ ଭଳି ଭାଜପା ସୁଲ୍‌ତାନପୁର ଆସନରୁ ପରିବେଶବିତ୍ ମାନେକାଙ୍କୁ ପ୍ରାର୍ଥୀ କରିଛି। ଅମେଠିରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନ ଲଢ଼ିବା ଉପରେ ପ୍ରଶ୍ନ କରାଯିବାରୁ ମାନେକା ମନ୍ତବ୍ୟ ଦେବାକୁ ମନା କରିଛନ୍ତି।




ଆନ୍ଧ୍ରପ୍ରଦେଶର କଡ୍ପାରେ ଶନିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ନେତ୍ରୀ ୱାଇ.ଏସ୍. ଶର୍ମିଳାଙ୍କ ସହ ନିର୍ବାଚନ ପ୍ରଚାର କରୁଛନ୍ତି।


ଉତ୍ତରପ୍ରଦେଶର କନୌଜରେ ସୋମବାର ହେବାକୁ ଥିବା ନିର୍ବାଚନ ପାଇଁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ତଥା ଏହି ଆସନର ଦଳୀୟ ପ୍ରାର୍ଥୀ ଅଖିଳେଶ ଯାଦବ ପ୍ରଚାର କରୁଛନ୍ତି।

# ଖୋଲା ବିତର୍କ ପାଇଁ ମୁଁ ପ୍ରସ୍ତୁତ, ମୋଦି ରାଜି ତ: ରାହୁଲ

ନୂଆଦିଲ୍ଲୀ,୧୧।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଖୋଲା ବିତର୍କ ଆହ୍ୱାନକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଗ୍ରହଣ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ବିତର୍କରେ ସାମିଲ ହେବାକୁ ପ୍ରସ୍ତୁତ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ପୂର୍ବତନ ବିଚାରପତି ମଦନ ବି ଲୋକୁର, ଅଜିତ ପି. ଶାହ ଏବଂ ବରିଷ୍ଠ ସାମ୍ବାଦିକ ଏନ୍ ରାମ ଉଭୟ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାହୁଲ ଗାନ୍ଧୀଙ୍କୁ ପତ୍ର ଲେଖି ଲୋକ ସଭା ନିର୍ବାଚନ ବେଳେ ଖୋଲା ବିତର୍କରେ ସାମିଲ ହେବାକୁ ଆମନ୍ତ୍ରଣ କରିଥିଲେ। ଏହାଦ୍ୱାରା ଉଭୟ ପକ୍ଷ ପରସ୍ପର ବିରୋଧରେ ଆଣୁଥିବା ଅଭିଯୋଗ ଓ ଚ୍ୟାଲେଞ୍ଜର ଉପଯୁକ୍ତ ଜବାବ ମିଳିପାରିବ ବୋଲି ପୂର୍ବତନ ବିଚାରପତି ଓ ସାମ୍ବାଦିକ ସେମାନଙ୍କ ପତ୍ରରେ ଉଲ୍ଲେଖ କରିଥିଲେ। ଜନସାଧାରଣ କେବଳ ଉଭୟଙ୍କ ଅଭିଯୋଗ ଓ ଚ୍ୟାଲେଞ୍ଜକୁ ଶୁଣି ଅତିଷ୍ଠ ହୋଇପଡ଼ିଥିବାବେଳେ ପରସ୍ପର ମୁହଁରୁ ଅର୍ଥପୂର୍ଣ୍ଣ ପ୍ରତିଜବାବ ଶୁଣିପାରୁ ନାହାନ୍ତି। ରାହୁଲ ସେମାନଙ୍କ ଆମନ୍ତ୍ରଣକୁ ଗ୍ରହଣ କରି ଏକ୍ସ'ରେ ଲେଖିଛନ୍ତି, ଗୋଟିଏ ମଞ୍ଚରେ ବୃହତ୍ ଦଳର ନେତା ଖୋଲା ବିତର୍କରେ ଭାଗ ନେବା ସୁସ୍ଥ ଗଣତନ୍ତ୍ର ପାଇଁ ସକାରାତ୍ମକ ଆମନ୍ତ୍ରଣ। କଂଗ୍ରେସ ଏହାକୁ ସ୍ୱାଗତ କରୁଛି। ପ୍ରଧାନମନ୍ତ୍ରୀ ବିତର୍କରେ ଭାଗନେବା ଦେଶ ଆଶା କରେ ବୋଲି ରାହୁଲ କହିଛନ୍ତି। ବିତର୍କରେ ଭାଗ ନେବାକୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଖୁସି ହେବେ। ତେବେ ପ୍ରଧାନମନ୍ତ୍ରୀ ବିତର୍କରେ ସାମିଲ ହେବାକୁ ରାଜି କି ବୋଲି ଜଣାଇବାକୁ ରାହୁଲ କହିଛନ୍ତି।

# ପିଓକେରେ ବିକ୍ଷୋଭକାରୀଙ୍କୁ ପୋଲିସର ଗୁଳି: ୨ ମୃତ

ଇସ୍‌ଲାମାବାଦ,୧୧।୫

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଟିକସ ବୃଦ୍ଧି, ବିଦ୍ୟୁତ୍ ସଙ୍କଟ ଏବଂ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ ଜୋର୍‌ଦାର ହୋଇଛି। ଆନ୍ଦୋଳନକୁ ଦମନ କରିବା ପାଇଁ ପୋଲିସ ଏକେ-୪୭ରୁ ଗୁଳି ଚଳାଇଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଶନିବାର ହଜାର ହଜାର ବିକ୍ଷୋଭକାରୀ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରିଥିବାବେଳେ ପୋଲିସର ଦମନଲୀଳା ଆରମ୍ଭ ହୋଇଥିଲା। ପାକିସ୍ତାନୀ ରେଞ୍ଜର ଏବଂ ପୋଲିସ ପକ୍ଷରୁ ଲୁହବୁହା ବାଷ୍ପ ଛଡ଼ାଯିବା ସହ ଗୁଳିମାଡ଼ କରାଯାଇଥିଲା। ପୋଲିସ ଏକେ-୪୭ରୁ ଫାଙ୍କା ଗୁଳିଚାଳନା ସହ ଲୋକଙ୍କ ଉପରକୁ ଗୁଳି ଚଳାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପିଓକେରେ ଉତ୍ପାଦିତ ବିଦ୍ୟୁତ୍ ଅନ୍ୟ ବୃହତ୍ ସହରଗୁଡ଼ିକୁ ଯାଉଥିବାବେଳେ ସ୍ଥାନୀୟ ଲୋକେ ବିଜୁଳି ଅଭାବ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଥିଲେ।

# 'ଶାହା, ଯୋଗୀଙ୍କୁ ବି ଛାଡ଼ିବେନି ମୋଦି'

ନୂଆଦିଲ୍ଲୀ,୧୧।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ବିପଜ୍ଜନକ ମିଶନରେ ବାହାରିଛନ୍ତି। ଦେଶରେ ଜଣେ ମାତ୍ର ନେତା (ନିଜେ) ରୁହନ୍ତୁ ବୋଲି ସେ ଚାହୁଁଛନ୍ତି। ଏପରି କି ସବୁ ବିରୋଧୀ ନେତାଙ୍କୁ ଜେଲରେ ପୂରାଇବା ସହ ଭାଜପାରେ ଥିବା ତାଙ୍କ ଚ୍ୟାଲେଞ୍ଜରମାନଙ୍କୁ ଶେଷ କରିଦେବାକୁ ମୋଦି ଆଗ୍ରହୀ ବୋଲି ଶନିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସମାଲୋଚନା କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲଙ୍କୁ ମାର୍ଚ୍ଚ ୨୧ରେ ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ତିହାର ଜେଲରେ ୫୦ ଦିନ ରହିବା ପରେ ଶୁକ୍ରବାର ସୁପ୍ରିମକୋର୍ଟରୁ ଜାମିନ ପାଇ ସେ ବାହାରିଛନ୍ତି। ମେ' ୨୫ରେ ଷଷ୍ଠ ପର୍ଯ୍ୟାୟରେ ଦିଲ୍ଲୀର ୭ ଲୋକ ସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଜେଲରୁ ମୁକୁଳିବାର ଦିନକ ପରେ କେଜ୍‌ରିୱାଲ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଏକ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାଜପା ଏଥର ଜିତିଲେ ପଶ୍ଚିମବଙ୍ଗ ପ୍ରତିପକ୍ଷ ମମତା ବାନାର୍ଜୀ, ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ଯାଦବ ଜେଲ ଯିବେ। ଏପରି କି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ପ୍ରତି ମଧ୍ୟ ବିପଦ ଦେଖାଦେବ। କାରଣ ଏହି ୨ ଜଣ ଦଳ ଭିତରେ ମୋଦିଙ୍କ ଚ୍ୟାଲେଞ୍ଜର ହୋଇପାରନ୍ତି। ଲାଲ୍‌କୃଷ୍ଣ ଆଡ୍‌ଭାନୀ, ମୁରଲୀ ମନୋହର ଜୋଷୀ, ସୁମିତ୍ରା ମହାଜନ, ଶିବରାଜ ଚୌହାନ୍ ଏବଂ ଡ. ରମଣ ସିଂଙ୍କ ରାଜନୈତିକ କ୍ୟାରିୟରକୁ ମୋଦି ଶେଷ କରିଦେଇଛନ୍ତି। ଭାଜପା ପୁନର୍ବାର କ୍ଷମତାକୁ ଫେରିଲେ ୨ ମାସ ଭିତରେ ଯୋଗୀ ମୁଖ୍ୟମନ୍ତ୍ରୀ ପଦ ହରାଇବେ। ଦେଶରେ କେବଳ ଜଣେ ଏକଚ୍ଛତ୍ରବାଦୀ ରହିବେ। ତଥାପି ମୋଦି ଆସନ୍ତା ବର୍ଷ ସେପ୍ଟେମ୍ବର ୧୭ରେ ୭୫ ବର୍ଷରେ ଉପନୀତ ହେବା ପରେ ଅନ୍ୟ ବରିଷ୍ଠ ନେତାମାନଙ୍କ ଭଳି ରାଜନୀତିରୁ ଅବସର ନେବେ ବୋଲି କେଜ୍‌ରିୱାଲ କହିଛନ୍ତି। ତେବେ ଭାଜପା ଜିତିପାରିବ ନାହିଁ। ଇଣ୍ଡିଆ ବ୍ଲକ୍ ଜୁନ୍ ୪ରେ ସରକାର ଗଢ଼ିବ ଏବଂ ଆପ୍ ଏଥିରେ ସାମିଲ ହେବ ବୋଲି କେଜ୍‌ରିୱାଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନବଗ୍ରହ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିବାବେଳେ ସାଙ୍ଗରେ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍।

## କେଜ୍‌ରିୱାଲ ନିଶାରେ କହୁଛନ୍ତି: ଭାଜପା

ଏହାର ଜବାବରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଦ ନିଶାରେ ଏପରି କହୁଛନ୍ତି ନା ଜେଲ ପ୍ରଭାବରେ। ମଦ୍ୟପାନ କଲେ ବ୍ୟକ୍ତି ନିଜ ଉପରୁ ନିୟନ୍ତ୍ରଣ ହରାଇଥାନ୍ତି। ସେତେବେଳେ ତାଙ୍କ ପାଟିରୁ ସତକଥା ବାହାରିଥାଏ। ମୋଦି କ୍ଷମତାକୁ ଫେରି ପୁଣି ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି ବୋଲି କେଜ୍‌ରିୱାଲ କହିଥିବା କଥା ସତ। ଇତିମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା କହିଛନ୍ତି, ୭୫-ବର୍ଷ ସମୟସୀମା ମୋଦିଙ୍କ କ୍ଷେତ୍ରରେ ଲାଗୁ ହେବନାହିଁ। ମୋଦି ଭବିଷ୍ୟତରେ ମଧ୍ୟ ଦେଶର ପ୍ରଧାନମନ୍ତ୍ରୀ ପଦରେ ରହିଥିବେ। ଏହାକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ମଦ ଦୁର୍ନୀତି ମାମଲାରେ ଜାମିନ ପାଇଁ ନେହୁରା ହେବାରୁ ସୁପ୍ରିମକୋର୍ଟ ତାଙ୍କୁ ଜୁନ୍ ୧ ପର୍ଯ୍ୟନ୍ତ ଛାଡ଼ିଛନ୍ତି। ୨ ତାରିଖରେ ତାଙ୍କୁ ଆତ୍ମସମର୍ପଣ କରିବାକୁ ପଡ଼ିବ ବୋଲି ଶାହା କହିଛନ୍ତି।

# ପରିବାରର ୫ ଜଣଙ୍କୁ ହତ୍ୟା ପରେ ଆତ୍ମହତ୍ୟା

ସୀତାପୁର,୧୧।୫

ଉତ୍ତରପ୍ରଦେଶର ସୀତାପୁରରେ ଜଣେ ବ୍ୟବସାୟୀ ତାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ହତ୍ୟା କରିବା ପରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଅଭିଯୁକ୍ତ ଅନୁରାଗ ସିଂ(୪୫) ନିଶା ଅଭ୍ୟସ୍ତ ଥିଲେ ବୋଲି ପୋଲିସ କହିଛି। ମୃତକଙ୍କ ମଧ୍ୟରେ ଅଛନ୍ତି ଅନୁରାଗଙ୍କ ମା' ସାବିତ୍ରୀ ଦେବୀ(୬୦), ସ୍ତ୍ରୀ ପ୍ରିୟଙ୍କା(୪୦) ଏବଂ ୩ ପିଲା ଅଶ୍ୱିନୀ(୧୨), ଅଶ୍ୱୀ(୧୦) ଏବଂ ଅଦ୍ୱୈତ(୬)। ରାମପୁର ଥାନା ଅନ୍ତର୍ଗତ ପାଲାପୁର ଗ୍ରାମରେ ଶନିବାର ସକାଳେ ଏହି ହତ୍ୟାକାଣ୍ଡ ଘଟିଛି। ଘର ବାହାରେ ପିଲାମାନଙ୍କ ମୃତଦେହ ପଡ଼ିଥିବାବେଳେ ଅନ୍ୟମାନଙ୍କ ମରଶରୀର ଘର ଭିତରେ ଥିଲା। ଅନୁରାଗ ଓ ସ୍ତ୍ରୀଙ୍କ ଦେହରେ ଗୁଳି ବାଜିଥିବା ବେଳେ ତାଙ୍କ ମାଆ ଓ ପିଲାମାନଙ୍କୁ ହାତୁଡ଼ିରେ ପିଟି ମାରିଦିଆଯାଇଥିବା ଜଣାପଡ଼ିଛି। ଡ୍ରଗ୍ସ ଓ ମଦ ନିଶାରେ ବୁଡ଼ି ରହୁଥିବା ଅନୁରାଗଙ୍କୁ ତାଙ୍କ ପରିବାର ଲୋକେ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିବାକୁ ଯୋଜନା କରୁଥିବାବେଳେ ଏହାକୁ ନେଇ ତାଙ୍କର ପରିବାର ସଦସ୍ୟଙ୍କ ମଧ୍ୟରେ ପୂର୍ବରୁ ଝଗଡ଼ା ହୋଇଥିଲା ବୋଲି ପୋଲିସ କହିଛି।

# ବ୍ରାଜିଲ ବନ୍ୟା: ୧୩୬ ମୃତ, ୧୨୫ ନିଖୋଜ


ଆକାଶମାର୍ଗରୁ ବ୍ରାଜିଲ ବନ୍ୟାର ଦୃଶ୍ୟ।

ବ୍ରାସିଲିଆ,୧୧।୫

ବ୍ରାଜିଲର ରିଓ ଗ୍ରାଣ୍ଡେ ଡୋ ସୁଲ୍ ରାଜ୍ୟରେ ପ୍ରବଳ ବର୍ଷାଜନିତ ବନ୍ୟାରେ ଶନିବାର ସୁଦ୍ଧା ୧୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୨୫ ଜଣ ନିଖୋଜ ହୋଇଯାଇଛନ୍ତି। ସପ୍ତାହେ ହେଲା ସେଠାରେ ବର୍ଷା ଲାଗିରହିଥିବାରୁ ବ୍ରାଜିଲର ଦକ୍ଷିଣ ଭାଗରେ ଥିବା ଏହି ରାଜ୍ୟର ବହୁ ସହର ବନ୍ୟାପାଣି ଘେରରେ ରହିଛି। ବନ୍ୟା ଯୋଗୁ ୪ ଲକ୍ଷ ଲୋକ ବିସ୍ଥାପିତ ହେବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି। ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପାନୀୟ ଜଳଯୋଗାଣ ଓ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିବାରୁ ୧୪ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୫ ଲକ୍ଷ ଲୋକ ଅନ୍ଧାରରେ ରହିଛନ୍ତି। ପ୍ରବଳ ବର୍ଷା ଯୋଗୁ ୫ଟି ଜଳବିଦ୍ୟୁତ ଡ୍ୟାମ୍ ଏବଂ ସରବରାହ ଲାଇନ୍‌କୁ ବନ୍ଦ ରଖାଯାଇଥିବା ଜାତୀୟ ଗ୍ରୀଡ୍ ଅପରେଟର ଓଏନ୍‌ଏସ୍ କହିଛି। ସହରର ଏୟାରପୋର୍ଟ ବନ୍ୟାପାଣିରେ ବୁଡ଼ିରହିଥିବାରୁ ବିମାନ ଚଳାଚଳ ଶୁକ୍ରବାରଠାରୁ ବନ୍ଦ ରହିଛି।

# ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

ନୂଆଦିଲ୍ଲୀ,୧୧।୫

ଆସନ୍ତା ୧୩ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ସହ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ଏବଂ ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସେଥିପାଇଁ ପ୍ରଚାର ଶନିବାର ସନ୍ଧ୍ୟାରେ ଶେଷ ହୋଇଛି। ଭୋଟରମାନଙ୍କୁ ମନାଇବା ପାଇଁ ଶୀର୍ଷ ରାଜନେତାମାନେ ଶେଷ ଦିନରେ ମାରାଥନ୍ ରାଲି କରି ଜୋର୍‌ଦାର ପ୍ରଚାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶାର ଫୁଲବାଣୀ, ବଲାଙ୍ଗୀର ଓ ବରଗଡ଼ରେ ସଭା କରିବା ସାଙ୍ଗକୁ ଝାଡ଼ଖଣ୍ଡରେ ମଧ୍ୟ ପ୍ରଚାର କରିଥିଲେ। ଏହି ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଟିଏମ୍‌ସିର ମହୁଆ ମୋଇତ୍ର, ଓମାର ଅବଦୁଲ୍ଲା, ଗିରିରାଜ ସିଂ, ଅଧୀର ରଞ୍ଜନ ଚୌଧୁରୀ, ଶତ୍ରୁଘ୍ନ ସିହ୍ନା, ଅସାଦୁଦ୍ଦିନ ଓୱାଇସି ଏବଂ ୱାଇ.ଏସ୍. ଶର୍ମିଳାଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି। ସୋମବାର ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଆସନରେ ମତଦାନ ହେବ। ଉତ୍ତରପ୍ରଦେଶର ୧୩ ଆସନ ସମେତ ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶ ଏବଂ ପଶ୍ଚିମବଙ୍ଗର ୮ଟି ଲେଖାଏ, ବିହାରର ୫, ଓଡ଼ିଶା ଓ ଝାଡ଼ଖଣ୍ଡର ୪ଟି ଲେଖାଏ ଆସନ ଏବଂ ଜମ୍ମୁ-କଶ୍ମୀରର ଗୋଟିଏ ଆସନ ଲାଗି ଭୋଟ ହେବାକୁ ଯାଉଛି। ଆନ୍ଧ୍ରପ୍ରଦେଶର ସମସ୍ତ ୨୫ ଆସନ ଏବଂ ତେଲଙ୍ଗାନାର ୧୭ ଆସନରେ ମଧ୍ୟ ସୋମବାର ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିସହିତ ଆନ୍ଧ୍ରପ୍ରଦେଶର ସମସ୍ତ ୧୭୫ ବିଧାନସଭା ଆସନ ଏବଂ ଓଡ଼ିଶାର ୧୪୭ ଆସନ ମଧ୍ୟରୁ ୨୮ଟିରେ ମତଦାନ ହେବାକୁ ଯାଉଛି।

# ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ୭ କୋଟି ଜବତ

## ଆନ୍ଧ୍ରରେ କାଲି ଭୋଟ

ନୂଆଦିଲ୍ଲୀ,୧୧।୫

ଆନ୍ଧ୍ରପ୍ରଦେଶରେ ସୋମବାର ଲୋକ ସଭା ସହ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହାର ୩ ଦିନ ପୂର୍ବରୁ ଏକ ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ୭ କୋଟି ଟଙ୍କା ଜବତ ହୋଇଛି। ଏକ ବ୍ୟବସାୟିକ ଯାନରେ ଶୁକ୍ରବାର ଏହି ଟଙ୍କା ଯାଉଥିବାବେଳେ ଏହା ନଲାଜର୍ଲା ମଣ୍ଡଳର ଅନନ୍ତପାଲ୍ଲୀଠାରେ ଏକ ଟ୍ରକ୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ରାଜ୍ୟରେ ୩ ଦିନରେ ଏହା ଦ୍ୱିତୀୟ ବଡ଼ ଜବତ ଘଟଣା। ୭ଟି ବାକ୍ସରେ ଥିବା ଏହି ଟଙ୍କାକୁ ପୂର୍ବ ଗୋଦାବରୀ ଜିଲାର ପୋଲିସ ଜବତ କରିଛି। ଗାଡ଼ିଟି ବିଜୟୱାଡ଼ାରୁ ବିଶାଖାପାଟଣା ଯାଉଥିଲା।

# ବିଏସ୍‌ଏଫ୍‌ର ଗୁଳି ପରେ ଖସି ପଳାଇଲା ପାକିସ୍ତାନୀ ଡ୍ରୋନ୍

ସାମ୍ବା/ଜମ୍ମୁ,୧୧।୫

ଜମ୍ମୁ-କଶ୍ମୀରର ସାମ୍ବା ଜିଲା ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମା ନିକଟରେ ଶୁକ୍ରବାର ରାତିରେ ଉଡୁଥିବା ଏକ ପାକିସ୍ତାନୀ ଡ୍ରୋନ୍‌କୁ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଯବାନମାନେ ଗୁଳି ଚଳାଇଥିଲା। ଫଳରେ ଡ୍ରୋନ୍‌ଟି ପାକିସ୍ତାନ ପଟକୁ ଖସିଯାଇଥିଲା। ଡ୍ରୋନ୍‌ରୁ ଅସ୍ତ୍ରଶସ୍ତ୍ର କିମ୍ବା ଡ୍ରଗ୍ସ ଖସାଯାଇଛି କି ନାହିଁ, ତାହା ଜାଣିବା ପାଇଁ ଶନିବାର ସକାଳେ ରାମଗଡ଼ ସେକ୍ଟରର ନାରାୟଣପୁର ଅଞ୍ଚଳରେ ତଲାସି ଅଭିଯାନ କରାଯାଇଥିଲା।

# ମାଳଦ୍ୱୀପରୁ ଫେରିଲେ ସବୁ ଭାରତୀୟ ସୈନ୍ୟ

ମାଲେ,୧୧।୫(ପି.ଟି.)

## ୩ ବିମାନ ପ୍ଲାଟ୍‌ଫର୍ମ ଚଳାଉଛନ୍ତି ହାଲ୍ କର୍ମଚାରୀ

ମାଳଦ୍ୱୀପରୁ ୭୬ ଭାରତୀୟ ସୈନ୍ୟ ବିଦାହେବା ପରେ ଭାରତ ଦେଇଥିବା ହେଲିକପ୍ଟରଗୁଡ଼ିକର ନିର୍ମାତା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) କର୍ମଚାରୀମାନେ ଏବେ ସେଠାର ୩ଟି ବିମାନ ପ୍ଲାଟ୍‌ଫର୍ମ ଚଳାଉଛନ୍ତି। ମାଳଦ୍ୱୀପ ବହିର୍ବ୍ୟାପାର ମନ୍ତ୍ରୀ ମୁସା ଜମିର ଶନିବାର ଏହି ସୂଚନା ଦେଇଛନ୍ତି। ମାଳଦ୍ୱୀପରେ ହେଲିକପ୍ଟର ଏବଂ ଡୋର୍ନିୟର ବିମାନର ଦୁଇଟି ପ୍ଲାଟ୍‌ଫର୍ମକୁ ଭାରତୀୟ ସୈନ୍ୟମାନେ ପରିଚାଳନା କରୁଥିଲେ। ଶୁକ୍ରବାର ସେଠାରୁ ସବୁ ଭାରତୀୟ ସୈନ୍ୟ ଫେରିଆସିଛନ୍ତି। ଭାରତ ଏହାର ସୈନ୍ୟମାନଙ୍କୁ ଫେରାଇନେବା ଲାଗି ମାଳଦ୍ୱୀପ ମେ' ୧୦କୁ ଡେଡ୍‌ଲାଇନ ଧାର୍ଯ୍ୟ କରିଥିଲା। ଗତବର୍ଷ ନଭେମ୍ବରରେ ଚାଇନା ସପକ୍ଷବାଦୀ ମୋହମ୍ମଦ ମୁଇଜ୍ଜୁ ମାଳଦ୍ୱୀପ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ଭାରତୀୟ ସୈନ୍ୟ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଫୁର୍‌ସତ୍

# ଆଜି ବିଶ୍ୱ ମାତୃ ଦିବସ



ବିଶ୍ୱ ମାତୃଦିବସ ହେଉଛି ଏକ ବିଶ୍ୱସ୍ତରୀୟ ଉତ୍ସବ ଯାହାକି ମା' ଏବଂ ମାତୃଭାଷାଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପାଳନ କରାଯାଏ। ଏହା ଜଣେ ମା'ର ସନ୍ତାନ ତଥା ସମାଜ ପାଇଁ ଥିବା ଅମୂଲ୍ୟ ଅବଦାନର ସ୍ୱୀକୃତି। ଆନ୍ତର୍ଜାତୀୟ ମାତୃ ଦିବସର କୌଣସି ନିର୍ଦ୍ଦିଷ୍ଟ ତାରିଖ ନାହିଁ ସାଧାରଣତଃ ପ୍ରତିବର୍ଷ ମେ' ମାସର ଦ୍ୱିତୀୟ ରବିବାରରେ ଏହା ପାଳନ କରାଯାଇଥାଏ। ଚଳିତି ବର୍ଷ, ୨୦୨୪ରେ, ଏହା ୧୨ ମେ' ରବିବାର ଦିନ ପାଳନ କରାଯାଉଛି। ଏବେ ପୃଥିବୀର ବିଭିନ୍ନ ସ୍ଥାନରେ ପାଳନ କରାଯାଉଥିବା ଆଧୁନିକ ମାତୃ ଦିବସର ଛୁଟି ଆନ୍ନା ଜାରଭିସଙ୍କ ଦ୍ୱାରା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆରମ୍ଭ ହୋଇଥିଲା, ଏଥିରେ ସେ ନିଜ ମାତାଙ୍କ ଉତ୍ସର୍ଗୀକୃତ ସାମାଜିକ କାର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ।

୧୯୧୪ରେ, ରାଷ୍ଟ୍ରପତି ଉଡ୍ରୋ ୱିଲସନ ଆନୁଷ୍ଠାନିକ ଭାବରେ ମେ'ର ଦ୍ୱିତୀୟ ରବିବାରକୁ ଆମେରିକାରେ ମାତୃ ଦିବସ ଭାବରେ ପାଳନ କରିଥିଲେ, ଯାହା ପରେ ଅନ୍ୟ ଦେଶମାନେ ଗ୍ରହଣ କରିଥିଲେ। ପ୍ରାଚୀନ ଗ୍ରୀକ ଏବଂ ରୋମାନ ସଂସ୍କୃତିର ମୂଳତଃ ବସନ୍ତ ପର୍ବ ସମୟରେ ମାତା ଏବଂ ମାତୃଭାଷା ପାଳନ କରିବାର ପରମ୍ପରା ସହିତ ଏହି ତାରିଖକୁ ମନୋନୀତ କରାଯାଇଥିଲା।

# କରିନାଙ୍କୁ କୋର୍ଟ ନୋଟିସ



ମୁମ୍ବାଇ

ବଲିଉଡ ଅଭିନେତ୍ରୀ କରିନା କପୁର ଖାନ୍‌ଙ୍କ ସମସ୍ୟା ବଢ଼ିଛି। ନିଜ ପୁସ୍ତକର ଟାଇଟଲକୁ ନେଇ ଅଡୁଆରେ ପଡିଛନ୍ତି ଅଭିନେତ୍ରୀ। ବେବୋ ତାଙ୍କର ପ୍ରେଗ୍ନେସି ଜର୍ନିକୁ ନେଇ ଏକ ପୁସ୍ତକ ଲେଖିଥିଲେ, ଯାହାର ନାମ ଦେଇଥିଲେ 'କରିନା କପୁର ଖାନ୍‌ସ ପ୍ରେଗ୍ନେସି ବାଇବେଲ'। ପୁସ୍ତକର ନାମରେ ବାଇବେଲ ଶବ୍ଦ ଥିବାରୁ ଏହା ବିରୋଧରେ ଜବଲପୁରର ଜଣେ ଖ୍ରୀଷ୍ଟିଆନ ସମାଜସେବୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପରେ କୋର୍ଟ କରିନାଙ୍କୁ ନୋଟିସ ପଠାଇଛନ୍ତି। ଜବଲପୁରର ଖ୍ରୀଷ୍ଟିଆନ ସାମାଜିକ କର୍ମୀ ଖ୍ରୀଷ୍ଟୋଫର ଆନ୍ଥୋନୀ ମଧ୍ୟପ୍ରଦେଶ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ, ଯେଉଁଥିରେ କୋର୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କୋର୍ଟ କରିନା କପୁର ଏବଂ ପୁସ୍ତକ ବିକ୍ରେତାଙ୍କଠାରୁ ଉତ୍ତର ମାଗିଛନ୍ତି। ସୂଚନାଯୋଗ୍ୟ, ଜବଲପୁରର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସାମାଜିକ କର୍ମୀ ଖ୍ରୀଷ୍ଟୋଫର୍ ବିଶ୍ୱାସ କରନ୍ତି ଯେ, କରିନା କପୁର କେବଳ ପୁସ୍ତକର ପ୍ରଚାର ପ୍ରସାରକରିବା ପାଇଁ ଖ୍ରୀଷ୍ଟିଆନ ଧର୍ମର ପବିତ୍ର ପୁସ୍ତକ ନାମ ନେଇ ଶସ୍ତା ଲୋକପ୍ରିୟତା ହାସଲ କରିବାକୁ ଏମିତି କରିଛନ୍ତି। ସେ କହିଛନ୍ତି ଯେ, ବାଇବେଲ ସମଗ୍ର ବିଶ୍ୱରେ ଖ୍ରୀଷ୍ଟିଆନ ଧର୍ମର ପବିତ୍ର ପୁସ୍ତକ ଏବଂ କରିନା କପୁର ଖାନ୍‌ଙ୍କ ଗର୍ଭଧାରଣକୁ ବାଇବେଲ ସହିତ ତୁଳନା କରିବା ଭୁଲ ଅଟେ। ଏହାଦ୍ୱାରା ସେମାନଙ୍କର ଧାର୍ମିକ ଭାବନା ଆଘାତ ପାଇଛି। ଏହି ପୁସ୍ତକ ୨୦୨୧ରେ ପ୍ରକାଶିତ ହୋଇଥିଲା, ଯେଉଁଥିରେ ୪୩ ବର୍ଷୀୟା ବେବୋ ତାଙ୍କ ଗର୍ଭଧାରଣ ଯାତ୍ରା ବିଷୟରେ ବର୍ଣ୍ଣନା କରିଛନ୍ତି। ଗର୍ଭବତୀ ମହିଳାମାନଙ୍କୁ ପରାମର୍ଶ ଦେବା ପାଇଁ ସେ ଏହି ପୁସ୍ତକ ଶେୟାର କରିଥିଲେ। ଖବର ଅନୁଯାୟୀ, ଅଭିନେତ୍ରୀଙ୍କ ବିରୋଧରେ ଏତଲା (ଏଫ୍‌ଆଇଆର୍) ଦାଏର କରିବାକୁ ଆବେଦନକାରୀ ପୋଲିସ ନିକଟରେ ପହଞ୍ଚିଥିଲେ। ପୋଲିସ ମାମଲା ଦାଏର କରିବାକୁ ମନା କରିଦେବାରୁ ସେ ନିମ୍ନ ଅଦାଲତରେ ପହଞ୍ଚିଥିଲେ। ସେଠାରେ ମଧ୍ୟ ସଫଳ ନ ହେବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ମେ ୧୨/୨୦୨୪ | Bhubaneswar, Sunday, May 12/2024 | ପୃଷ୍ଠା-୧



ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶନିବାର ପୋଲିଂ ଅଧିକାରୀମାନେ ନବରଙ୍ଗପୁରରୁ ଝରିଗାଁ ଅଭିମୁଖେ ଯାଉଛନ୍ତି। (ଫଟୋ- ସଦାଶିବ ପ୍ରହରାଜ)

# ପ୍ରଥମ ପର୍ଯ୍ୟାୟ ପ୍ରଚାର ସରିଲା

## ୧୩ରେ ରାଜ୍ୟର ୪ ଲୋକ ସଭା, ୨୮ ବିଧାନସଭା ଆସନରେ ଭୋଟ

**ଭୁବନେଶ୍ୱର,୧୧।୫(ଅନିଲ ଦାସ)** ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଆସନ୍ତା ୧୩ ତାରିଖରେ ଭୋଟ ଗ୍ରହଣ ହେବ। ଏ ନେଇ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ଏହି ପର୍ଯ୍ୟାୟରେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକ ସଭା କ୍ଷେତ୍ର ଓ ଏହା ଅଧୀନରେ ଥିବା ୨୮ ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ। ୪ ଲୋକ ସଭା କ୍ଷେତ୍ର ପାଇଁ ୩୭ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ୨୮ ବିଧାନସଭା ଆସନ ପାଇଁ ୨୪୩ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ପର୍ଯ୍ୟାୟରେ ୪ଟି ସଂସଦୀୟ କ୍ଷେତ୍ରରେ ମୋଟ ୬୨,୮୭,୨୨୨ ମତଦାତା ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୩୦,୯୭,୫୨୭ ପୁରୁଷ, ୩୧,୮୯,୦୬୦ ମହିଳା ଓ ୬୩୫ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ମତଦାତା ଲିଙ୍ଗ ଅନୁପାତ ୧୦୩୦ ରହିଛି। ପୁରୁଷ ଭୋଟରଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି। ଏମାନଙ୍କ ମଧ୍ୟରେ ୧୮ରୁ ୧୯ ବର୍ଷ ବୟସର ୧,୭୫,୧୩୪ ଜଣ ପ୍ରଥମ ଥର ଭୋଟର ରହିଥିବା ବେଳେ ୨୦ରୁ ୨୯ ବର୍ଷ ବୟସର ୧୪,୬୮,୫୦୪ ଜଣ ଯୁବ ମତଦାତା ରହିଛନ୍ତି । ଏହି ପର୍ଯ୍ୟାୟରେ ମୋଟ ୭୨୮୯ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ର ରହିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ସେ କହିଛନ୍ତି ଯେ ପରିସୀମା ଭାବରେ ଏହି ପର୍ଯ୍ୟାୟରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ସବୁଠୁ ସାନ ଓ କୋରାପୁଟ ସବୁଠାରୁ ବଡ଼ ସଂସଦୀୟ କ୍ଷେତ୍ର । କୋରାପୁଟ ସଂସଦୀୟ କ୍ଷେତ୍ରରେ ସର୍ବନିମ୍ନ ୧୪,୮୦,୯୨୨ ମତଦାତା ଥିବାବେଳେ କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ସର୍ବାଧିକ ୧୭,୦୦,୬୮୦ ମତଦାତା ରହିଛନ୍ତି। ବିଧାନସଭା କ୍ଷେତ୍ରଗୁଡ଼ିକ ମଧ୍ୟରେ ☞ପୃଷ୍ଠା-୭




# ଆଫଗାନିସ୍ତାନ ବନ୍ୟାରେ ୩୦୦ ମୃତ

**କାବୁଲ,୧୧।୫** ବିପର୍ଯ୍ୟୟ ଆଫଗାନିସ୍ତାନର ପିଛା ଛାଡୁନାହିଁ। କିଛି ମାସ ତଳେ ଲଗାତର ଭାବେ ୩ ଥର ଭୂକମ୍ପ ପ୍ରଭାବିତ ଏହି ଇସ୍‌ଲାମିକ ରାଷ୍ଟ୍ର ବର୍ତ୍ତମାନ ବର୍ଷାବିପ୍ଳବ ଯୋଗୁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଉତ୍ତର ଆଫଗାନିସ୍ତାନରେ ପ୍ରବଳ ବର୍ଷା ଯୋଗୁ ଅଚାନକ ବନ୍ୟା ମାଡ଼ିଆସି ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ହଜାର ହଜାର ଘରଦ୍ୱାର ଭାଙ୍ଗିଯାଇଛି। ଶୁକ୍ରବାରଠାରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ବନ୍ୟାରେ ବାଗଲାନ୍ ପ୍ରଦେଶ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରୁ ଲୋକମାନଙ୍କୁ ଉଦ୍ଧାର କାର୍ଯ୍ୟରେ ବାୟୁସେନାକୁ ନିୟୋଜିତ କରାଯାଇଥିବା ତାଲିବାନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ସମଙ୍ଗନ ପ୍ରଦେଶର ଫିରୋଜ ନଖଚିର ଜିଲାରେ ପ୍ରବଳ ବର୍ଷା ଯୋଗୁ ଅନେକ ଅଞ୍ଚଳ ବନ୍ୟାପାଣି ଘେରରେ ରହିଥିବାରୁ ଲୋକମାନେ ରାସ୍ତା ପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି। ଜାତିସଂଘ ଫୁଡ୍ ଏଜେନ୍ସି ପକ୍ଷରୁ ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟାରେ ଶତାଧିକ ଲୋକ ପ୍ରାଣ ହରାଇଥିବା ସହ ଅନେକ ଆହତ ହୋଇଥିବା ତାଲିବାନ ସରକାରଙ୍କ ମୁଖ୍ୟ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଲେଖିଛନ୍ତି। ବନ୍ୟାରେ ବଦଖସ୍ତାନ, ବାଗଲାନ, ଘୋର ଏବଂ ହେରାତ ପ୍ରଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ମୁଜାହିଦ କହିଛନ୍ତି।




# କାଳବୈଶାଖୀ ସହ ବଜ୍ରପାତ, ୩ ମୃତ

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ଉଦଳା(ସନ୍ତୋଷ କୁମାର ବାଛିନୀ)/ହାଟଡିହୀ(ଶୁଭକାନ୍ତ ନାୟକ)/ ବଡଲା(ଦୁର୍ଗା ପ୍ରସାଦ ଆୟଚ), ୧୧।୫** ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ପୃଥକ ସ୍ଥାନରେ ଶନିବାର କାଳବୈଶାଖୀ ସହ ବଜ୍ରପାତ ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ କଷାଫଳ ପଞ୍ଚାୟତ ସାହୁ ଚକ ଗ୍ରାମର ଅମୂଲ୍ୟ କୁମାର ପୃଷ୍ଟିଙ୍କ ସ୍ତ୍ରୀ ବୀନତି (୪୦) ବିଲକୁ ଗୋରୁ ଆଣିବାକୁ ଯାଇଥିବା ବେଳେ ସେହି ସମୟରେ ବଜ୍ରପାତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବସ୍ତା ଡାକ୍ତରଖାନାକୁ ନେଇ ଯାଇଥିଲେ। ଡାକ୍ତର ସେଠାର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଠଣଗାଁ ଗ୍ରାମର ମୁନା ସିଂ ନିଜର ୩ଜଣ ସାଥୀଙ୍କ ସହିତ ନଦୀରେ ଗାଧୋଉଥିବା ବେଳେ ବଜ୍ରପାତ ହୋଇଥିଲା। ଯେଉଁଥିରେ ନଦୀ ବାହାରେ ଛିଡା ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ମୁହଁ ବନ୍ଦ ପାଇଁ ପଦକ୍ଷେପ**



**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଦେଶରେ ପରବର୍ତ୍ତୀ ସରକାର ଗଠନ କରିବା କାଠିକର ପାଠ ହୋଇପଡ଼ିବ। ଏଥିଲାଗି ସେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା (ୟୁବିଟି) ଏବଂ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି(ଏସ୍‌ପି)କୁ ଏନ୍‌ଡିଏରେ ସାମିଲ ପାଇଁ ଉଦ୍ୟମ ଚଳାଇଛନ୍ତି।"
–ମଲ୍ଲିକାର୍ଜ୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିନ୍ଦୁ ସାହିତ୍ୟ ସମାଜର ୧୦ମ ସାରସ୍ୱତ ସମାରୋହ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- 'ମୁନୀନ୍ଦ୍ର ଧର୍ମାର୍ଥ ଟ୍ରଷ୍ଟ' କୁରୁକ୍ଷେତ୍ର, ହରିୟାଣାର ଓଡ଼ିଶା ଶାଖା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରଘୁନାଥପୁରସ୍ଥିତ ଗ୍ରାଣ୍ଡ ଡିଭାଇନ କନ୍‌ଭେନ୍‌ଶନ, ସମୟ: ପୂର୍ବାହ୍ନ ୧୧ଟା।
- ମାତୃ ଦିବସ ପାଳନ, ସ୍ଥାନ: ଡିଏନ୍ ରେଗାଲିଆ, ସମୟ: ଅପରାହ୍ନ ୩ଟା।
- ଆନ୍ତର୍ଜାତିକ ସେବିକା ଦିବସ, ସ୍ଥାନ: ଆଇଏମ୍‌ଏ ଇନ୍‌ଷ୍ଟିଚ୍ୟୁଟ୍, ୟୁନିଟ୍-୬, ସମୟ: ଅପରାହ୍ନ ୫ଟା।
- ନନ୍ଦିନୀ ଶତପଥୀଙ୍କ ଜୀବନୀ ପୁସ୍ତକ ଉନ୍ମୋଚନ, ସ୍ଥାନ: ୱାକିଂ ବୁକ ଫେୟାର୍ସ, ଆମ୍ରି ହସ୍ପିଟାଲ ମୁଖ୍ୟ ରାସ୍ତା, ଖଣ୍ଡଗିରି, ସମୟ: ସନ୍ଧ୍ୟା ୬ଟା।
- ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଶ୍ରୀ ରାଧାମୋହନ ମହାପାତ୍ରଙ୍କ ଆତ୍ମଜୀବନୀ 'ଅଧାରେ ରାଧା' ଲୋକାର୍ପଣ, ସ୍ଥାନ: ସଂସଦ ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ରାମଲୀଳାର ମଞ୍ଚସ୍ଥ ନାଟକ 'ରାମ ବନବାସ', ସ୍ଥାନ: ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ଗ୍ରାମର ରାମଲୀଳା ମଣ୍ଡପ, ସମୟ: ରାତି ୧୧ଟା।
- ଭଗବତ ମେଳଣ ଉପଲକ୍ଷେ ନାଟକ ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକ ବୁଢ଼ାଲୋ ଗ୍ରାମର ଯାତ୍ରା ପଡ଼ିଆ, ସମୟ: ରାତି ୧୧ଟା।

## କଟକ

- ନାହାଳପୁର ମହୋତ୍ସବ ଉଦ୍‌ଯାପନ, ସ୍ଥାନ: କଣ୍ଟାପଡା ବ୍ଲକ ନାହାଳପୁର ବାଳିକା ବିଦ୍ୟାଳୟ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଶଙ୍କରାଚାର୍ଯ୍ୟଙ୍କ ୨୫୩୧ତମ ଜୟନ୍ତୀ ଅବସରରେ ମହାଭିଷେକ ପୂଜା, ସ୍ଥାନ: ଗୋବର୍ଦ୍ଧନ ମଠ, ସମୟ: ସକାଳ ୮ଟା ୩୦। ଚଳନ୍ତି ପ୍ରତିମାଙ୍କ ନଗର ପରିକ୍ରମା, ସମୟ: ଅପରାହ୍ନ ୩ଟା ୩୦।
- ପ୍ରିୟଙ୍କା ଦେବୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ନର୍ସେସ ସପ୍ତାହ ଓ ବାର୍ଷିକୋତ୍ସବ ପାଳନ, ସ୍ଥାନ: ପୁରୀ ପୌର ସଦନ ସମୟ: ସକାଳ ୯ଟା ୩୦।
- ମାତୃ ଦିବସ ପାଳନ ଉତ୍ସବ, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।
- ଭାଜପା ପକ୍ଷରୁ ମିଶ୍ରଣ ପର୍ବ, ସ୍ଥାନ: ଗୋପ ନୂଆ ବସ୍‌ଷ୍ଟାଣ୍ଡ, ସମୟ: ଅପରାହ୍ନ ୫ଟା।
- ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ସାହିତ୍ୟ ଆସର, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ଅପରାହ୍ନ ୫ଟା ୧୫।
- ପୁରୀ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଇଣ୍ଟରସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡ଼ିୟମ୍, ପୁରୀ, ସମୟ: ଅପରାହ୍ନ ୫ଟା ୩୦।
- ବିଶ୍ୱ ନର୍ସିଂ ଦିବସ ଅବସରରେ ମୁକ୍ତି ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ କାର୍ଯ୍ୟକ୍ରମ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ପରିସର, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ମଦନମୋହନ ନାଟ୍ୟ କଳା ସଂସଦ ପକ୍ଷରୁ ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଧନୁଯାତ୍ରା ପଡ଼ିଆ, ପାତ୍ରପଡ଼ା, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସମ୍ଭବ ବାଲେଶ୍ୱର ତରଫରୁ ପ୍ରାଣୀମାନଙ୍କ ନିମନ୍ତେ ଜଳକୁଣ୍ଡ ବ୍ୟବସ୍ଥା, ସ୍ଥାନ: ପାଣିଟାଙ୍କି, ଜେଲରୋଡ୍ ବାଲେଶ୍ୱର, ସମୟ: ସକାଳ ୭ଟା।
- ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଖଇରା ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଓଡ଼େଶା ଭବନ, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବିଶେଷ ଆକର୍ଷଣୀୟ ସାଂସ୍କୃତିକ ସଂନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ନୋସି ଉତ୍କଳା ମୁକ୍ତମଞ୍ଚ, ବାମପଦା, ରେମୁଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମଞ୍ଜୁରୀରୋଡ୍ ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାଜେନ୍ଦ୍ରପୁର ମଞ୍ଜୁରୀରୋଡ୍, ସମୟ: ସକାଳ ୭ଟା।
- ମା' ମଙ୍ଗଳାଙ୍କ ତ୍ରିଦିବସୀୟ ବାର୍ଷିକୋତ୍ସବ ଯଜ୍ଞ, ସ୍ଥାନ: ଆଣ୍ଠୁ ମଙ୍ଗଳା ପୀଠ ପରିସର, ବାସୁଦେବପୁର, ସମୟ: ସକାଳ ୮ଟା।
- ଦିବଂଗତ ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା, ସ୍ମୃତି ଅର୍ଘ୍ୟ ଅନନ୍ୟା ପାର୍ବତୀର ଉନ୍ମୋଚନ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଗୁଆମାଳ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସାରସ୍ୱତ ଗ୍ରୀଷ୍ମ ଆଲୋଚନା ଓ କବିତା ପାଠ ଉତ୍ସବ, ସ୍ଥାନ: ଓଡ଼ିଶା ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ନଗୁଆଁ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ୪୫।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ମାର୍‌ପୁର ଖେଳପଡ଼ିଆ, ବରହମପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ତାଳପଦା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ନାରାୟଣ ଚନ୍ଦ୍ର କରଙ୍କ ଜୟନ୍ତୀ ଉତ୍ସବ ଓ ଗୀତି କବିତା ଆସର, ସ୍ଥାନ: ଟାଉନହଲ୍, ସମୟ: ସନ୍ଧ୍ୟା ୬ଟା।
- କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ବିଷ୍ଣୁପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ବଣିଆ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଶନି ମହାଗ୍ରହଙ୍କ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଢେଙ୍କା, ମଟରାଗଡିଆ, ହାଟଡ଼ିହୀ, ସମୟ: ଭୋର ୫ ଟା।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଇଚିଣ୍ଡା, ଚମ୍ପୁଆ, ସମୟ: ସକାଳ ୯ ଟା।
- ତିନି ନଂ. ଜୋନ୍‌ରେ କଂଗ୍ରେସର ବାଇକ ଶୋଭାଯାତ୍ରା, ସ୍ଥାନ: ବାରିଙ୍ଗା ପେଟ୍ରୋଲ ପମ୍ପ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଭାଜପାର ମହିଳା ସମାବେଶ, ସ୍ଥାନ: ଚିନାମାଳିପଶି ହାଟ ପଡ଼ିଆ, ପାଟଣା, ସମୟ: ପୂର୍ବାହ୍ନ ୧୧ ଟା।
- ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଭୂଆଁ ବସ୍ତି, ଯୋଡ଼ା, ସମୟ: ମଧ୍ୟାହ୍ନ ୧ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ଶାସଙ୍ଗ, ହାଟଡିହୀ, ସମୟ: ଅପରାହ୍ନ ୩ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ମନୋହରପୁର, ହାଟଡିହୀ, ସମୟ : ଅପରାହ୍ନ ୪ ଟା।
- ବାଦୀପାଲା ଅନୁଷ୍ଠିତ, ସ୍ଥାନ: ମଙ୍ଗଳପୁର, ହରିଡ଼ାପାଳ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।
- ବାଦୀପାଲା ଅନୁଷ୍ଠିତ, ସ୍ଥାନ: ଟୋଲଙ୍କପଡ଼ା, ହରିଡ଼ାପାଳ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।
- ଭାଜପାର ୱାର୍ଡସ୍ତରୀୟ ନିର୍ବାଚନୀ ସଭା, ସ୍ଥାନ: ୱାର୍ଡ ନଂ –୧୦, ୧୧,୧୨ ଓ ୧୩, ବଡବିଲ ପୌରାଞ୍ଚଳ, ସମୟ: ସନ୍ଧ୍ୟା ୫ଟା।

## ମୟୂରଭଞ୍ଜ

- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଶ୍ରୀ ଅରବିନ୍ଦଙ୍କ ଦେହାଂଶ ସଂସ୍ଥାପନ ଦିବସ ପାଳନ, ସ୍ଥାନ:ଶ୍ରୀଅରବିନ୍ଦ ଭବନ, ସମୟ:ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ

- ଆର୍ଟ ଅଫ୍ ଲିଭିଂ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରକ୍ତ ଭଣ୍ଡାର ପରିସର, ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା।
- ବ୍ୟାଡ ମିଟନ ସମର କ୍ୟାମ୍ପ ଉଦ୍‌ଯାପନ ସମାରୋହ, ସ୍ଥାନ: ଇନ୍‌ଡୋର ହଲ୍ ଉଦ୍ୟାନ କୃଷି କାର୍ଯ୍ୟାଳୟ ପାଖ ଢେଙ୍କାନାଳ, ସମୟ: ସକାଳ ୯ଟା ୩୦।

## ଅନୁଗୋଳ

- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଇଭିଏମ୍ ପ୍ୟାରିଂ କାର୍ଯ୍ୟକ୍ରମ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ:ଦିନ ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାର ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ସାଇ ଜଗନ୍ନାଥ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୂଆଗଡ, ପାରାଦୀପ, ସମୟ: ସକାଳ ୬ଟା।
- ଶ୍ରୀରାମ ଚରିତ ମାନସ ନବାନ୍ନ ପାରାୟଣ ଓ ପ୍ରବଞ୍ଚନ ଜ୍ଞାନଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ମଧୁବନ,ପାରାଦୀପ ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ମା' ସିଂହବାହିନୀ ଦେବୀଙ୍କ ୧୧ତମ ବାର୍ଷିକ ମହୋତ୍ସବ ଓ ନଗର ପରିକ୍ରମା, ସ୍ଥାନ: ମା' ସିଂହବାହିନୀ ପୀଠ, ମଣ୍ଡାସାହି, ଜଗତ୍‌ସିଂହପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସିଆଇଏସ୍‌ଏଫ୍ ଏବଂ କୋଷ୍ଟଗାର୍ଡ ପକ୍ଷରୁ କମିଟିମେଣ୍ଟ ମକ୍‌ଡ୍ରିଲ, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ ପରିସର, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ଜୟରାଷ୍ଟ୍ର ସଙ୍ଗଠନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:କାଙ୍କଦିଆ, କେନ୍ଦ୍ରାପଡ଼ା, ସମୟ:ଅପରାହ୍ନ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଚିତ୍ରୋତ୍ପଳା ସାଂସ୍କୃତିକ ପରିଷଦ ପକ୍ଷରୁ ଶନିଶ୍ଚର ମହାଯଜ୍ଞ ଓ ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ:ହରିଦାସପୁର, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ମା'କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ:ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୭ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ବ୍ୟାସନଗର ପୌର ପରିଷଦ ଝାଟିଆସାହି ଶନିଶ୍ଚର ମନ୍ଦିର କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ରାମଲୀଳାର ୩ୟ ଦିବସ, ସ୍ଥାନ:କଣ୍ଟିଲୋ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ପୀଠ,ସମୟ:ରାତି ୧୧ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୩ୟ ଦିବସ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ,ଓଡ଼ଗାଁ, ସମୟ:ସନ୍ଧ୍ୟା ୬ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ୩ୟ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀରାମ ସାଗର,ସମୟ:ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୩ୟ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୩ୟ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ରାୟଗଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ପୋଲିଂ ଅଧିକାରୀଙ୍କ ଯୋଗଦାନ, ସ୍ଥାନ: ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସମୟ: ସକାଳ ୭ ଟା।

## ନବରଙ୍ଗପୁର

- ନବରଙ୍ଗପୁର, ଡାବୁଗାଁ ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍‌କୁ ଯିବେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ, ସ୍ଥାନ: ତେଲିଗୁଡା ରାସ୍ତା ପଡିଆରେ ପ୍ରସ୍ତୁତ କାଉଣ୍ଟର, ସମୟ: ସକାଳ ୮ଟା।

## କୋରାପୁଟ

- ଶନିମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମାଥାଲପୁଟ ଆମ୍ବତୋଟା,ଦାମନଯୋଡ଼ି, ସମୟ: ସକାଳ ୬ଟାରୁ ଆରମ୍ଭ।

## ସମ୍ବଲପୁର

- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷ, ସମୟ: ସକାଳ ୧୦ଟା।
- ଶ୍ରୀଶ୍ରୀ ମାନଧାତା ମହାଦେବ ଟ୍ରଷ୍ଟ ବୋର୍ଡର ବୈଠକ, ମାନେଶ୍ୱର ମାନଧାତା ବାବା ମନ୍ଦିର, ସମୟ : ସକାଳ ୧୦ଟା।
- କୁଲତା ସମାଜର ବୈଠକ, ସ୍ଥାନ : ବୁଢ଼ାରଜା ସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସକାଳ ୧୦ଟା।
- କଳମ ପକ୍ଷରୁ ସମ୍ବଲପୁରୀ ବହିହାଟ ପ୍ରସ୍ତୁତି ବୈଠକ, ସ୍ଥାନ ସମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୫ଟା।
- ଭାରତ ବିକାଶ ପରିଷଦ ଓ ରାଧା ଶ୍ରୀନିବାସ ଟ୍ରଷ୍ଟ ଆୟୋଜିତ ମୋର ସ୍ୱପ୍ନର ସମ୍ବଲପୁର : ଲକ୍ଷ୍ୟ ୨୦୪୭, ସ୍ଥାନ : ଫାର୍ମ ରୋଡ ସ୍ଥିତ ଡ. ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ସମୟ : ସନ୍ଧ୍ୟା ୬ଟା।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ରଥପୁର,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ ଟା।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ, ସ୍ଥାନ: ଶୃଙ୍ଗଦର, ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ– ୧, ସମୟ : ସକାଳ ୯ ଟା ।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ –୧, ସମୟ : ସକାଳ ୯ ଟା ।
- ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତର ବାରିକପାଲି ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବାରିକପାଲି ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ସାଇବାବା ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଶକ୍ତିନଗର, ସମୟ: ସକାଳ ୭ଟା।
- ଆରଜିଏଚ୍ ପରିସରରେ ନର୍ସ ଡେ ପାଳିତ, ସ୍ଥାନ: ଆରଜିଏଚ,ସମୟ: ସକାଳ ସାଢେ଼ ୮ଟା।
- ଏଚ୍‌ଏମ୍‌ଏସ୍ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ, ସ୍ଥାନ: ସିଭିଲଟାଉନଶିପ୍ ତାରିଣୀ ମନ୍ଦିର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ମଦର ଡେ ପାଳିତ,ସ୍ଥାନ: ଭଞ୍ଜଭବନ, ସେକ୍ଟର–୫ ସମୟ: ଅପରାହ୍ନ ୪ଟା ।

## ବରଗଡ଼

- ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ରାମଲୀଳାରେ ରାବଣ ଦରବାର, ସ୍ଥାନ: କଟାପାଲି, ବରଗଡ, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ୍।

## ନୂଆପଡ଼ା

- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗ୍ରାମ, ସମୟ: ସକାଳ ୮ଟା ୪୦।

## ବୌଦ୍ଧ

ବାଉଁଶୁଣୀ ପଞ୍ଚାୟତର ଟିକରାପଡାଠାରେ କୃଷ୍ଣଲୀଳାର ତୃତୀୟ ସନ୍ଧ୍ୟା, ସ୍ଥାନ: ଟିକରାପଡା, ସମୟ: ରାତି ୯ଟା।

## ଦେବଗଡ଼

- ଜିଲାସ୍ତରୀୟ ବେଦ ମହୋତ୍ସବ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସକାଳ ୮ଟା ୩୦ମିନିଟ୍।
- ଅନ୍ତର୍ଜାତୀୟ ନର୍ସ ଦିବସ, ସ୍ଥାନ: ଏଏନ୍‌ଏମ୍ ସେଣ୍ଟର, ଦେବଗଡ, ସମୟ: ସକାଳ ୯ଟା।
- ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର, କର୍ମୀ ସମ୍ମିଳନୀ, ସ୍ଥାନ: ତିଲେଇବାଣି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ବାରକୋଟ ବ୍ଲକ: ସମୟ: ମଧ୍ୟାହ୍ନ ୧୨ଟା ୩୦ମିନିଟ୍।
- ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ କର୍ମୀ ସମ୍ମିଳନୀ, ସ୍ଥାନ: ଦେବଗଡ ସହର, ସମୟ: ଅପରାହ୍ନ ୧ଟା ୩୦ ମିନିଟ।
- ବିଜେଡି ଲୋକ ସଭା ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ରିଆମାଳ ବ୍ଲକ, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗା ସାର୍କିଲ ଦି ଦିବସିୟ ରାତ୍ରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର ପରିସର ପଡ଼ିଆ, ସମୟ: ରାତି ୧୦ଟା ୩୦ମିନିଟ୍।

## ଝାରସୁଗୁଡ଼ା

- କଂଗ୍ରେସର ନିର୍ବାଚନୀ ପ୍ରଚାର, ସ୍ଥାନ: କୋଲାବିରା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଝାରସୁଗୁଡା ସହରସ୍ଥିତ ଝାଣ୍ଡା ଛକ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆପଣ ପ୍ରତ୍ୟେକ କ୍ଷେତ୍ରରେ ଉଦ୍ୟମ ଅବ୍ୟାହତ ରଖିଲେ ଉପକୃତ ହୋଇପାରିବେ। ବିରୋଧୀମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ପଛରେ ନିନ୍ଦା ରଚନା କରିପାରନ୍ତି। ରବି ଓ ବୁଧଙ୍କ ଏକତ୍ର ସନ୍ନିବେଶରୁ ଆଶା କରିଥିବା ଦିଗରୁ ଅର୍ଥ, ସମ୍ମାନ ପାଇ ଖୁସି ରହିବେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରୁ ଉଚ୍ଚ ଫଳ ପ୍ରାପ୍ତହେବ।

**ବୃଷ** – ସୁଚିନ୍ତିତ ଯୋଜନା ସାଙ୍ଗକୁ ଉପଯୁକ୍ତ ବିଚାର ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। ଭଲ ସମ୍ପର୍କ ଥିବା କୌଣସି ବନ୍ଧୁଙ୍କ ସହ ଭଙ୍ଗା ପଡ଼ିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହୋଇପାରେ। ପରିବାରରେ ଆଗନ୍ତୁକ ଅତିଥିଙ୍କ ସେବାର ସୁଯୋଗ ଲାଭ କରିବେ। କଳା, ସାହିତ୍ୟ ଓ ରଚନାତ୍ମକ କାମରୁ ପ୍ରଶଂସା ମିଳିବ।

**ମିଥୁନ** – ଆଜିର ପରିସ୍ଥିତି କାର୍ଯ୍ୟସିଦ୍ଧି ସକାଶେ ସଂଘର୍ଷମୟ ସ୍ଥିତି ଉତ୍ପନ୍ନ କରି ଟେନ୍‌ସନ ସୃଷ୍ଟି କରିପାରେ। ଶୁକ୍ର ଓ ଚନ୍ଦ୍ରଙ୍କ ଅବସ୍ଥିତି ଜନିତ କଳାକାର, ସଙ୍ଗୀତଜ୍ଞ, ଗବେଷକ ଓ ସାହିତ୍ୟ ସାଧକଙ୍କ ପାଇଁ ଦିନଟି ଭଲ। ଶାରୀରିକ ଅବସ୍ଥାରେ ଉନ୍ନତି ସହିତ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ। ପ୍ରତିଦ୍ୱନ୍ଦ୍ୱିତା, ଶିଳ୍ପ, ବାଣିଜ୍ୟ ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ।

**କର୍କଟ** – ମାନସିକ ଅସୁସ୍ଥତା ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ପାଲଟି ଯାଇପାରେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ଓ ମନୋରଞ୍ଜନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ବିଳମ୍ବିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବାର ଆଶଙ୍କା ରହିଛି। ରାଜନୀତି, ସଙ୍ଗଠନ, ପ୍ରଶାସନ, ଆଇନ ଅଦାଲତ କ୍ଷେତ୍ର ଭଲ ରହିବ।

**ସିଂହ** – ପାରିବାରିକ କ୍ଷେତ୍ରରେ ଅସାମଞ୍ଜସ୍ୟ ରହିଥିଲେ ମଧ୍ୟ ସେସବୁକୁ ଦୃଷ୍ଟି ଆଢୁଆଳରେ ରଖିବାକୁ ବାଧ୍ୟ ହେବେ। ଚେଷ୍ଟା କରୁଥିବା କାମରେ ସୁଯୋଗ ହାତଛଡ଼ା ହୋଇପାରେ। ମାଲିମକଦ୍ଦମାରେ ଆଶଙ୍କା କରୁଥିବା ଫଳାଫଳ ଚିନ୍ତାଜନକ ନ ହୋଇପାରେ। କର୍ମାରମ୍ଭ, ମାଙ୍ଗଳିକ କାର୍ଯ୍ୟ, ରାଜନୈତିକ ସଙ୍ଗଠନ ଉନ୍ନତ ରହିବ।

**କନ୍ୟା** – ସାଧାରଣ କଥାରେ ଉତ୍ତେଜିତ ହେଲେ କଳହର ସମ୍ମୁଖୀନ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତିର ବାତାବରଣ ମଧ୍ୟରେ ଚଳିବାକୁ ପଡ଼ିପାରେ। ପ୍ରଶାସନିକ ସ୍ତରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। କର୍ମକ୍ଷେତ୍ରରେ କିମ୍ବା ଆଲୋଚନା ପରିବେଶରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ତୁଳା** – ଅଭିଳଷିତ ଦିଗଗୁଡ଼ିକରୁ ଅର୍ଥଲାଭ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷର, ଉଚ୍ଚବର୍ଗଙ୍କ ସାନ୍ନିଧ ଲାଭ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ, କିନ୍ତୁ ବନ୍ଧୁଙ୍କ ସକାଶେ ଚିନ୍ତିତ ରହିବେ। ମନରେ ଭାବୁଥିବା କଥାଟିକୁ ମାଲିକଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ନିଜ ଲୋକମାନଙ୍କ ଭୁଲ୍ ବୁଝାମଣାରୁ ପାରିବାରିକ ସ୍ଥିତି ଭଲ ରହିନପାରେ।

**ବିଛା** – ଆଜି ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। କୌଣସି ଭଦ୍ର ମହିଳାଙ୍କ ସହଯୋଗ କାମଟିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ସାଙ୍ଗକୁ କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଅଗ୍ରଗତି ଘଟିବ। ଚୁପ୍‌ଚାପ ହୋଇ ବସି ରହିଲେ ବହୁ କ୍ଷତି ସହିବାକୁ ପଡ଼ିବ।

**ଧନୁ** – ମାନସିକ ଅସ୍ଥିରତା କେତେକାଂଶରେ ପରିବର୍ତ୍ତନ ହେବା ଆଶା କରାଯାଇପାରେ। କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ ଏବଂ ଅଭିଳାଷ ଅବଶ୍ୟ ପୂରଣ ହେବ। ସାଧାରଣ କଥାକୁ କେନ୍ଦ୍ର କରି ଗୃହରେ କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଘଟଣାର ଗୁରୁତ୍ୱ ବୁଝି କାମ କରିବା ଭଲ ହେବ।

**ମକର** – କର୍ମ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସାମାଜିକ ସ୍ତରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଆତ୍ମୀୟଙ୍କ ସହଯୋଗରେ ନିଜ ପରିସରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ପାଇପାରନ୍ତି। ଲୋକସମ୍ପର୍କ, ବ୍ୟବସାୟ, ଯାତ୍ରା, ବନ୍ଧୁଙ୍କ ସାହାଯ୍ୟ ପାଇବାରେ ଅସୁବିଧା ହେବନାହିଁ।

**କୁମ୍ଭ** – ପରିବାରରେ କଳହ, ଯାତ୍ରାରେ ଅନୁତାପ, ଯାନ ବାହନରେ ତ୍ରୁଟି ହେତୁ ମନରେ ସରସତା ରହିବ ନାହିଁ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବା ପାଇଁ ଚେଷ୍ଟା କରିପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ବନ୍ଧୁବର୍ଗଙ୍କ ସହ ଫଳପ୍ରଦ ଆଲୋଚନା କରିବେ। ଭ୍ରମଣ ସାଙ୍ଗକୁ ଅନିଦ୍ରାଜନିତ ସ୍ୱାସ୍ଥ୍ୟହାନିର ସୂଚନା ରହିଛି।

**ମୀନ** – ଅପ୍ରିୟ ସତ୍ୟଭାଷଣ ଜନିତ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଯାତ୍ରାରୁ ସୁଫଳ ପରିବର୍ତ୍ତେ ତିକ୍ତ ଅନୁଭୂତିକୁ ନେଇ ଫେରିବାକୁ ପଡ଼ିବ। ପରିସ୍ଥିତିର ବିଷମତା ଯୋଗୁ କୌଣସି ବିକଳ୍ପ ଭାବରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ପାରିବାରିକ କ୍ଷେତ୍ର, ବ୍ୟବସାୟ, କଚେରି ମାମଲା, ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

ଆଜି ମେ ୧୨ ତାରିଖ, ଅନ୍ତର୍ଜାତୀୟ ନର୍ସ ଦିବସ, ବିଶ୍ୱ ମାତୃଦିବସ, (ମେ ୨ୟ ରବିବାର), ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ (ଦାର୍ଶନିକ ଦିବସ), ବୈଶାଖ ଶୁକ୍ଳ ୫ମୀ ରବିବାର, ରାଶିନକ୍ଷତ୍ର– ଆର୍ଦ୍ରା/ମିଥୁନ, ଦିବା.୧୦।୨୭ ଗତେ ପୁନର୍ବସୁ ନକ୍ଷତ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୫ ଗତେ ଘ.୦୯।୩୪ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୩ମି. ଗତେ ଘ.୦୬।୧୦ ମଧ୍ୟେ ରାହୁକାଳ।

**ବିଶ୍ୱ ମାତୃ ଦିବସ**

# ମାଆ ଯାହାର ସାହା...

ଭୁବନେଶ୍ୱର, ୧୧।୫ (ବନ୍ଦନା ସେଠୀ)

ମାଆ ଡାକରେ ଯେତିକି ମାଧୁର୍ଯ୍ୟ ଭରି ରହିଛି, ତାହା ସଂସାରର କୌଣସି ଶବ୍ଦରେ ନାହିଁ। ସନ୍ତାନର ଖୁସି ପାଇଁ ସେ ନିଜକୁ ତିଳତିଳ କରି ଜାଳିପାରେ। ସନ୍ତାନ ଉପରେ ବିପଦ ଆସିଲେ ସେ ପାହାଡ଼ ଭଳି ସାମ୍ନାରେ ଠିଆହୁଏ। ଜଣେ ବୀର ଯୋଦ୍ଧା ଭାବେ ସମସ୍ତଙ୍କ ସହ ଲଢେଇ କରେ, ହେଲେ ପିଲା ଉପରେ କେବେବି ଆଞ୍ଚ୍ ଆସିବାକୁ ଦିଏନାହିଁ। ସେଥିପାଇଁ କୁହାଯାଏ ମାଆ ଯାହାର ସାହା, ତା'ର କେହି କିଛି କରିପାରନ୍ତି ନାହିଁ। ସବୁ ମାଆଙ୍କ ପାଇଁ ତାଙ୍କ ସନ୍ତାନ ବଡ଼। ହେଲେ ଦୁନିଆରେ କେତେଜଣ ମାଆ କୌଣସି କାରଣରୁ ନିଜ ନିଷ୍ପାପ ଶିଶୁକୁ ରାସ୍ତାକଡ଼ରେ ଛାଡ଼ିଦେଉଥିବାବେଳେ ଏମିତି ବି ମାଆ ଅଛନ୍ତି ଯିଏ ସମାଜର ଟାହିଟାପରା, କଠୋର ଶବ୍ଦ ଶୁଣି ମଧ୍ୟ ନିଜ ଦିବ୍ୟାଙ୍ଗ ଛୁଆଙ୍କ ପାଇଁ ଢାଲ ସାଜିଛନ୍ତି। ମୁହଁରେ ହସ ଫୁଟାଇବାକୁ ସବୁକିଛି ଅଜାଡି ଦେଇଛନ୍ତି। ରବିବାର ବିଶ୍ୱ ମାତୃ ଦିବସରେ ଏମିତି କେତେଜଣ ମାଆ ଓ ସନ୍ତାନଙ୍କ କାହାଣୀକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

## ପୁଅ ମୁହଁକୁ ଚାହିଁ ସବୁ ଦୁଃଖ ଭୁଲିଯାଏ



ଭୁବନେଶ୍ୱରର ବାସିନ୍ଦା ହେଉଛନ୍ତି ବନ୍ଦନା ଶ୍ରୀଚନ୍ଦନ। ପୁଅ ଜନ୍ମ ହେବା ପରେ ଘର ଖୁସିରେ ଫାଟି ପଡିଥିଲା। ସ୍ନେହରେ ପୁଅର ନାଁ ରଖିଲେ ଡୁଡ୍‌ନୁ। ମାତ୍ର ଜନ୍ମର ୮ଦିନ ପରେ ପୁଅର ଆଇଗ୍ଲୋକମା ରହିଥିବା ଜଣାପଡିଲା। ଅପରେଶନ ହେଲା, କିନ୍ତୁ ପୁଅ ୫ମାସର ହେଲା ବେଳକୁ ଫିଟ୍‌ସ (ବାତ) ମାରିଥିଲା। ବହୁ ଟେଷ୍ଟ ପରେ ସେ ୯୦% ଅଟିଷ୍ଟିକ୍ ଥିବା ଜଣାପଡିଲା। ଏବେ ପୁଅକୁ ୧୯ ବର୍ଷ ହେଲାଣି, କିନ୍ତୁ ତାଙ୍କ ଭିତରେ ୫ବର୍ଷ ପିଲାର ବୁଝିବା ଶକ୍ତି ଥିବାବେଳେ ୧୧ମାସ ଛୁଆ ଭଳି ଆଚରଣ କରୁଛନ୍ତି। ୯ ବର୍ଷରେ ପ୍ରଥମ କରି ଚାଲିବା ଆରମ୍ଭ କରିଥିଲେ। ଘର ବ୍ୟତୀତ ବାହାରେ ଛାଡିଦେଲେ ସେ ଜାଣି ପାରନ୍ତିନି କୁଆଡେ ଯାଉଛନ୍ତି। କଥା ମଧ୍ୟ କହି ପାରନ୍ତିନି। କେବଳ ପାଟିରେ କିଛି ଶବ୍ଦ କରି ନିଜର ଭାବନା ପରିପ୍ରକାଶ କରିବାକୁ ଚେଷ୍ଟା କରନ୍ତି। ପୁଅ ଯେମିତି ବି ହେଉ ତାକୁ ନେଇ ମା'ବାପା ଖୁସି ଥିବାବେଳେ ଅନେକ ଲୋକଙ୍କ ଟାହିଟାପରା ଶୁଣିବାକୁ ପଡିଛି ବନ୍ଦନାଙ୍କୁ। ମାତ୍ର ଏ ପରିସ୍ଥିତିରେ ସେ ହାରିଯାଇ ନାହାନ୍ତି। ବରଂ ଦୁନିଆ ଆଗରେ ନିଜର ଏକମାତ୍ର ପୁଅ ସହିତ ପାଦେପାଦେ ରହିଛନ୍ତି। ଏଥିସହ ପୁଅ ନାଁରେ 'ଡୁଡ୍‌ନୁ ଫାଉଣ୍ଡେଶନ' ଗଢି ଜନହିତକର କାର୍ଯ୍ୟ କରୁଛନ୍ତି। ଏପରିକି ଅଟିଷ୍ଟିକ୍‌କୁ ନେଇ ଲୋକଙ୍କୁ ସଚେତନ କରିବା ପାଇଁ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏନେଇ ବନ୍ଦନା କୁହନ୍ତି, ଅଟିଷ୍ଟିକ୍‌କୁ ନେଇ ଲୋକେ ସଚେତନ ନାହାନ୍ତି। ତେଣୁ ମୋ ପୁଅକୁ ଲୋକେ ପାଗଳଛୁଆ ବୋଲି ମଧ୍ୟ କହିଛନ୍ତି। ଟ୍ରେନ୍‌ରେ ଏସି ବର୍ଥରେ ଗଲାବେଳେ ପୁଅ ଝାଡ଼ା କରିଦିଏ। ଲୋକମାନେ ଆମକୁ ଗାଳି କରନ୍ତି। ଏମିତିବି ପରିସ୍ଥିତି ହୋଇଛି, ରାତି ୨ଟାରେ ଟ୍ରେନ୍‌ର ଚେନ୍ ଟାଣି ମୋତେ ଓହ୍ଲାଇବାକୁ ପଡିଛି। ବାହାଘର, ବ୍ରତଘର, ଛୁଆଙ୍କ ଏକୋଇଶିଆ ହେଲେ ମୋତେ ଡାକନ୍ତି ନାହିଁ। ଯଦି ବା କେଉଁଠାକୁ ଚାଲିଯାଏ, କାଳେ ମୋ ନଜର ପଡିଲେ ଅଶୁଭ ହେବ, ତେଣୁ ମୋତେ ବାହାରୁ ବାହାରୁ ଫେରାଇ ଦିଅନ୍ତି। ଦୁଃଖ ଲାଗେ, ମାତ୍ର ପୁଅ ମୁହଁକୁ ଚାହିଁ ସବୁ ଭୁଲିଯାଏ। ଏହି ରୋଗକୁ ନେଇ ଲୋକଙ୍କୁ ସଚେତନ କରିବା ପାଇଁ ଏକ ୱେବ୍ ଚ୍ୟାନେଲ ମଧ୍ୟ ଗଢିଛି। ଅଟିଷ୍ଟିକ୍ ରୋଗରେ ପୀଡିତ ପିଲାଙ୍କ ପରିବାର ସହିତ ଯୋଗାଯୋଗ କରିଛି, ମାତ୍ର ସମାଜ ଏବଂ ଲୋକଲଜ୍ଜା ଭୟରେ କେହି ବାହାରକୁ ଆସୁ ନାହାନ୍ତି।

## ଏମିତି ମାଆ ସମାଜ ପାଇଁ ପ୍ରେରଣା



ଆଉଜଣେ ମା' ହେଉଛନ୍ତି ବାରଙ୍ଗ ଦାଢା ପାଟଣାର ମମତା ବେହେରା। ସ୍ୱାମୀ ଓ ଦୁଇପୁଅଙ୍କୁ ନେଇ ସଂସାର। ଭଗବାନ ତାଙ୍କୁ ଦୁଇଟି ପୁଅ ଦେଇଥିଲେ ବି ଭାଗ୍ୟର ବିଡମ୍ବନା ଯେ ଉଭୟ ପୁଅ ବିକଳାଙ୍ଗ। ବଡପୁଅ ଅମନକୁ ୧୭ ଓ ସାନପୁଅ ସୁମନକୁ ୧୫ବର୍ଷ। ଦୁହେଁ ଜନ୍ମବେଳେ ସୁସ୍ଥ ଥିଲେ। ମାତ୍ର ଗୁରୁଣ୍ଡିଲେନି କି ଚାଲିଲେନି। ବହୁ ଡାକ୍ତରଙ୍କୁ ଦେଖାଇବା ପରେ ସେମାନେ ସେରେବ୍ରାଲ୍ ପାଲ୍‌ସି (cerebral palsy) ରୋଗରେ ପୀଡ଼ିତ ଥିବା ଜଣାପଡିଲା। କଥା କହି ପାରୁ ନାହାନ୍ତି କି ବେଡ୍‌ରୁ ଉଠି ପାରନ୍ତି ନାହିଁ। ଏପରିକି ସେମାନଙ୍କ ନିତ୍ୟକର୍ମ ମଧ୍ୟ ମମତାଙ୍କୁ କରିବାକୁ ପଡେ। ଗୋଡରେ ଶୁଆଇ ଖୁଆଇବାକୁ ପଡେ। ତେବେ ଦୁଇ ପୁଅଙ୍କ ଏଭଳି ଅବସ୍ଥା ପରେ ସାହିପଡ଼ିଶା ବନ୍ଧୁବାନ୍ଧବ ଟାହିଟାପରା କରିବା ଆରମ୍ଭ କରିଦେଇଥିଲେ। ଅଭିଶପ୍ତ ଜୀବନ ବୋଲି କହି କେହିକେହି ଟିପ୍ପଣୀ ଦେବାବେଳେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ତାଙ୍କୁ ସାମିଲ କରିବାକୁ ବାରଣ କରାଯାଏ। ମାତ୍ର ଏତେ ପରେ ବି ଦୁଇ ପୁଅ ତାଙ୍କର ଜୀବନ ବୋଲି କୁହନ୍ତି ମମତା। ସତରେ, ଏମିତି ମାଆ ସମାଜ ପାଇଁ ପ୍ରେରଣା।

## ସେ ଆମର ଗର୍ବ



ନୟାଗଡ଼ ଶରଣକୁଳର ଭିକାରୀପଡ଼ା ଗ୍ରାମର ଚଞ୍ଚଳା ନାୟକଙ୍କ ଜୀବନ କାହାଣୀ ମଧ୍ୟ ଉଦାହରଣ ସାଜିଛି। ବଡପୁଅ ବାପିନା ଜନ୍ମ ହେବା ପରେ ଖୁସିରେ ଭରିଯାଇଥିଲା ପରିବାର। ଜନ୍ମର ୬/୭ ମାସ ପର୍ଯ୍ୟନ୍ତ ପୁଅ ଦେଖିପାରୁ ନାହିଁ ବୋଲି ଘରଲୋକେ ଜାଣି ପାରି ନ ଥିଲେ। ପରେ ଡାକ୍ତର ଦେଖାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଅନ୍ଧ ବୋଲି ଜାଣିବା ପରେ ପୁଅ ପ୍ରତି ଲୋକଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିଥିଲା। ପଡୋଶୀ, ସମ୍ପର୍କୀୟ କେହି ବି ତାଙ୍କୁ କୋଳାଇ ନେଉ ନ ଥିଲେ। ବଡ଼ ହେବା ପରେ ପାଠ ପଢିବାକୁ ଚାହିଁଥିଲେ, ମାତ୍ର ଗାଁ ସ୍କୁଲରେ ଶିକ୍ଷକମାନେ ତାଙ୍କୁ ଦେଖିଲେ ଗେଟ୍ ବନ୍ଦ କରି ଦେଉଥିଲେ। ଅନ୍ଧଟା ହୋଇ ସ୍କୁଲ କ'ଣ ଆସୁଛୁ ବୋଲି ତାଙ୍କୁ ଶୁଣିବାକୁ ପଡିଥିଲା। କେହି କେହି ପୂର୍ବଜନ୍ମର ପାପରୁ ଏଭଳି ହୋଇଥିବା କହୁଥିଲେ। ଏପରିକି ତାଙ୍କ ସହ ଅନ୍ୟମାନେ ମିଶିବାକୁ ପସନ୍ଦ କରୁ ନ ଥିଲେ। ମାତ୍ର ଯେତେବେଳେ ବାପିନା ମନଦୁଃଖରେ ବସୁଥିଲେ ତାଙ୍କର ସାହସ ପାଲଟୁଥିଲେ ତାଙ୍କ ମା'। ସବୁ ବାଧାବିଘ୍ନକୁ ଆଡେଇ ମା'ଙ୍କ ପ୍ରେରଣାରେ ଏବେ ସେ ଗ୍ରାଜୁଏଶନ ସହ ସିଟି ମଧ୍ୟ ପାସ୍ କରି ସାରିଲେଣି। ଖେଳ ପ୍ରତି ମଧ୍ୟ ତାଙ୍କର ରୁଚି ରହିଛି। ଓଡ଼ିଶାର ପ୍ରଥମ ଦୃଷ୍ଟିହୀନ ଭାବେ ସେ ପାରାସେଲିଂ କରି ଚର୍ଚ୍ଚାରେ ରହିଛନ୍ତି। ବାପିନାଙ୍କର ଆଉ ଦୁଇ ଭାଇ ଅଛନ୍ତି। ମାତ୍ର ଚଞ୍ଚଳାଙ୍କ ପାଇଁ ୩ପୁଅ ସମାନ। ଏନେଇ ସେ କହିଛନ୍ତି, ବଡ଼ପୁଅର ଭବିଷ୍ୟତ ନେଇ ବେଳେବେଳ ଚିନ୍ତା ଲାଗେ। କିନ୍ତୁ କେବେବି ତାକୁ ନେଇ ଆମେ ମା' ବାପା ଦୁଃଖ କରିନାହୁଁ। ସେ ଆମର ଗର୍ବ।









# ଦୁର୍ଘଟଣାରେ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ

ଉମରକୋଟ, ୧୧।୫ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟଠାରେ ଶନିବାର ଏକ ଦୁର୍ଘଟଣାରେ ଜଣେ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କକଡ଼ିସେମଲା ଗ୍ରାମର ଅଲେଖ ରନ୍ଧାରୀ। ଅଲେଖ କକଡ଼ିସେମଲା ଗାଁ ସ୍କୁଲରେ ପିଅନ ଭାବେ କାମ କରୁଥିଲେ। ସୂଚନାନୁଯାୟୀ, ଉମରକୋଟସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ବୁଥ୍ ନଂ.୧୯୬ରେ ଅଲେଖଙ୍କ ନିର୍ବାଚନ ଡ୍ୟୁଟି ଥିଲା। ସେ ବସ୍‌ରୁ ଓହ୍ଲାଇ ବୁଥ୍‌କୁ


ଅଲେଖ ରନ୍ଧାରୀ

ଯିବା ସମୟରେ ଏକ ବାଇକ୍(ଓଡି-୧୦ପି-୯୧୯୨) ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସେ ଗୁରୁତର ହୋଇପଡ଼ିଥିଲେ। ନିର୍ବାଚନ ଡ୍ୟୁଟି ପାଇଁ ସାଙ୍ଗରେ ଯାଇଥିବା ଅନ୍ୟ କର୍ମଚାରୀମାନେ ଅଲେଖଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଛି। ଏ ନେଇ ଉମରକୋଟ ଥାନାରେ ନଂ.୨୩୧/୨୪ରେ ଏକ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

# ନନ୍ଦିନୀଙ୍କୁ ଜାଣିବା ଆଜିର ପିଢ଼ିର ଉତ୍ତରଦାୟିତ୍ୱ





ବକୁଳ ଫାଉଣ୍ଡେଶନ ପକ୍ଷରୁ ଶନିବାର ଲେଖିକା ପଲ୍ଲବୀ ରେବପ୍ରଗଡ଼ାଙ୍କ ଦ୍ୱାରା ଲିଖିତ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀଙ୍କ ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି। (ବାମ) ପୁସ୍ତକ ଉନ୍ମୋଚନ ଅବସରରେ ଉପସ୍ଥିତ ଲେଖକ, ଗବେଷକ ଓ ଛାତ୍ରୀଛାତ୍ର।

ଭୁବନେଶ୍ୱର,୧୧।୫(ଶର୍ମିଷ୍ଠା ପାଣିଗ୍ରାହୀ)

ନନ୍ଦିନୀ ଶତପଥୀ ଯାହା ସବୁ କରିଯାଇଛନ୍ତି, ସେହି ତୁଳନାରେ ତାଙ୍କୁ କିଛି ମିଳିନାହିଁ। ତାଙ୍କ ସମ୍ପର୍କରେ ଅଧିକ ତଥ୍ୟ ନାହିଁ, ପାଠ୍ୟପୁସ୍ତକରେ ମଧ୍ୟ ତାଙ୍କ ନାମ ନାହିଁ। ବର୍ତ୍ତମାନର ପିଢ଼ି ତାଙ୍କୁ ପଢ଼ିଲେ, ତାଙ୍କ ସମ୍ପର୍କରେ କଥା ହେଲେ, ତାଙ୍କୁ ଜାଣିଲେ ହିଁ ତାଙ୍କ ତ୍ୟାଗକୁ ଉପଯୁକ୍ତ ସମ୍ମାନ ମିଳିବ। ସେ ଜଣେ ଭୁଲିଯିବା ଭଳି ବ୍ୟକ୍ତିତ୍ୱ ନୁହନ୍ତି। ସବୁ ପିଢ଼ି ତାଙ୍କୁ ମନେରଖିବା ଉଚିତ। ନନ୍ଦିନୀ କେବଳ ସ୍ମରଣୀୟ ନୁହନ୍ତି, ସମ୍ମାନାସ୍ପଦ ମଧ୍ୟ। ତେଣୁ ତାଙ୍କୁ ଜାଣିବା ଆଜିର ପିଢ଼ିର ଉତ୍ତରଦାୟିତ୍ୱ ବୋଲି ସାମ୍ବାଦିକା ତଥା ଲେଖିକା ପଲ୍ଲବୀ ରେବପ୍ରଗଡ଼ା କହିଛନ୍ତି। ଶନିବାର ବକୁଳ ଫାଉଣ୍ଡେଶନ ପକ୍ଷରୁ ପଲ୍ଲବୀଙ୍କ ଦ୍ୱାରା ଲିଖିତ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀଙ୍କ ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଲେଖିକା ପଲ୍ଲବୀଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ, ସାମ୍ବାଦିକ ତଥା ଲେଖକ ରୁବେନ ବାନାର୍ଜୀ, ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ

## ଜୀବନୀ ପୁସ୍ତକ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ଉନ୍ମୋଚିତ




ମହାପାତ୍ର ଉପସ୍ଥିତ ରହି ପୁସ୍ତକ ଉନ୍ମୋଚନ କରିଥିଲେ। ଏହାପରେ ସୁଜିତ ମହାପାତ୍ର ଓ ଲେଖିକା ପଲ୍ଲବୀଙ୍କ ମଧ୍ୟରେ ପୁସ୍ତକ ସମୀକ୍ଷା ଭିତ୍ତିକ ଏକ ଆଲୋଚନା ହୋଇଥିଲା। ପଲ୍ଲବୀ କହିଥିଲେ, ଯେବେ ନନ୍ଦିନୀଙ୍କୁ ପ୍ରଥମେ ଜାଣିବାର ଅବସର ମିଳିଥିଲା, ନିର୍ଦ୍ଧାରିତ ଶବ୍ଦ ମଧ୍ୟରେ ତାଙ୍କ ଜୀବନୀ ବର୍ଣ୍ଣନା କରିବାକୁ କୁହାଯାଇଥିଲା। ଏକାଧାରରେ ଜଣେ ସୁଦକ୍ଷ ରାଜନେତ୍ରୀ, କଳାପ୍ରେମୀ, ସଙ୍ଗଠିକା ଭାବେ ପରିଚୟ ସୃଷ୍ଟି କରିପାରିଥିବା ନନ୍ଦିନୀଙ୍କୁ ସେ ମାତ୍ର କେତୋଟି ଶବ୍ଦରେ ସୀମିତ ରଖିବାକୁ ଚାହିଁ ନ ଥିଲେ। ଏହା ପରେ ସେ ନନ୍ଦିନୀଙ୍କ ଉପରେ ଗବେଷଣା କରିଥିଲେ ଓ ଲେଖିବା ଆରମ୍ଭ କରିଥିଲେ। ଏତେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୋଇ ମଧ୍ୟ ତାଙ୍କ ବିଷୟରେ ବହୁତ କମ୍ ତଥ୍ୟ ସହ ଲେଖା ମଧ୍ୟ କମ୍ ପ୍ରକାଶ ପାଇଥିଲା। ପାଖାପାଖି ୫ବର୍ଷ ଲାଗିଗଲା ପୁସ୍ତକଟି ଲେଖିବାକୁ। ନନ୍ଦିନୀ ଆମ ଦେଶର ଝିଅ ହୋଇଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ଅଧିକ ଲେଖା ବିଦେଶ ପତ୍ରିକାରେ ପ୍ରକାଶ ପାଇଛି। ରାଜନୀତିରେ ଥିବାବେଳେ ତାଙ୍କୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ମାତ୍ର ସେ ସବୁ ପରିସ୍ଥିତିକୁ ବେଶ୍ ସାଧାରଣ ଭାବେ ସାମ୍ନା କରୁଥିଲେ। ସେହିପରି ଲାଠିଚାର୍ଜ ସମୟରେ ନନ୍ଦିନୀ ତାଙ୍କର ସନ୍ତାନକୁ ଗର୍ଭରେ ଧରି ରାଜନୀତିରେ ସକ୍ରିୟ ଥିଲେ। ତେଣୁ ତାଙ୍କ ବିଷୟରେ ଯେବେ ମୁଁ ଲେଖିବା ଆରମ୍ଭ କଲି ମୁଁ ମଧ୍ୟ ପ୍ରେଗ୍‌ନାଣ୍ଟ ଥିଲି। ସେତେବେଳେ ମନରେ ଗୋଟିଏ କଥା ଆସୁଥିଲା ଯଦି ସେ କରିପାରୁ ଥିଲେ, ମୁଁ କାହିଁକି ନୁହେଁ। ଏଭଳି ପ୍ରେରଣା ନନ୍ଦିନୀଙ୍କଠାରୁ ପାଇଥିବା ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ଲେଖକ, ଗବେଷକ, ଛାତ୍ରୀଛାତ୍ର ଭାବବିନିମୟ କରିଥିଲେ।

# ପୂଜା ସମୟରେ ବଜ୍ରପାତ, ୮ ମହିଳା ଗୁରୁତର

ଅନୁଗୋଳ,୧୧।୫ (ଅମିତ କୁମାର ସାମଲ)

କାଳବୈଶାଖୀ ବର୍ଷା ବେଳେ ବଜ୍ରପାତ ହେବାରୁ ଶନିବାର ଅନୁଗୋଳ ସଦର ଥାନା ବଲାସିଂହା ବାଲିସାହିର ୮ ମହିଳା ଗୁରୁତର ହୋଇଛନ୍ତି। ଏକ ଓସ୍ତଗଛ ମୂଳେ ମହିଳାମାନେ ଶନିପୂଜା କରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଗୁରୁତରମାନେ ହେଲେ ଝରଣା ବାରିକ (୩୦), ସାଗରିକା ସାହୁ (୨୫), ଡଲି ସାହୁ (୨୫), ସସ୍ମିତା ବାରିକ (୩୦), ଚିଲୀ ସାହୁ (୩୫), ଅହଲ୍ୟା ବାରିକ (୫୦), ପୁଷ୍ପଲତା ବାରିକ (୪୯) ଓ ସୁମିତ୍ରା ଦାସ (୩୦)। ସମସ୍ତଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ୫ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ୧ଟା ୩୦ରୁ ୨ଟା ମଧ୍ୟରେ ଅନୁଗୋଳରେ କାଳବୈଶାଖୀ ବର୍ଷା ଆରମ୍ଭ ହୋଇଥିଲା। ଏହି ସମୟରେ ବାଲିସାହିର ୩୦ରୁ ଅଧିକ ମହିଳା ଏକ ଓସ୍ତଗଛ ମୂଳେ ଶନିଦେବଙ୍କ ପୂଜା କରୁଥିଲେ। ତେବେ ବର୍ଷା ବେଳେ ହଠାତ୍ ବଜ୍ରପାତ ହେବାରୁ ୬ ମହିଳା ଗୁରୁତର ହୋଇଥିଲେ। ଗୁରୁତରଙ୍କ କାନକୁ ଭଲ ଭାବେ ଶୁଣାଯାଉ ନ ଥିବା ଜଣାପଡିଛି। ଖବରପାଇ ଘଟଣାସ୍ଥଳରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରତାପଚନ୍ଦ୍ର ପ୍ରଧାନ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ସେହିପରି ଅନୁଗୋଳ ବିଜେଡି ବିଧାୟକ ପ୍ରାର୍ଥିନୀ ସଂଯୁକ୍ତା ସିଂହ ମଧ୍ୟ ମେଡିକାଲରେ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହୋଇଛନ୍ତି।

# ଝିଅ ପ୍ରେମବିବାହ କରିବାରୁ ବାପାଙ୍କ ଆତ୍ମହତ୍ୟା

ତିହିଡ଼ି, ୧୧।୫(ସଞ୍ଜିତ ବଳ)

ଝିଅର ପ୍ରେମ ବିବାହକୁ ବାପା ସହଜରେ ଗ୍ରହଣ କରିପାରିଲେନି। ମାନସିକ ସନ୍ତୁଳନ ହରାଇ ଜୀବନ ହାରିଲେ। ଏଭଳି ଅଭାବନୀୟ ଘଟଣା ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କନ୍ଦପୁର ଗ୍ରାମରେ ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ହେମନ୍ତ କୁମାର ରାଉତ(୫୧)। ଶୁକ୍ରବାର ବିଳମ୍ବିତ ରାତିରେ ହେମନ୍ତ ଭଦ୍ରକ-ଧାମରା ରେଳପଥର କନ୍ଦପୁର ନିକଟ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ମୃତଦେହ ରେଳଧାରଣା ପାର୍ଶ୍ୱରୁ ଜବତ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୪) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କିଛି ବର୍ଷ ତଳେ ହେମନ୍ତଙ୍କ ସ୍ତ୍ରୀ ଆରପାରିକୁ ଚାଲି ଯାଇଛନ୍ତି। ସେମାନଙ୍କର ୩ ଝିଅ ଥିବାବେଳେ ଜଣେ ଘରକୁ ନ ଆସି ଭଦ୍ରକରେ ରହୁଛନ୍ତି। ବଡ଼ଝିଅ ଶୁକ୍ରବାର ବାପାଙ୍କ ଇଚ୍ଛା ବିରୋଧରେ ପ୍ରେମବିବାହ କରିଥିଲେ। ଏହାକୁ ନେଇ ହେମନ୍ତ ଭାଙ୍ଗି ପଡ଼ିଥିଲେ। ବିଳମ୍ବିତ ରାତିରେ ସେ ଟ୍ରେନ୍ ଲାଇନରେ ଆତ୍ମହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକ କହିଛନ୍ତି। ସ୍ଥାନୀୟ ଗ୍ରାମବାସୀ ଏ ସମ୍ପର୍କରେ ଭୋର ୪ଟା ବେଳେ ପୋଲିସକୁ ଖବର ଦେଇଥିଲେ।

# ବାୟୋପିକ୍ ଆସିବା ଆବଶ୍ୟକ

ଭୁବନେଶ୍ୱର,୧୧।୫(ଶର୍ମିଷ୍ଠା ପାଣିଗ୍ରାହୀ)

ନନ୍ଦିନୀ ଶତପଥୀ କେବଳ ଓଡ଼ିଶାର ଝିଅ ନୁହନ୍ତି, ସମଗ୍ର ଭାରତବର୍ଷର ଝିଅ। ତାଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ସମସ୍ତେ ଜାଣିବା ଆବଶ୍ୟକ। ମାତ୍ର ଦୁଃଖର ବିଷୟ ତାଙ୍କୁ ଆମେ ବହୁତ କମ୍ ଜାଣୁ। ମୁଁ ମଧ୍ୟ ଯେବେ ତାଙ୍କ ବିଷୟରେ ଜାଣିବାକୁ ଆରମ୍ଭ କଲି ମୋତେ ବହୁତ ଅନୁତାପ ଅନୁଭବ ହେଲା ଯେ, ତାଙ୍କୁ କାହିଁକି ମୁଁ ଆଗରୁ ଜାଣିନି, ଆଉ ଏତେ କମ୍ ଜାଣିଛି। ତାଙ୍କ ବିଷୟରେ ବହୁତ କମ୍ ଲେଖା ଅଛି। ବେଶି କିଛି ସଂରକ୍ଷିତ ନାହିଁ। ତେଣୁ ତାଙ୍କ ଉପରେ ପୁସ୍ତକଟିଏ ଲେଖିବାକୁ ତଥ୍ୟ ସଂଗ୍ରହ ପାଇଁ ମୋତେ ବହୁତ କଷ୍ଟ କରିବାକୁ ପଡ଼ିଥିଲା ବୋଲି ବିଶିଷ୍ଟ ସାମ୍ବାଦିକା ତଥା ଲେଖିକା ପଲ୍ଲବୀ ରେବପ୍ରଗଡ଼ା କହିଛନ୍ତି। ହଂସପାଳ ସିମ୍ଫୋନୀ ମଲ୍‌ସ୍ଥିତ ଅକ୍ସଫୋର୍ଡ ବୁକ୍ ଷ୍ଟୋର୍‌ଠାରେ ଶନିବାର ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୀବନୀ ପୁସ୍ତକ




ସିମ୍ଫୋନୀ ମଲ୍‌ସ୍ଥିତ ଅକ୍ସଫୋର୍ଡ ବୁକ୍ ଷ୍ଟୋର୍‌ଠାରେ 'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା' ପୁସ୍ତକକୁ ଉନ୍ମୋଚନ କରାଯାଉଛି।

'ନନ୍ଦିନୀ ଶତପଥୀ: ଦ ଆଇରନ୍ ଲେଡି ଅଫ୍ ଓଡ଼ିଶା'ର ଉନ୍ମୋଚନ ଅବସରରେ ଏହାର ଲେଖିକା ପଲ୍ଲବୀ ନିଜ ଅନୁଭବକୁ ବଖାଣିବାକୁ ଯାଇ କହିଲେ, ଏ ପର୍ଯ୍ୟନ୍ତ ଏହି ପୁସ୍ତକକୁ ବହୁତ କମ୍ ଜଣ ପଢ଼ିଛନ୍ତି। ମାତ୍ର ନନ୍ଦିନୀଙ୍କ ଉପରେ ବାୟୋପିକ୍ ଆସିଲେ ସମସ୍ତେ ତାଙ୍କୁ ଜାଣିପାରିବେ ବୋଲି ପଲ୍ଲବୀ କହିଛନ୍ତି। ଉନ୍ମୋଚନ କାର୍ଯ୍ୟକ୍ରମରେ ପଲ୍ଲବୀଙ୍କ ସହ ଶିକ୍ଷାବିତ୍ ପଞ୍ଚମୀ ମାନୁ ଉକିଲ୍, ବୁକ୍ ଷ୍ଟୋର୍ ମ୍ୟାନେଜର ଜଗଦୀଶ ବେହେରା, କଳିଙ୍ଗ ଲିଟେରାରି ଫେଷ୍ଟିଭାଲର ସଂଯୋଜକ ବେଦପ୍ରକାଶ ନାୟକ ଓ ଦେବମିତ୍ରା ମିତ୍ର ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଉକିଲଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ପଲ୍ଲବୀ କହିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନ ପରି କିପରି ନନ୍ଦିନୀଙ୍କ ଜୀବନ ସମାନ୍ତରାଳ ଥିଲା ତାହା ଉପରେ ପଲ୍ଲବୀ ଆଲୋକପାତ କରିଥିଲେ। ସେ କହିଲେ, ରାଜନୀତିରେ ଜଣେ ରାଜନେତାର ଜୀବନୀ ଯେଭଳି ଡକ୍ୟୁମେଣ୍ଟ ହୋଇ ରହିଥାଏ, ନନ୍ଦିନୀଙ୍କ ଭଳି ନାରୀନେତ୍ରୀଙ୍କ ଉପରେ ସେତେଟା ସଂରକ୍ଷିତ ହୋଇନାହିଁ। କେଉଁଠି ନା କେଉଁଠି ମୋତେ ରାଜନୀତି ମଧ୍ୟ ପୁରୁଷ ପ୍ରାଧାନ୍ୟ ଭଳି ଅନୁଭବ ହୁଏ। ତାଙ୍କ ତ୍ୟାଗକୁ ମନେରଖିବାକୁ ହେଲେ ତାଙ୍କୁ ଜାଣିବା ଦରକାର, ପୁସ୍ତକ ପଢ଼ିବା ଆବଶ୍ୟକ, ତାଙ୍କ ସମ୍ପର୍କରେ କଥା ହେବା ଆବଶ୍ୟକ ବୋଲି ସେ କହିଥିଲେ।




> ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ- ସେ ସମ୍ବନ୍ଧେ ଚିନ୍ତା କରନାହିଁ। କିନ୍ତୁ ତୁମେ ଯାହା ହେବାକୁ ଚାହଁ (ମାନେ, ଯାହା ତୁମର ହେବା ଉଚିତ।) କେବଳ ସେହି ବିଷୟରେ ଚିନ୍ତା କର। ନିଶ୍ଚିତରୂପେ ତୁମର ଉନ୍ନତି ହେବ। —ଶ୍ରୀମା

# ମୁହଁ ବନ୍ଦ ପାଇଁ ପଦକ୍ଷେପ



ଆକାର ପଟେଲ

ନିର୍ବାଚନ ପ୍ରଚାର ସକାଶେ ଅରବିନ୍ଦ କେଜ୍‌ରିୱାଲଙ୍କୁ କିଛିଦିନ ପାଇଁ ଜେଲରୁ ମୁକ୍ତ କରାଯାଇଛି। ପ୍ରଚାର ପରେ ତାଙ୍କୁ ଜେଲକୁ ଫେରିବାକୁ ପଡ଼ିବ। କେଜ୍‌ରିୱାଲଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ। ସେ ଜେଲରେ ରହିବାର କାରଣ ତାଙ୍କ ଜାମିନକୁ ଭାଜପା ବିରୋଧ କରୁଛି। ବିଚାରପତିମାନେ ଅନୁଭବ କଲେ, କେଜ୍‌ରିୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଏବଂ ସେ ମଧ୍ୟ ଏକ ଜାତୀୟ ଦଳର ନେତା। ଏହା ନିଃସନ୍ଦେହ ଯେ, ତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଛି, କିନ୍ତୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ। ତାଙ୍କର ପୂର୍ବରୁ କୌଣସି ଆପରାଧିକ ରେକର୍ଡ ନାହିଁ। ସେ ମଧ୍ୟ ସମାଜ ପାଇଁ ବିପଦ ନୁହନ୍ତି। କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ୨୦୨୨ରେ ଏହି ମାମଲା ପଞ୍ଜୀକୃତ ହୋଇଥିଲା। କିନ୍ତୁ ଭୋଟ ଗ୍ରହଣ ଆରମ୍ଭର କିଛିଦିନ ପୂର୍ବରୁ କେଜ୍‌ରିୱାଲଙ୍କୁ ଚଳିତ ବର୍ଷ ମାର୍ଚ୍ଚ ୨୧ରେ ଗିରଫ କରାଯାଇଥିଲା। ୧୯ ଏପ୍ରିଲରେ ମତଦାନ ଆରମ୍ଭ ହୋଇଥିଲା। କେଜ୍‌ରିୱାଲ ୧ ମାସରୁ ଅଧିକ ସମୟ ପ୍ରାରମ୍ଭିକ ପ୍ରଚାର ଅଭିଯାନରେ ଭାଗନେଇପାରିଲେ ନାହିଁ। ନିର୍ବାଚନର ତିନିଟି ପର୍ଯ୍ୟାୟ ଶେଷ ହୋଇଯାଇଥିବାବେଳେ ତାଙ୍କୁ ଜେଲରେ ରଖାଯାଇଥିଲା। ତାଙ୍କ ସ୍ତ୍ରୀ ହିଁ ତାଙ୍କ ନାମରେ ପ୍ରଚାର କରିଥିଲେ। ୪ ଜୁନ୍‌ରେ ଫଳାଫଳ ବାହାରିବାବେଳେ ଏପରି ନିର୍ବାଚନକୁ ମୁକ୍ତ ଏବଂ ନିରପେକ୍ଷ ବୋଲି ବିବେଚନା କରାଯିବ କି? ବିରୋଧୀଙ୍କୁ ଜେଲରେ ରଖି ତୁମେ ସ୍ୱାଧୀନ ଭାବେ ପ୍ରଚାର କରିବା ଏକ ପ୍ରକାର ନିର୍ବାଚନ, ଯାହା ଏକଛତ୍ରବାଦ ଦେଶଗୁଡ଼ିକରେ ଘଟିଥାଏ। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ଦିଲ୍ଲୀର ଉପମୁଖ୍ୟମନ୍ତ୍ରୀ ତଥା ପୂର୍ବରୁ ତେଲଙ୍ଗାନାରେ ସରକାର ଚଳାଇଥିବା ଭାରତ ରାଷ୍ଟ୍ର ସମିତିର କଲଭକୁନ୍ତଲା କବିତା ସମସ୍ତେ ଜେଲରେ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କାହାରିକୁ ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ। କୋର୍ଟରେ ଭାଜପାର ଯୁକ୍ତି ହେଉଛି ଅନ୍ୟ ଅଭିଯୁକ୍ତଙ୍କ ତୁଳନାରେ ରାଜନେତାମାନଙ୍କୁ ସ୍ୱତନ୍ତ୍ର ବ୍ୟବହାର ପ୍ରଦର୍ଶନ କରିବା ଉଚିତ ନୁହେଁ ଏବଂ ପ୍ରଚାର ପାଇଁ ଜାମିନ ଦିଆଯିବା ଉଚିତ ନୁହେଁ। ଗଣତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ଏହା କ'ଣ ଦର୍ଶାଉ ନାହିଁ। ପୁନଶ୍ଚ, ଆମକୁ ଧ୍ୟାନ ଦେବାକୁ ହେବ ଯେ ଜେଲରେ ଥିବା ଏହି ରାଜନେତାମାନଙ୍କ ମଧ୍ୟରୁ ଜଣେ ହେଲେ କେହି ଦୋଷୀ ନୁହନ୍ତି। ସେମାନେ କେବଳ ଅଭିଯୁକ୍ତ ଓ ଭାଜପା ସେମାନଙ୍କ ବିରୋଧରେ ଅଭିଯୋଗ କରିଛି। କେଜ୍‌ରିୱାଲଙ୍କ ମାମଲାରେ କୋର୍ଟ ଯାହା ଉଲ୍ଲେଖ କରିଛନ୍ତି ତାହା ମଧ୍ୟ ଅନ୍ୟ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ସେମାନଙ୍କ ବିରୋଧରେ ପୂର୍ବରୁ କୌଣସି ଅଭିଯୋଗ ନାହିଁ। ସେମାନେ ସମାଜ ପାଇଁ ବିପଦ ନୁହନ୍ତି। ସେମାନେ ସମସ୍ତେ ରାଜନୈତିକ ଦଳର ନେତା।

ଜେଲରୁ ମୁକ୍ତହେବା ପରେ କେଜ୍‌ରିୱାଲଙ୍କୁ ଜୋର୍‌ଦାର ସ୍ୱାଗତ କରାଯାଇଥିଲା ଏବଂ ଭାଜପା ଏଥିରେ ଖୁସି ନ ଥିଲା। ସମସ୍ୟା ହେଉଛି ଏହି ଘଟଣାରେ କୋର୍ଟକୁ ବାଧ୍ୟ କରାଯାଉଛି। ଭାଜପା ଏପରି କାର୍ଯ୍ୟରେ ଲିପ୍ତ ରହି ଗଣତନ୍ତ୍ର ଉପରେ ଆକ୍ରମଣ କରୁନାହିଁ ବୋଲି ଯାହା କହୁଛି ତାହା ଗ୍ରହଣୀୟ କି? ଭାରତ ଯେଉଁ ବାଟ ଧରିଛି ସେ ବିଷୟରେ ବାହ୍ୟଜଗତ କ'ଣ ଅନୁଭବ କରୁଛି? ଅନେକ ବର୍ଷ ମଧ୍ୟରେ ଯାହା ସବୁ କୁହାଯାଇଛି ସେ ବିଷୟକୁ ଫେରିବା ଦରକାର। ବିଶ୍ୱର ଅନ୍ୟ ଦେଶଗୁଡ଼ିକ କହନ୍ତି, ଭାରତ କେବଳ ଏକଛତ୍ରବାଦ ଆଡ଼କୁ ଗତି କରୁନାହିଁ, ବରଂ ଏହା ଆଉ ଗଣତନ୍ତ୍ର ହୋଇ ରହିନାହିଁ। ଫ୍ରିଡମ୍ ହାଉସ ଅନୁଯାୟୀ, ରାଜନୈତିକ ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ଭାଜପା ସରକାରୀ ସଂସ୍ଥାଗୁଡ଼ିକୁ ଅତ୍ୟଧିକ ବ୍ୟବହାର କରୁଛି। ଏହା ସତ୍ୟ। ଫ୍ରିଡମ୍ ହାଉସ ଭାରତକୁ 'ଆଂଶିକ ମୁକ୍ତ' ମାନ୍ୟତା ଦେଇଛି। ଏହା ମଧ୍ୟ ସତ୍ୟ। ବାସ୍ତବରେ ଏହା ଭାରତର ସ୍ଥିତି ତୁଳନାରେ କେଜ୍‌ରିୱାଲଙ୍କ ସ୍ଥିତିରେ ଅତ୍ୟଧିକ ପ୍ରତିଫଳିତ ହେଉଛି। ନାଗରିକ ସ୍ୱାଧୀନତା, ସାଂସ୍କୃତିକ ବିବିଧତା, ରାଜନୈତିକ ସଂସ୍କୃତି ଓ ଭାଗୀଦାରି ଏବଂ ନିର୍ବାଚନ ପ୍ରକ୍ରିୟା ଉପରେ ନିରୀକ୍ଷଣ କରିଥିବା ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍‌ର ଗଣତନ୍ତ୍ର ସୂଚକାଙ୍କରେ ୨୦୧୪ରେ ଭାରତ ୨୭ତମ ସ୍ଥାନରେ ଥିଲା। ୨୦୨୦ରେ ଭାରତକୁ ଏକ 'ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର' ଭାବେ ଶ୍ରେଣୀଭୁକ୍ତ କରାଯାଇଥିଲା ଓ ଗତ ବର୍ଷ ଭାରତ ୪୧ତମ ସ୍ଥାନରେ ରହିଥିଲା। ଏହା ଥିଲା ଗଣତାନ୍ତ୍ରିକ ପଶ୍ଚାତଗମନ ଏବଂ ମୋଦିଙ୍କ ସମୟରେ ବୃଦ୍ଧି ପାଇଥିବା ଧର୍ମୀୟ ପ୍ରଭାବର ପରିଣାମ। ୨୦୧୭ରେ ନାଗରିକ ସମାଜ ସଙ୍ଗଠନଗୁଡ଼ିକର ବୈଶ୍ୱିକ ମେଣ୍ଟ ସିଭିକସ୍ ଭାରତର ନାଗରିକ କ୍ଷେତ୍ରକୁ 'ଅବରୋଧିତ' ଭାବେ ଦର୍ଶାଇଥିଲା ଓ ପରେ 'ଦମନକାରୀ'କୁ ଖସି ଆସିଛି। ଦମନ ଭଳି ଶବ୍ଦ ଗଣତନ୍ତ୍ରରେ ବ୍ୟବହାର ହୁଏ କି? ନା। ମାର୍ଚ୍ଚ ୨୦୨୨ରେ ସିଭିକସ୍ କହିଥିଲା ଯେ, ନାଗରିକ ସ୍ୱାଧୀନତାର ଦ୍ରୁତ ଅବନତି ହୋଇଥିବା ଦେଶଗୁଡ଼ିକର ଏକ ତାଲିକାରେ ଭାରତ ଯୋଡ଼ିହୋଇଛି ଏବଂ ସମାଲୋଚକମାନଙ୍କ ମୁହଁ ବନ୍ଦ କରିବା ଲାଗି ମୋଦି କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ନିର୍ବାଚନ ସମୟରେ ସମାଲୋଚକମାନଙ୍କୁ ଜେଲରେ ରଖିବା ହେଉଛି ସେମାନଙ୍କୁ ଚୁପ୍ କରିବାର ଏକ ଉତ୍ତମ ପଦକ୍ଷେପ। ବିଶେଷକରି କେଜ୍‌ରିୱାଲ ଏବଂ ସଞ୍ଜୟ ସିଂ ଏହାର ଉଦାହରଣ, ଯେଉଁମାନଙ୍କୁ ବିନା ଦୋଷରେ ଇଡି ଦ୍ୱାରା ଜେଲରେ ରଖାଯାଇଥିଲା ଏବଂ ସେମାନେ ଜାମିନରେ ଆସିଛନ୍ତି।

ଶେଷରେ ସୁଇଡେନ ଗୋଥେନ୍‌ବର୍ଗ ବିଶ୍ୱବିଦ୍ୟାଳୟର ଭି-ଡେମ୍ ରିପୋର୍ଟ ପ୍ରକାଶ କରିଛି ଯେ, ମୋଦିଙ୍କ ଅଧୀନରେ ଭାରତ ଗଣତନ୍ତ୍ରର ମାନ୍ୟତା ହରାଇଛି ଏବଂ ଗୋଟିଏ 'ଏକଛତ୍ରବାଦ ନିର୍ବାଚନ' ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇ ହଙ୍ଗେରୀ ଏବଂ ତୁର୍କୀ ଭଳି ନିଜକୁ ପ୍ରତିପାଦିତ କରିଛି। ଅଭିବ୍ୟକ୍ତି, ଗଣମାଧ୍ୟମ ଏବଂ ନାଗରିକ ସମାଜର ସ୍ୱାଧୀନତାରେ ପାକିସ୍ତାନ ଭଳି ଭାରତ ଏକଛତ୍ରବାଦୀ ହୋଇଛି ଏବଂ ଉଭୟ ବାଂଲାଦେଶ ଓ ନେପାଳ ତୁଳନାରେ ଏହା ଖରାପ। ୨୦୧୪ ପରେ ଯେତେବେଳେ ଏହିସବୁ ରିପୋର୍ଟ ଆସିବାକୁ ଲାଗିଲା ସେତେବେଳେ ସରକାର ତଥା ଏହାର ସମର୍ଥକମାନେ ଉପହାସ କଲେ ଏବଂ ଏହା ପକ୍ଷପାତର ପରିଣାମ ବୋଲି କହିଥିଲେ। ଆଜି ୨୦୨୪ରେ, ଭାଜପା ଏକ ନିର୍ବାଚନ ସମୟରେ ବିରୋଧୀଙ୍କୁ ଜେଲରେ ରଖିଛି। ତଥାପି ବିଶ୍ୱାସ କରାଯାଉଛି କିମ୍ବା ଅନ୍ତତଃ ପକ୍ଷେ ଆମ ମଧ୍ୟରେ ବିଶ୍ୱାସ ଜନ୍ମାଉଛି ଯେ, ଏହା କେବଳ ଗଣତନ୍ତ୍ରର ନିୟମ ପାଳନ କରୁଛି।

Email:aakar.patel@gmail.com

# ବାତ୍ସଲ୍ୟର ବାରିଧାରା



ଡ. ପ୍ରଫୁଲ୍ଲ କୁମାର ସାହୁ

ମା' କେବଳ ଏକ ଶବ୍ଦ ନୁହେଁ, ସ୍ପନ୍ଦନ। କେବଳ ଏକ ସମ୍ବୋଧନ ନୁହେଁ, ବିମୁଗ୍ଧ ଅନୁଭବ। ଆମ ଚେତନାରେ, ଆମ ସ୍ପନ୍ଦନରେ ଅହରହ ଗୁଞ୍ଜରିତ ହେଉଥିବା ଏକ ଦ୍ୱିଜ ମନ୍ତ୍ର। ମା' ବୋଲି ଡାକିଦେଲେ ପ୍ରାଣରେ ସୃଷ୍ଟିହୁଏ ଏକ ଅମୃତମୟ ଆହ୍ଲାଦ। ଏକ ଅଲଗା ଅସ୍ତିତ୍ୱ। ମାଟିରୁ ଆକାଶଯାଏ ପରିବ୍ୟାପ୍ତ ତା'ର ସ୍ନେହ ଓ ସୋହାଗର ପଣତ। ତା' ପଣତରେ ବିଞ୍ଚିଦେଲେ ଉଲ୍ଲସିତ ହୋଇଯାଏ ମନ ଓ ପ୍ରାଣ। ମମତା ଅଜାଡ଼ି ଦେବାର ଅନ୍ୟ ନାମ ମା'। ଆମ ଜୀବନ ଭୂମିକୁ ସିକ୍ତ କରି ବହିଯାଉଥିବା ଏକ ଶୀତଳ ଝର। ଗଛର ଚେର ଲମ୍ବିବା ପାଇଁ ମାଟି ଯେପରି ପତେଇଦିଏ ଛାତି, ମା' ସେମିତି ତା' ସନ୍ତାନ ଲାଗି ବକ୍ଷରୁ ଝରାଇଦିଏ ଅମୃତର ଧାରା। ସେଥିପାଇଁ ସେ ନିଜେ ପଳପଳ କରି ପିଇଯାଏ ଦୁଃଖର ଗରଳ। ପିଲାଙ୍କ ପାଦରେ କଣ୍ଟା ଫୁଟିଗଲେ ବିଦାରି ହୋଇଯାଏ ମା'ର ବକ୍ଷ। ତା'ର ଅନାବିଳ ମମତାରେ ଓଦା ହୋଇଯାଏ ଶୁଖିଲା ଭୂଇଁ। କିଏ ତାକୁ ବାତ୍ସଲ୍ୟର ବାରିଧାରା କହେ ତ କିଏ କହେ ସେବା ଓ ସୋହାଗର ମନ୍ଦାକିନୀ ଧାରା। କିଏ ତାକୁ ମେଦିନୀଠାରୁ ମହାନ୍ କହେ ତ କିଏ କହେ ସ୍ୱର୍ଗାଦପି ଗରୀୟସୀ।

ଈଶ୍ୱରଙ୍କ ସୃଷ୍ଟିରେ ଶ୍ରେଷ୍ଠ ବୋଲି ଯଦି କେହି ଥାଏ, ସେ ହେଉଛି ମା'। ସେ ପୀୟୂଷର ପ୍ଲାବନ। ସ୍ନେହ ଓ ପ୍ରେମର କୋମଳ ଗାନ୍ଧାର। ଜନ୍ମ ଦେବା ତ ପ୍ରଜନନ ପ୍ରକ୍ରିୟାର ଏକ ସ୍ୱାଭାବିକ ପରିଣତି, କିନ୍ତୁ ମାତୃତ୍ୱ ଏକ ତପସ୍ୟା। ଏକ ଅପ୍ରମିତ ସାଧନା। ସନ୍ତାନ ପାଇଁ ନିଜକୁ ଉଜେଇଁ ଦେବାର ଏକ ଦ୍ୱିଜ ଉପଲବ୍ଧି। ସୁନାମି ସମୟର ଘଟଣା। ଭୟଙ୍କର ଭାବରେ ଉଠୁଥାଏ ଜୁଆର। ପ୍ରାଣ ବିକଳରେ ନିରାପଦ ସ୍ଥାନକୁ ଧାଇଁଥିଲେ ସମୁଦ୍ରକୂଳିଆ ଲୋକେ। କିନ୍ତୁ ଜୁଆର ଆସୁଥିବା ଜାଣି ସୁଦ୍ଧା ମା'ଟିଏ ସମୁଦ୍ର ଆଡ଼କୁ ପ୍ରାଣମୂର୍ଚ୍ଛା ଧାଇଁଥାଏ ନିଜ ପୁଅକୁ ଖୋଜିବା ପାଇଁ। କାରଣ ତା'ର ଛୋଟ ପୁଅଟି ସେ ପର୍ଯ୍ୟନ୍ତ ଘରକୁ ଫେରି ନଥିଲା, ଯିଏ ସବୁଦିନ ସମୁଦ୍ର କୂଳକୁ ଯାଏ ଖେଳିବାପାଇଁ।

ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆଙ୍କ ସମୟର ଘଟଣା। ଶ୍ୱାସନଳୀରେ ଭୟଙ୍କର ସଂକ୍ରମଣର ଶିକାର ହେଲା ମହାରାଣୀଙ୍କ ଝିଅ ଏଲିସ୍‌ଙ୍କ ଶିଶୁପୁତ୍ର। ଡାକ୍ତରଙ୍କ ସକଳ ଚେଷ୍ଟା ସତ୍ତ୍ୱେ କ୍ରମଶଃ ସଙ୍କଟାପନ୍ନ ହେବାକୁ ଲାଗିଲା ଶିଶୁର ସ୍ଥିତି। ସଂକ୍ରମଣ ବ୍ୟାପିବା ନିଶ୍ଚିତ ଜାଣି ପିଲାକୁ କେହି କୋଳରେ ନ ଧରିବା ପାଇଁ ପରାମର୍ଶ ଦେଲେ ଡାକ୍ତର। ସତର୍କତା ସ୍ୱରୂପ ପିଲା ପାଖରୁ ଯଥାସମ୍ଭବ ଦୂରେଇ ରହିଲା ସାରା ରାଜ ପରିବାର। ପୁଅକୁ କୋଳକୁ ନେଇ ପାରିଲେନି ନିଜେ ଏଲିସ୍। ହେଲେ କେତେଦିନ ହୃଦୟର ଆବେଗକୁ ଚାପିରଖି ସନ୍ତାନଠାରୁ ନିଜକୁ ଦୂରେଇ ରଖିପାରିବ ଗର୍ଭଧାରଣୀ ମା'! ଦିନେ ପୁଅର ରୋଗଶଯ୍ୟା ପାଖରେ ଠିଆ ହୋଇ ତାକୁ ଅଶ୍ରୁଳ ଆଖିରେ ଚାହିଁ ରହିଛନ୍ତି ମା' ଏଲିସ୍। କେଇଟା ମୁହୂର୍ତ୍ତ ଭିତରେ ତାଙ୍କ ମାତୃତ୍ୱକୁ ବିଗଳିତ କରିଦେଲା ମୃତ୍ୟୁ ଅପେକ୍ଷାରେ ଥିବା ଶିଶୁପୁତ୍ରର ନିରୀହ ଚାହାଣି। ମା' କୋଳକୁ ଆସିବା ପାଇଁ ତା' ଭିତରେ ବଢ଼ୁଥିବା ଆବେଗ ଓ ଆତୁରତାକୁ ଅନୁଭବ କରି ସେ ଭୁଲିଗଲେ ଡାକ୍ତରଙ୍କ ଚେତାବନୀ ଓ କଟକଣା। ବାତ୍ସଲ୍ୟର ବିସ୍ମୟ ବିଭୋରତା ଆଗରେ ହାର୍‌ମାନିଲା ସବୁ ସଜାଗ ଓ ସତର୍କତା। ଅକସ୍ମାତ୍ ପୁଅକୁ ରୋଗଶଯ୍ୟାରୁ ଉଠେଇ ଆଣି ଛାତିରେ ଜାକି ଧରିଲେ ଏବଂ ସ୍ନେହର ଆତିଶଯ୍ୟରେ ଆଙ୍କିଦେଲେ ଚୁମ୍ବନ ପରେ ଚୁମ୍ବନ। ଏକଥା ଜାଣିଲା ପରେ ପ୍ରମାଦ ଗଣିଲେ ପରିବାରବର୍ଗ। ଅସହାୟ ହୋଇପଡ଼ିଲେ ଡାକ୍ତର। ଏହାର ପରିଣାମ ସମ୍ପର୍କରେ ଜାଣିଥିଲେ ଏଲିସ୍। ତଥାପି ପୁଅକୁ ଚୁମ୍ବନ ଦେଇ ମୃତ୍ୟୁକୁ ଆମନ୍ତ୍ରଣ କଲେ କାହିଁକି? ସମସ୍ତଙ୍କ ମନରେ ସେହି ଗୋଟିଏ ପ୍ରଶ୍ନ। ମୃତ୍ୟୁର ଭୟ ନୁହେଁ, ବରଂ ଏଲିସ୍‌ଙ୍କୁ ବିଚଳିତ କଲା ତାଙ୍କ ପ୍ରତି ସମସ୍ତଙ୍କ ଭିତରେ ଥିବା ଏହି କାହିଁକିର ପ୍ରଶ୍ନ। ଅଗତ୍ୟା ସମସ୍ତଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ ଗୋଟିଏ ବାକ୍ୟରେ କହିଥିଲେ- 'କାରଣ ମୁଁ ଜଣେ ମାଆ'। ଏ ଉତ୍ତର ଯେତିକି ମର୍ମଦାହୀ, ସେତିକି ସ୍ମରଣୀୟ। ସାରା ଦୁନିଆକୁ ସେ କଥା ଜଣେଇ ଦେବାପାଇଁ ଏଲିସ୍‌ଙ୍କ ସମାଧି ଉପରେ ଲେଖାଯାଇଛି-'କାରଣ ମୁଁ ଜଣେ ମା।'

ମା'ର କୋଳ ହେଉଛି ଏକ ଅଭୟ ଆଶ୍ରୟସ୍ଥଳ। ତା'ର ବାତ୍ସଲ୍ୟମମତା ଆଗରେ ହାରମାନେ ମୃତ୍ୟୁର ଭୟ। ମଣିଷ ହେଉ କି ପଶୁପକ୍ଷୀ, ବାତ୍ସଲ୍ୟର ଜୈବିକ ଉଦାରତା ଏତେ ଶକ୍ତିଶାଳୀ ଯେ ତାକୁ ଭୟ ଭାଙ୍ଗିପାରେନି କି କାଟିପାରେନି କ୍ରୁରତାର କତୁରି। ଚିତାବାଘ ମାଙ୍କଡ଼ ଶିକାର କରିବାକୁ ଗଛକୁ ଚଢ଼ିଲେ ପିଲାମାନଙ୍କ ଜୀବନ ରକ୍ଷା କରିବା ପାଇଁ ଚିତା ପାଖରେ ନିଜକୁ ସମର୍ପିଦିଏ ମା' ମାଙ୍କଡ। ଚିଲ ଆକ୍ରମଣ ସମୟରେ ଶାବକମାନଙ୍କୁ ପେଟତଳେ ରଖି ନିଜ ସୁରକ୍ଷା କଥା ଭୁଲିଯାଏ। ସତରେ ଯମ ରାଜାଙ୍କ ପାଇଁ ସଂସାରରେ ଯଦି କେଉଁଠି ଅପହଞ୍ଚ ଇଲାକା ଅଛି, ତେବେ ତାହା ହେଉଛି ମା'ର କୋଳ।



ଶିଶୁକୁ ମଣିଷ କରି ଗଢ଼ିତୋଳିବାରେ ମା'ର ତ୍ୟାଗ, ସମର୍ପଣଭାବ ଓ ବୁଦ୍ଧିମତ୍ତା ସଂସାରରେ ଅଦ୍ୱିତୀୟ। ସେ ପାଠୋଇ ହେଉ ଅପାଠୋଇ ହେଉ, ସନ୍ତାନ ପାଇଁ ସେ ପ୍ରଥମ ଶିକ୍ଷୟିତ୍ରୀ, ସ୍ୱତନ୍ତ୍ର ସେବିକା ଓ ବିଶିଷ୍ଟ ଡାକ୍ତରାଣୀ। କେବେ ସେ ଧୋ'ରେ ବାଇଆ ଧୋ ଗୀତ ଗାଏ ତ; କେବେ କହେ ପରୀ ରାଇଜର କାହାଣୀ। କେବେ ସେ କାହା ଉପରେ ରାଗେନି, ଅଭିମାନ କରେନି, ବରଂ ସଂସାରଯାକର ଗାଳିକୁ ପିଇଯାଏ ନୀଳକଣ୍ଠ ପରି। କେବେ କାହାକୁ କହେନି ତା' ଦେହ ଅସୁସ୍ଥ କଥା। ମା' କିଛି ନେଇ ଜାଣେନି, କେବଳ ଦେଇ ଜାଣେ ଏବଂ ଦେଇ ଦେଇ ନିଃସ୍ୱ ହୋଇ ଯିବାରେ ତା'ର ଆନନ୍ଦ।

ମା' ସବୁବେଳେ ମା'। ସେ ପେଟ ଚିହ୍ନି ଖାଇବାକୁଦିଏ ଭୋକ ଲାଗିବା ଆଗରୁ। ସେଥିପାଇଁ କୁହାଯାଏ 'ନାଆ ଚିହ୍ନେ ଘାଟ, ମା' ଚିହ୍ନେ ପେଟ'। ସେ ନିଜେ ସହିଯାଏ ଯାବତୀୟ ଦୁଃଖ ଯନ୍ତ୍ରଣା। ଅଥଚ ସନ୍ତାନ ପାଇଁ ବିଛାଏ ସ୍ନେହର ବିଛଣା। ଅଭାବୀ ଘରେ ନିଜ ପାଇଁ କିଛି ନରଖି ପିଲାଙ୍କ ଥାଳିରେ ସବୁତକ ସେ ବାଢ଼ିଦିଏ ଓ ପଚାରିଲେ ଖାଇସାରିଛି ବୋଲି କହେ କିମ୍ବା କଥା ବାଆଁରେଇ ଉଠିଯାଏ କାମ ବାହାନାରେ। ମା'ର ଭଲ ପାଇବାରେ ନଥାଏ ପ୍ରାପ୍ତିର ପ୍ରତ୍ୟାଶା କିମ୍ବା ସ୍ୱାର୍ଥ ଓ ସର୍ତ୍ତ। ତାକୁ ଗାଳି ଦେଲେ ବି ସେ ପିଲାଙ୍କ ମଥା ଉପରେ ଅଜାଡ଼ିଦିଏ ଆଞ୍ଜୁଳା ଆଞ୍ଜୁଳା କଲ୍ୟାଣ।

ମା' ଆମ ପ୍ରାଣ। ମା'ର ଆଶୀର୍ବାଦ ବଳରେ ଅସମ୍ଭବକୁ ସମ୍ଭବ କରିପାରେ ମଣିଷ। ମା' ହସିଲେ ଝରିପଡ଼େ ଦେବତାଙ୍କ ଆଶୀର୍ବାଦ। ତେଣୁ ମା'କୁ ପୂଜା କରିବା ଅର୍ଥ ଈଶ୍ୱରଙ୍କ ସାନିଧ୍ୟ ପାଇବା ସହିତ ସମାନ। ଥରେ ଜଣେ ସନ୍ଥ କହୁଥିଲେ-''ଈଶ୍ୱରଙ୍କ ସନ୍ଧାନରେ ମୋ ଜୀବନ କାଳର ସମଗ୍ର ସାଧନା ବିନିଯୋଗ କରି ଅପ୍ରାପ୍ତିଜନିତ ହତାଶାରେ ଭାଙ୍ଗିପଡ଼ିଥିବା ବେଳେ ହଠାତ୍ ଆଖିପଡ଼ିଲା ଜନ୍ମଦାତ୍ରୀ ମା' ଉପରେ। ଗଭୀର ଅନ୍ତର୍ଦୃଷ୍ଟି ନେଇ ତାକୁ ନିରେଖିଲା ପରେ ଆଉ ଅନୁଭବ କରିପାରିଲିନି ଈଶ୍ୱରଙ୍କୁ ଖୋଜିବାର ଆବଶ୍ୟକତା। ଅଦୃଶ୍ୟ ଈଶ୍ୱରଙ୍କ ପରି ମା' ଦୟା ଓ କରୁଣାର ଅବତାର ହୋଇଥିବାରୁ ମୋତେ ଲାଗିଲା ଉଭୟ ମା' ଓ ଈଶ୍ୱର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।'' ସତରେ ସଂସାରରେ ଆଉ ଏମିତି କିଛି ବିଭବ ନାହିଁ, ଯାହା ମାଆର ତ୍ୟାଗଠାରୁ ଅଧିକ ମହିମାମୟ। ତେଣୁ ମାଆର ସେବା ଆମର ପରମ କର୍ତ୍ତବ୍ୟ। ଏହା ଆମ ଜଟିଳ ଜୀବନର ଏକ ସରଳ ସତ୍ୟ। ଏକ ସର୍ବକାଳୀନ ସିଦ୍ଧାନ୍ତ। କେଉଁ ଅନାଦି କାଳରୁ ଆମ ରକ୍ତରେ ମିଶି ଯାଇଥିବା ଏ ବିଚାରଧାରାରୁ ବିଚ୍ୟୁତ ହେଲେ ଦୁର୍ବିଷହ ହୋଇପଡ଼ିବ ଏ ସୁନ୍ଦର ପୃଥିବୀ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୦୧୬୪୨୪୬୪

# ସବୁଠୁ ଉପରେ ରାଷ୍ଟ୍ର



ଉପେନ୍ଦ୍ର ବିଶ୍ୱାଳ

ମୋରର ଗୌରବୋଜ୍ଜ୍ୱଳ ଇତିହାସର ଏକ ଅଧ୍ୟାୟ। ଆକସ୍ମିକ ଭାବେ ଦେହାନ୍ତ ଘଟିଛି ମୋର ମହାରାଣୀ କର୍ମବତୀଙ୍କର। ତା'ପୂର୍ବରୁ ଶିଶୁପୁତ୍ରର ଲାଳନପାଳନ ଦାୟିତ୍ୱ ନ୍ୟସ୍ତ କରିଥିଲେ ଅତି ବିଶ୍ୱସ୍ତ ସେବିକା ପାନ୍ନା ଧାଇଙ୍କ ଉପରେ। କଥିତ ଅଛି, ନିଜ ନବଜାତ ଶିଶୁପୁତ୍ର ସହିତ ରାଜପୁତ୍ର ଉଦୟଙ୍କୁ ବି ସ୍ତନ୍ୟପାନ କରାଇ ସଯତ୍ନ ବଢ଼ାଇଥିଲେ ଧାତ୍ରୀ ପାନ୍ନା। ଇତ୍ୟବସରରେ ମୋର ମହାରାଜ ରାଣା ସଙ୍ଗଙ୍କର ମଧ୍ୟ ନିଧନ ହୁଏ କ୍ଷମତାଲିପ୍ସୁ ଭାଇ ହାତରେ। ନିରଙ୍କୁଶ ଦୀର୍ଘ ସିଂହାସନ ଲୋଭରେ ମୋରର ଭାବୀ ଉତ୍ତରାଧିକାରୀ ରାଜକୁମାର ଉଦୟ ସିଂହଙ୍କୁ ମଧ୍ୟ ହତ୍ୟା କରିବାକୁ ଛୁଟି ଆସିଛନ୍ତି ସେ। ବିଜୁଳି ବେଗରେ ଏ ସୂଚନା ପହଞ୍ଚିଛି ରାଜ ଅନ୍ତଃପୁରରେ। ତିଳେମାତ୍ର ବିଳମ୍ବ ନ କରି ରାଜ ଦରବାରର ଅତ୍ୟନ୍ତ ବିଶ୍ୱସ୍ତ ଦୂତ ହସ୍ତେ ନିରାପଦରେ ଚିତୋର ଦୁର୍ଗ ବାହାରକୁ (କୁମ୍ଭଲଗଡ଼) ପାନ୍ନା ପଠେଇଦେଲେ ରାଜପୁତ୍ର ଉଦୟ ସିଂହଙ୍କୁ। ରାଜପୁତ୍ରଙ୍କୁ ନ ପାଇଲେ ବନବୀରଙ୍କ କ୍ରୋଧ ବହୁଗୁଣିତ ହୋଇଯିବ। ଦୁର୍ଗର ଅନେକ ନିରୀହ ପ୍ରାଣୀଙ୍କ ପ୍ରାଣହାନି ହେବା ସହିତ ଉଦୟଙ୍କ ଭବିଷ୍ୟତ ମଧ୍ୟ ଆହୁରି ସଙ୍କଟମୟ ହେବ। ମୋରର ଭାବୀ ଉତ୍ତରାଧିକାରୀ ଉଦୟ ନିଧନ ନ ହେଲାଯାଏଁ ନିଶ୍ଚିନ୍ତ ନୁହନ୍ତି ନିଷ୍ଠୁର ବନବୀର। ଏହିଭଳି ବିଭିନ୍ନ ଦିଗରୁ ଚିନ୍ତାକରି ମୋର ରାଜ୍ୟର ଭବିଷ୍ୟତ ପାଇଁ ଖୁବ୍ ବ୍ୟାକୁଳ ହୋଇ ଉଠିଲେ ପାନ୍ନା ଧାଇ। ଆଖି ଆଗରେ ଏକମାତ୍ର ବିକଳ୍ପ, ନିଜର ଶିଶୁପୁତ୍ର ଚନ୍ଦନ। ଚମକି ପଡିଛି ନିଜ ମାତୃ ହୃଦୟ। ପୁତ୍ର ବଡ଼ ନା ରାଜପୁତ୍ର ବଡ଼, ସ୍ୱସ୍ୱାର୍ଥ ବଡ଼ ନା ରାଜ୍ୟସ୍ୱାର୍ଥ? ନିଜକୁ ସମ୍ଭାଳି ନେଲେ, ସଜା ନେଲେ ପାନ୍ନା। କାଳ ବିଳମ୍ବ ନ କରି ନିଜର ନିଦ୍ରିତ ଶିଶୁପୁତ୍ରକୁ ଆଣି ଶୁଆଇ ଦେଲେ ରାଜକୁମାରଙ୍କ ସୁକୋମଳ ଶଯ୍ୟାରେ। ଉନ୍ମୁକ୍ତ ତରବାରି ହସ୍ତେ ଧରି କ୍ଷିପ୍ରବେଗରେ ଅନ୍ତଃପୁର ଭିତରକୁ ମାଡ଼ି ଆସିଛନ୍ତି ନିଷ୍ଠୁର ବନବୀର। ପାନ୍ନାଙ୍କ ବେକରେ ତରବାରି ଲଗାଇ ଉଦୟ ସିଂହ କାହିଁ ବୋଲି ପଚାରିବାରୁ ପାନ୍ନାଙ୍କ ଅଙ୍ଗୁଠି ସ୍ୱତଃ ଇଙ୍ଗିତ କରିଛି ସୁକୋମଳ ଶଯ୍ୟାଧାର ଆଡ଼କୁ। ତତ୍‌କ୍ଷଣାତ୍ ତରବାରି ଚୋଟରେ ଦୁଇଗଡ଼ ହୋଇଯାଇଛି ନିଦ୍ରାବିଷ୍ଟ ନିଷ୍ପାପ, ନିରୀହ ଶିଶୁଟିର ନିସ୍ତେଜ ଶରୀର। ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥ ସର୍ବାଗ୍ରେ- ଏହା ଲିପିବଦ୍ଧ ହୋଇଗଲା ଭାରତର ଅମ୍ଲାନ ଇତିହାସ ବକ୍ଷରେ ସେଦିନ।

ସମୃଦ୍ଧଶାଳୀ ଦେବଗିରି ରାଜ୍ୟ ସର୍ବଦା ଶିକାର ହେଉଥିଲା ଆକ୍ରମଣକାରୀ ଶତ୍ରୁପକ୍ଷଙ୍କ ଦ୍ୱାରା। କିନ୍ତୁ ଦେବଗିରିର ବିଶାଳ ସେନାବାହିନୀ ନିକଟରେ ପରାଜିତ ହେବାକୁ ପଡୁଥିଲା ତାଙ୍କୁ। ଦେବଗିରିର ପ୍ରାଚୁର୍ଯ୍ୟ ପାଗଳ କରିଥିଲା ଆଲ୍ଲାଉଦ୍ଦିନଙ୍କୁ। ପରାଜୟ ଲଭିବା ସତ୍ତ୍ୱେ ନିରବୀ ଯାଇନଥିଲେ ସେ। ଛଳ, କୌଶଳ ଓ ପ୍ରଲୋଭନର ଜାଲ ବିଛାଇଲେ। ଶେଷରେ ରାଜ୍ୟର ସୁଦକ୍ଷ ସେନାପତି କୃଷ୍ଣ ରାଓଙ୍କୁ ନିଜ ପକ୍ଷକୁ ନେଇ ଦେବଗିରି ଉପରେ ପୁନଃ ଆକ୍ରମଣ କରି ବିଜୟଲାଭ କଲେ ଆଲ୍ଲାଉଦ୍ଦିନ। ରାଜ୍ୟ ପ୍ରତି ବିଶ୍ୱାସଘାତ କରିଥିବା କୃଷ୍ଣ ରାଓ ସେଦିନ ବିଜୟ ଉଲ୍ଲାସରେ ଗୃହକୁ ଫେରିଛନ୍ତି ଯୁଦ୍ଧାନ୍ତେ। କିନ୍ତୁ ରାତ୍ରିର ଦୁର୍ବଳ ମୁହୂର୍ତ୍ତରେ ନବ ବିବାହିତା ପତ୍ନୀ ତାଙ୍କୁ ହତ୍ୟା କରିବାକୁ ପଛାଇଲେ ନାହିଁ, ଶତ୍ରୁ ସହିତ ହାତ ମିଳାଇ ରାଜ୍ୟ ପ୍ରତି ବେଇମାନି କରିଥିବା ଅପରାଧରେ। ରାଷ୍ଟ୍ର ସର୍ବୋପରି। ରାଷ୍ଟ୍ର ପ୍ରତି ବିଶ୍ୱାସଘାତକତା କରିବା, ରାଷ୍ଟ୍ର ବିରୋଧୀ କାମ କରିବା ଏକ ଅକ୍ଷମଣୀୟ ଅପରାଧ। ରାଷ୍ଟ୍ରର ସୁରକ୍ଷା ପ୍ରତିଟି ସନ୍ତାନଙ୍କ ଶ୍ରେଷ୍ଠ କର୍ମ ଓ ଧର୍ମ- କୃଷ୍ଣ ରାଓଙ୍କ ଧର୍ମପତ୍ନୀ ଆମ ସଭିଙ୍କ ସମ୍ମୁଖରେ ଏହାର ଯଥାର୍ଥ ଦୃଷ୍ଟାନ୍ତ ରଖି ଯାଇଛନ୍ତି। ଇତିହାସର ଗୌରବୋଜ୍ଜ୍ୱଳ ପୃଷ୍ଠାରୁ ଏବେ ଫେରିବା ଚଳିତ ଚବିଶର ବହୁ ପ୍ରତୀକ୍ଷିତ ଆମ ଗଣତନ୍ତ୍ରର ମହାପର୍ବ ନିକଟକୁ। ବହୁଚର୍ଚ୍ଚିତ ଆମର ଏହି ନିର୍ବାଚନ କେବଳ ଭାରତ ନୁହେଁ, ବିଶ୍ୱର ଭାଗ୍ୟ ଓ ଭବିଷ୍ୟତର ମଧ୍ୟ ନିର୍ଣ୍ଣାୟକ ହେବ। ସେଥିପାଇଁ ସାରା ବିଶ୍ୱ ଅତ୍ୟନ୍ତ ଉତ୍ସୁକତାର ସହିତ ଚାହିଁରହିଛି ଏହି ନିର୍ବାଚନ ଫଳାଫଳକୁ। ବିଶେଷକରି ଏହି ନିର୍ବାଚନକୁ ଅତ୍ୟନ୍ତ ଗମ୍ଭୀରତାର ସହିତ ନିରୀକ୍ଷଣ କରୁଛନ୍ତି ଶତ୍ରୁଦେଶ ପାକିସ୍ତାନ ଓ ଚାଇନା। କାରଣ ଭାରତର ଏହି ନିର୍ବାଚନ ଫଳାଫଳ ସହିତ ସେମାନଙ୍କ ସ୍ୱାର୍ଥ ବି ଜଡ଼ିତ। ବୈଶ୍ୱିକ ଦୃଷ୍ଟିକୋଣରୁ ବିବିଧ ସମସ୍ୟାରେ ବିଶ୍ୱ ଆଜି ସନ୍ତୁଳିତ। ପ୍ରାୟ ୪୦ମାସ ହେବାକୁ ବସିଲାଣି ରୁଷିଆ-ୟୁକ୍ରେନ ଯୁଦ୍ଧ, ୭ମାସ ହେଲାଣି ଚାଲିଛି ଇସ୍ରାଏଲ-ହମାସ୍ ଯୁଦ୍ଧ। ପର୍ଯ୍ୟାବରଣ ଜନିତ ସଙ୍କଟରେ କି କଲବଲ ନ ହେଉଛି ବିଶ୍ୱ! ଅଶାନ୍ତି, ଅସ୍ଥିରତା ଭିତରେ ପେଷି ହୋଇଯାଉଛନ୍ତି ବିଶ୍ୱବାସୀ। ସୁଖ ଶାନ୍ତି ବ୍ୟାହତ। ବିପର୍ଯ୍ୟସ୍ତ ବଳୟରୁ ବର୍ତ୍ତିବାକୁ ବିଶ୍ୱ ଆଜି ବ୍ୟାକୁଳ। ଏପରିସ୍ଥଳେ କିଏ ହେବ ବିଶ୍ୱ ପାଇଁ ଆଶାବାଡ଼ି। ସ୍ୱାର୍ଥବାଦୀ ଆମେରିକା ଉପରେ ତୁଟିଯାଇଛି ଭରସା। ଚାଇନାର ଚଞ୍ଚକତା, ସାମ୍ରାଜ୍ୟବାଦୀ ମାନସିକତାରେ ଉଦ୍‌ବିଗ୍ନ ଦୁନିଆ। ଏପରିସ୍ଥଳେ ଭାରତର ଉଚ୍ଚ ସାଂସ୍କୃତିକ ମୂଲ୍ୟବୋଧ, ଉଦାତ୍ତ ବିଚାର, ସହୃଦୟତାର ସହିତ ସମସ୍ତଙ୍କୁ କୋଳେଇ ନେବାର ଭବ୍ୟ ଭାବନା ହିଁ ବିଶ୍ୱକୁ ମୁକୁଳାଇପାରିବ ମହାସଂକଟରୁ।



ଆଇନ୍‌ଷ୍ଟାଇନ, ବର୍ଣ୍ଣାଡ଼ ଶ, ଲିଓ ଟଲଷ୍ଟୟ ପ୍ରମୁଖ ବିଶ୍ୱର ବହୁ ଦୂରଦ୍ରଷ୍ଟା ବିଦ୍ୱାନ୍‌ମାନେ ବି ''ବିଶ୍ୱର ଯଥାର୍ଥ ନେତୃତ୍ୱ ନେବା ପାଇଁ ହିନ୍ଦୁସ୍ତାନ ନିକଟରେ ଯଥେଷ୍ଟ ସାମର୍ଥ୍ୟ ରହିଛି'' ବୋଲି ଇଙ୍ଗିତ କରିଯାଇଛନ୍ତି। ସେଥିପାଇଁ ଭାରତରେ ଲୋଡ଼ା ଏକ ଦୃଢ଼ ନେତୃତ୍ୱ, ସ୍ଥିର ଓ ଦୂରଦର୍ଶୀ ସରକାର। ଏହି ପରିପ୍ରେକ୍ଷୀରେ ଚଳିତ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମ ବିଚାର ଓ ନିଷ୍ପତ୍ତି ଉପରେ ନିର୍ଭର କରେ ଦେଶ ଓ ଜାତିର ଭାଗ୍ୟ, ଭବିଷ୍ୟତ। ଅତଏବ ଚେତନାର ଜାଗରଣ ପୂର୍ବକ ସଠିକ ନିଷ୍ପତ୍ତି ନେବାକୁ ହେବ। ଆମର ସାମାନ୍ୟ ଭୁଲ୍ ନିଷ୍ପତ୍ତି ହୁଏତ ଦେଶକୁ ବିପର୍ଯ୍ୟୟ ଆଡ଼କୁ ଟାଣି ନେଇପାରେ। ବ୍ୟକ୍ତି ସ୍ୱାର୍ଥ, ବିଭେଦ, ବିବାଦ ଆଦି ଭୁଲି ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥରେ ଆମେ ଭୋଟ ଦେବା ଉଚିତ। ଆସନ୍ତୁ ରାଷ୍ଟ୍ର ଗଠନରେ ଆମେ ଭାଗୀଦାର ହେବା। ଆମ ଭୋଟ ଭାଗୀଦାର ହେଉ ରାଷ୍ଟ୍ରର ଭବିଷ୍ୟତ ନିର୍ଣ୍ଣୟରେ। କାରଣ ରାଷ୍ଟ୍ର ସର୍ବୋପରି। ଶେଷରେ ବିଶ୍ୱର ବିଶିଷ୍ଟ ବିଦ୍ୱାନ୍ ଦୂରଦ୍ରଷ୍ଟା ଦାର୍ଶନିକ ପ୍ଲାଟୋଙ୍କ ସୁଚିନ୍ତିତ ମତଟିଏ, ''କ୍ଷମତାସୀନ ହେବାକୁ ଅତୀବ ବ୍ୟାକୁଳ ଥିବା ଲୋକଙ୍କୁ ଶାସନଡୋରି ଦିଆ ନ ଯାଇ କ୍ଷମତାପ୍ରତି ନିର୍ଲିପ୍ତ ଥିବା ଲେଖକ, ଦାର୍ଶନିକ ପ୍ରମୁଖଙ୍କୁ ଶାସନଡୋରି ଦେଲେ ଲୋକଙ୍କର ମଙ୍ଗଳ ହେବ।'' ବିଚାର ଓ ନିଷ୍ପତ୍ତି ଆପଣଙ୍କର।

ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩

## ଏଇ ଭାରତରେ

ଏକ ବିକଶିତ ପର୍ଯ୍ୟଟନସ୍ଥଳୀକୁ ଦେଶ ବିଦେଶରୁ ପର୍ଯ୍ୟଟକ ଆସିବା ଏକ ସାଧାରଣ କଥା। କିନ୍ତୁ ହିମାଚଳ ପ୍ରଦେଶର ଗୋଟିଏ ନିପଟ ସଫସଲ ଗାଁ କିୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମିବା ନିଶ୍ଚିତ ଭାବେ ଏକ ଭିନ୍ନ ଦିଗକୁ ସୂଚିତ କରେ। ଏହି ଦିଗଟି ହେଉଛି, ଗାଁରେ ପୁରାତନ ଘରେ ରହିବା ଓ ଜଣେ ଚାଷୀଙ୍କ ଦ୍ୱାରା ବିକଶିତ ଫାର୍ମର ସୌନ୍ଦର୍ଯ୍ୟ ତଥା ବ୍ୟବସ୍ଥାକୁ ଉପଭୋଗ କରିବା। ୨୦୧୬ରେ କୁନ୍ଦନ ଓ ତାଙ୍କ ପରିବାର ଅତିଥିମାନଙ୍କୁ ତାଙ୍କର ଶହେ ବର୍ଷର ପୁରୁଣା ଘରେ ରଖିବାର ନିଷ୍ପତ୍ତି ନେଇଥିଲେ। ପ୍ରଥମେ ଜଣେ କି ଦୁଇଜଣ ଅତିଥି ପର୍ଯ୍ୟଟକ ଆସୁଥିବାବେଳେ ଏବେ ଏହା ଅନେକ ଶହରେ ପହଞ୍ଚିଲାଣି। ଘରେ ରହିବା ପାଇଁ ଦିନକୁ ୧୦୦୦ ଟଙ୍କା ଦେୟ ସ୍ଥିର କରିଛନ୍ତି। ଅଷ୍ଟ୍ରେଲିଆ, ଜର୍ମାନୀ, ଇଟାଲୀ ଏବଂ ଫିଲିପାଇନ୍ସରୁ ଅଧିକ ପର୍ଯ୍ୟଟକ ଆସି ଫାର୍ମକୁ ଉପଭୋଗ କରୁଛନ୍ତି। ଫାର୍ମରେ ସେଓ ବଗିଚା ରହିଛି। ଏହା ସହ ସେଠାରେ ଗହମ ଓ ଡାଲିଜାତୀୟ ଫସଲ ଉତ୍ପାଦନ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ମେ ୧୯୭୫

- ସାଇଗନ ଓ ଭିଏତନାମର ଅଧିକାର ପରେ ଅସ୍ଥାୟୀ ବିପ୍ଳବୀ ସରକାରଙ୍କୁ ଭାରତ, ସୁଇଡେନ, ଫିନ୍‌ଲ୍ୟାଣ୍ଡ, ଅଷ୍ଟ୍ରେଲିଆ ଓ ଜାପାନ ସମେତ ୧୨ଟି ରାଷ୍ଟ୍ରର ସ୍ୱୀକୃତି ପ୍ରଦାନ।
- ପ୍ରବୀଣ କଂଗ୍ରେସ ନେତା ଶ୍ରୀ ଜଗଲାଲ ଚୌଧୁରୀଙ୍କ ୭୫ ବର୍ଷ ବୟସରେ ପରଲୋକ।
- କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟିର ଅନ୍ୟତମ ଉପନେତା ରୂପେ ଶ୍ରୀ ସି.ଏମ୍. ଷ୍ଟିଫେନ୍ ଲୋକ ସଭାରୁ ନିର୍ବାଚିତ।

## ଚିରନ୍ତନୀ

ବିଶ୍ୱବାସୀ ପରାଣ ମନ
ରଞ୍ଜନ ହେ ରଞ୍ଜନ
ପଡଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!

(ପଡଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | | | |
| 7 | 6 | 8 | | | 5 | | 2 | |
| 2 | | | | | | | | 8 |
| 8 | | | | 2 | | | | |
| | 1 | 9 | | | 6 | | | 4 |
| | | 5 | | | | 3 | | |
| | | | 3 | | | | | 1 |
| | | | | | | 5 | | |
| | 5 | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 9 | 8 | 5 | 7 | 6 | 3 | 1 |
| 7 | 1 | 3 | 4 | 2 | 6 | 9 | 5 | 8 |
| 5 | 8 | 6 | 9 | 3 | 1 | 4 | 2 | 7 |
| 9 | 3 | 5 | 7 | 8 | 4 | 2 | 1 | 6 |
| 6 | 7 | 2 | 3 | 1 | 9 | 5 | 8 | 4 |
| 1 | 4 | 8 | 2 | 6 | 5 | 7 | 9 | 3 |
| 3 | 6 | 7 | 5 | 9 | 8 | 1 | 4 | 2 |
| 2 | 9 | 4 | 1 | 7 | 3 | 8 | 6 | 5 |
| 8 | 5 | 1 | 6 | 4 | 2 | 3 | 7 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସରକାର ଓ ବିରୋଧୀ ଦଳ

ମହାଶୟ,

ଗଣତନ୍ତ୍ର ଓ ଜନସ୍ୱାର୍ଥର ସୁରକ୍ଷା ପାଇଁ ଦୃଢ଼ ସରକାର ଓ ଦୃଢ଼ ବିରୋଧୀ ଦଳର ଆବଶ୍ୟକତା ରହିଛି। ଏଥିରେ ବ୍ୟତିକ୍ରମ ହେଲେ ରାଜନୀତିରେ ସନ୍ତୁଳନ ରକ୍ଷା ହୋଇ ନଥାଏ। କେବଳ ସରକାର ଦୃଢ଼ ଓ ଶକ୍ତିଶାଳୀ ହୋଇ ବିରୋଧୀ ଦଳ ଦୁର୍ବଳ ହେଲେ ସରକାର ସ୍ୱେଚ୍ଛାଚାରୀ ହୋଇ ନିଜକୁ ସୁହାଇଲା ପରି ଜନବିରୋଧୀ ନିଷ୍ପତ୍ତି ନେବାର ଆଶଙ୍କା ଥାଏ। ସଂଖ୍ୟାବଳରେ ସରକାର ବିରୋଧୀ ଦଳଙ୍କ ପରାମର୍ଶକୁ ହେୟ ଜ୍ଞାନ କରି ମନଇଚ୍ଛା କାର୍ଯ୍ୟ କରିଥାଆନ୍ତି। କୌଣସି ବିଷୟରେ ଆଲୋଚନା ନ କରି ଏକଚାଟିଆ ନିଷ୍ପତ୍ତି ନେବାକୁ ବି ପଛାନ୍ତି ନାହିଁ। କହିବାକୁ ଗଲେ ଏଭଳି ସ୍ୱଭାବ ଏକଛତ୍ରବାଦକୁ ପ୍ରତିପାଦିତ କରିଥାଏ। ଗତ କିଛି ବର୍ଷ ଧରି ଜାତୀୟ ଓ ରାଜ୍ୟ ରାଜନୀତିରେ ଲୋକମାନେ ଏହା ଅନୁଭବ କରିପାରିଛନ୍ତି। ଏଣୁ ନିର୍ବାଚନରେ ଭୋଟରମାନେ ଉଭୟ ଦୃଢ଼ ସରକାର ଓ ଦୃଢ଼ ବିରୋଧୀ ଦଳ ସପକ୍ଷରେ ଭୋଟ ଦେବା ଉଚିତ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଏକତରଫା ଭୋଟ ପଡ଼ିଲେ ଦେଶବାସୀଙ୍କୁ ଏହାର କୁଫଳ ଭୋଗିବାକୁ ପଡ଼ିବ। ଗଣତନ୍ତ୍ର ଧୀରେ ଧୀରେ ଦୁର୍ବଳ ହୋଇଚାଲିବ। ନାଗରିକ ସ୍ୱାଧୀନତା ଓ ମାନବ ଅଧିକାର କ୍ଷୁଣ୍ଣ ହେବ।

– ଅକ୍ଷୟ କୁମାର ମହାନ୍ତି,
ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିଜେଡିର କାଉଣ୍ଟଡାଉନ୍ ଆରମ୍ଭ: ମୋଦି

- ଓଡ଼ିଆ ସଂସ୍କୃତି ଜାଣିଥିବା ଲୋକ ହେବ ଭାଜପା ମୁଖ୍ୟମନ୍ତ୍ରୀ
- ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବ
- ଜୁନ୍ ୪ ବିଜେଡି ଏକ୍ସପାଏରୀ ଡେଟ୍

ବଲାଙ୍ଗୀର, ୧୧।୫
(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ପଥରଚେପାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବଲାଙ୍ଗୀର ଲୋକ ସଭା କ୍ଷେତ୍ରର ଲୋକ ସଭା ଓ ବିଧାୟକ ପ୍ରାର୍ଥୀ।

ଓଡ଼ିଶାରେ ବିଜେଡି ସରକାରର କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ଜୁନ୍ ୪ ହେଉଛି ବିଜେଡିର ଏକ୍ସପାଏରୀ ଡେଟ୍। ଜୁନ୍ ୧୦ରେ ଓଡ଼ିଶା ମାଟିରେ ଜନ୍ମ ହୋଇଥିବା, ଓଡ଼ିଆ ସଂସ୍କୃତି ଓ ଅସ୍ମିତା ବୁଝୁଥିବା ବ୍ୟକ୍ତି ଭାଜପା ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଜୁନ୍୧୦ରେ ଭୁବନେଶ୍ୱରଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ ସମାବେଶରେ ଯୋଗଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ସେ ନିମନ୍ତ୍ରଣ ଦେବାକୁ ଆସିଛନ୍ତି ବୋଲି ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାସ୍ଥିତ ପଡ଼ିଆରେ ଶନିବାର ଆୟୋଜିତ ଭାଜପା ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ସମାବେଶରେ ଲୋକଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦି ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶାଣିତ ଆକ୍ରମଣ କରିଥିଲେ। ଓଡ଼ିଶାର ଭୋଟର ସ୍ୱାଭିମାନୀ, ଏଣୁ ଓଡିଶାରେ ଏଥର ଡବଲ ଇଞ୍ଜିନର ସରକାର ଗଠନ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାରେ ଭାଜପା ସରକାର କଲେ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ହେବ। ରାଜ୍ୟର ମହିଳାମାନଙ୍କୁ ଲକ୍ଷପତି ଦିଦି କରାଯିବ। ଓଡ଼ିଶାରେ ସୁଭଦ୍ରା ଯୋଜନାରେ ମହିଳାମାନେ ଲାଭବାନ୍ ହେବେ। ଆଗାମୀ ନିର୍ବାଚନ ଓଡ଼ିଶା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି କହି ଲୋକଙ୍କୁ ପ୍ରଥମେ ମତଦାନ ପରେ ଜଳପାନ୍ ନାରା ଦେଇ ଗୁରୁତ୍ୱ ବୁଝାଇଥିଲେ। ଏହି ଅବସରରେ ଭାଜପା ଓଡ଼ିଆ ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ରାଷ୍ଟ୍ରପତି କରିବା ପରେ କିଭଳି ସାରା ବିଶ୍ୱରେ ଭାରତ ଏବଂ ଓଡ଼ିଶାର ଗୌରବ ବଢ଼ିଛି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ବଲାଙ୍ଗୀର ସଭାରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ମହାପୁରୁଷ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ନାମ ସ୍ମରଣ କଲାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ନାମ ଉଚ୍ଚାରଣ କରିବା ସହ ଜିଲାର ବିଶିଷ୍ଟ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କଥା ଉଲ୍ଲେଖ କରିଥିଲେ। ବଲାଙ୍ଗୀରର ବିଜୟ ସଂକଳ୍ପ ସମାବେଶରେ ଦିନ ପ୍ରାୟ ୧୨ଟା ୨୦ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ମୋଦି ହେଲିକପ୍ଟର ଯୋଗେ ଫୁଲବାଣୀରୁ ବଲାଙ୍ଗୀର ଆସି ପହଞ୍ଚିଥିଲେ। ବରିଷ୍ଠ ଭାଜପା ନେତା ତଥା ପାଟଣାଗଡ଼ ବିଧାୟକ ପ୍ରାର୍ଥୀ କନକବର୍ଦ୍ଧନ ସିଂଦେଓ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ବକ୍ତବ୍ୟ ରଖିବାକୁ ଅନୁରୋଧ କରିଥିଲେ। ଏହି ସଭାରେ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ, ପାଟଣାଗଡ ବିଧାୟକ ପ୍ରାର୍ଥୀ କନକବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ପ୍ରାର୍ଥୀ ଡ. ମୁକେଶ ମହାଲିଙ୍ଗ, କଣ୍ଟାବାଞ୍ଜି ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ନବୀନ ଜୈନ, ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ଗୋପାଲଜୀ ପାଣିଗ୍ରାହୀ, ସୋନପୁର ବିଧାୟକ ପ୍ରାର୍ଥ ପ୍ରମୋଦ ମହାପାତ୍ର ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ରଘୁନାଥ ଜଗଦଲା, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ସାଂସଦଙ୍କ ଝିଅ ନିଭ୍ରିତି କୁମାରୀ ସିଂଦେଓ ମେୱାର ଓ ଅନ୍ୟମାନେ ମଞ୍ଚାସୀନ ଥିଲେ। ବଲାଙ୍ଗୀର ସଭା ପରେ ପ୍ରଧାନମନ୍ତ୍ରୀ ବରଗଡ ନିର୍ବାଚନୀ ସଭାକୁ ଯୋଗଦେବାକୁ ଯାଇଥିଲେ।

## ଭାତହାଣ୍ଡି ଖାଲି କରିଦେଇଛି ବିଜେଡି: ପ୍ରଧାନମନ୍ତ୍ରୀ

ବରଗଡ଼,୧୧।୫(ପ୍ରେମାନନ୍ଦ ଖମାରୀ)

ପ୍ରକୃତି ସବୁକିଛି ଦେଇଛି। ଏଠାରେ ଅପାର ଧନସମ୍ପଦ, ପ୍ରାକୃତିକ ସମ୍ପଦ ଭରି ରହିଛି। ତଥାପି ବିଜେଡି ସରକାର ରାଜ୍ୟରେ ଦାରିଦ୍ର୍ୟକୁ ହଟାଇ ପାରିନାହିଁ ଏବଂ ରାଜ୍ୟର ଭାତହାଣ୍ଡିକୁ ଖାଲି କରି ଦେଇଛି ବୋଲି ଶନିବାର ବରଗଡ଼ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ମୋଦି କହିଥିଲେ, ଓଡ଼ିଶାର ସଂସ୍କୃତି, ପରମ୍ପରା ମହାନ୍। କିନ୍ତୁ ବିଜେଡି ସରକାର ୨୫ବର୍ଷ ଶାସନରେ ଓଡ଼ିଶାକୁ ବରବାଦ କରି ଦେଇଛି। ଏଠାରେ କୃଷକ, ବୁଣାକାର ସମସ୍ତଙ୍କ ଦୁଃଖ ବଢ଼ି ଚାଲିଛି। କୃଷକଙ୍କ ସମେତ ସବୁବର୍ଗର ଲୋକଙ୍କ ପାଇଁ ଦିନରାତି ପରିଶ୍ରମ କରୁଛନ୍ତି ବୋଲି ମୋଦି କହିଥିଲେ।

ମୋଦି ଆହୁରି କହିଥିଲେ, ଏବେ କୃଷକମାନେ ୟୁରିଆ ସାର ପାଇଁ ହଇରାଣ ହେଉନାହାନ୍ତି। ୩ ହଜାର ଟଙ୍କାରେ ଯେଉଁ ୟୁରିଆ ସାର କିଣୁଥିଲେ, ମୋଦି ସରକାରର ତାହା ଏବେ ୩ଶହ ଟଙ୍କାରେ ଯୋଗାଇ ଦେଉଛି। ତାଳଚେର ସାର କାରଖାନା ନିର୍ମାଣ ଦ୍ରୁତଗତିରେ ଚାଲିଛି। କୃଷକଙ୍କ ବିକାଶ ପାଇଁ ୧୨ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇ ଥିବାବେଳେ ଅନାର୍ ଭଣ୍ଡାର ଯୋଜନା କାର୍ଯ୍ୟକାରୀ ହୋଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ବରଗଡ଼ର ଚାଷୀଙ୍କୁ ୪୦୦କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଅପରପକ୍ଷେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ପ୍ରାୟ ୨୨୦୦ ଟଙ୍କା ଥିବାବେଳେ ରାଜ୍ୟର ଚାଷୀଙ୍କୁ ୧୬୦୦ରୁ ୧୭୦୦ଟଙ୍କା ମିଳୁଛି। ବାକି ଟଙ୍କା ବିଜେଡି ସରକାରଙ୍କ ଦଲାଲ ହାତକୁ ଯାଉଛି। ସେଭଳି ଭ୍ରଷ୍ଟାଚାରକୁ ରୋକାଯିବା କଥା କି ନୁହେଁ ବୋଲି ମୋଦି ଉପସ୍ଥିତ ଜନତାଙ୍କୁ ପ୍ରଶ୍ନ କରିଥିଲେ। ସେହିପରି ଶାସନକୁ ଆସିଲେ ଧାନ ଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏ କରାଯିବ ଏବଂ ୪୮ଘଣ୍ଟା ମଧ୍ୟରେ କୃଷକଙ୍କୁ ବିକ୍ରିଧାନର ପ୍ରାପ୍ୟରାଶି ମିଳିବ ବୋଲି ଓଡ଼ିଶା ଭାଜପା ଘୋଷଣା କରି ସାରିଛି। ପଡ଼ୋଶୀ ଛତିଶଗଡ଼ରେ ଚାଲିଥିବା ଭାଜପା ସରକାର କୃଷକଙ୍କୁ ଧାନବିକ୍ରିରେ ସେଭଳି ଦର ଦେଉଛି ଏବଂ ଏହା ହିଁ ହେଉଛି ମୋଦି ଗ୍ୟାରେଣ୍ଟି ବୋଲି ସେ କହିଥିଲେ। ମୋଦି କହିଥିଲେ, ସମ୍ବଲପୁରୀ ଶାଢ଼ି ସାରା ଦୁନିଆରେ ନାଁ କରିଛି। ମୋଦି ସରକାର ମଧ୍ୟ ଟେକ୍ସଟାଇଲକୁ ଗୁରୁତ୍ୱ ଦେଇ ଆସୁଛି। ବୁଣାକାର ପରିବାରର ଛାତ୍ରୀଛାତ୍ରଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ଛାତ୍ରବୃତ୍ତି ଦିଆଯାଉ ଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ୬୦୦ରୁ ଅଧିକ ହ୍ୟାଣ୍ଡଲୁମ କ୍ଲଷ୍ଟର ସ୍ଥାପନ କରାଯାଇ ବୁଣାକାରଙ୍କୁ ତାଲିମ ଦିଆଯାଉଛି। ସେହିପରି ଶାସନକୁ ଆସିଲେ ଭାଜପା ରାଜ୍ୟରେ ୩ ହ୍ୟାଣ୍ଡଲୁମ ପାର୍କ ପ୍ରତିଷ୍ଠା କରିବାକୁ ଘୋଷଣା କରିଛି ବୋଲି ମୋଦି କହିଥିଲେ।

ଦେଶରେ ଆଦିବାସୀମାନେ ଉଭୟ ରାଜନୈତିକ ଏବଂ ଆର୍ଥିକ କ୍ଷେତ୍ରରେ ଅବହେଳିତ ଥିଲେ। କିନ୍ତୁ ମୋଦି ସରକାର ଆସିବା ପରେ ଆଦିବାସୀଙ୍କ କଲ୍ୟାଣ ପାଣ୍ଠି ୫ ଗୁଣା ବୃଦ୍ଧି ପାଇଥିବାବେଳେ ବିର୍ସା ମୁଣ୍ଡାଙ୍କ ଜନ୍ମଦିନକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଥିବା ମୋଦି କହିଥିଲେ। ସେହିପରି ଓଡ଼ିଶାର ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ ଆଜି ଦେଶର ରାଷ୍ଟ୍ରପତି ହେବା ଗର୍ବ, ଗୌରବର ବିଷୟ। କିନ୍ତୁ କଂଗ୍ରେସ ରାଷ୍ଟ୍ରପତି ମୁର୍ମୁଙ୍କୁ ଯେଭଳି ଅପମାନ କରୁଛି, ତାହା ଆମ ସଭିଙ୍କ ପାଇଁ ଅପମାନ। ଏଭଳି ସ୍ଥିତିରେ କଂଗ୍ରେସକୁ ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ ସେ ଆହ୍ୱାନ କରିଥିଲେ।

ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ମୋଦି ବିଜେଡି ସରକାରକୁ ସମାଲୋଚନା କରିଥିବାବେଳେ ଧନୁଯାତ୍ରା ଭଳି ଭାଜପାର ସଂକଳ୍ପ ସମାବେଶରେ ଦଳକୁ ଆଶୀର୍ବାଦ ପାଇଁ ଜନସମୁଦ୍ର ହୋଇଥିବାରୁ ଏହା ବି କିଛି କମ୍ ନୁହେଁ ବୋଲି ମୋଦି କହିଥିଲେ ଏବଂ ଦଳର ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ସମାବେଶରେ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ, ଅତାବିରା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ପ୍ରାର୍ଥୀ ସନତ ଗଡ଼ତିଆ, ଭଟଲି ବିଧାୟକ ପ୍ରାର୍ଥୀ ଇରାଶିଷ୍ ଆଚାର୍ଯ୍ୟ, ପଦ୍ମପୁର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ, ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ପ୍ରାର୍ଥୀ ନାଉରୀ ନାଏକ, ଝାରସୁଗୁଡ଼ା ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ, ବ୍ରଜରାଜନଗର ବିଧାୟକ ପ୍ରାର୍ଥୀ ସୁରେଶ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର, ଡ. ପ୍ରଭାସ ସିଂ, ପ୍ରମୁଖ ମଞ୍ଚରେ ଉପସ୍ଥିଥିଲେ। ଦଳର ବରିଷ୍ଠ ନେତା ସୁରେଶ୍ୱର ଶତପଥୀ ମଞ୍ଚ ପରିଚାଳନା କରିଥିଲେ।

## ସ୍ୱାମୀ ବିଜେଡିରେ, ଭାଜପାରେ ସ୍ତ୍ରୀଙ୍କ ପ୍ରଚାର



ଲକ୍ଷ୍ମୀପ୍ରିୟା ବାରିକ ଓ ଅନ୍ୟ ମହିଳାମାନେ ପ୍ରଚାର ଚଳାଇଛନ୍ତି।

ମାଲାକନଗିରି, ୧୧।୫
(ଦୁର୍ଯ୍ୟୋଧନ ପାତ୍ର)

ସ୍ୱାମୀ ଓ ସ୍ତ୍ରୀ ଅଲଗା ଦଳରେ ସାମିଲ ହୋଇ ପ୍ରଚାର କରୁଥିବା ମାଲକାନଗିରି ପୌର ପରିଷଦରେ ଦେଖିବାକୁ ମିଳିଛି। ପୌର ପରିଷଦ ଅଧକ୍ଷ ମନୋଜ କୁମାର ବାରିକ। ସିଏ ଗତ ପୌର ନିର୍ବାଚନରେ ବିଜେଡି ପକ୍ଷରୁ ଲଢ଼ି ବିଜୟୀ ହୋଇ ବର୍ତ୍ତମାନ ପୌର ପରିଷଦ ଅଧକ୍ଷ ଅଛନ୍ତି। ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ବାରିକ ଭାଜପାରେ ସାମିଲ ହୋଇ ମାଲକାନଗିରି ବିଧାୟକ ପ୍ରାର୍ଥୀ ନରସିଂହ ମାଡକାମି ଓ ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝିଙ୍କ ସପକ୍ଷରେ ପ୍ରଚାର ଚଳାଇଛନ୍ତି। ଏ ସମ୍ପର୍କରେ ଲକ୍ଷ୍ମୀପ୍ରିୟାଙ୍କୁ ପଚାରିବାରୁ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଦଳ ନିମନ୍ତେ ପ୍ରଚାର କରୁଥିବା କହିଛନ୍ତି। ଗତ ପୌର ପରିଷଦ ନିର୍ବାଚନରେ ସ୍ୱାମୀଙ୍କୁ ସହଯୋଗ କରିଥିଲେ ବୋଲି କହିଛନ୍ତି। ବର୍ତ୍ତମାନ କିନ୍ତୁ ଭାଜପା ନୀତି ତାଙ୍କୁ ପ୍ରଭାବିତ କରିଛି। ଅନ୍ୟପକ୍ଷରେ ପୌର ପରିଷଦ ଅଧକ୍ଷ ବାରିକ ବିଜେଡିର ଜଣେ ଟାଣୁଆ ନେତା ହୋଇଥିବା ବେଳେ ସେ ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ବିଧାୟକ ପ୍ରାର୍ଥୀ ମାନସ ମାଡକାମିଙ୍କ ସପକ୍ଷରେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ତେବେ ତାଙ୍କ ସ୍ତ୍ରୀଙ୍କ ପ୍ରଚାର ବିଷୟରେ ପଚାରିବାରୁ ସେ କୌଣସି ମତ ଦେବାକୁ ମନା କରିଥିଲେ।

## ବିଜେଡି ଛାଡ଼ିଲେ ସାଧୁ ନେପାକ

ବରଗଡ଼,୧୧।୫
(ପ୍ରେମାନନ୍ଦ ଖମାରୀ)



ସାଧୁ ନେପାକ

ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ଶନିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ତାଙ୍କୁ ଅଣଦେଖା କରାଯିବା ଯୋଗୁ ସେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଏବଂ ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଥିବା ନେପାକ କହିଛନ୍ତି। ତେବେ ସେ କୌଣସି ଦଳରେ ଯୋଗ ଦେବେ ନାହିଁ, ମାତ୍ର ଜୀବନ ଥିବା ପର୍ଯ୍ୟନ୍ତ ସକ୍ରିୟ ରାଜନୀତିରେ ରହିବେ ବୋଲି ନେପାକ କହିଛନ୍ତି। ଅନ୍ୟପଟେ ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ସାଧାରଣରେ ଆଲୋଚିତ ହେଉଛି। ପ୍ରକାଶଥାଉ କି, ୨୦୧୯ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ନେପାକ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦାନ କରିଥିଲେ। ଅନୁରୂପ ଭାବେ ବର୍ତ୍ତମାନ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ପ୍ରଚାର ଗାଡ଼ି କର୍ମଚାରୀଙ୍କ ଛୁରା ମାଡ଼ରେ ଜଣେ ଗୁରୁତର

କେନ୍ଦୁଝର,୧୧।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରେ ବିଜେଡି ନିର୍ବାଚନ ପ୍ରଚାର ଗାଡି କର୍ମଚାରୀଙ୍କ ଛୁରା ମାଡ଼ରେ ଜଣେ ଗ୍ୟାରେଜ ମାଲିକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଝୁମ୍ପୁରା ଥାନା କଟିଲପଶି ଗ୍ରାମର ଧରଣୀଧର ମହାନ୍ତ। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, କଟଲପଶି ଛକଠାରେ ଥିବା ଧରଣୀଧରଙ୍କ ଗ୍ୟାରେଜ ସମ୍ମୁଖରେ ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ବିଜେଡିର ନିର୍ବାଚନୀ ପ୍ରଚାର ଗାଡ଼ି ଠିଆ ହୋଇଥିଲା। ଦୋକାନ ଆଗରେ କାହିଁକି ଗାଡ଼ି ରଖିଛି କହିବାରୁ ସାମାନ୍ୟ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ କର୍ମଚାରୀଜଣକ ଗ୍ୟାରେଜ୍ ମାଲିକ ଧରଣୀଧରଙ୍କୁ ଛୁରା ମାଡ଼ କରିଥିଲେ। ଧରଣୀଧରଙ୍କୁ ପ୍ରଥମେ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚଲିଥିବା ଜଣାପଡିଛି। ଆକ୍ରମଣକାରୀ ପ୍ରଚାର ଗାଡ଼ି କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ ବୋଲି ସେ କହିଛନ୍ତି। ତେବେ ପୋଲିସ ତଦନ୍ତ ପରେ ସତ୍ୟାସତ୍ୟ ଓ ପ୍ରକୃତ କାରଣ ଜଣାପଡ଼ିବ।

## ମାଗଣା ବିଜୁଳି ବିରୋଧୀଙ୍କୁ କରେଣ୍ଟ ମାରୁଛି: ପାଣ୍ଡିଆନ୍

- ଓଡ଼ିଶାକୁ ୧ ନମ୍ବର କରିବାକୁ ନବୀନବାବୁ ଯଥେଷ୍ଟ
- ଗୁଜରାଟରେ ଅପପୁଷ୍ଟି ୪୦ ପ୍ରତିଶତ, ଓଡ଼ିଶାରେ ୨୯%

ଭୁବନେଶ୍ୱର, ସୁନ୍ଦରଗଡ ୧୧।୫
(ଅନିଲ ଦାସ/ଜୟନାରାୟଣ ମେଣ୍ଟୁଲି)



ସୁନ୍ଦରଗଡ଼ ଜିଲା ସର୍ଗିପାଲିଠାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ରୋଡ୍ ଶୋ' କରୁଛନ୍ତି।

ଜୁଲାଇ ମାସରୁ ଓଡ଼ିଶାର ଜନସାଧାରଣଙ୍କୁ ଆଉ ବିଜୁଳି ବିଲ୍ ଦେବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ନବୀନବାବୁ ଲୋକଙ୍କୁ ବିଜୁଳି ମାଗଣାରେ ଦେଉଛନ୍ତି ଜାଣି ବିରୋଧୀଙ୍କୁ କରେଣ୍ଟ ଲାଗିଗଲାଣି। ବିରୋଧୀ ନିର୍ବାଚନ ସମୟରେ ଟୁରିଷ୍ଟ ଭଳି ଆସୁଛନ୍ତି, ବଡ଼ ବଡ଼ କଥା କହୁଛନ୍ତି। ବିରୋଧୀଙ୍କ କଥାକୁ କେହି ବିଶ୍ୱାସ କରୁନାହାନ୍ତି। ଓଡ଼ିଶାର ଚାଷୀ, ମହିଳା, ଛାତ୍ରୀଛାତ୍ର ଓ ସବୁବର୍ଗର ଲୋକଙ୍କ ଭଲପାଇବା ନବୀନବାବୁଙ୍କୁ ଶକ୍ତି ଦେଉଛି। ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ ଟାର୍ଗେଟ କରି ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କୁ ଶାଣିତ ଆକ୍ରମଣ କରି ପାଣ୍ଡିଆନ କହିଛନ୍ତି ଯେ ସବୁ ଜାଗାରେ ପରିବର୍ତ୍ତନର ହାୱା ବହୁଛି ବୋଲି ଆପଣ କହୁଛନ୍ତି, କିନ୍ତୁ ଓଡ଼ିଶାରେ ସବୁଆଡ଼େ ନବୀନ ହାୱା ବହୁଛି, ମୁଁ ଗୋଟେ ଛୋଟ କର୍ମଚାରୀ ହୋଇ ଆପଣଙ୍କୁ ଆହ୍ୱାନ କରୁଛି ଯେ ତିନି ଚତୁର୍ଥାଂଶ ବହୁମତରେ ଆସି ନବୀନବାବୁ ଯଦି ମୁଖ୍ୟମନ୍ତ୍ରୀ ନ ହେବେ ମୁଁ ରାଜନୀତି ଛାଡ଼ିଦେବି। ଆପଣ କେନ୍ଦ୍ରମନ୍ତ୍ରୀ ହୋଇ କହିପାରିବେ କି ଯଦି ଆପଣଙ୍କ ଦଳ ନ ଆସିବ ଆପଣ ରାଜନୀତି ଛାଡ଼ିଦେବେ ? ସରକାର ଗଠନ କରିବେ ବୋଲି ଆପଣଙ୍କର ବିଶ୍ୱାସ ନାହିଁ କି ଆପଣଙ୍କ କର୍ମୀମାନଙ୍କର ମଧ ବିଶ୍ୱାସ ନାହିଁ। ଜୁନ୍ ୯ ତାରିଖ ପୂର୍ବାହ୍ନ ୧୧ଟା ୩୦ରୁ ୧ଟା ୩୦ ମଧରେ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଏବଂ ସନ୍ଧ୍ୟାବେଳେ ନିର୍ବାଚନ ଇସ୍ତାହାରକୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ପାସ୍ କରିବେ। ନବୀନବାବୁ ଓଡ଼ିଶାବାସୀଙ୍କ ପାଇଁ ମିଶନ ଶକ୍ତି, ମମତା, କାଳିଆ, ଲକ୍ଷ୍ମୀ ବସ୍, ମଧୁବାବୁ ପେନ୍‌ସନ ଆଦି ବହୁ ଜନକଲ୍ୟାଣକାରୀ ଯୋଜନା କରିଛନ୍ତି, ସେଥିପାଇଁ ସେ ଓଡ଼ିଶାବାସୀଙ୍କ ହୃଦୟକୁ ଜିତିଛନ୍ତ। ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ନବୀନ ଇଞ୍ଜିନ ଜୋରରେ ଚାଲିଛି ବୋଲି ପାଣ୍ଡିଆନ କହିଛନ୍ତି।

ଶନିବାର ସନ୍ଧ୍ୟାରେ ପାଣ୍ଡିଆନ ସୁନ୍ଦରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଘୁନାଥପାଲ୍ଲୀ, ବୀରମିତ୍ରପୁର ଓ ବଣାଇ ବିଧାନସଭା ନିର୍ବାଚନମଣ୍ଡଳୀରେ ଏମ୍‌ପି ପ୍ରାର୍ଥୀ ଦିଲୀପ ତିର୍କୀ, ରଘୁନାଥପାଲ୍ଲୀ ବିଧାୟକ ପ୍ରାର୍ଥୀ ଅର୍ଚ୍ଚନାରେଖା ବେହେରା, ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ରୋହିତ ଜୋସେଫ୍ ତିର୍କୀ ଓ ବଣାଇ ବିଧାନସଭା ପ୍ରାର୍ଥୀ ଭୀମସେନ ଚୌଧୁରୀଙ୍କ ସପକ୍ଷରେ ଭୋଟ ଦେବା ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ବୀରମିତ୍ରପୁରରେ ପାଣ୍ଡିଆନ ଜନସଭାକୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ କହୁଛନ୍ତି ଆଜି ତାଙ୍କ ଦଳ ନିର୍ବାଚନ ଜିତିଲେ ଓଡ଼ିଶାକୁ ଏକ ନମ୍ବର କରିବେ। ପୂର୍ବରୁ ପ୍ରଧାନମନ୍ତ୍ରୀ ବହୁବର୍ଷ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ, ଗୁଜରାଟକୁ ଏକ ନମ୍ବର କରିପାରିଲେ କି ? ଗୁଜରାଟରେ ଆଜି ଅପପୁଷ୍ଟି ହାର ୪୦ ପ୍ରତିଶତ ଥିବାବେଳେ ଓଡ଼ିଶାରେ ୨୯ ପ୍ରତିଶତ ରହିଛି। ମହିଳା ସଶକ୍ତୀକରଣରେ ଗୁଜରାଟ ବହୁ ପଛୁଆ ଅଛି, ମୁଣ୍ଡପିଛା ଋଣ ହାର ମଧ ଗୁଜରାଟରେ ଅଧିକା, ରକ୍ତହୀନତା ହ୍ରାସରେ ଓଡ଼ିଶା ୬୪ ସ୍ଥାନରେ ଥିବାବେଳେ ଗୁଜରାଟ ୮୦ରେ ଅଛି। ଓଡ଼ିଶାରେ ସବୁ ହାଇସ୍କୁଲରେ ଡିଜିଟାଲ ବୋର୍ଡରେ ପିଲା ପାଠ ପଢୁଥିବାବେଳେ ଗୁଜରାଟରେ ଆଜି ମଧ ବ୍ଲାକ୍‌ବୋର୍ଡରେ ପିଲା ପାଠ ପଢୁଛନ୍ତି। ଆପଣ ଯଦି ପାରିବେ ଭାରତକୁ ଏକ ନମ୍ବର କରନ୍ତୁ। ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ନବୀନବାବୁ ଯଥେଷ୍ଟ। ୧୦ ବର୍ଷ ମଧ୍ୟରେ କଟକ-ସମ୍ବଲପୁର ରାସ୍ତା ହୋଇପାରିଲା ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ୩ ବର୍ଷରେ ବିଜୁ ଏକ୍ସପ୍ରେସ୍ ୱେ କରି ଦେଖେଇ ଦେଲେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦିଅନ୍ତୁ। ଓଡ଼ିଶାରେ ଇଣ୍ଡିଆନ ଅଏଲ, ଏନ୍‌ଟିପିସି ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ରହିଛି। ଏଥିରେ ଓଡ଼ିଆ ପିଲା ନିଯୁକ୍ତି ପାଉନାହାନ୍ତି, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଦରଦାମ୍ ବଢ଼ିବ ନାହିଁ ବୋଲି ଗ୍ୟାରେଣ୍ଟି ଦିଅନ୍ତୁ, କୋଷ୍ଟାଲ ହାଇୱେ ୧୦ ବର୍ଷ ହେଲା ହୋଇପାରୁନାହିଁ, କୋଇଲା ରୟାଲ୍‌ଟି ବୃଦ୍ଧି ପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ ହୋଇପାରୁନାହିଁ, ଓଡ଼ିଶାରେ ବିପୁଳ କୋଇଲା ସମ୍ପଦ ରହିଛି, କିନ୍ତୁ ରୟାଲ୍‌ଟି ବାବଦରେ କେନ୍ଦ୍ର ନେଉଛି କୋଟି କୋଟି ଟଙ୍କା, ଓଡ଼ିଶା ପାଉଛି କେବଳ ପ୍ରଦୂଷଣ। ଗ୍ରୀନ୍ ସେସ୍ ବାବଦକୁ ଯେତିକି ନେଉଛନ୍ତି ସେଥିରେ ଓଡ଼ିଶାର ସବୁ ସ୍କୁଲ ରୂପାନ୍ତର ହୋଇଯାଇଥାନ୍ତା। ଏଥିପ୍ରତି ଦୃଷ୍ଟିଦେବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ବିନମ୍ରତାର ସହ କହିଛନ୍ତି ଯେ ଜୁନ୍ ୪ରେ ନବୀନ ପଟ୍ଟନାୟକ ସରକାରଙ୍କ ଅବସାନ ଘଟିବ, ଆଗ ଆପଣଙ୍କ ଦଳର ମୁଖ୍ୟମନ୍ତ୍ରୀ ଚେହେରାକୁ ଆଗକୁ ଆଣନ୍ତୁ। ଓଡ଼ିଶାବାସୀ ଉଚିତ ଜବାବ ଦେବେ। ଆମ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଯେଉଁ କଥା ଦିଅନ୍ତି ତାକୁ ମନେରଖନ୍ତି ଓ ଆନ୍ତରିକତାର ସହ ହୃଦୟରୁ ପାଳନ କରନ୍ତି। ସେଥିପାଇଁ ନବୀନ ପଟ୍ଟନାୟକ ୨୪ ବର୍ଷ ଧରି ଲୋକଙ୍କ ହୃଦୟରେ ଅଛନ୍ତି। ଲୋକଙ୍କ ହୃଦୟରୁ ତାଙ୍କୁ କେହି ବି ଦୂରକରିପାରିବେ ନାହିଁ। ନବୀନବାବୁ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କୁ କେବେ ବି ସେ ହଇରାଣ ହେବାକୁ ଦେବେ ନାହିଁ। ପ୍ରତି ମାସରେ ବିଏସ୍‌କେୱାଇରେ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ଅଥଚ ଭାରତ ସରକାର ସମଗ୍ର ଭାରତବର୍ଷ ପାଇଁ ବର୍ଷକୁ ୬ ହଜାର କୋଟି ଟଙ୍କା ରଖିଛନ୍ତି, ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଆମ ବ୍ୟାଙ୍କ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ଲୋକଙ୍କ ପାଇଁ ଯାହା କରିଥାନ୍ତି ତାକୁ ଅନ୍ୟ ରାଜ୍ୟମାନେ ଅନୁସରଣ କରନ୍ତି। ଏବେ ନିର୍ବାଚନ ଆସିଲା, ଭାଜପାର ଏମ୍‌ଏସ୍‌ପି କଥା ମନେପଡ଼ିଲା। ୧୦ ବର୍ଷ ହେଲା ମନେପଡୁ ନ ଥିଲା, ଯଦି ଭାରତ ସରକାର ଚାହିଁଥାନ୍ତେ ତା'ହେଲେ ଗୋଟେ ମିନିଟରେ କରିପାରିଥାନ୍ତେ। ନିର୍ବାଚନରେ ହାରିବା ଦେଖି ଚାଷୀଙ୍କ କଥା ମନେପଡୁଛି। ଚାଷୀ ଆନ୍ଦୋଳନ କରି ଭାରତରେ ବହୁ ଚାଷୀ ବଳିଦାନ ଦେଇଛନ୍ତି। ଏମ୍‌ଏସ୍‌ପି ଯଦି ଆଗରୁ ବଢ଼େଇଥାନ୍ତେ ତେବେ ଏହା ଘଟି ନ ଥାନ୍ତା ବୋଲି ପାଣ୍ଡିଆନ କହିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ପ୍ରାର୍ଥୀ ଦିଲୀପ ତିର୍କୀ, ବିଧାୟକ ପ୍ରାର୍ଥୀ ଅର୍ଚ୍ଚନା ରେଖା ବେହେରା, ରୋହିତ ଜୋସେଫ୍ ତିର୍କୀ ଓ ଭୀମସେନ ଚୌଧୁରୀ ଉଦ୍‌ବୋଧନ ମାଧମରେ ସେମାନଙ୍କୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବା ପାଇଁ ନିବେଦନ କରିଥିଲେ।

# ଓଡ଼ିଆ ଅସ୍ମିତା ସୁରକ୍ଷାର ଗ୍ୟାରେଣ୍ଟି ଦେଇଛନ୍ତି ମୋଦି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୧।୫(ଅନିଲ ଦାସ)

ବରଗଡ଼ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ଅବ୍ୟବସ୍ଥାକୁ ସଜାଡ଼ିବା ପାଇଁ ସରକାର ବଦଳାଇବାକୁ ନିବେଦନ କରିଛନ୍ତି । ସାଢ଼େ ୪ କୋଟି ଓଡ଼ିଆଙ୍କ ଅସ୍ମିତାର ସୁରକ୍ଷା, ଲୋକଙ୍କ ପ୍ରତି ଥିବା ଆସ୍ଥା ତଥା ଓଡ଼ିଆ ଲୋକଙ୍କ ବିକାଶର ଦାୟିତ୍ୱ ନେବା ପାଇଁ ସେ ଗ୍ୟାରେଣ୍ଟି ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଶନିବାର ବରଗଡ଼ରେ 'ବିଜୟ ସଂକଳ୍ପ ସମାବେଶ'ରେ ଯୋଗ ଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ ଧାନ ଓ ଧନୁଯାତ୍ରାର ଭୂମି ବରଗଡ଼ରେ ପ୍ରଧାନମନ୍ତ୍ରୀ ଚାଷୀଙ୍କ କଲ୍ୟାଣର ଗ୍ୟାରେଣ୍ଟି ନେଇ ଆସିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଭଳି ରାଷ୍ଟ୍ରନେତା ସର୍ବଦା ଓଡ଼ିଶାକୁ ପ୍ରାଥମିକତା ଦେଇ ଆସିଛନ୍ତି। ଓଡ଼ିଶାର ଅବ୍ୟବସ୍ଥାକୁ ଆଉ ସହ୍ୟ କରାଯାଇପାରିବ ନାହିଁ । ଏହାକୁ ବଦଳାଇବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସାଢ଼େ ୪ କୋଟି ଓଡ଼ିଆଙ୍କ ଅସ୍ମିତାର ସୁରକ୍ଷା, ତାଙ୍କ ପ୍ରତି ଥିବା ଆସ୍ଥା ତଥା ଓଡ଼ିଆ ଲୋକଙ୍କ ବିକାଶର ଦାୟିତ୍ୱ ମୋଦି ନିଜେ ନେବେ ବୋଲି କହିଛନ୍ତି। ଭାଜପାକୁ ୫ ବର୍ଷ ସେବା କରିବା ପାଇଁ ସୁଯୋଗ ଦେବାକୁ ସେ ନିବେଦନ କରିଛନ୍ତି । ମୋଦିଙ୍କ ନେତୃତ୍ୱରେ ହିଁ ଓଡ଼ିଶା ୧ ନମ୍ବର ହେବ ବୋଲି



ବରଗଡ଼ ସହର ଉପକଣ୍ଠ ବରାହଗୋଡା ବିକାଶ ଭିନ୍‌ଟେଜ୍‌ଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରୁଛନ୍ତି।

**'ବିଜୟ ସଂକଳ୍ପ ସମାବେଶ'ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ**

କେନ୍ଦ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ରତ୍ନଭଣ୍ଡାର ଭଳି ଓଡ଼ିଶାର ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ଓ ଭାବନାର ପ୍ରଶ୍ନକୁ ମୋଦି ଉପସ୍ଥାପନ କରିଛନ୍ତି । ଭାଜପା ସବୁବେଳେ ରତ୍ନଭଣ୍ଡାର ପ୍ରସଙ୍ଗ ଉଠାଇ ଆସିଛି । ଓଡ଼ିଆ ଲୋକଙ୍କ ଆସ୍ଥା ସହ ଯୋଡ଼ି ହୋଇଥିବା ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି କିଏ ହଜାଇଲେ । ରତ୍ନଭଣ୍ଡାର କାହିଁକି ଖୋଲାଯାଉନାହିଁ। ରାଜ୍ୟ ସରକାର କାହାର ପାପକୁ ଘଣ୍ଟ ଘୋଡ଼ାଇବା ପାଇଁ ଚେଷ୍ଟା କରୁଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ କିଏ ଖେଳୁଛି । ତାହାର ଉତ୍ତର ଦେବାକୁ ପଡ଼ିବ । ସେହିପରି ଓଡ଼ିଶାରେ ସରକାର ପୂରା ଆଉଟସୋର୍ସ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉପରେ ଜଣେ ସୁପର ସିଏମ୍ ହୋଇଗଲେଣି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଡିଜି, ମନ୍ତ୍ରିମଣ୍ଡଳର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ପାଉନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅସହାୟତାର ଲାଭ ଉଠାଇ କିଛି ଓଡ଼ିଆ ବିରୋଧୀ ଲୋକ ଓଡ଼ିଶାର ଶାସନ ଚଳାଉଛନ୍ତି । ଓଡ଼ିଶାର ଭାବାବେଗକୁ କୁଠାରାଘାତ କରୁଛନ୍ତି । ଓଡ଼ିଆ ଲୋକମାନେ ଭୋଟ ମାଧ୍ୟମରେ ଉଚିତ ଜବାବ ଦେବେ । ଓଡ଼ିଶାରେ ମୋଦିଙ୍କ ପ୍ରତି ଭରସା ଅଛି। ଓଡ଼ିଶାକୁ ସର୍ବଶ୍ରେଷ୍ଠ ସ୍ଥାନକୁ ମୋଦି ହିଁ ନେଇପାରିବେ । ଅନ୍ୟପକ୍ଷେ ଦୀର୍ଘ ୨୪ ବର୍ଷ ଶାସନରେ ରହିବା ପରେ ବି ରାଜ୍ୟର ଘରେ ଘରେ ପାଇପ ଯୋଗେ ପିଇବା ପାଣିର ସୁବିଧା ନାହିଁ । ଚାଷଜମିରେ ଜଳସେଚନର ବ୍ୟବସ୍ଥା ନାହିଁ । ମେଡିକାଲରେ ଡାକ୍ତର ଓ ସ୍କୁଲରେ ଶିକ୍ଷକ ନାହାନ୍ତି । ରାଜ୍ୟର ଏକ ତୃତୀୟାଂଶ ଲୋକ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି । ଦୀର୍ଘ ୨୫ ବର୍ଷ ଧରି ରାଜ୍ୟରେ ଯେଉଁ ଅବ୍ୟବସ୍ଥା, ଦୁର୍ନୀତି, ଅତ୍ୟାଚାର, ଭ୍ରଷ୍ଟାଚାର ଶାସନ ଚାଲିଛି, ଲୋକମାନେ ଏଥର ଜବାବ ଦେବେ ଏବଂ ପରିବର୍ତ୍ତନ କରାଇବେ । ଓଡ଼ିଶାରେ ମୋଦିଙ୍କ ଶାସନ ପ୍ରଣାଳୀ ଆଣିବା ପାଇଁ ଲୋକମାନେ ପରିବର୍ତ୍ତନ କରାଇବେ ।ଏଥର ଓଡ଼ିଆ ଭାଷାଭାଷୀ ମୁଖ୍ୟମନ୍ତ୍ରୀ ହେବେ । ମୋଦିଙ୍କ ସହ ଓଡ଼ିଆ ଲୋକମାନେ ସାଙ୍ଗରେ ଯିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି । ଗଣମାଧ୍ୟମର ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଭାରତର ରାଷ୍ଟ୍ରପତି ଅଯୋଧ୍ୟାରେ ରାମ ମନ୍ଦିରରେ ଦର୍ଶନ ପ୍ରସଙ୍ଗ ନେଇ କଂଗ୍ରେସ ମନ୍ଦିରକୁ ଗଙ୍ଗା ଜଳରେ ସ୍ନାନ କରାଇବା ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। କଂଗ୍ରେସ ଦଳର ନୈତିକତା ନାହିଁ। କଂଗ୍ରେସ ଏକ ଦେବାଳିଆ ପାର୍ଟି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଘରେ ପହଞ୍ଚୁ ନବୀନଙ୍କ ବିକାଶ ବାର୍ତ୍ତା: ପ୍ରଣବ

**ଜୁନ୍ ୯ରେ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବକୁ ଆମେ ମୋଦିଜୀଙ୍କୁ ନିମନ୍ତ୍ରଣ କରିବୁ**




ଜମନକିରା ବ୍ଲକ ଗୁଣ୍ଡୁରୁଚୁଆଁରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ଜମନକିରା/କୁଚିଣ୍ଡା,୧୧।୫
(ରବୀନ୍ଦ୍ର ପ୍ରସାଦ ଦାନୀ/ବିରଞ୍ଚି ଦର୍କା)

ସମ୍ବଲପୁର ଲୋକ ସଭା ଅଧୀନ କୁଚିଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଶନିବାର ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସବୁ କର୍ମୀ ସମାବେଶରେ ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଦଳର କର୍ମକର୍ତ୍ତାମାନଙ୍କ ଉତ୍ସାହ ବଢାଇଥିଲେ। ସେ କହିଥିଲେ ସମ୍ବଲପୁର ବର୍ତ୍ତମାନ ରାଜ୍ୟ ରାଜନୀତିର ହଟ୍‌ସ୍ପଟ୍ ପାଲଟିଛି। ଏହି ଆସନ ହାତେଇବାକୁ ବିରୋଧୀ ମିଛ ପ୍ରତିଶ୍ରୁତିର ସାହାରା ନେଉଛନ୍ତି। କିନ୍ତୁ ଆମେ ରାଜ୍ୟ ସରକାରଙ୍କ ବିକାଶ କାମର ତାଲିକା ନେଇ ଭୋଟରଙ୍କ ପାଖକୁ ପହଞ୍ଚିବା। ମୁଖ୍ୟମନ୍ତ୍ରୀ ଦେଇଥିବା ବିକାଶ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ବୋଲି କହିଥିଲେ ପ୍ରଣବ।

କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ବାମରା ବ୍ଲକର କର୍ମୀମାନଙ୍କୁ ନେଇ କେଶେଇବାହାଲଠାରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରଣବ ପ୍ରକାଶ କହିଥିଲେ ମୁଖ୍ୟମନ୍ତ୍ରୀ ଆଗାମୀ ୧୨ ବର୍ଷ ମଧ୍ୟରେ ଓଡ଼ିଶାକୁ ନମ୍ବର ୱାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେଣୁ ବିଜେଡି ଇସ୍ତାହାରରେ ସମସ୍ତ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଯୋଜନା ରଖାଯାଇଛି। ଯୁବବର୍ଗଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବେ ବଜେଟ ପ୍ରସ୍ତୁତ କଥା ହେଉ କି ମହିଳାମାନଙ୍କୁ ୧୦ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ, ସମସ୍ତ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ କରି ଏକ ବିକଶିତ ଓଡ଼ିଶା ଗଠନ ପ୍ରତି ଦୃଷ୍ଟି ଦିଆଯିବ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା, ଗମନାଗମନ, ପରିବହନ ଏଭଳି ଅନେକ କିଛି ଯୋଜନା ଓ ପ୍ରକଳ୍ପର ସମ୍ଭାର ଭେଟିଦେବେ ନବୀନ ପଟ୍ଟନାୟକ। ସେହିଭଳି ବିଏସ୍‌କେୱାଇ କାର୍ଡ ଓଡ଼ିଶାବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। କଲେଜ ଛାତ୍ରୀଛାତ୍ରଙ୍କୁ ନୂଆ ଓ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ସବୁ ଯୋଜନାକୁ ଆପଣମାନଙ୍କୁ ପ୍ରତି ଲୋକଙ୍କ ପାଖକୁ ପହଞ୍ଚାଇବାକୁ ପଡିବ ବୋଲି କହିଥିଲେ। ଅପରପକ୍ଷେ ଭାଜପା ସରକାର ଯାହା କହନ୍ତି ତାର ଓଲଟା କରନ୍ତି। ଗତ ନିର୍ବାଚନରେ ପ୍ରତି ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। କୃଷିବୀମା କଥା କହିଥିଲେ କିନ୍ତୁ କିଛି ବି ମିଳୁନି। ତେଣୁକରି ସମୟ ଆସିଛି ବର୍ତ୍ତମାନ ସେହି ନେତାଙ୍କୁ ଉଚିତ ଜବାବ ଦେବା। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଜୁନ ୧୦ରେ ଭାଜପା ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣ ପ୍ରସଙ୍ଗରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରଦେଇ ପ୍ରଣବ ପ୍ରକାଶ କହିଥିଲେ ମୁଖ୍ୟମନ୍ତ୍ରୀ କହିସାରିଛନ୍ତି, ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବି କହିସାରିଛନ୍ତି, ଜୁନ ୯ରେ ବିଜେଡି ସରକାରର ଶପଥ ଗ୍ରହଣ ଉତ୍ସବ ହେବ। ଆମେ ମୋଦିଜୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନିମନ୍ତ୍ରଣ କରିବୁ ବୋଲି ପ୍ରଣବ କହିଥିଲେ।

କେସେଇବାହାଲ କାର୍ଯ୍ୟକ୍ରମ ପରେ ପହଞ୍ଚିଥିଲେ କୁଚିଣ୍ଡା ବ୍ଲକ କର୍ମକର୍ତ୍ତାଙ୍କ ସମ୍ମିଳନୀରେ ପହଞ୍ଚି ଥିଲେ ପ୍ରଣବ ପ୍ରକାଶ। ବକ୍ସମା ଫୁଟବଲ ପଡିଆରେ ଆୟୋଜିତ କର୍ମୀ ସମ୍ମିଳନୀରେ ପ୍ରଣବ ଯୋଗଦେଇ ନବୀନ ପଟ୍ଟନାୟକ ସରକାରରେ ହୋଇଥିବା ବିକାଶମୂଳକ କାମର ତାଲିକା ନେଇ ଭୋଟରଙ୍କ ପାଖକୁ ଯିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମାବେଶରେ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ, କୁଚିଣ୍ଡା ଓ ଦେବଗଡ଼ ବିଧାନସଭା ଦାୟିତ୍ୱରେ ଥିବା ସଞ୍ଜିତ ମହାନ୍ତି ସମେତ ବହୁସଂଖ୍ୟକ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଏହାପରେ ଜମନକିରା ବ୍ଲକର ଗୁଣ୍ଡୁରୁଚୁଆଁରେ ବ୍ଲକ ସଭାପତି ଆଦିପ୍ରସାଦ ମହାକୁଲଙ୍କ ସଭାପତିତ୍ୱରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ବିକଶିତ ଓଡ଼ିଶା ଗଠନ ପାଇଁ ବିଜେଡିକୁ ପୁନର୍ବାର ସୁଯୋଗଦେବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। କର୍ମୀମାନଙ୍କୁ ନିର୍ବାଚନୀ ମନ୍ତ୍ର ଦେବା ସହିତ ଆପଣମାନେ ହିଁ ଦଳର ସ୍ତମ୍ଭ ବୋଲି କହିଥିଲେ ପ୍ରଣବପ୍ରକାଶ।

# ସବୁଜ କଟକ, ଫିଲିଗ୍ରୀ ହବ୍ ହେବ ମୁଖ୍ୟ ପ୍ରସଙ୍ଗ: ସୋଫିଆ



କଟକ,୧୧।୫(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଧାନସଭା ଆସନ ପାଇଁ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି ସୋଫିଆ ଫିର୍ଦୋସ। ସେ ପେଶାରେ ଇଞ୍ଜିନିୟର। ଏବେ ସେ ନୂଆକରି ରାଜନୀତିରେ ପାଦ ଥାପିଛନ୍ତି। ନିଜ ସଫଳତାକୁ ନେଇ ସାମାଜିକ ଓ ବ୍ୟବସାୟିକ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରାଜନୀତିରେ ସୋଫିଆଙ୍କ ସ୍ୱପ୍ନ ଓ ଯୋଜନା କ'ଣ ରହିଛି, ତାହାକୁ ନେଇ କିଛି ପ୍ରଶ୍ନ...

**ଆପଣଙ୍କ ନିର୍ବାଚନୀ ପ୍ରସଙ୍ଗ କ'ଣ ରହିଛି?**

କଟକର ସାମଗ୍ରିକ ବିକାଶ ହେଉଛି ମୋର ମୂଳ ଲକ୍ଷ୍ୟ। ସେଥିମଧ୍ୟରୁ ୩/୪ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଇ କାମ କରିବି। ବରିଷ୍ଠ ନାଗରିକ, ମହିଳା, ଯୁବକଙ୍କ ପାଇଁ ମୋର କିଛି ନିର୍ଦ୍ଦିଷ୍ଟ ଯୋଜନା ରହିଛି। ସିଡିଏରେ ଫ୍ରି ହୋଲ୍ଡ କାର୍ଯ୍ୟକାରୀ ହୋଇପାରିନି। ନିର୍ବାଚନ ଜିତିଲେ ସିଡିଏକୁ ଫ୍ରି ହୋଲ୍ଡ କରାଇବା ମୁଖ୍ୟ କାର୍ଯ୍ୟ ରହିବ। ସହରର ସମସ୍ତ ଅଞ୍ଚଳରେ ସିସିଟିଭି କ୍ୟାମେରା ଲାଗିବାକୁ ଗୁରୁତ୍ୱ ଦେବା ସହ ମହିଳାଙ୍କ ପାଇଁ ସ୍ୱତନ୍ତ୍ର କ୍ଲବ ବ୍ୟବସ୍ଥା ଦିଗରେ ପ୍ରାଥମିକତାର ସହ କାର୍ଯ୍ୟ କରିବି। ଏଥିସହ ସହରରେ ଗତ ୫ ବର୍ଷରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ମୁଖ୍ୟ ପ୍ରସଙ୍ଗ ରହିବ।

**ଭୋଟରଙ୍କୁ ନିଜ ସପକ୍ଷରେ କ'ଣ କହିବାକୁ ଚାହୁଁଛନ୍ତି?**

କଟକର ଭୋଟରମାନେ ବହୁ ଶିକ୍ଷିତ ଓ ବୁଦ୍ଧିଶାଳୀ। ଭୋଟରଙ୍କୁ ଜଣେ ଏପରି ବିଧାୟକ ଦରକାର ଯେ କି ତାଙ୍କ କଥା ବୁଝିବ ଓ ତାଙ୍କ ସୁବିଧା ପାଇଁ କାର୍ଯ୍ୟ କରିବ। ମୋ ବାପା ଇଂ. ମହମ୍ମଦ ମୋକିମ ସବୁବେଳେ ଭୋଟରଙ୍କ ସହ ଯୋଡ଼ି ହୋଇ ରହିଛନ୍ତି। ବାପାଙ୍କ ସାଙ୍ଗରେ ମୁଁ ମଧ୍ୟ ଭୋଟରଙ୍କ ସହ ଯୋଡ଼ି ହୋଇପାରିଛି। ମହିଳା, ଯୁବକ ଓ ଅନ୍ୟ ଲୋକଙ୍କ ପାଇଁ କାମ କରିବି।

**ମତଦାତାଙ୍କୁ କ'ଣ ସବୁ ପ୍ରତିଶ୍ରୁତି ଦେବେ?**

ମୋ ବାପା ଯାହା ପ୍ରତିଶ୍ରୁତି ଦେଇଥିଲେ ତାହାକୁ ପୂରଣ କରିଛନ୍ତି। ନିର୍ବାଚନ ଜିତିଲେ ଯେଉଁସବୁ କାମ ଅଧାରେ ରହିଛି ତାହାକୁ ପୂରଣ କରିବି। ବିଶେଷକରି ସିଡିଏ ପେଟାନାଳ କାର୍ଯ୍ୟ, ସିଡିଏକୁ ଫ୍ରି ହୋଲ୍ଡ, ସିଡିଏରେ ଦୁଇ ହଜାର ଲୋକ ବସିବା ଭଳି କଲ୍ୟାଣ ମଣ୍ଡପ ନିର୍ମାଣ, ବରିଷ୍ଠ ନାଗରିକଙ୍କ ପାଇଁ ଲାଇବ୍ରେରୀ, କଟକ ସହରର ସୌନ୍ଦର୍ଯ୍ୟକରଣ, ଇଣ୍ଡିଆନ ଗ୍ରୀନ୍‌ସିଟି କାଉନ୍‌ସିଲ୍‌ର ଏକ ଟିମ୍ କଟକରେ ସର୍ଭେ କରି ଏହାକୁ ସବୁଜ କଟକରେ ପରିଣତ କରିବା, ବକ୍ସଡ୍ରେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ, ରୁପା ତାରକସି କାମ ନେଇ ଫିଲିଗ୍ରୀ ହବ୍ ତିଆରି କରିବା ପାଇଁ ପ୍ରତିଶ୍ରୁତି ଦେବି।

**ଭୋଟର କାହିଁକି ଆପଣଙ୍କୁ ସମର୍ଥନ କରିବେ ବୋଲି ଭାବୁଛନ୍ତି?**

ଭୋଟରଙ୍କ ସହ ବହୁ ଭଲ ଭାବେ ଯୋଡ଼ି ହୋଇପାରିଛି। ମୋକିମ ଫାଉଣ୍ଡେଶନ ଦ୍ୱାରା ସାମାଜିକ କାର୍ଯ୍ୟ କରିଆସୁଛି। ଲୋକମାନେ ମୋତେ ନିଜ ଝିଅ ଓ ଭଉଣୀ ଭଳି ଭାବୁଛନ୍ତି। କଟକରେ ପୂର୍ବରୁ ସ୍ୱର୍ଗତ ନନ୍ଦିନୀ ଶତପଥୀ ଯେଉଁ କାମ କରିଛନ୍ତି, ଠିକ୍ ସେହିପରି ଏବେ ଲୋକ ମୋତେ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ପ୍ରତ୍ୟେକ ଲୋକଙ୍କୁ ସମ୍ମାନ ଦେଇଆସିଛି ଏବଂ ଲୋକେ ମୋତେ ସମର୍ଥନ କରିବେ ବୋଲି ଆଶା ରହିଛି।

**ଆପଣଙ୍କ ସହ କାହାର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଭାବୁଛନ୍ତି?**

ଯେଉଁଦିନ ରାଜନୀତିରେ ପାଦ ଥାପିଲି ସେଦିନ ଭାବିଥିଲି କଟକରେ ଜୋରଦାର ଲଢ଼େଇ ହେବ। କିନ୍ତୁ ଲୋକଙ୍କ ସହ ମିଶିଲା ପରେ ପ୍ରତିଦ୍ୱନ୍ଦ୍ୱିତା ହେବ ନାହିଁ ବୋଲି ସ୍ପଷ୍ଟ ହୋଇପାରିଛି। ଗଣତନ୍ତ୍ରରେ ପ୍ରତିଦ୍ୱନ୍ଦ୍ୱି ରହିବା ସ୍ୱାଭାବିକ୍। ହେଲେ କଟକରେ ଲୋକଙ୍କ ନିକଟତର ହେବା ପରେ ନିର୍ବାଚନ ଏକ ତରଫା ହେବ।

# ବିଜେଡିର ଟଙ୍କାବଣ୍ଟା ଫଟୋ ଭାଇରାଲ

**ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିବା କହିଲେ ଭାଜପା ଏମ୍‌ପି ପ୍ରାର୍ଥୀ**

ନବରଙ୍ଗପୁର, ୧୧।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରଚାର ସମୟରେ ନେତାଙ୍କ ଉପସ୍ଥିତିରେ ଟଙ୍କା ବଣ୍ଟାଯାଉଥିବାର ଫଟୋ ଭାଇରାଲ ହୋଇଛି। ଏହି ଫଟୋଟି ଗତ ୯ ତାରିଖ ଗୁରୁବାରର ବୋଲି ସ୍ପଷ୍ଟ ହୋଇଛି। ତେବେ କେଉଁ ଗ୍ରାମର ପ୍ରଚାର ବେଳର ଏହି ଫଟୋ ତାହା ଜଣାପଡ଼ିନାହିଁ ।

ପ୍ରକାଶ ଯେ, ଉକ୍ତ ଦିନ ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ତାଙ୍କ ସମର୍ଥକ ଓ ଦଳୀୟ କର୍ମୀଙ୍କ ସହ ନବରଙ୍ଗପୁର ନିର୍ବାଚନମଣ୍ଡଳୀର ସାନକୁମୁଲି, ଉର୍ଦ୍ଦି, ଗୁମାଗୁଡ଼ା, ବାଗସିଉନି, ଜାମ୍ବାଗୁଡା, ତଣ୍ଡା, ସନୁଗୁଡ଼, ପଟାକୋଟ, ଅଟକବେଡ଼ା, ଧାରନାବେଡ଼ା, ତାରାଗାଁ, ମନ୍ତ୍ରିଗୁଡ଼ା, ଶରଣପୁର ଓ ବିକ୍ରମପୁର ଗ୍ରାମରେ ପ୍ରଚାର କରିଥିଲେ। ସେହି ସମୟରେ କୌଣସି ଏକ ଗ୍ରାମରେ ଏହି ଟଙ୍କା ବାଣ୍ଟିବା ଫଟୋ ବୋଲି ଜଣାପଡ଼ିଛି। ଟଙ୍କା ହାତରେ ଧରିଥିବା ବ୍ୟକ୍ତି ହେଉଛନ୍ତି ନନ୍ଦାହାଣ୍ଡି ବ୍ଲକ କେଶରୀଗୁଡ଼ା ଗ୍ରାମର ତ୍ରିନାଥ ଭଞ୍ଜ । ସେ ପ୍ରଦୀପ ମାଝିଙ୍କ ସହ ଗାଡ଼ିରେ ଠିଆହୋଇ ଓ ହାତରେ ଟଙ୍କାବିଡ଼ା ଧରି ଲୋକଙ୍କୁ ବାଣ୍ଟୁଥିବାର ଫଟୋ ଭାଇରାଲ ହୋଇଛି। ବିରୋଧୀ ଭାଜପା ଏହାକୁ ନେଇ ପର୍ଯ୍ୟବେକ୍ଷକ ଓ ନିର୍ବାଚନ କମିଶନ ନିକଟରେ ଅଭିଯୋଗ କରିଥିବା ଦଳର ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି କହିଛନ୍ତି। ବିଜେଡି ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଛି। ତେଣୁ ପ୍ରଦୀପଙ୍କ ପ୍ରାର୍ଥୀତ୍ୱ ରଦ୍ଦ କରିବାକୁ ସେ ଦାବି କରିଛନ୍ତି। ଏ ନେଇ ବିଜେଡି ପ୍ରାର୍ଥୀ ପ୍ରଦୀପଙ୍କୁ ପଚାରିବାରୁ ଟଙ୍କା ବାଣ୍ଟିବା ଘଟଣା ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ପରେ ତ୍ରିନାଥ ଭଞ୍ଜଙ୍କୁ ପଚାରିବାରୁ ସେ ଟଙ୍କାବଣ୍ଟା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପ୍ରଚାରବେଳେ ଶାର୍ଟ ପକେଟ୍‌ରେ ଟଙ୍କା ଥିଲା। ଏହା ପଡ଼ିଯାଇଥିବାରୁ ତାହା ଉଠାଇ ଗଣିବାବେଳେ କେହି ଏହାର ଫଟୋ ଉଠାଇ ଭାଇରାଲ କରିଛନ୍ତି ବୋଲି ତ୍ରିନାଥ କହିଛନ୍ତି। କୌଣସି ସ୍ଥାନରେ ମଧ ଟଙ୍କା ବଣ୍ଟାଯାଇନାହିଁ ବୋଲି ସେ କହିଛନ୍ତି।




# ବିକାଶ ପାଇଁ ଭାଜପାର ଡବଲ ଇଞ୍ଜିନ ସରକାର ଆଣନ୍ତୁ

**ଜୁନାଗଡ଼ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର**




ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଉଦ୍‌ବୋଧନ ଦେଉଛନ୍ତି।

ଭବାନୀପାଟଣା/ ଜୁନାଗଡ଼,୧୧।୫
(ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)

ଆସନ୍ତା ୧୩ ତାରିଖରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏପରିସ୍ଥଳେ ଶନିବାର ପ୍ରଚାରର ଶେଷ ଦିନରେ କଳାହାଣ୍ଡି ଜିଲା ଜୁନାଗଡରେ ଦଳୀୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ। ଅପରାହ୍ନ ୩ଟାରେ ସେ ବନମାଳୀପୁର ଛକସ୍ଥିତ ପଡିଆରେ ହେଲିକପ୍ଟରରୁ ଓହ୍ଲାଇ ସଡକ ପଥରେ ୪ କି.ମି. ଦୂର ଜୁନାଗଡ଼ ହାଇସ୍କୁଲ ପଡ଼ିଆକୁ ଆସିଥିଲେ। ସେଠାରେ ଭାଜପା ପକ୍ଷରୁ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

ସାଏ କହିଥିଲେ, ମୋଦି ସରକାର ଆସିବା ପରେ ଚାଇନା ଓ ପାକିସ୍ତାନ ଭଳି ଦେଶ ଆଜି ଭାରତକୁ ଆଖି ଉଠାଉ ନାହାନ୍ତି। ଓଡ଼ିଶାରେ ଯେମିତି ବିକାଶ ହେବା କଥା ୨୫ ବର୍ଷ ଧରି ଥିବା ବିଜେଡି ସରକାରରେ ସେମିତି ବିକାଶ ହୋଇନାହିଁ। ଏଠାକାର ମୁଖ୍ୟମନ୍ତ୍ରୀ ଏପର୍ଯ୍ୟନ୍ତ ଓଡ଼ିଆ କହି ନ ପାରିବା ଦୁଃଖର ବିଷୟ। ତେଣୁ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ଡବଲ ଇଞ୍ଜିନ ସରକାର ଆଣନ୍ତୁ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ମାଳବିକା କେଶରୀ ଦେଓ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଛତିଶଗଡ଼ର ବିଧାୟକ ଜଗନ୍ନାଥ ପାଣିଗ୍ରାହୀ, ଗୌତମ ଜୈନ, ଜିତେନ୍ଦ୍ର ସୁଣ୍ଡଙ୍ଗ, ବସ୍ତର ରାଜା କମଳ ଚାନ୍ଦ ଭଞ୍ଜଦେଓ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ, ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ, ନଗର ସଭାପତି ଶିବରାମ ରାଉତ, ବରିଷ୍ଠ କାର୍ଯ୍ୟକର୍ତ୍ତା ରୂପେଶ ଜୈନ, ଅଜୟ ପାଣିଗ୍ରାହୀ, ରଞ୍ଜନ ଜାଲ ପ୍ରମୁଖ ଉପସ୍ଥିତ ଥିଲେ। ସଭାକୁ ଏମ୍‌ପି ପ୍ରତିନିଧି କାଳିନ୍ଦୀ ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ବରିଷ୍ଠ ନେତା ହିମାଂଶୁ ଶେଖର ବରାଡ଼ ଧନ୍ୟବାଦ ଦେଇଥିଲେ। ଏହି ସମାବେଶରେ ୫ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ବିଜେଡିରେ ମିଶିଲେ ଶତାଧିକ ଯୁବ କର୍ମୀ

ଅସ୍ତରଙ୍ଗ,୧୧।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ନୂଆଗଡ଼ରେ ଶନିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳ, ନୂଆଗଡ଼ ସମିତିସଭ୍ୟ ରାମଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନେ ନୂଆଗଡ଼ରେ ବିଜେଡିକୁ ଅଧିକ ଶକ୍ତିଶାଳୀ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକଶିତ ଓଡ଼ିଶାର ସାରଥୀ ହେବେ ବୋଲି କହିଥିଲେ। ଦଳରେ ଯୋଗଦେଇଥିବା ନୂତନ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଇଥିଲା।

# ଭୋଟରଙ୍କୁ ଭ୍ରମିତ କରୁଛି ଭାଜପା

ସମ୍ବଲପୁର,୧୧।୫ (ବି.ଶଙ୍କର)

- ରିଟର୍ଣ୍ଣିଂ ଅଫିସରଙ୍କୁ ଫେରାଦ ହେଲା ବିଜେଡି
- ଦଳୀୟ ଇସ୍ତାହାରରେ ନ ଥିବା ପ୍ରତିଶ୍ରୁତି ସରକାରୀ କାନ୍ଥରେ ଲେଖାଯାଉଛି

ସମ୍ବଲପୁରରେ ଭାଜପା ପ୍ରତିମୁହୂର୍ତ୍ତରେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି। ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇ ପ୍ରଚାର ନାମରେ ସରକାରୀ କାନ୍ଥରେ ବିଜ୍ଞାପନ ମୋହର ମାରୁଛି। ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଶନିବାର ବିଜେଡି ମୁଖପାତ୍ର ସଞ୍ଜୟ ବାବୁ, ଦଳର ମୁଖପାତ୍ର ଲେନିନ୍ ମହାନ୍ତିଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧି ଦଳ ଜିଲାପାଳ ତଥା ସମ୍ବଲପୁର ଜିଲା ରିଟର୍ଣ୍ଣି ଅଫିସର ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାକ୍ଷାତ୍‌କରି ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ଜରିଆରେ ନିର୍ବାଚନ ଆୟୋଗଙ୍କୁ ପ୍ରଦତ୍ତ ଦାବିପତ୍ରରେ ଅଭିଯୋଗ କରାଯାଇଛି ଯେ, ଭାଜପା ନେତାମାନେ ସମ୍ବଲପୁର ସହରରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ କାନ୍ଥରେ ବିଭିନ୍ନ ପ୍ରତିଶ୍ରୁତି ଭରା ଲେଖା ଓ ଚିତ୍ର କରୁଛନ୍ତି। ପୁଣି ଯେଉଁସବୁ ପ୍ରତିଶ୍ରୁତି ସମ୍ପର୍କରେ ଲେଖାଯାଉଛି ତାହା ଦଳର ଇସ୍ତାହାରରେ ଉଲ୍ଲେଖ ନାହିଁ। କାନ୍ଥରେ ତାହା ମିଛ ପ୍ରତିଶ୍ରୁତି ଉଲ୍ଲେଖକରି ସାଧାରଣ ଭୋଟରଙ୍କୁ ଭ୍ରମିତ କରାଯାଉଛି ବୋଲି ବିଜେଡି ଅଭିଯୋଗ ଆଣିଛି। ଏ ଦିଗରେ ଧ୍ୟାନଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ମୁଖପାତ୍ର ବାବୁ ଗଣମାଧ୍ୟମକୁ କହିଛନ୍ତି, ଭାଜପାକୁ ପରାଜୟ ଚିନ୍ତା ଘାରିଲାଣି । ସମ୍ବଲପୁରରେ ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ବଳ ବୃଦ୍ଧି ପାଉଥିବା ଦେଖି ସେମାନଙ୍କ ନିଦ ହଜିଯାଇଛି। ତେଣୁ ତାଙ୍କୁ ନିର୍ବାଚନ ଚେକ୍ ଦେବାକୁ ଭାଜପା ମିଛ ପ୍ରତିଶ୍ରୁତିର ସାହାରା ନେଉଛି । ବିଗତ ନିର୍ବାଚନରେ ମଧ ଏଭଳି ଧୂଆଁବାଣ ମାରି ଜିତିଥିଲା। କିନ୍ତୁ ଚଳିତ ନିର୍ବାଚନରେ ଭାଜପାର ଷଡ଼ଯନ୍ତ୍ର କାମ କରିବନାହିଁ। ଲୋକେ ସେମାନଙ୍କ ଚାଲ୍ ବୁଝିସାରିଲେଣି ବୋଲି ସଞ୍ଜୟ ବାବୁ କହିଥିଲେ । ବିଜେଡି ପ୍ରତିନିଧି ଦଳରେ ବରିଷ୍ଠ ନେତା ଆର୍ତ୍ତତ୍ରାଣ ମିଶ୍ର, ଦୁଲାଲଚନ୍ଦ୍ର ରାୟ, ଆନନ୍ଦ ବଡ଼ଗୟାଁ, ସୁସ୍ମିତା ବେହେରା, ସୁରେଖା ସାହୁ, ମମତା ପଣ୍ଡା, ନୀଳିମା ନାଏକ, ଶେଷଦେବ ଗୁରୁ ପ୍ରମୁଖ ସାମିଲଥିଲେ ।

## ଏ ସପ୍ତାହର ପ୍ରଶ୍ନ

୧– ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଡ୍ରୋଲୋଜି .......... ଠାରେ ଅବସ୍ଥିତ ?
୨– ୱାର୍ଲ୍ଡ ରେଡ୍‌କ୍ରସ୍ ଡେ’ .......... ତାରିଖରେ ପାଳନ କରାଯାଏ ?
୩– ‘ଜେଡ୍‌ଇଭି’ର ଫୁଲ୍‌ଫର୍ମ ............ ?
୪– .............. ହେଉଛି ମଣିଷକୃତ ପ୍ରଥମ ପ୍ଲାଷ୍ଟିକ୍ ?
୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟ ଗିରି ................. ?

## ଗତ ଥରର ଉତ୍ତର

୧ ଆକାଶବାଣୀ
୨ ଇଣ୍ଟରନ୍ୟାଶନାଲ୍ ହ୍ୟୁମାନ୍ ରାଇଟ୍ସ କମିଶନ୍
୩ ଆନ୍ଧ୍ରପ୍ରଦେଶ
୪ ମ୍ୟାନ୍‌ମାର
୫ ବେଙ୍ଗ

## ଉତ୍ତରଦାତା


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଥଣ୍ଡା ହୋଟେଲ୍



୧– ଜିରାଫ୍ ମ୍ୟାନର.................................. ନାଇରୋବି, କେନିଆ
୨– କନ୍‌ରାଡ୍ ହିଲ୍‌ଟନ୍.................................. ରଙ୍ଗିଲା, ମାଳଦ୍ୱୀପ
୩– ଅନନ୍ତରା ଗୋଲ୍‌ଡେନ ଟ୍ରାଇଏଙ୍ଗେଲ୍................ ସୋପ୍ ରୁକ୍, ଥାଇଲାଣ୍ଡ
୪– ଆଶ୍‌ଫୋର୍ଡ୍ କ୍ୟାଷ୍ଟଲ୍.......................................... ଆୟର୍ଲାଣ୍ଡ
୫– ଧାରା ଦେବ୍‌ଜୀ ରିସୋର୍ଟ.........................ଚିଆଙ୍ଗ୍ ମାଇ, ଥାଇଲାଣ୍ଡ
୬– କେବେକ୍ କେଭ୍ ହୋଟେଲ୍.............................. ଗୋରେମେ, ତୁର୍କୀ
୭– ଲଣ୍ଡଲୋଜି ଟ୍ରି କ୍ୟାମ୍ପ୍................................... ସାଉଥ୍ ଆଫ୍ରିକା
୮– ଡି ଗ୍ଲାସ୍ ଆଇସ୍ ହୋଟେଲ୍..........................................କାନାଡ଼ା
୯– ଜାଡେ ମାଉଣ୍ଟେନ୍ ରିସୋର୍ଟ.............................. ସେଣ୍ଟ ଲୁସିଆ
୧୦– ଙ୍ଗୋରୋଙ୍ଗୋରୋ କ୍ରାଟର ଲଜ୍.............................. ତାଞ୍ଜାନିଆ

### ୟୁଥ୍ ଆଲର୍ଟ

# ଥଣ୍ଡା ପାଣି ପିଉଥିଲେ...

**ଖରାଦିନେ ଫ୍ରିଜ୍‌ର ଥଣ୍ଡା ପାଣି ପିଇବାକୁ ଯଦିଓ ଭଲ ଲାଗେ, ହେଲେ ଅପରପକ୍ଷେ ଏହା ସ୍ୱାସ୍ଥ୍ୟପ୍ରତି ହାନିକାରକ ହୋଇଥାଏ। ଯଦି ଆପଣଙ୍କର ବି ଖରାଦିନେ ଫ୍ରିଜ୍ ପାଣି ପିଇବାର ଅଭ୍ୟାସ ରହିଛି, ତେବେ ଜାଣିରଖନ୍ତୁ କେତେଟି କଥା...**

- ଖରାଦିନେ ବିଶେଷକରି ବାହାରକୁ ଯାଇଥିଲେ ଶରୀର ଗରମ ଥାଏ। ଏମିତିରେ ଥଣ୍ଡା ପାଣି ପିଇବା ଦ୍ୱାରା ହଠାତ୍ ଶରୀରର ତାପମାତ୍ରା ପରିବର୍ତ୍ତନ ହେବା ସହ ହୃତ୍‌ସ୍ପନ୍ଦନ ମଧ୍ୟ ଧୀର ହୋଇଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି, ଯାହାକି ସ୍ୱାସ୍ଥ୍ୟପ୍ରତି ହାନିକାରକ।
- ଥଣ୍ଡା ପାଣି ପିଇବା ଦ୍ୱାରା ଏହା ଶରୀରରେ ଥିବା ଶିରାଗୁଡ଼ିକୁ ସଂକୁଚିତ କରିଥାଏ, ଫଳରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ହଜମକ୍ରିୟା ମଧ୍ୟ ପ୍ରଭାବିତ ହୋଇଥାଏ। ଥଣ୍ଡା ପାଣି ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେବାର ଆଶଙ୍କା ବି ରହିଛି।
- ଅଧିକ ଥଣ୍ଡା ବା ବରଫ ପକାଇ ପାଣି ପିଇଲେ ଗଳା ଦରଜ, ଫୁଲିବା ଏବଂ ଥଣ୍ଡାରେ ନାକ ବନ୍ଦ ହେବା ଭଳି ସମସ୍ୟା ଦେଖାଦେଇପାରେ। ବିଶେଷକରି ଖାଇବା ପରେ ଥଣ୍ଡା ପାଣି ପିଇଲେ ଶ୍ୱାସନଳୀରେ ମ୍ୟୁକସ୍ ଜମା ହୁଏ ଏବଂ କେବେକେବେ ଇନ୍‌ଫେକ୍ସନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ।
- ଅନେକେ ଖାଇବା ପରେ ଥଣ୍ଡା ପାଣି ପିଇବାକୁ ଭଲପାଆନ୍ତି। ହେଲେ ଥଣ୍ଡା ପାଣି ଯୋଗୁ ଚର୍ବି ବା ଫ୍ୟାଟ୍ ଜାତୀୟ ଖାଦ୍ୟ କଠିନ ହୋଇଯିବା ଫଳରେ ହଜମ ହୋଇ ନ ପାରି ଶରୀରରେ ଜମା ହୋଇ ରୁହେ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ।



# ଜୀବନଦାତ୍ରୀ

**ମା’ ଏମିତି ଏକ ମଣିଷ ଯାହାର ତୁଳନା ନାହିଁ। ସେ କେବଳ ଦଶମାସ ଦଶଦିନ କଷ୍ଟ କରି ସନ୍ତାନକୁ ଭୂମିଷ୍ଠ କରି ନ ଥାଏ, ବରଂ ସେ ହିଁ ପାଲଟିଥାଏ ସନ୍ତାନର ପ୍ରଥମ ଗୁରୁ ଆଉ ମାର୍ଗଦର୍ଶିକା। ତା’ର କୋଳ ସନ୍ତାନ ପାଇଁ ସବୁଠୁ ନିରାପଦ ସ୍ଥାନ। ଆଉ ଯେତେବେଳେ ସନ୍ତାନର ସୁରକ୍ଷା ପ୍ରଶ୍ନ ଆସେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ବି ପଛାଇ ନ ଥାଏ। ଆଜି ମଦର୍ସ ଡେ’ ଅବସରରେ ନିଜ ଅଙ୍ଗଦାନ କରି ସନ୍ତାନକୁ ନୂଆ ଜୀବନ ଦେଇଥିବା କେତେଜଣ ମା’ଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**



**ପୁଅ ପାଇଁ ଲଗାଇଲେ ଜୀବନ ବାଜି:** ଜୀବନର ସାୟାହ୍ନରେ ବି ମା’ଟିଏ ପିଲାକୁ ବଞ୍ଚାଇବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇପାରେ। ଆଉ ମୃତ୍ୟୁ ଆସୁଥିଲେ ପିଲା ଆଗରେ ଢାଲ ହୋଇ ଠିଆ ହୁଏ। ଏମିତି ଏକ ଘଟଣା ଦେଖିବାକୁ ମିଳିଥିଲା ମୁମ୍ବାଇ ସହରରେ। ରାଜେନ ଶାହ ନାମକ ଜଣେ ୫୪ ବର୍ଷୀୟ ବ୍ୟକ୍ତି ଦୀର୍ଘ ଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ଥିଲେ। ରୋଗର ଲାଷ୍ଟ ଷ୍ଟେଜ୍ ଥିବା ବେଳେ ତାଙ୍କୁ ୨୦୨୦ରେ ସପ୍ତାହକୁ ୪ ଥର ହେମୋଡାୟାଲିସିସ୍ କରାଇବାକୁ ପଡୁଥିଲା। ଏହା ବ୍ୟତୀତ ତାଙ୍କର ଟାଇପ୍–୨ ଡାଇବେଟିସ୍ ଏବଂ ହାଇପର୍‌ଟେନ୍‌ଶନ୍ ସମସ୍ୟା ବି ଥିଲା। ତେଣୁ ଡାକ୍ତରମାନେ ତୁରନ୍ତ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ନ କରାଇପାରିଲେ ତାଙ୍କ ବଞ୍ଚିବା ଆଶା କ୍ଷୀଣ ବୋଲି ପରିବାର ଲୋକଙ୍କୁ ଜଣାଇ ସାରିଥିଲେ। ଅନେକ ଖୋଜାଖୋଜି ପରେ କୌଣସି ଡୋନର ନ ମିଳିବାରୁ ରାଜେନ୍‌ଙ୍କ ଜୀବନ ବଞ୍ଚାଇବା ଲାଗି ତାଙ୍କ ୮୧ ବର୍ଷୀୟା ମା’ କାଲା ଶାହ ନିଜ କିଡ୍‌ନୀ ଦେବାପାଇଁ ଆଗେଇ ଆସିଥିଲେ। ଯଦିଓ ଡାକ୍ତରୀ ପରୀକ୍ଷା ପରେ ତାଙ୍କ ଉଭୟ କିଡ୍‌ନୀ ସୁସ୍ଥ ଥିବା ସହ ଅନ୍ୟ କୌଣସି ରୋଗ ନ ଥିବା ଜଣାପଡ଼ିଥିଲା ଏବଂ ମା’ ପୁଅଙ୍କର ବ୍ଲଡ୍ ଗ୍ରୁପ୍ ମଧ୍ୟ ସମାନ ଥିଲା, ତଥାପି ତାଙ୍କ ବର୍ଦ୍ଧିତ ବୟସ ପାଇଁ ଡାକ୍ତରଙ୍କୁ ବାରମ୍ବାର ଚିନ୍ତା କରିବାକୁ ପଡ଼ିଥିଲା। ହେଲେ ମା’ଙ୍କ ଅନୁରୋଧ କ୍ରମେ ୨୦୨୧ରେ ଲାପାରାସ୍କୋପିକ୍ ଡୋନର୍ ନେଫ୍ରେକ୍ଟୋମୀ ସର୍ଜରୀ ଦ୍ୱାରା ପୁଅ ପେଟରେ ମା’ଙ୍କ ଗୋଟିଏ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଗଲା। ମାତ୍ର ୫ ଦିନ ମଧ୍ୟରେ ମା’ ସୁସ୍ଥ ହୋଇଯାଇଥିବା ବେଳେ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ଉନ୍ନତ ହେବାରେ ଲାଗିଲା। ଏଇ ବୟସରେ ପୁଅକୁ ନୂଆ ଜୀବନ ଦେଇ ସେହି ମା’ ଭାରତର ସର୍ବାଧିକ ବୟସ୍କା କିଡ୍‌ନୀ ଡୋନର ଭାବେ ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟିଗଲେ।



ମା’ କାଲା ଶାହଙ୍କ ସହ ରାଜେନ



**ମା’ଙ୍କ ପାଇଁ ମିଳିଲା ମାତୃସୁଖ:** ମା’ ହେବା ଗୋଟିଏ ନାରୀ ଜୀବନର ସବୁଠୁ ବଡ଼ ଖୁସି। ବିବାହ ପରେ ସେ ଏହି ଦିନଟିକୁ ଅପେକ୍ଷା କରି ରହିଥାଏ। ହେଲେ ବର୍ଷ ପରେ ବର୍ଷ ବିତିଗଲା ପରେ ଯେବେ ମାତୃସୁଖରୁ ବଞ୍ଚିତ ହେବାର କାରଣ ପେଟରେ ଗର୍ଭାଶୟ ବା ୟୁଟେରସ୍ ନ ଥିବା ବୋଲି ଡାକ୍ତରୀ ପରୀକ୍ଷାରୁ ଜାଣିବାକୁପାଏ, ସେତେବେଳେ ନା କେବଳ ଅନ୍ୟମାନଙ୍କ ଟାହିଟାପରା ତାକୁ କଷ୍ଟ ଦିଏ ବରଂ କେବେ ମା’ ନ ହୋଇପାରିବା କଥା ଜାଣି ସେ ଭାଙ୍ଗିପଡ଼େ। ଆଉ ଏମିତିରେ ଝିଅକୁ ନିଜ ଗର୍ଭାଶୟ ଦାନ କରି ମା’ ହେବାର ସୌଭାଗ୍ୟ ଅର୍ଜନ କରିବା ଲାଗି ଆଗେଇ ଆସେ ମା’। କଥାଟି ଆଶ୍ଚର୍ଯ୍ୟ ଏବଂ ଅସମ୍ଭବ ମନେହେଉଥିଲେ ବି ସତ। ଅଷ୍ଟ୍ରେଲିଆର କ୍ରିଷ୍ଟୀ ବ୍ରାଣ୍ଟ ନାମ୍ନୀ ଜଣେ ୩୦ ବର୍ଷୀୟା ମହିଳାଙ୍କ କୌଣସି ଅସୁବିଧା ପାଇଁ ତା’ଙ୍କ ପେଟରୁ ଏମର୍ଜେନ୍ସି ହିଷ୍ଟେରେକ୍ଟୋମୀ ବା ଗର୍ଭାଶୟ କଢ଼ା ଯାଇଥିଲା, ଯେଉଁଥିପାଇଁ ସେ ଗର୍ଭଧାରଣ କରି ନ ପାରୁଥିବାରୁ ଅତ୍ୟନ୍ତ ଦୁଃଖୀ ହୋଇଯାଇଥିଲେ। ଏହାର ଏକମାତ୍ର ପ୍ରତିକାର ୟୁଟେରସ୍ ଟ୍ରାନ୍ସପ୍ଲାଣ୍ଟ ବୋଲି ଡାକ୍ତର ଜଣାଇଥିଲେ। ତେବେ ଏହି କଥା କ୍ରିଷ୍ଟୀ ତାଙ୍କ ୫୪ ବର୍ଷୀୟା ମା’ ମିଚେଲ୍ ହେଟନ୍‌ଙ୍କୁ ଜଣାଇବା ପରେ ସେ ଝିଅକୁ ନିଜ ୟୁଟେରସ୍ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୨୦୨୩ ଜାନୁୟାରୀରେ ଦକ୍ଷ ତଥା ଅଭିଜ୍ଞ ଡାକ୍ତରୀ ଦଳଙ୍କ ଦ୍ୱାରା ଦୀର୍ଘ ୧୬ ଘଣ୍ଟା ସମୟ ଧରି ଅସ୍ତ୍ରୋପଚାର କରିବା ପରେ ମା’ଙ୍କଠାରୁ ନେଇ ଝିଅ ପେଟରେ ୟୁଟେରସ୍ ଟ୍ରାନ୍ସପ୍ଲାଣ୍ଟେଶନ୍ କରିବା କାର୍ଯ୍ୟ ସଫଳ ହୋଇଥିଲା। ଏହା ଥିଲା ଅଷ୍ଟ୍ରେଲିଆର ପ୍ରଥମ ୟୁଟେରସ୍ ଟ୍ରାନ୍ସପ୍ଲାଣ୍ଟ। ମାତ୍ର କିଛି ମାସ ମଧ୍ୟରେ କ୍ରିଷ୍ଟୀ ଗର୍ଭଧାରଣ କରିବାରେ ସକ୍ଷମ ହେଲେ ଏବଂ ପରେ ଏକ ସୁସ୍ଥ ସନ୍ତାନର ଜନ୍ମଦାତ୍ରୀ ହୋଇପାରିଲେ। ନିଜେ ଯେଉଁ ଗର୍ଭାଶୟରେ ରହି ସେ ଦୁନିଆକୁ ଆସିଥିଲେ ଆଜି ତା’ରି ସାହାଯ୍ୟରେ ନିଜ ସନ୍ତାନକୁ ଜନ୍ମ ଦେବାର ସୌଭାଗ୍ୟ ଅର୍ଜନ କରିଥିବାରୁ ମା’ଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଥିଲେ ଏବଂ ଏଭଳି ମା’ କୋଳରେ ଜନ୍ମ ନେଇଥିବାରୁ ନିଜକୁ ଧନ୍ୟ ମନେକରିଥିଲେ।


ମା’ ମିଚେଲ୍ ହେଟନଙ୍କ ସହ କ୍ରିଷ୍ଟୀ ବ୍ରାଣ୍ଟ

**ମା’ଙ୍କ ଆଖିରେ ଦେଖିଲେ ଦୁନିଆ:** କ୍ୟୁବାର ଜଣେ ସିଙ୍ଗର ହେଉଛନ୍ତି ଜୁଆନ୍ ଆଗ୍ୟୁରେ। ୫ ବର୍ଷ ବୟସରେ ତାଙ୍କ ସହିତ ହୋଇଥିଲା ଏକ ଦୁର୍ଘଟଣା। ରାସ୍ତାରେ ଆସିବା ବେଳେ ଜଣେ ମଦ୍ୟପ ଗାଡ଼ିଚାଳକ ତାଙ୍କୁ ଧକ୍କା ଦେବା ଫଳରେ ତାଙ୍କ ବାମ ଚକ୍ଷୁ ନଷ୍ଟ ହୋଇଯାଇଥିଲା। ଏହା ଅଧିକ କଷ୍ଟ ଦେଇଥିଲା ମା’ ମିରିଆମ୍ ଆଗ୍ୟୁରେ ସାଣ୍ଟୋଷଙ୍କୁ। ଜୁଆନ୍ ବଡ଼ ହେବା ପରେ ଜଣେ ସିଙ୍ଗର ହେବା ସହ ବିବାହ କରି ମା’ଙ୍କଠାରୁ ଅଲଗା ରହିବା ଆରମ୍ଭ କଲେ। ଧୀରେ ଧୀରେ ଜୁଆନ୍‌ଙ୍କ ବୟସ ବଢ଼ିବା ସହ ଅନ୍ୟ ଆଖିଟି ଝାପ୍‌ସା ହେବାକୁ ଲାଗିଲା। ଏକଥା ଜାଣି ଏକାକୀ ରହୁଥିବା ବିଧବାମା’ ଖୁବ୍ ଦୁଃଖ କରିଥିଲେ। ହଠାତ୍ ୬୧ ବର୍ଷ ବୟସରେ ତାଙ୍କୁ ହୃଦ୍‌ଘାତ ହେଲା ଏବଂ ସେ ନିଜ ପୁଅକୁ ଚକ୍ଷୁଦାନ କରିବା ନେଇ ଶେଷଇଚ୍ଛା ଡାକ୍ତରଙ୍କୁ ଜଣାଇଥିଲେ। ତାହା ହିଁ ହେଲା। ମା’ଙ୍କ ଚକ୍ଷୁ ପାଇ ଜୁଆନ୍ ରଙ୍ଗିନ୍ ଦୁନିଆକୁ ଉପଭୋଗ କଲେ। ଆଉ ତାଙ୍କ ଆଖିରେ ସବୁଦିନ ପାଇଁ ମା’ର ମମତା ଆଉ ତ୍ୟାଗ ଜୀବନ୍ତ ହୋଇ ରହିଗଲା।


ମା’ ମିରିଆମ୍ ଆଗ୍ୟୁରେ ସାଣ୍ଟୋଷ ଏବଂ ଜୁଆନ୍ ଆଗ୍ୟୁରେ

– ପୌର୍ଣ୍ଣମାସୀ

### ଜାଣନ୍ତୁ ଦୁନିଆ

# ମଦର୍ସ ଡେ’ କେଉଁ ଦେଶରେ କେମିତି

**ମା’ଙ୍କ ପ୍ରତି ଥିବା ଗଭୀର ସ୍ନେହ, ଶ୍ରଦ୍ଧା ଦର୍ଶାଇବା ପାଇଁ ମଦର୍ସ ଡେ’ର ପରିକଳ୍ପନା। ହେଲେ ଆପଣ ଜାଣନ୍ତି, ପୃଥିବୀର କେତେକ ଦେଶରେ ଏହାକୁ ଅନ୍ୟ ନାମରେ ଏବଂ ଭିନ୍ନ ଭିନ୍ନ ଶୈଳୀରେ ପାଳନ କରାଯାଇଥାଏ। ଜାଣିରଖନ୍ତୁ ସେ ସମ୍ପର୍କରେ...**

**ଜର୍ମାନୀ:** ଏହି ଦେଶରେ ମଦର୍ସ ଡେ’କୁ ମଟର୍‌ଟ୍ୟାଗ୍ ବୋଲି କୁହାଯାଏ, ଯାହାକି ମେ’ ମାସ ଦ୍ୱିତୀୟ ରବିବାର ଦିନ ପାଳନ କରାଯାଏ। ଏଠାରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ। ନିଜ ଦେଶର ରକ୍ଷା ନିମନ୍ତେ ସନ୍ତାନ ଜନ୍ମ କରୁଥିବା ପ୍ରତ୍ୟେକ ମା’ଙ୍କ ସମ୍ମାନ ନିମନ୍ତେ ଏହି ଦିବସ ଆରମ୍ଭ କରାଯାଇଥିଲା। ଯେଉଁ ମହିଳାଙ୍କର ଯେତେ ଅଧିକ ସନ୍ତାନ ଥିଲେ ସେହି ଅନୁଯାୟୀ ତାଙ୍କୁ ସରକାରଙ୍କ ପକ୍ଷରୁ ରୌପ୍ୟ, ସ୍ୱର୍ଣ୍ଣ ଆଦି ପଦକରେ ସମ୍ମାନିତ କରାଯାଉଥିଲା। ବର୍ତ୍ତମାନ ସେଠାରେ ଏହିଦିନ ମା’ଙ୍କୁ ମଦର୍ସ ଡେ’ କାର୍ଡ, ଫୁଲ, କେକ୍ ଏବଂ ସ୍ୱାଦିଷ୍ଟ ବ୍ୟଞ୍ଜନ ଦେଇ ପାଳନ କରାଯାଉଛି।

**ସର୍ବିଆ:** ଏହି ଦେଶରେ ଡିସେମ୍ବର ମାସରେ ପ୍ରାୟ ୩ ସପ୍ତାହ ପର୍ଯ୍ୟନ୍ତ ପାଳନ କରାଯାଏ। ପ୍ରଥମ ରବିବାର ଚିଲ୍‌ଡ୍ରେନ୍ସ ଡେ’, ୨ୟରେ ଫାଦର୍ସ ଡେ’ ଏବଂ ୩ୟରେ ମଦର୍ସ ଡେ’ ପାଳନ କରାଯାଇଥାଏ। ସେଠାରେ ମଦର୍ସ ଡେ’ ଖୁବ୍ ଅଜବ ଢଙ୍ଗରେ ପାଳନ କରାଯାଏ। ଏହିଦିନ ମା’ଙ୍କୁ ବାନ୍ଧି ଦିଆଯାଏ ଏବଂ ପିଲାଙ୍କୁ ଭଲ ଖାଦ୍ୟ ଓ ଉପହାର ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଖୋଲି ଦିଆଯାଇଥାଏ।



**ୟୁନାଇଟେଡ୍ କିଙ୍ଗଡମ୍:** ପୂର୍ବରୁ ଏଠାରେ ଇଷ୍ଟର ପର୍ବର ତିନି ସପ୍ତାହ ପୂର୍ବ ରବିବାରଦିନ ଏହି ଉତ୍ସବ ପାଳନ କରାଯାଉଥିଲା, ଯାହାକୁ ମଦରିଙ୍ଗ୍ ସଣ୍ଡେ କୁହାଯାଉଥିଲା। ସେତେବେଳେ ଅଭାବୀ ପରିବାରର ପିଲାମାନେ ରୋଜଗାର ପାଇଁ ଧନୀବ୍ୟକ୍ତିଙ୍କ ପାଖରେ କାମ କରୁଥିଲେ। ନିଜ ମା’ଙ୍କଠାରୁ ଦୂରରେ ରହୁଥିବା ଏହି ପିଲାମାନଙ୍କୁ ମାସର ଚତୁର୍ଥ ରବିବାର ଛୁଟି ଦିଆଯାଉଥିଲା ଏବଂ ସେମାନେ ମଦର ମେରୀଙ୍କ ପୂଜା କରିବା ସହ ନିଜ ମା’ଙ୍କ ପାଖକୁ ଯାଉଥିଲେ। ସାଙ୍ଗରେ ଫୁଲ, ନିଜ ହାତ ତିଆରି ସିମ୍‌ନେଲ୍ କେକ୍ (ଏକପ୍ରକାର ଫ୍ରୁଟ୍ କେକ୍) ସହ ମା’ଙ୍କୁ ଗିଫ୍ଟ ମଧ୍ୟ ଦେଉଥିଲେ। ବର୍ତ୍ତମାନ ଏହି ଦିବସ ଅବସରରେ ମା’ଙ୍କୁ ଫୁଲ୍, କେକ୍ ସହିତ ସ୍ପେଶାଲ୍ ମଦର୍ସ ଡେ’ କାର୍ଡ ଏବଂ ଡ୍ରେସ୍, ଭଳିକି ଭଳି ଗିଫ୍ଟ ଦିଆଯାଉଛି।

**ଇଥିଓପିଆ:** ବର୍ଷାଋତୁର ଶେଷ ଆଡ଼କୁ ଅର୍ଥାତ୍ ବର୍ଷା ସରି ଆକାଶ ସଫା ହୋଇଗଲେ ଏଠାରେ ତିନିଦିନିଆ ଏଣ୍ଟ୍ରୋଷ୍ଟ ଫେଷ୍ଟିଭାଲ ପାଳନ କରାଯାଏ, ଯେଉଁଥିରେ ମଦର୍ସ ଡେ’ ମଧ୍ୟ ପାଳନ ହୋଇଥାଏ। ଏଥିରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୁଅନ୍ତି। ଘରର ଝିଅମାନେ ପନିପରିବା, ଲହୁଣି, ମସଲା ଆଦି ଆଣିଥା’ନ୍ତି ଏବଂ ପୁଅମାନେ ବିଭିନ୍ନ ପ୍ରକାରର ମାଂସ ଆଣିଥା’ନ୍ତି, ଯେଉଁଥିରେ ସେଠାକାର ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। କେବଳ ଏତିକି ନୁହେଁ ମା’ଙ୍କୁ ଖୁସି କରାଇବା ଲାଗି ଖାଦ୍ୟପେୟ ସହିତ ନୃତ୍ୟ, ସଙ୍ଗୀତର ମଧ୍ୟ ଆୟୋଜନ କରାଯାଇଥାଏ।

**ଜାପାନ:** ଏଠାରେ ମେ’ ଦ୍ୱିତୀୟ ରବିବାର ମଦର୍ସ ଡେ’ ପାଳନ କରାଯାଏ, ଯାହାକୁ ‘ହାହା ନୋ ହି’ ବୋଲି କୁହାଯାଇଥାଏ। ମା’ଙ୍କୁ ଶକ୍ତିର ସ୍ୱରୂପ ଭାବେ ସମ୍ମାନ କରାଯାଇଥାଏ। ପିଲାମାନେ ସ୍କୁଲ୍‌ରେ ଚିତ୍ରକଳା ପ୍ରତିଯୋଗିତାରେ ନିଜ ନିଜ ମା’ଙ୍କ ଚିତ୍ର ଆଙ୍କିଥାନ୍ତି। ଉକ୍ତ ଚିତ୍ରଗୁଡ଼ିକୁ ପ୍ରଦର୍ଶନୀରେ ଲଗାଯାଇଥାଏ। ପରେ ପିଲାମାନେ ସୁଶି ଏବଂ ଅଣ୍ଡାରେ ଖାଦ୍ୟ ପ୍ରସ୍ତୁତ କରି ମା’ଙ୍କୁ ଖୁଆଇଥାନ୍ତି ଏବଂ ବିଭିନ୍ନ ଉପହାର ଦେଇଥା’ନ୍ତି।

# ଆଜି ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍



୨୭ତମ ଜାତୀୟ ଫେଡେରେଶନ କପ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ଉପଲକ୍ଷେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଏଫ୍‌ଆଇ ମୁଖ୍ୟ କୋଚ୍ ଜି. ରାଧାକ୍ରିଷ୍ଣନ (ମଝି) ଓ ଅନ୍ୟ ଖେଳାଳି।

**ଭୁବନେଶ୍ୱର, ୧୧।୫**
**(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ରବିବାର ଆରମ୍ଭ ହେବାକୁ ଯାଉଛି। ଶନିବାର ଟୁର୍ନାମେଣ୍ଟ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଆଥ୍‌ଲେଟିକ୍ସ ଫେଡେରେଶନ(ଏଏଫ୍‌ଆଇ) ମୁଖ୍ୟ କୋଚ୍ ଜି. ରାଧାକ୍ରିଷ୍ଣନ, ୪x-୪୦୦ ମିଟର ରିଲେ ଦଳର ସଦସ୍ୟ ମହମ୍ମଦ ଆଜମଲ, ଆମୋଜ ଜାକବ, ଶୁଭା ଭେଙ୍କଟେସନ ଓ ଡି. ଜ୍ୟୋତିକାଶ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଓଡ଼ିଶା ସରକାର ଅତୀତରେ ଅନେକ ବୃହତ୍ ଟୁର୍ନାମେଣ୍ଟ ସଫଳତାର ସହ ଆୟୋଜନ କରିଛନ୍ତି। ଏଭଳି ଟୁର୍ନାମେଣ୍ଟ ମଧ୍ୟ ସଫଳତାର ସହ ଆୟୋଜନ କରାଯିବ ବୋଲି କହିଥିଲେ ଜି. ରାଧାକ୍ରିଷ୍ଣନ। ଅଲିମ୍ପିକ୍ସ ଭଳି ଇଭେଣ୍ଟ ପୂର୍ବରୁ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟଙ୍କ ପାଇଁ ଅଭ୍ୟାସର ଏହା ଏକ ଭଲ ସୁଯୋଗ ବୋଲି କହିଥିଲେ ରାଧାକ୍ରିଷ୍ଣନ।

ମୁଖ୍ୟ ଆକର୍ଷଣ ରହିବେ ନୀରଜ, କିଶୋର: ଅଲିମ୍ପିକ୍ସ ଚାମ୍ପିୟନ ନୀରଜ ଚୋପ୍ରା ଓ ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜେତା କିଶୋର ଜେନା ଏହି ଇଭେଣ୍ଟର ମୁଖ୍ୟ ଆକର୍ଷଣ ରହିବେ ବୋଲି ରାଧାକ୍ରିଷ୍ଣନ କହିଛନ୍ତି। ଅଲିମ୍ପିକ୍ସ ପଦକ ଜିତିବା ପରେ ପ୍ରଥମ ଥର ପାଇଁ ନୀରଜ ଭାରତରେ ପ୍ରଦର୍ଶନ କରୁଥିବାରୁ ଏହାକୁ ନେଇ ସମସ୍ତେ ଉତ୍ସାହିତ ଅଛନ୍ତି। ନିକଟରେ ଦୋହା ଡାଇମଣ୍ଡ ଲିଗ୍‌ରେ ନୀରଜ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କିଶୋର ନବମ ସ୍ଥାନରେ ରହିଥିଲେ। ଉଭୟ ଖେଳାଳିଙ୍କ ବ୍ୟତୀତ ଅନେକ ଅନ୍ତର୍ଜାତୀୟ ଆଥ୍‌ଲେଟ ଏହି ଟୁର୍ନାମେଣ୍ଟରେ ଭାଗ ନେବେ। ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ଶଟ୍ ପୁଟର ତାଜିନ୍ଦର ପାଲ୍ ସିଂ ତୁର୍ ଓ ନିକଟରେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୪x୪୦୦ ମିଟର ରିଲେ ଦଳର ସଦସ୍ୟ ମହମ୍ମଦ ଆଜମଲ, ଆମୋଜ ଜାକବ, ଶୁଭା ଭେଙ୍କଟେସନ ଓ ଡି. ଜ୍ୟୋତିକାଶ୍ରୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ଉତ୍ତର ପ୍ରଦେଶରୁ ସର୍ବାଧିକ ୧୩୪, ହରିୟାଣାରୁ ୭୭, ତାମିଲନାଡୁରୁ ୬୬, ଦିଲ୍ଲୀରୁ ୫୨, ରାଜସ୍ଥାନରୁ ୫୦, ମଧ୍ୟପ୍ରଦେଶରୁ ୪୯, କେରଳରୁ ୪୮, ପଞ୍ଜାବ ୪୫ ଓ କର୍ଣ୍ଣାଟକରୁ ୪୨ ପ୍ରତିଯୋଗୀ ଆକ୍ସନରେ ଦେଖିବାକୁ ମିଳିବେ। ଆସାମ, ଚଣ୍ଡିଗଡ଼, ଗୋଆ, ମାଲଦ୍ୱୀପରୁ ସର୍ବନିମ୍ନ ଜଣେ ଲେଖାଏ ଆଥ୍‌ଲେଟଙ୍କୁ ଏଥିରେ ଦେଖିବାକୁ ମିଳିବ। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ର ପ୍ରଦେଶରୁ ୧୯, ବିହାରରୁ ୭, ଛତିଶଗଡ଼ରୁ ୧୧, ଗୁଜରାଟରୁ ୯, ହିମାଚଳ ପ୍ରଦେଶରୁ ୫, ଝାଡ଼ଖଣ୍ଡରୁ ୩, ମହାରାଷ୍ଟ୍ରରୁ ୩୬, ମଣିପୁରରୁ ୨, ସିକ୍କିମରୁ ୨, ତେଲଙ୍ଗାନାରୁ ୫, ଉତ୍ତରାଞ୍ଚଳରୁ ୭ ଓ ପଶ୍ଚିମବଙ୍ଗରୁ ୧୨ ଆଥ୍‌ଲେଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛନ୍ତି। ସେହିପରି ବାଂଲାଦେଶରୁ ୮ ଓ ମଲଡିଭ୍‌ସର ୯ ଆଥ୍‌ଲେଟ ଭାଗନେବେ ବୋଲି ରାଧା କ୍ରିଷ୍ଣନ ସୂଚନା ଦେଇଛନ୍ତି।

**ବାଂଲାଦେଶ, ମାଲଦ୍ୱୀପର ଆଥ୍‌ଲେଟ ଭାଗ ନେବେ**

# ଲର୍ଡ୍ସ ଟେଷ୍ଟ ପରେ ଆଣ୍ଡରସନଙ୍କ ଅବସର

**ଲଣ୍ଡନ, ୧୧।୫(ପି.ଟି.)**


ଜେମ୍ସ ଆଣ୍ଡରସନ

ଚଳିତ ଗ୍ରୀଷ୍ମଋତୁରେ ଲର୍ଡ୍ସଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ଖେଳିସାରିବା ପରେ ଇଂଲଣ୍ଡର କିମ୍ବଦନ୍ତୀ ପେସ୍ ବୋଲର ଜେମ୍ସ ଆଣ୍ଡରସନ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ନେବେ। ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏ ବିଷୟରେ ସୂଚନା ଦେଇଛନ୍ତି। ଏଥିସହିତ ତାଙ୍କର ୨୦ବର୍ଷରୁ ଊର୍ଦ୍ଧ୍ୱ ଉଜ୍ଜ୍ୱଳ କ୍ୟାରିୟରର ଅବସାନ ଘଟିବ। ୪୧ବର୍ଷୀୟ ଆଣ୍ଡରସନ ହେଉଛନ୍ତି ଇଂଲଣ୍ଡର ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ଏବଂ ସର୍ବକାଳୀନ ଅନ୍ୟତମ ମହାନ ବୋଲର। ଏପର୍ଯ୍ୟନ୍ତ ଯେଉଁ ୩ଜଣ ବୋଲର ୭୦୦ରୁ ଊର୍ଦ୍ଧ୍ୱ ଟେଷ୍ଟ ଉଇକେଟ ହାସଲ କରିପାରିଛନ୍ତି ସେମାନଙ୍କ ମଧ୍ୟରେ ସେ ଅନ୍ୟତମ। ଅଷ୍ଟ୍ରେଲିଆରେ ଆଶେସ ୨୦୨୫-୨୬କୁ ନଜରରେ ରଖି ଏକ ଶକ୍ତିଶାଳୀ ବୋଲିଂ ବାହିନୀ ଗଠନ କରିବା ଲକ୍ଷ୍ୟରେ ରହିଛନ୍ତି ବୋଲି ଇଂଲଣ୍ଡ ରେଡ୍ ବଲ୍ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମ ସିମ୍ ବୋଲରଙ୍କୁ ଅବଗତ କରିବା ପରେ ଆଣ୍ଡରସନ ତାଙ୍କ ଅବସର ନିଷ୍ପତ୍ତି ଘୋଷଣା କରିଥିଲେ। ଆଣ୍ଡରସନ ୨୦୦୩ରେ ଟେଷ୍ଟ ପଦାର୍ପଣ କରିବା ପରେ ୧୮୭ ଟେଷ୍ଟ ମ୍ୟାଚରେ ୭୦୦ ଉଇକେଟ ଅକ୍ତିଆର କରିପାରିଛନ୍ତି। ସେ ଇଂଲଣ୍ଡ ପାଇଁ ସମସ୍ତ ଫର୍ମାଟରେ ମୋଟ ୯୮୭ ଉଇକେଟ ନେଇଛନ୍ତି। ବର୍ତ୍ତମାନ ସେ ସର୍ବକାଳୀନ ଟେଷ୍ଟ ଉଇକେଟ ହାସଲକାରୀ ବୋଲର ତାଲିକାରେ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ଓ ଅଷ୍ଟ୍ରେଲିଆର ଶେନ୍ ୱର୍ନଙ୍କ ପଛକୁ ତୃତୀୟ ସ୍ଥାନରେ ଅଛନ୍ତି। ତେବେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଆଣ୍ଡରସନ ତାଙ୍କ କାଉଣ୍ଟି ଦଳ ଲାଙ୍କାଶାୟାର ଦଳ ତରଫରୁ ଆଉ ଖେଳିବେ କି ନା ତାହା ସ୍ପଷ୍ଟ କରିନାହାନ୍ତି। ସୂଚନାଯୋଗ୍ୟ, ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ପ୍ରଥମ ଟେଷ୍ଟ ଲର୍ଡ୍ସଠାରେ ଜୁଲାଇ ୧୦ରୁ ଖେଳାଯିବ।

# ଭାରତୀୟ ଫୁଟ୍‌ବଲ ଦଳର କ୍ୟାମ୍ପ ଆରମ୍ଭ

**ଭୁବନେଶ୍ୱର, ୧୧।୫**

ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର କ୍ୟାମ୍ପ ଶନିବାର ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାରେ ୧୯ ଖେଳାଳି ଓ କୋଚିଂ ଷ୍ଟାଫ୍ ଆସି ଏଠାରେ ପହଞ୍ଚିଛନ୍ତି। ଅନ୍ୟ ୧୩ ଖେଳାଳି ମେ ୧୫ରେ ଯୋଗଦେବେ। ୪୧ ଜଣିଆ ମୂଳ ତାଲିକାରୁ ୯ ଜଣ ଖେଳାଳି ଇଞ୍ଜୁରୀ ଅବା ବ୍ୟକ୍ତିଗତ କାରଣରୁ କ୍ୟାମ୍ପରେ ଉପସ୍ଥିତ ରହିବେ ନାହିଁ। ପ୍ରଥମ ବ୍ୟାଚରେ ଆସିଥିବା ଖେଳାଳିମାନେ ସକାଳେ ଜିମ୍ ସେସନ ସହ ସେମାନଙ୍କର ଟ୍ରେନିଂ ଆରମ୍ଭ କରିଛନ୍ତି।




# ସିଏପି କ୍ୱାର୍ଟରଫାଇନାଲରେ

**ଭୁବନେଶ୍ୱର, ୧୧।୫**
**(ବିଜୟ ରଣା)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଅରବିନ୍ଦ ମେମୋରିଆଲ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ପ୍ରି-କ୍ୱାର୍ଟରଫାଇନାଲରେ କ୍ରିକେଟ ଏକାଡେମୀ ଅଫ୍ ପଠାନ (ସିଏପି) ୧୦୦ରନରେ ରେଡଷ୍ଟାର କ୍ରିକେଟ ଏକାଡେମୀକୁ ହରାଇ ଦେଇଛି।

**ଅରବିନ୍ଦ ମେମୋରିଆଲ କ୍ରିକେଟ**



ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ଜୟ ବେହେରା।

ଭୁବନେଶ୍ୱରର ଦୁଇ ଦଳ ମଧ୍ୟରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ସିଏପି ୨୯.୨ ଓଭରରେ ୨୦୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆଶୁତୋଷ ନାୟକ ୪୦, ଜୟ ବେହେରା ୩୫ ଏବଂ ଓମ୍ ଶ୍ରୀ ସାହୁ ୩୨ ରନ କରିଥିଲେ। ରେଡଷ୍ଟାର ଦଳ ପକ୍ଷରୁ ସାଇରାଜ ସାହୁ ତାଙ୍କ ୬ ଓଭର ବୋଲିଂରେ ୪୬ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ସଂଗ୍ରାମ କୁମାର ସାମଲ ୫ ଓଭର ବୋଲିଂ କରି ୨୨ ରନ ବିନିମୟରେ ୩ ଉଇକେଟ ନେଇଥିଲେ। ୨୦୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ରେଡଷ୍ଟାର ଦଳ ୨୭ ଓଭରରେ ୧୦୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସଂଗ୍ରାମ କୁମାର ସାମଲ ୨୦ରନ କରିଥିଲେ। ସିଏପି ତରଫରୁ ଜୟ ବେହେରା ୧୫ ରନ ବିନିମୟରେ ୩ ଉଇକେଟ ନେଇଥିବା ବେଳେ ରୂପେଶ ସାହୁ ଓ ରୋହିତ ପାଲ୍ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଜୟ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ରାଜ୍ୟ କ୍ରିକେଟର ପାରାମାଉଣ୍ଟ ସ୍ପୋର୍ଟିଂର ତନ୍ମୟ ପଟ୍ଟନାୟକ ଶନିବାର ମ୍ୟାଚରେ ଅତିଥି ଭାବେ ଯୋଗ ଦେଇଥିଲେ।

# ସେମିଫାଇନାଲରୁ ଓଡ଼ିଶା ବାଦ୍

**ଭୁବନେଶ୍ୱର, ୧୧।୫**
**(ସରୋଜ ଜେନା)**

ମହାରାଣୀ ଜୀଜାବାଇ ନ୍ୟାଶନାଲ ଫୁଟବଲ ଟୁର୍ନାମେଣ୍ଟର ସେମି ଫାଇନାଲ ଦୌଡରୁ ବାଦ ପଡିଛି ଓଡ଼ିଶା ମହିଳା ଦଳ। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଦଳ ସିକିମ୍‌କୁ ୪-୧ରେ ପରାସ୍ତ କରିଥିଲା। ତେବେ ୩ ବିଜୟ ସହ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ସେମି ଫାଇନାଲ ପାଇଁ ଯୋଗ୍ୟତା ହାସଲରେ ଓଡ଼ିଶା ବିଫଳ ହୋଇଛି। ଓଡ଼ିଶା ପକ୍ଷରୁ ମନୀଷା ନାୟକ(୮), ପ୍ରତିମା ଓରାମ(୧୯), ସତ୍ୟବତୀ ଖାଡିଆ(୪୫+୨) ଓ ସୁମିତ୍ରା ହେମ୍ବ୍ରମ(୫୫) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୧୫ ତମ ମିନିଟରେ ସିକ୍କିମ ପକ୍ଷରୁ ସିମରନ୍ ଗୁରୁଙ୍ଗ ଏକମାତ୍ର ଗୋଲ ଦେଇଥିଲେ।

ମନୀଷାଙ୍କ ଗୋଲ ବଳରେ ଓଡ଼ିଶା ଆଗୁଆ ହୋଇଥିବା ବେଳେ ସିମରନ୍ ଏହାକୁ ପରିଶୋଧ କରିଥିଲେ। ୧୯ ତମ ମିନିଟରେ ପ୍ରତିମା ଓ ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମରେ ସତ୍ୟବତୀ ସ୍କୋର କରି ଦଳକୁ ୩-୧ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ପକ୍ଷରୁ ସୁମିତ୍ରା ଆଉ ଏକ ଗୋଲ ଦେଇଥିଲେ।

# ଗିଲ୍‌ଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା

**ଅହମଦାବାଦ, ୧୧।୫(ପି.ଟି.)**

**ସ୍ଲୋ ଓଭର ରେଟ୍**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଆଇପିଏଲ୍ ମ୍ୟାଚରେ ସ୍ଲୋ ଓଭର ରେଟ୍ ବୋଲିଂ ପାଇଁ ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ୨୪ଲକ୍ଷ ଟଙ୍କା ଜରିମାନା ହୋଇଛି। ସିଜନରେ ଦଳର ଏହା ଦ୍ୱିତୀୟ ସ୍ଲୋ ଓଭର ରେଟ୍ ଅପରାଧ ଥିଲା। ଇମ୍ପାକ୍ଟ ଖେଳାଳି ସମେତ ଚୂଡ଼ାନ୍ତ ଏକାଦଶର ଅବଶିଷ୍ଟ ଖେଳାଳିମାନଙ୍କୁ ସେମାନଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ ଅବା ୬ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଗୁଜରାଟ ଟାଇଟନ୍ସ ଶୁକ୍ରବାର ଗତଥର ଚାମ୍ପିୟନ ସିଏସ୍‌କେକୁ ୩୫ ରନରେ ପରାସ୍ତ କରି ଆଇପିଏଲ୍‌ରେ ଏହା ଆଶାକୁ ଉଜ୍ଜୀବିତ ରଖିଛି। ମ୍ୟାଚରେ ଗିଲ୍ ଓ ବି. ସାଇ ସୁଦରନଙ୍କ ଶତକ ସହାୟତାରେ ଗୁଜରାଟ ଟାଇଟନ୍ସ ୩ ଉଇକେଟରେ ୨୩୧ରନ କରିଥିଲା। ଜବାବରେ ସିଏସ୍‌କେ ୮ଉଇକେଟରେ ୧୯୬ ରନ କରିପାରିଥିଲା।

**ଜାତୀୟ କରାଟେ ପ୍ରତିଯୋଗିତା**

# ଶୁଭମଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୧।୫**
**(ବିଜୟ ରଣା)**

ଡେରାଡୁନ୍‌ଠାରେ ଚାଲିଥିବା କ୍ୟାଡେଟ୍ ଜୁନିୟର, ୨୧ ବର୍ଷରୁ କମ୍ ଜାତୀୟ ସିନିୟର କରାଟେ ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଶା ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛି। ଜୁନିୟର ପୁରୁଷ (୬୮ କି.ଗ୍ରାରୁ କମ୍) ଫାଇଟ୍‌ରେ ଓମ୍ ଶୁଭମ ମହାନ୍ତି ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ସୁପ୍ରିୟା ମହାନ୍ତି, ଆମେଶି ଝା, ଆଦ୍ୟାଶ ପ୍ରିୟଦର୍ଶିନୀ, ଉପାସନା ପ୍ରିୟଦର୍ଶିନୀଙ୍କୁ ନେଇ ଜୁନିୟର ମହିଳା ଟିମ୍ କାଟାରେ ରୌପ୍ୟ ପଦକ ଲାଭ କରିଛି। ସେହିପରି ସୂର୍ଯ୍ୟ ପଥକାଶ ଘଡ଼େଇ, ପୁଲକ ପାଢ଼ୀ, ଶୁଭକାନ୍ତ ସ୍ୱାଇଁ ଓ ଆର୍ଯ୍ୟଭଟ୍ଟ ବିଶ୍ୱାଳଙ୍କୁ ନେଇ ଜୁନିୟର ପୁରୁଷ ଦଳ କାଟାରେ ରୌପ୍ୟ ପାଇଛନ୍ତି। ଅନ୍ୟପକ୍ଷରେ ବେଦାନ୍ତ ଦାସ ବ୍ୟକ୍ତିଗତ ଜୁନିୟର ପୁରୁଷ କାଟାରେ ରୌପ୍ୟ ଏବଂ ଅଦିତି ପାଣିଗ୍ରାହୀ ଜୁନିୟର ମହିଳା (୬୬କେଜି+) ବିଭାଗରେ ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରତିଯୋଗିତାର ତୃତୀୟ ଦିବସ ଶେଷ ସୁଦ୍ଧା ଓଡ଼ିଶାର ପଦକ ସଂଖ୍ୟା ୧୫ (୪ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ)ରେ ପହଞ୍ଚିଛି।



ଜାତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶାର ପଦକ ବିଜେତାମାନେ।

# ଗୁଜରାଟ ଟାଇଟନ୍ସରେ ସୁଶାନ୍ତଙ୍କ ସ୍ଥାନରେ ଗୁର୍ନୁର

**ଅହମଦାବାଦ, ୧୧।୫ (ପି.ଟି.)**

ଗୁଜରାଟ ଟାଇଟନ୍ସ ଆଘାତପ୍ରାପ୍ତ ବାମହାତୀ ଦ୍ରୁତ ବୋଲର ସୁଶାନ୍ତ ମିଶ୍ରଙ୍କ ସ୍ଥାନରେ ଡାହାଣହାତୀ ପେସର ଗୁର୍ନୁର ବ୍ରାର୍‌ଙ୍କୁ ଦଳରେ ସାମିଲ କରିଛି। ଘରୋଇ ଟୁର୍ନାମେଣ୍ଟରେ ଗୁର୍ନୁର ପଞ୍ଜାବ ପାଇଁ ଖେଳିଥାନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ଦ୍ୱିତୀୟ ଥର ଖେଳିବାକୁ ଯାଉଛନ୍ତି। ପୂର୍ବରୁ ସେ ପଞ୍ଜାବ କିଙ୍ଗ୍ସ ଦଳରେ ରହିଥିଲେ। ୨୩ବର୍ଷୀୟ ଖେଳାଳି ଏପର୍ଯ୍ୟନ୍ତ ଗୋଟିଏ ଟି୨୦ ମ୍ୟାଚ ଖେଳିଛନ୍ତି। ତାହା ହେଲା ଗତ ସିଜନରେ ମୋହାଲିଠାରେ ପଞ୍ଜାବ କିଙ୍ଗ୍ସ ବନାମ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ମ୍ୟାଚ। ଏଥିରେ ସେ ୩ ଓଭର ବୋଲିଂ କରି ୪୨ ରନ ଦେଇଥିଲେ ହେଁ ଗୋଟିଏ ହେଲେ ଉଇକେଟ ନେଇ ପାରି ନ ଥିଲେ। ଆଇପିଏଲ୍ ବାହାରେ ଗୁର୍ନୁର ୨୦୨୧ରେ ପଞ୍ଜାବ ତରଫରୁ ଗୋଆ ବିପକ୍ଷ ଏକ ଲିଷ୍ଟ-ଏ ମ୍ୟାଚ ଖେଳିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 50 Years
ଧରିତ୍ରୀ
DHARITRI
ପୃଷ୍ଠା-୧୨+୮
ଭୁବନେଶ୍ୱର, ରବିବାର, ମେ ୧୨/୨୦୨୪ (୧୨+୮= ୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 12/2024

₹ 7.00



## ସଂକ୍ଷେପରେ

### ଲୋକକଳା ଗ୍ରାମ ସାରଙ୍ଗଯୋଡ଼ିରେ ବାଦୀପାଲା

**ସାକ୍ଷୀଗୋପାଳ,୧୧।୫(ଭରତ ରାଉତ)**

ଅକ୍ଷୟତୃତୀୟା ଅବସରରେ ଶୁକ୍ରବାରଠାରୁ ଲୋକ କଳା ଗ୍ରାମ ସାରଙ୍ଗଯୋଡ଼ିରେ ବାଦୀପାଲା ଆରମ୍ଭ ହୋଇଛି। ବାଙ୍କୀର ଗାୟକ ଶତ୍ରୁଘ୍ନ ରଣା ଓ ସାଥି ଏବଂ ନିମାପଡ଼ାର ଗାୟକ ପ୍ରଦ୍ୟୁମ୍ନ ପାତ୍ର ଓ ସାଥୀ ପାଲା ପରିବେଷଣ କରିଛନ୍ତି। ଅନୁଷ୍ଠାନର କର୍ମକର୍ତ୍ତା ସୁଶାନ୍ତ କୁମାର ମିଶ୍ର ଓ ଗଜେନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରୁଥିବାବେଳେ ରମେଶ ଚନ୍ଦ୍ର ପଲେଇ, ଅଜୟ କୁମାର ମିଶ୍ର, ମହାଦେବ ମିଶ୍ର, କୃଷ୍ଣଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ସୁଜିତ କୁମାର ସାହୁ, ସନାତନ ସାହୁ, ପ୍ରଶାନ୍ତ କୁମାର ସାହୁ, କୃଷ୍ଣଚନ୍ଦ୍ର ଦୀକ୍ଷିତ ପ୍ରମୁଖ ସହଯୋଗ କରୁଛନ୍ତି। ବାଦୀପାଲା ୭ ରାତ୍ରି ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନର ସଭାପତି ସୁଶାନ୍ତ ମିଶ୍ର ଜଣାଇଛନ୍ତି।

### ଜହ୍ନିମାଳିଆ ହାଟରେ ରାମଲୀଳା ଉଦ୍‌ଯାପିତ

**ଯୋଗେଶ୍ୱରପୁର, ୧୧।୫(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଜହ୍ନିମାଳିଆ ହାଟରେ ଚାଲିଥିବା ରାମଲୀଳା ଶୁକ୍ରବାର ଅକ୍ଷୟ ତୃତୀୟାରେ ଉଦ୍‌ଯାପିତ ହୋଇଯାଇଛି। ସୋରଭା, ପାଇକ ସାହି, ତିରୁଣା, ପୋଦନା, ସୁଆର, ଝଳିଆ ପ୍ରମୁଖ ମୌଜାର ଲୋକେ ଓ ବ୍ୟବସାୟୀ ଏହାକୁ ଉପଭୋଗ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଯୁଧିଷ୍ଠିର ନାୟକ, ସଭାପତି ହରିହର ସ୍ୱାଇଁ, ସମ୍ପାଦକ ବିଚିତ୍ରାନନ୍ଦ ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରସନ୍ନ ଚଇନି, କାଳନ୍ଦୀ ଦଳାଇ, ଦୁର୍ଗାଚରଣ ଲେଙ୍କା, ଅଜୟ ପାଢ଼ୀ, ବାବନ ଦଳାଇ, ବିକ୍ରମ ସ୍ୱାଇଁ, କାହ୍ନୁଚରଣ ସେନ ପ୍ରମୁଖ ସହଯୋଗ କରିଥିଲେ।

### ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ

**ଡେଲାଙ୍ଗ,୧୧।୫(ରଶ୍ମୀରଞ୍ଜନ ପ୍ରଧାନ):**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଅଭୟମୁଖୀ ଗ୍ରାମରେ ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଅବସରରେ ଯଜ୍ଞ ଆରମ୍ଭ ହୋଇଯାଇଛି। ଗ୍ରାମରେ କୌଣସି ମନ୍ଦିର ନ ଥିବା ବେଳେ ନୂତନ ଭାବେ ମନ୍ଦିର ନିର୍ମାଣ କରାଯାଇ ମା'ଙ୍କୁ ସ୍ଥାପନା କରାଯିବ। ଗ୍ରାମର ୨୫ ଜଣ ମାନସିକ କଳସଧାରୀ ନିକଟସ୍ଥ ରତ୍ନଚିରା ନଦୀରେ କଳସ ବୁଡାଇ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ । କଳସ ଯାତ୍ରାରେ ଘଣ୍ଟ, ଘଣ୍ଟା, ତୁରୀ, ଘୋଡାନାଚ, ଭାଲୁନାଚ, ବୁଢାବୁଢୀ ନାଚରେ ଗ୍ରାମ ପ୍ରକମ୍ପିତ ହୋଇଥିଲା। ଯଜ୍ଞମଣ୍ଡପରେ କଳସ ସ୍ଥାପନ ପରେ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ, ମଙ୍ଗଳା ସ୍ତୁତି, ଅଗ୍ନି ସ୍ଥାପନ, ଯଜ୍ଞ ଆରମ୍ଭ ସମେତ ଯଥାବିଧି ପୂଜାର୍ଚ୍ଚନା ମୁଖ୍ୟପୂଜକ ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା କରାଯାଇଥିଲା। କର୍ତ୍ତା ଭାବେ ପ୍ରମୋଦ କୁମାର ରଥ, କର୍ତ୍ତ୍ରୀ ଭାବେ ତାଙ୍କ ସ୍ତ୍ରୀ ଶାନ୍ତିଲତା ରଥ କାର୍ଯ୍ୟନିର୍ବାହ କରିଥିଲେ। ଯଜ୍ଞ କମିଟି ସଭାପତି ପ୍ରମୋଦ ଭୋଇ, ସମ୍ପାଦକ ହେମନ୍ତ ଦାସ,ମ କୋଷାଧ୍ୟକ୍ଷ ଜନ୍ମେଶ୍ୱର ଭୋଇଙ୍କ ସାମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହେବା ସହିତ ବିଗ୍ରହ ସ୍ଥାପନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୭୬୨୧ ମକଦ୍ଦମା ଫଇସଲା

**ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ପୁରୀ ସମେତ ପିପିଲି, ନିମାପଡ଼ା, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତକୁ ପ୍ରାଧିକରଣ ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ପ୍ରାଧିକରଣ ଅଧ୍ୟକ୍ଷାଙ୍କ ତତ୍ତ୍ୱାବଧାନ ଏବଂ ସଚିବ ଅମିତ କୁମାର ବାରିକଙ୍କ ପରିଚାଳନାରେ ଆୟୋଜିତ ଲୋକ ଅଦାଲତରେ ୭୬୨୧ଟି ମକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୩,୨୦,୬୫,୨୩୨ ଟଙ୍କା ଆଦାୟ କରାଯାଇଛି। ପ୍ରଥମଶ୍ରେଣୀ



ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ବିଚାରପତି ।

ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅମିୟ ରଞ୍ଜନ ଜେନା, ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ମୟ ମିଶ୍ର, ତୃତୀୟ ଅତିରିକ୍ତ ଜିଲା ଦୌରାଜଜ ଚିନ୍ମୟୀ ଦେହୁରି, ବରିଷ୍ଠ ଦେୱାନି ବିଚାରପତି ରାଣା ଘୋଷ, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ଦିଗ୍‌ବିଜୟ ଦାସ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ଦେବାଶିଷ ବିଶୋୟୀ, ଦେୱାନି ବିଚାରପତି ମନୀନ୍ଦ୍ର ଭୂଷଣ ସାହୁ, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା, ଗ୍ରାମ୍ୟ ନ୍ୟାୟକାରୀ ନର୍ମଦା କର, ପରିବାର ଅଦାଲତ ବିଚାରପତି ସୁମିତା ଜେନା, ଜେଏମ୍ଏଫ୍‌ସି-୧ ତନ୍ମୟ ରଞ୍ଜନ ଦାସ, ଜେଏମ୍ଏଫ୍‌ସି-୨ ଶ୍ରୁତକୃତି ଆଚାର୍ଯ୍ୟ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ପୁଣ୍ୟଶ୍ଳୋକ ଦାସ, ଏସ୍. କାନୁନ୍‌ଗୋ, ଶିଶିର କୁମାର ଭୋଇ ପ୍ରମୁଖ ମାମଲାଗୁଡ଼ିକର ଫଇସଲା କରିଥିଲେ। ଲୋକ ଅଦାଲତରେ ୩୭ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୧,୫୫,୪୯,୦୦୦ ଟଙ୍କା ଆଦାୟ କରାଯାଇଛି। ସେହିପରି ୧୨୧ଟି ପ୍ରାକ୍ ମକଦ୍ଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କରଣ ବାବଦକୁ ୪୬,୦୪,୪୦୧ ଟଙ୍କା ଆଦାୟ କରାଯାଇଛି।

**୩,୨୦,୬୫,୨୩୨ ଟଙ୍କା ଜରିମାନା ଓ କ୍ଷତିପୂରଣ ଆଦାୟ**


ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୁରୀ ପ୍ରଶାସନ ପକ୍ଷରୁ ମତଦାନ ପାଇଁ ସଚେତନତା ସୃଷ୍ଟି କରାଯାଉଛି ।

### ସମସ୍ତେ ମତଦାନ କରିବାକୁ ପ୍ରଶାସନର ନିବେଦନ

**ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)**

ବଡ଼ଦାଣ୍ଡସ୍ଥିତ ମାର୍କେଟ ଛକଠାରେ ପୁରୀ ପ୍ରଶାସନ ପକ୍ଷରୁ ସିଷ୍ଟେମେଟିକ ଭୋଟର୍ସ ଏଜୁକେଶନ ଆଣ୍ଡ ଇଲେକ୍ଟର୍ସ ପାର୍ଟିସିପେଶନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଥିଲେ। ମେ ୨୫ରେ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ନିର୍ବାଚନମଣ୍ଡଳୀ ପାଇଁ ଏବଂ ଜୁନ ୧ରେ କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀ ପାଇଁ ନିଶ୍ଚିତ ମତଦାନ କରିବାକୁ ସେ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ କୁନି କଳାକାରମାନେ ନୃତ୍ୟ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ସାଧାରଣ ପର୍ଯ୍ୟବେକ୍ଷକ କୁନାଲ ପ୍ରକାଶ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁଧର ମିଶ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପର୍ଯ୍ୟବେକ୍ଷକଙ୍କ ଲିଆସନିଂ ଅଫିସର ଚନ୍ଦନ କୁମାର ସାହୁ, ହିମାଂଶୁ ଭୂଷଣ ସମର୍ଥ ପ୍ରମୁଖ ଯୋଗଦେଇଥିଲେ।

# ଚାପ ଖେଳିଲେ ରାଧାକୃଷ୍ଣ



**କାକଟପୁର,୧୧।୫(ଶୁଭଦର୍ଶନ ମିଶ୍ର):**

ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର ନୀତିକାନ୍ତି ଏବଂ ପର୍ବ ପର୍ବାଣି ସହିତ କାକଟପୁରର ମା' ମଙ୍ଗଳାଙ୍କ ନୀତିକାନ୍ତିର ବେଶ ସାମଞ୍ଜସ୍ୟ ରହିଛି। ସେହି ଅନୁସାରେ ବୈଶାଖ ମାସରେ ପାଳିତ ହେଉଥିବା ଚନ୍ଦନ ଯାତ୍ରା ମା' ମଙ୍ଗଳାଙ୍କ ମନ୍ଦିରରେ ସବୁଠାରୁ ଅଧିକ ଦିନ ଧରି ପାଳିତ ହୋଇଥାଏ। ମା'ଙ୍କ ମନ୍ଦିର ବେଢ଼ା ଭିତର ଦକ୍ଷିଣ ପାର୍ଶ୍ୱରେ ପୂଜା ପାଉଥିବା ପ୍ରଭୁ ରାଧାକୃଷ୍ଣଙ୍କ ମନ୍ଦିରରେ ବୈଶାଖ ମାସରେ ପ୍ରଚଣ୍ଡ ରୌଦ୍ରତାପରେ ଆଲଟ ପଡ଼େ। ସେଥିପାଇଁ ଠାକୁରଙ୍କୁ ଚନ୍ଦନ ଲାଗି କରାଯାଇଥାଏ। ରୌଦ୍ରତାପରୁ ମୁକ୍ତି ପାଇବାକୁ ଅକ୍ଷୟ ତୃତୀୟାଠାରୁ ପ୍ରଭୁ ରାଧାକୃଷ୍ଣଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣଙ୍କୁ ସୁସଜ୍ଜିତ ମଣି ବିମାନରେ ବସାଇ ମଙ୍ଗଳା ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଚନ୍ଦନ ବଜାରସ୍ଥିତ ପ୍ରାଚୀ ନଦୀର ଚନ୍ଦନ ତୁଠକୁ ନିଆଯାଇଥିଲା। ସେଠାରେ ପ୍ରଭୁଙ୍କ ସ୍ନାନ ନୀତି ନିମନ୍ତେ ଚନ୍ଦନ, କର୍ପୁର, ହଳଦି, ଚୁଆ, କସ୍ତୁରୀ, ଜାଇଫଳ, ମଲ୍ଲି, ଚମ୍ପା, ଜୁଇ, ସୁଗନ୍ଧରାଜ, ଗୋଲାପ ପ୍ରଭୃତି ବ୍ୟବହାର କରି ସୁବାସିତ ଜଳରେ ରାଧାକୃଷ୍ଣ ସ୍ନାନ କରିଥିଲେ। ପରେ ନଦୀରେ ପ୍ରସ୍ତୁତ ଡଙ୍ଗାରେ ରାଧାକୃଷ୍ଣ ଚାପ ଖେଳିଥିଲେ। ଚାପ ଖେଳ ପରେ ଶଙ୍ଖ, ଘଣ୍ଟ ଘଣ୍ଟା, ମୃଦଙ୍ଗ, ଖୋଳତାଳ, ମହୁରୀ, ହୁଳହୁଳି ସହ ପ୍ରଭୁ ରାଧାକୃଷ୍ଣ ବ୍ରାହ୍ମଣ, ଗୋପାଳ, ଭୋଇ ସେବାୟତଙ୍କୁ ଧରି ମନ୍ଦିରକୁ ବାହୁଡ଼ିଥିଲେ। ଫେରିବା ବାଟରେ ବିଭିନ୍ନ ସ୍ଥାନରେ ଟାଚେରୀ ଭୋଗ ଖାଇଥିଲେ। ଏହି ପର୍ବ ମୋଟ ୨୨ ଦିନ ଧରି ଚାଲିଥାଏ। ଶେଷ ଦିନ ହଳଦୀ ପାଣି ଉତ୍ସବ ଅନୁଷ୍ଠିତ ହୋଇଥାଏ। ମା'ଙ୍କ ଏହି ସ୍ୱତନ୍ତ୍ର ଯାତ୍ରା ତଥା ପର୍ବ ସମଗ୍ର ଓଡ଼ିଶା ରେ ପ୍ରସିଦ୍ଧି ଲାଭ କରିଛି। ଚନ୍ଦନ ଯାତ ନାମରେ ଏହା ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରୁ ଚାଲି ଆସିଥିବା ଗବେଷକମାନେ କୁହନ୍ତି।

# ଏମ୍‌ସିଏମ୍‌ସି କେନ୍ଦ୍ର ପରିଦର୍ଶନ କଲେ ସାଧାରଣ ପର୍ଯ୍ୟବେକ୍ଷକ

**ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି):**

ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଡ. କୁନାଲ ପ୍ରକାଶ ଖେମନର ଶୁକ୍ରବାର ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଏମ୍‌ସିଏମ୍‌ସି କେନ୍ଦ୍ର ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ଗଣମଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ଦୃଷ୍ଟି ରଖିବା ସହ ତାହାର ତଥ୍ୟ ପର୍ଯ୍ୟବେକ୍ଷକମାନଙ୍କୁ ନିୟମିତ ପ୍ରଦାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସେହିପରି ପ୍ରିଣ୍ଟ, ଇଲେକ୍ଟ୍ରୋନିକ ଚ୍ୟାନେଲ ଓ ସୋସିଆଲ ମିଡିଆକୁ ନିୟମିତ ଅନୁଧ୍ୟାନ କରି ପେଡ୍ ନ୍ୟୁଜ୍ ଉପରେ ଇସିଆଇ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପର୍ଯ୍ୟବେକ୍ଷକଙ୍କୁ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏମ୍‌ସିଏମ୍‌ସି ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ। ପରେ ପର୍ଯ୍ୟବେକ୍ଷକ ଖେମନର ସଦ୍‌ଭାବନା ସଭାଗୃହରେ ଚାଲୁଥିବା ଆଦର୍ଶ ଆଚରଣ ବିଧି ସେଲ୍ ଓ ଜିଲା ନିର୍ବାଚନ ଅଭିଯୋଗ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରିଥିଲେ। ଡେପୁଟି କଲେକ୍ଟର ତଥା ନୋଡାଲ ଅଫିସର ବିବେକାନନ୍ଦ ସାହୁ ପର୍ଯ୍ୟବେକ୍ଷକଙ୍କୁ ବିଭିନ୍ନ ସୂଚନା ଦେଇଥିଲେ। ଲିଆସନିଂ ଅଫିସର ଚନ୍ଦନ କୁମାର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ।

### ମଦ ଜବତ, ୩ ଗିରଫ

**ଅସ୍ତରଙ୍ଗ,୧୧।୫(ପ୍ରଦୀପ୍ତ କୁମାର ଦୀକ୍ଷିତ):**

କାକଟପୁର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଚୋରାମଦ ଜବତ କରିବା ସହ ୩ ଜଣ ବ୍ୟବସାୟୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଭରତ କାଣ୍ଡି (୩୪), ପ୍ରଫୁଲ୍ଲ କୁମାର ସାହୁ (୫୫) ଏବଂ ଅଜୟ ସେଠୀ (୩୨)। ସେମାନଙ୍କ ନିକଟରୁ ୭୫ଟି ଆସ୍କା ଫର୍ଟି, ୨୦ଟି କିଙ୍ଗଫିଶର, ୫୦ ବିଦେଶୀ ମଦ ବୋତଲ ମୋଟ ୩୭ ଲିଟର ମଦ ଜବତ କରାଯାଇଛି। ଏନେଇ ପୋଲିସ ନଂ.୧୦୯/୨୪, ୧୧୦/୨୪, ୧୧୧/୨୪ରେ ୩ଟି ପୃଥକ୍ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତେବେ ଥାନା ଅଞ୍ଚଳ ଫକୀରସାହି, ସୁହାଗପୁର ଓ କୁଣ୍ଢେଇ ଅଞ୍ଚଳରେ ଚୋରାମଦ ବ୍ୟବସାୟ ହେଉଥିବା ଖବରପାଇ ଚଢ଼ାଉ କରାଯାଇଥିବା ଥାନାଧିକାରୀ ବିଜୟକେତନ ବେହେରା ସୂଚନା ଦେଇଛନ୍ତି।

# ଆକାଉଣ୍ଟରୁ ଖାଲିହେଲା ୨୩ ହଜାର

**ସାଇବର ଠକେଇ**

**ଅସ୍ତରଙ୍ଗ,୧୧।୫(ପ୍ରଦୀପ୍ତ କୁମାର ଦୀକ୍ଷିତ):**

ସାଇବର ଠକଙ୍କଠାରୁ ଜନତାଙ୍କୁ ରକ୍ଷା କରିବାକୁ ପୋଲିସ ଯେତେ ସଚେତନ କରିଲେ ସୁଦ୍ଧା ଲୋକେ ବାରମ୍ବାର ଠକାମିର ଶିକାର ହେଉଛନ୍ତି। ସାମାନ୍ୟ ଅସାବଧାନତା ଯୋଗୁ ସେମାନେ ବାରମ୍ବାର ସାଇବର ଠକେଇର ଶିକାର ହେଉଛନ୍ତି। ଏଭଳି ଏକ ମାମଲା ଅସ୍ତରଙ୍ଗ ଥାନା ଅଧୀନ ତାଳଦା ରିଶୋଲ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ବିଭୂତି ଭୂଷଣ ନାୟକ (୪୫)ଙ୍କ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟରୁ ୨୩ ହଜାର ୫ଶହ ଟଙ୍କା କୌଣସି ବ୍ୟକ୍ତି ଚଞ୍ଚକତାର ସହ ନେଇଯାଇଛନ୍ତି। ଏଣୁ ବ୍ୟକ୍ତି ଜଣଙ୍କ ଉକ୍ତ ବାର୍ତ୍ତାରେ ଥିବା ଲିଙ୍କ୍‌କୁ କ୍ଲିକ୍ କରିଦେବାରୁ ସାଇବର ଠକ ତାଙ୍କ ମୋବାଇଲରୁ ଟଙ୍କା ନେଇଯାଇଥିଲେ। ସାଇବର ଠକେଇର ଶିକାର ହୋଇଥିବା ଜାଣି ବିଭୂତି ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିବାବେଳେ ଅନ୍‌ଲାଇନ ମାଧ୍ୟମରେ ସାଇବରରେ ମଧ୍ୟ ଅଭିଯୋଗ କରିଛନ୍ତି।

# କଂଗ୍ରେସ ପ୍ରାର୍ଥୀ ମନୋରଞ୍ଜନଙ୍କ ନିର୍ବାଚନୀ ପ୍ରଚାର

**କଣାସ,୧୧।୫(ବିଭୂତି ଭୂଷଣ ତ୍ରିପାଠୀ):**

ସତ୍ୟବାଦୀ ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମନୋରଞ୍ଜନ ରଥ ଶନିବାର ତାଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ସେ କଣାସଠାରେ ଆରାଧ୍ୟା ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କଠାରୁ ଆର୍ଶୀବାଦ ଭିକ୍ଷାକରି ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର, କଣ୍ଟପଡ଼ା, କାତପଡ଼ା, ରାଣୀପଡ଼ା, ଗାଉପଡ଼ା, ବେଲପଡ଼ା, ଚଙ୍ଖେଇପଡ଼ା, ନୀଳକଣ୍ଠପୁର, ମାନପୁର, ନୂଆପଡ଼ା, ନୂଆଗାଁ, ବଳାଜିତ୍‌ପୁର, ଚାନ୍ଦପଡ଼ା, ଗଡ଼ବଡ଼ପୁଟ ଗ୍ରାମପଞ୍ଚାୟତର ବୀରକେଶରପୁର, ବାରଦା, ବାଦଲପୁର, ବେହେଣ୍ଟା ଓ ଗଡ଼ବଡ଼ପୁଟ ଗ୍ରାମରେ ଦଳୀୟ କର୍ମୀଙ୍କ ସହ ବୁଲି ଭୋଟ ଭିକ୍ଷା କରିଥିଲେ। ଏଥିସହ ରାହୁଲ ଗାନ୍ଧୀଙ୍କ ନିର୍ବାଚନ ଇସ୍ତାହାର ସମ୍ପର୍କରେ ବୁଝାଇଥିଲେ।


କଂଗ୍ରେସ ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା ।

# ପ୍ରୟାସର ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ

**ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)**

ପ୍ରୟାସ ସଙ୍ଗଠନର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶୁକ୍ରବାର ଅକ୍ଷୟ ତୃତୀୟା ଅବସରରେ ବାର୍ଷିକ ଉତ୍ସବ ପାଳନ ସହ ଅଖିମୁଠି ଅନୁକୂଳ ଓ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରୟାସର ସଭାପତି କୃଷ୍ଣ ଜଗଦ୍ଦେବ ଓ ସମ୍ପାଦକ କାମାକ୍ଷା ପ୍ରଧାନ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ପରେ ଜନସଭାରେ ଉଦବୋଧନ ଦେଇ ଜଗଦେବ କହିଥିଲେ, ପୂଣ୍ୟାତ୍ମା ଗୋପବନ୍ଧୁଙ୍କ ସାଧନା କ୍ଷେତ୍ର ସତ୍ୟବାଦୀରେ ମାଟି ପାଇଁ ଲଢେଇରେ ପାର୍ଟିର ଭୂମିକା ଅତି ଗୌଣ। ବନ୍ୟା ଓ ଜଳନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେ ପ୍ରୟାସରତ। ଅଧାପକ ସଭାରେ ଅଭୟ ନାୟକ, ଶିକ୍ଷାବିତ ବଂଶୀଧର ଜଗଦେବ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବୀର ପୀଠଠାରୁ ଶ୍ରୀସିଦ୍ଧବକଳଦେବ ପୀଠ ପର୍ଯ୍ୟନ୍ତ ଚାଷୀ ଓ ମହିଳାଙ୍କୁ ନେଇ ଶୋଭାଯାତ୍ରା ହୋଇଥିଲା। ବିଶ୍ୱଜିତ ବଡ଼ଜେନା, ସତ୍ୟଭାମା ବେହେରା, ମଣ୍ଡଗଜ ସିଂହ, ଗଙ୍ଗାଧର ଛାଟୋଇ, ସୁରଥ ବେହେରା, ପ୍ରଜ୍ଞ୍ୟା ହୋତା, କିଶୋର ମାର୍ଥା, ସୁବ୍ରତ ମହାପାତ୍ର, ଅରୁଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଭାରେ ଆଦର୍ଶ ଚାଷୀ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପାଟ୍ରୋଲିଂ ଠପ୍ :ଗୋଟିଏ ରାତିରେ ୨ ଚୋରି

**ଯୋଗେଶ୍ୱରପୁର,୧୧।୫(ରଶ୍ମିରଞ୍ଜନ ସାହୁ):**

ନୟାହାଟ ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ନୟାହାଟ ଫାଣ୍ଡି ସମୁଖରୁ ରଙ୍ଗ ତୋଟା ଗ୍ରାମର ବିଷ୍ଣୁ ଚରଣ ମହାନ୍ତିଙ୍କ ଆଇଚର ମିନି ଟ୍ରକ (ଓଡ଼ି ୦୨ ବି ଏଫ ୨୪୬୬) ଡୋର ଲକ୍ ଚୋରି ହୋଇଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ସେହିପରି ଫାଣ୍ଡି ଅଧୀନ ଦେସ୍ତଳୀ ପଞ୍ଚାୟତ ତ୍ରିଲୋଚନ ଉ.ପ୍ରା. ବିଦ୍ୟାଳୟର କବାଟ ତାଲା ଭାଙ୍ଗି ମଧ୍ୟାନ ଭୋଜନ ପାଇଁ ଆସିଥିବା ୨ଟା ଗ୍ୟାସ ସିଲିଣ୍ଡର, ପାଣି ମଟର, ୨୫ କିଲୋ ଚାଉଳ, ରୋଷେଇ ହାଣ୍ଡି, କଡେଇ, ଥାଳି, ୨୫ଟି ଖାତା ଚୋରି ହେବା ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନସ ଭୋଇ ଅଭିଯୋଗ କରିଛନ୍ତି। ପୋଲିସ ଏ ଅଭିଯୋଗ ଉପରେ ତଦନ୍ତ କରିଥିଲେ ମଧ୍ୟ ଅଦ୍ୟାବଧି କାହାକୁ ଗିରଫ କରିପାରିନାହିଁ। ପୂର୍ବରୁ ଚଳିତ ମାସରେ ପରିବା ହାଟରୁ କେଦାର ସାହୁଙ୍କଠାରୁ ୧୦ହଜାର ଟଙ୍କାର ଚୋରି ହୋଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ତେବେ ରାତ୍ର କାଳୀନ ପାଟ୍ରୋଲିଂ ସେବା ଠପ ହେବାରୁ ନୟାହାଟରେ ଘନ ଘନ ଚୋରି ହୋଇଛି। ଏ ଦିଗରେ ପୁରୀ ଏସ୍‌ପି ପିନାକ ମିଶ୍ର ଦୃଷ୍ଟି ଦେବାକୁ ଅଞ୍ଚଳରେ ଦାବି ହେଉଛି।

# 'ଶ୍ରୀକ୍ଷେତ୍ର ହେଉଛି ସମନ୍ୱୟର କ୍ଷେତ୍ର'

**ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ୨୦ତମ ପ୍ରତିଷ୍ଠା ବର୍ଷ ଓ ଭଗବାନ ଶ୍ରୀପର୍ଶୁରାମ ଜୟନ୍ତୀ**

**ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)**



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିବିଶେଷ।

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ୨୦ତମ ପ୍ରତିଷ୍ଠା ବର୍ଷ ଓ ଭଗବାନ ଶ୍ରୀପର୍ଶୁରାମ ଜୟନ୍ତୀ ଅବସରରେ ଶନିବାର ଶଧାବାଲିସ୍ଥିତ ରାଣୀସତୀ ଭବନରେ ଶ୍ରୀକ୍ଷେତ୍ର ପରମ୍ପରା ଏବଂ ଶ୍ରୀଭଗବାନ ପର୍ଶୁରାମ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି କହିଥିଲେ ଯେ, ଶ୍ରୀକ୍ଷେତ୍ର ହେଉଛି ସମନ୍ୱୟର କ୍ଷେତ୍ର। ସୃଷ୍ଟି ଆରମ୍ଭରୁ ଏହି କ୍ଷେତ୍ର ସମନ୍ୱୟର ବାର୍ତ୍ତା ପ୍ରଚାର କରେ। ଭାରତୀୟ ସଭ୍ୟତାର ଉନ୍ମେଷ, ଉତ୍‌ଥାନ ଏବଂ ଜାଗରଣରେ ଏହି କ୍ଷେତ୍ରର ଅବଦାନ ଶାସ୍ତ୍ର ଓ ଇତିହାସ ସମ୍ମତ। ସଂସ୍କୃତିର ବିବର୍ତ୍ତନ ଧାରାରେ ଚାରିଯୁଗ ସଂରଚନା କ୍ରମେ ଭଗବାନ ପର୍ଶୁରାମ ସତ୍ୟ ତ୍ରେତୟା ଯୁଗର ଦେବତା ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରାଧାପକ ଡ. ଚନ୍ଦ୍ରଶେଖର ଦାସ, ଅଧାପକ ସର୍ବେଶ୍ୱର ଷଡ଼ଙ୍ଗୀ, ଐତିହ୍ୟ ଗବେଷକ ମଦନମୋହନ ମହାପାତ୍ର, ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ସଦସ୍ୟା ପ୍ରତିଭା ତ୍ରିପାଠୀ, ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସୁଶ୍ରୀ କ୍ରିଷ୍ଣା ଦେବୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଦନମୋହନ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରି କହିଥିଲେ, ବୈଶାଖ ଶୁକ୍ଳ ତୃତୀୟା ହେଉଛି ଭଗବାନ ପର୍ଶୁରାମଙ୍କ ଜନ୍ମତିଥି। ଏହି ତିଥିକୁ ଅକ୍ଷୟତୃତୀୟା କୁହାଯାଏ। ଭଗବାନ ପର୍ଶୁରାମ ହେଉଛନ୍ତି ଶ୍ରୀପରମ୍ପରାର ପ୍ରତିଷ୍ଠାତା। ସେ ବ୍ରାହ୍ମଣଙ୍କ ଗୁରୁ ହୋଇଥିବାରୁ ଏହିଦିନ ପର୍ଶୁରାମ କଳ୍ପସୂତ୍ର ଆଧାରରେ ବ୍ରାହ୍ମଣ ସମାଜ ଯଜ୍ଞ କରନ୍ତି। ଭଗବାନ ପର୍ଶୁରାମ ତପଶକ୍ତି ଓ କ୍ଷତ୍ରୀୟ ଶକ୍ତିର ପ୍ରତୀକ। ମହେନ୍ଦ୍ରଗିରି ତାହାଙ୍କର ଶାଶ୍ୱତ ସାଧନା କ୍ଷେତ୍ର। ପ୍ରଭୁ ଶ୍ରୀଜଗନ୍ନାଥ ଅବତାରୀ ପୁରୁଷ ଓ ପର୍ଶୁରାମ ଶିବ ସ୍ୱରୂପ ଅବତାର ବୋଲି ସେ କହିଥିଲେ। ଡ. ରମାକାନ୍ତ କର, ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର, ଅଧାପକ ପ୍ରମୋଦ କୁମାର ଦଳାଇ, ଦୟାନିଧି ତ୍ରିପାଠୀ, ଅଧାପକ ଲକ୍ଷ୍ମୀପ୍ରସାଦ ମିଶ୍ର, ଗବେଷକ ନାରାୟଣ ନନ୍ଦ, ଇଂ. କେଶବ ଚନ୍ଦ୍ର ପାତ୍ର, ଅଧାପିକା ସୁଚିସ୍ମିତା ମହାନ୍ତି, ଦାଶରଥି ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପଣ୍ଡିତ ସଦାଶିବ ମିଶ୍ର, ଗବେଷକ ନାରାୟଣ ନନ୍ଦ, ବିପିନ ଦଳାଇଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଟ୍ରଷ୍ଟର ବିଶେଷ ସଂଖ୍ୟା 'ଶ୍ରୀଗୁଣ୍ଡିଚା' ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଭାଗବତ ପ୍ରସାଦ ପଟ୍ଟନାୟକ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଅଶୋକ କୁମାର ମିଶ୍ର ଏବଂ ତପନ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୈଳାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଘର ଜଳିଗଲା

**କଣାସ,୧୧।୫(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ଥାନା ନିକଟବର୍ତ୍ତୀ କଣାସ ହାଟ ନିକଟରେ ଶୁକ୍ରବାର ସାରଙ୍ଗଧର



ମହାରଣାଙ୍କ କୋଠାଘରେ ଶର୍ଟସର୍କିଟ୍‌ରୁ ନିଆଁ ଲାଗି ସମସ୍ତ ଆସବାବପତ୍ର ସହ ନଗଦ ୫୫ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ କଣାସ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଝିଅର ବିବାହ ଜୁନ୍‌ରେ ହେବାକୁଥିବାବେଳେ ସାରଙ୍ଗଧର ଝିଅ ପାଇଁ ରଖିଥିବା ସୋଫାସେଟ୍, ଗଡ୍‌ରେଜ୍, ଗିଜର୍, ଏଲ୍‌ଇଡି ଟିଭି, ବାସନକୁସନ୍, ନୂତନ ବସ୍ତ୍ର, ମନୋହରି ସାମଗ୍ରୀ ଓ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଏଥିସହ ପୁଅର ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର ଓ ବହିପତ୍ର ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ସାଧାରଣତଃ ଦାବି ଦେଉଛନ୍ତି ।

## ‘ମୋ ବସ୍’ରୁ ଚୋରି କରି ମହିଳା ଗିରଫ, ୩ ଫେରାର

ଭୁବନେଶ୍ୱର,୧୧।୫ (ସୂର୍ଯ୍ୟକାନ୍ତ ବେହେରା)- ଯାତ୍ରୀ ହୋଇ ମୋ ବସରେ ଚଢୁଥିଲେ, ମୌକା ଦେଖି ଗହଳି ଭିତରେ ଚୋରି କରି ଫେରାର ହୋଇଯାଉଥିଲେ। ଏଭଳି ଢଙ୍ଗରେ ଚୋରି କରୁଥିବା ମହିଳା ଗ୍ୟାଙ୍ଗ ମଧ୍ୟରୁ ଜଣେ ସଦସ୍ୟଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ଲାଜବତି ସିଂ। ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଗ୍ୟାଙ୍ଗ୍‌ର ଅନ୍ୟ ୩ ଜଣ ମହିଳା ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ କଟକ ଲିଙ୍କ୍‌ରୋଡ୍ ଏବଂ ଓଏମ୍‌ପି ଛକରେ ରହିବା ସହ ସେଠାରୁ ମୋ ବସ୍‌ରେ ମୋବାଇଲ ଚୋରି କରିବା ପାଇଁ ଭୁବନେଶ୍ୱରକୁ ଆସନ୍ତି। ସୁଯୋଗ ଦେଖି ମୋ ବସ୍‌ରୁ ମୋବାଇଲ ଫୋନ୍ ଚୋରି କରିବା ପରେ ପୁନର୍ବାର କଟକ ଫେରିଯାଆନ୍ତି ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି ।

ସୂଚନା ଅନୁଯାରେ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ପାର୍ବତୀ ସାହୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଓମଫେଡ୍ ଛକକୁ ଆସିବା ପାଇଁ ମୋ ବସ୍‌ରେ ବସିଥିଲେ। ଓମଫେଡ୍ ଛକରେ ପହଞ୍ଚିବା ମଧ୍ୟରେ ଲୁଟେରାମାନେ ସୁଯୋଗ ଦେଖି ତାଙ୍କର ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲେ। ପାର୍ବତୀ ବସ୍‌ରୁ ଓହ୍ଲାଇବା ସମୟରେ ମୋବାଇଲ ନ ପାଇବାରୁ ଖୋଜିଥିଲେ। ଏନେଇ ପାର୍ବତୀ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତାଙ୍କୁ ଓମ୍‌ଫେଡ୍ ଛକରୁ ଗିରଫ କରିଥିଲା। ପଚରାଉଚରାବେଳେ ଅଭିଯୁକ୍ତା ସହଯୋଗୀଙ୍କ ସହ ମିଶି ଏଭଳି ଲୁଟ୍ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

## ଦୁଃସାହସିକ ରାତ୍ରି ସାଇକେଲ ଯାତ୍ରା

### ୧୨ଘଣ୍ଟାରେ ସ୍ୱର୍ଣ୍ଣିମ ତ୍ରିଭୁଜକୁ ପରିକ୍ରମା ଲକ୍ଷ୍ୟ

ଭୁବନେଶ୍ୱର,୧୧।୫ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶର ସାଇକ୍ଲିଂ ଆଣ୍ଡ୍ ଆଡ୍‌ଭେଞ୍ଚର କ୍ଲବ (ବିସିଏସି) ପକ୍ଷରୁ ଦୁଃସାହସିକ ରାତ୍ରି ସାଇକେଲ ଯାତ୍ରା ‘ସାଇକ୍ଲିଂ ଅଣ୍ଡର ଦି ଷ୍ଟାର୍ସ’ର ୭ମ ସଂସ୍କରଣ ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ବିସିଏସି ସଭାପତି ଲଳିତ ଦାସ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବହୁ ସାଇକେଲ ଚାଳକ ଯୋଗଦେଇ ଭୁବନେଶ୍ୱର କ୍ଲବଠାରୁ ସନ୍ଧ୍ୟା ୬ଟାରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଯୋଜନା ଅନୁଯାୟୀ ଏହି ଯାତ୍ରା ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିବା ପରେ ମେରାଇନ ଡ୍ରାଇଭ୍‌ରେ କୋଣାର୍କ ଅଭିମୁଖେ ଯାତ୍ରା କରିବେ। ପରେ ଭୁବନେଶ୍ୱର ଫେରିବେ ସମସ୍ତ ସାଇକେଲ ଚାଳକ। ସ୍ୱର୍ଣ୍ଣିମ ତ୍ରିଭୁଜକୁ ସନ୍ଧ୍ୟା ୬ଟାରୁ ସକାଳ ୬ ମଧ୍ୟରେ ୧୭୦ କିମି ସଫଳତାର ସହ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏନେଇ ପୋଲିସ କମିଶନର ପଣ୍ଡା କହିଲେ, ସାଇକେଲ ଚାଳନା ଶରୀର ପକ୍ଷେ ଉତ୍ତମ। ତେଣୁ ସମସ୍ତେ ସାଇକେଲ ଚାଳନା ଅଭ୍ୟାସ କରିବା ଦରକାର । ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ରାଉତ, ଶିବାଶିଷ ମହାନ୍ତି ପରିଚାଳନା କରିଥିଲେ।



ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ବିସିଏସି ସଭାପତି ଲଳିତ ଦାସ ସବୁଜ ପତାକା ଦେଖାଇ ଦୁଃସାହସିକ ରାତ୍ରି ସାଇକେଲ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

## ଶ୍ୟାମାମଣୀ, ସ୍ନେହପ୍ରଭାଙ୍କୁ ‘ଜାଗୃତି ସମ୍ମାନ’



ଭୁବନେଶ୍ୱର,୧୧।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଜାଗୃତି ସାଂସ୍କୃତିକ ପରିଷଦର ୨୨ତମ ବାର୍ଷିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶାସ୍ତ୍ରୀୟ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଗୁରୁ କୁମୁକୁମ ମହାନ୍ତି, ପଣ୍ଡିତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଓ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ

### ରାଜଶ୍ରୀ, ବୁଦ୍ଧନାଥଙ୍କୁ ‘ଜାଗୃତି ଯୁବ ସମ୍ମାନ’

ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଓ ସ୍ନେହପ୍ରଭା ସାମନ୍ତରାୟଙ୍କୁ ‘ଜାଗୃତି ସମ୍ମାନ ୨୦୨୪’ ପ୍ରଦାନ କରାଯାଇଥିଲା। ସେହିପରି ରାଜଶ୍ରୀ ପ୍ରହରାଜ ଓ ବୁଦ୍ଧନାଥ ସ୍ୱାଇଁଙ୍କୁ ‘ଜାଗୃତି ଯୁବ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗୁରୁ ମିନତୀ ପ୍ରଧାନ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ କୋଲକାତାରୁ ଆସିଥିବା ଦେବଯାନୀ ବସୁଙ୍କ ଭାରତନାଟ୍ୟମ, ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ଓଡିଶୀ ନୃତ୍ୟାଭିନୟରେ ମାନ ଉଦ୍ଧାରଣ ଉପସ୍ଥାପିତ ହୋଇଥିଲା। ଯୁଗଳବନ୍ଦୀରେ ସନ୍ତୋଷ ରାମ ଏବଂ ସମୀର କୁମାର ପାଣିଗ୍ରାହୀ ଓଡିଶୀ ନୃତ୍ୟ ପରିବେଷିତ କରିଥିଲେ। ଏକାଡେମୀ ତରଫରୁ ଦଳଗତ ନୃତ୍ୟରେ ଜଗତଜନନୀ ପରିବେଷଣ ଉଚ୍ଚକୋଟୀର ହୋଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

## ଭାରତ ବିକାଶ ପରିଷଦର ସମ୍ବର୍ଦ୍ଧନା ଉତ୍ସବ, ଇ - ପତ୍ରିକା ‘ସଂପ୍ରୀତି’ ଉନ୍ମୋଚିତ

ଭୁବନେଶ୍ୱର, ୧୧।୫( ଶର୍ମିଷ୍ଠା ପାଣିଗ୍ରାହୀ )

ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତ ତରଫରୁ ଅକ୍ଷୟ ତୃତୀୟା ଅବସରରେ ନବ ନିର୍ବାଚିତ ରାଷ୍ଟ୍ରୀୟ ସଭାପତି ନ୍ୟାୟମୂର୍ତ୍ତି ଆଦର୍ଶ ଗୋଏଲଙ୍କୁ ଶୁକ୍ରବାର ସ୍ୱାଗତ କରାଯାଇଛି। ଏହି ଅବସରରେ ମାସିକ ଇ-ପତ୍ରିକା ‘ସଂପ୍ରୀତି’କୁ ଉନ୍ମୋଚିତ କରି କହିଲେ, ଧର୍ମ ସମସ୍ତଙ୍କୁ ଯୋଡ଼ିବାର ମାଧ୍ୟମ। ଯେତେବେଳେ ସାରା ବିଶ୍ୱ ଏତେଟା ଆଗେଇ ନ ଥିଲା ଭାରତ ବିକଶିତ ଥିଲା। ବିଶ୍ୱର କୌଣସି ଶକ୍ତି ନାହିଁ, ଯାହା ଭାରତର ସଂସ୍କୃତିକୁ ନଷ୍ଟ କରି ଦେବ। ଅଧ୍ୟକ୍ଷ ସତ୍ୟବାଦୀ ଦାସ ଅତିଥିଙ୍କ ପରିଚୟ ଦେଇଥିଲେ। ମହାସଚିବ ସୌମେନ୍ଦ୍ର ଦାସ ସଂଯୋଜନା କରିଥିବାବେଳେ କ୍ଷେତ୍ରୀୟ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅର୍ଥ ସଚିବ ନରସିଂହ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଲେଖନୀକୁ ଶାଣିତ କଲେ ସାହିତ୍ୟ ଯୁଗଯୁଗ ଧରି ତିଷ୍ଠି ରହିବ

ଭୁବନେଶ୍ୱର,୧୧।୫(ଅନୁରାଧା ମହାରଣା)

‘ଆମ ସାହିତ୍ୟ ପରିବାର, ବ୍ୟାସନଗର’ର ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନ ହୋତା କହିଲେ, ସାହିତ୍ୟ କୌଣସି ଅଞ୍ଚଳ ଭିତରେ ସୀମାବଦ୍ଧ ନୁହେଁ । ଏଣୁ ପ୍ରଚାରପ୍ରସାର ଦିଗରେ ଧ୍ୟାନ ନ ଦେଇ ଲେଖନୀକୁ ଶାଣିତ କଲେ ସାହିତ୍ୟ ଯୁଗଯୁଗ ଧରି ତିଷ୍ଠି ରହିବ। ଉଦ୍‌ଘାଟକ ଭାବେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ କହିଲେ, ସାହିତ୍ୟକୁ ନିଷ୍ଠା ଓ ସାଧନାର ସହିତ ସମ୍ପାଦନ କରିବା ଦରକାର। ମୁଖ୍ୟବକ୍ତା ଭାବେ ପ୍ରଫେସର.ପ୍ରେମାନନ୍ଦ ମହାପାତ୍ର କହିଲେ, ସାହିତ୍ୟ ସମସ୍ତଙ୍କୁ ଭାବରସରେ ବାନ୍ଧିଥାଏ । ସାହିତ୍ୟର ପତନ ଘଟିଲେ ସମାଜ ବିପଥଗାମୀ ହେଇଯାଏ । ଅତିଥି ଶଶଧର ପଣ୍ଡା ‘ଆମ ସାହିତ୍ୟ ପରିବାର’ ପକ୍ଷରୁ ଉତ୍କର୍ଷ ସମ୍ମାନ ପ୍ରଦାନର ପରମ୍ପରାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ୫ମ ବାର୍ଷିକ ମୁଖପତ୍ର ‘ଉଦ୍ଭବ’ର ଲୋକାର୍ପଣ କରିବା ସହ ଓଡିଶାର ଶ୍ରେଷ୍ଠ ୭ଟି ସଙ୍ଗଠନକୁ ‘ଉତ୍କର୍ଷ ସମ୍ମାନ’ ପ୍ରଦାନ କରାଯାଇଥିଲା। ସେସବୁ ଅନୁଷ୍ଠାନ ହେଲା ଭୁବନେଶ୍ୱର ସାହିତ୍ୟ ସମାଜ, ସୁକିନ୍ଦା ସାହିତ୍ୟ ସମାଜ, ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ, ରଶ୍ମିପ୍ରଭା, ପାର୍ବତୀ ଗୋବିନ୍ଦ ସ୍ମୃତି ସଂସଦ, ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସୃଜନୀ, ଓ ଜଗତସିଂହପୁର ସାହିତ୍ୟ ପରିଷଦ। ସେହିପରି ଓଡିଶାର ଲବ୍ଧ ପ୍ରତିଷ୍ଠିତ ୧୭ଜଣ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଦୁଇଜଣ ଲବ୍ଧପ୍ରତିଷ୍ଠିତ ଲେଖକ ଜୟନ୍ତୀ ଜେନା ଏବଂ ଡ. ସୁରେନ୍ଦ୍ର ମହାନ୍ତିଙ୍କ ପୁସ୍ତକର ପାଠକାର୍ପଣ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସନ୍ଧ୍ୟା ଘଡେଇ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ପଣ୍ଡିତ ଅକ୍ଷୟ କୁମାର ଦାସ ଓ ସଭାପତି ଡ. ଅଲେଖ ମହାରଣା ଅନୁଷ୍ଠାନର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ସୁଚେତା ପ୍ରିୟଦର୍ଶିନୀ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ମହେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।



‘ଆମ ସାହିତ୍ୟ ପରିବାର, ବ୍ୟାସନଗର’ର ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବରେ ଅତିଥିମାନେ।

## ୪ନଂ. ୱାର୍ଡରେ ପ୍ରିୟଦର୍ଶୀ ମିଶ୍ରଙ୍କ ପ୍ରଚାର



ବାଲିଅନ୍ତା,୧୧।୫(ନୀଳମାଧବ ସାହୁ): ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ତାଙ୍କ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ସେ ଶନିବାର ସକାଳେ ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡରେ ରୋଡ୍ ଶୋ’ ମାଧ୍ୟମରେ ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ। ନଖରା ଗ୍ରାମରୁ ରୋଡ୍ ଶୋ’ରେ ବାହାରି ଯୋହଳ, ଜୟପୁର, ପାହାଳ ଆଦି ଗ୍ରାମ ପରିକ୍ରମା କରି ଉଭୟ ଲୋକ ସଭା ଓ ବିଧାନସଭା ଆସନର ଭାଜପା ପ୍ରାର୍ଥୀଙ୍କୁ ୨ଟି ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ଜିତାଇବାକୁ ସ୍ଥାନୀୟ ବାସିନ୍ଦାଙ୍କୁ ଅନୁରୋଧ କରିଥିଲେ। ପ୍ରାର୍ଥୀ ପ୍ରିୟଦର୍ଶୀଙ୍କ ରୋଡ଼ ଶୋ’ରେ ଶତାଧିକ ସମର୍ଥକ ଓ ଦଳୀୟ କର୍ମୀ ଯୋଗଦେଇଥିଲେ। ବିଭିନ୍ନ ସ୍ଥାନରେ ପ୍ରାର୍ଥୀ ପ୍ରିୟଦର୍ଶୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଜ୍ୟୋତ୍ସ୍ନା ସାହୁ, ବିଜୟ ରାଉତ, କୁନ୍‌ମୁନ୍ ମହାନ୍ତି, ଦୀପକ ସାମନ୍ତରାୟ, ଶ୍ରୀଧର ସାହୁଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିଲେ।

## ଟିକରପଡ଼ାରେ ବାବୁ ସିଂଙ୍କ ପଦଯାତ୍ରା

ପୁରୁଣା ଭୁବନେଶ୍ୱର,୧୧।୫ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ଭାଜପାର ପ୍ରଚାର ଜୋର୍‌ଦାର ହେବାରେ ଲାଗିଛି। ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ଶନିବାର ଟିକରପଡ଼ା ପଞ୍ଚାୟତର କଲ୍ୟାଣପୁର, ଗଙ୍ଗେଶ୍ୱରପୁର, ଟିକରପଡ଼ା, ବସନ୍ତପୁର, ପଳାଶପୁର ଅଞ୍ଚଳରେ ପଦଯାତ୍ରା କରି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସପକ୍ଷରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ବାବୁ ସିଂ କହିଛନ୍ତି, ଏକାମ୍ର ନିର୍ବାଚନମଣ୍ଡଳୀର ଅସ୍ମିତା ଆଉ ସ୍ୱାଭିମାନ ପାଇଁ ଏଥର ଲଢ଼େଇ ହେବ। ଏଥର ଏକାମ୍ରରେ ଭାଜପା ବିପୁଳ ଭୋଟରେ ବିଜୟଲାଭ କରିବ।



ସମର୍ଥକଙ୍କ ଗହଣରେ ପଦଯାତ୍ରାରେ ଯାଉଥିବା ଏକାମ୍ର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ଭୋଟ ନିବେଦନ କରୁଛନ୍ତି।

## ବ୍ୟାଙ୍କରେ ଅଗ୍ନିକାଣ୍ଡ : ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା

ଖୋର୍ଦ୍ଧା,୧୧।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୋଡ଼ିପୋଖରୀ ଛକରେ ଥିବା ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଖୋର୍ଦ୍ଧା ଶାଖାରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ହୋଇଥାଇପାରେ ବୋଲି ଅଗ୍ନିଶମ କର୍ମଚାରୀ ଅନୁମାନ କରୁଛନ୍ତି। ବ୍ୟାଙ୍କ ଭିତରେ ଥିବା ୪ଟି ଏସି, ୭ଟି କମ୍ପ୍ୟୁଟର ସେଟ୍, ସ୍କାନର, ଫ୍ୟାନ୍, ସିସିଟିଭି କ୍ୟାମେରା, ଟଙ୍କା ଗଣତି ଯନ୍ତ୍ର, ପାସ୍‌ବୁକ୍ ପ୍ରିଣ୍ଟର ଆଦି ପୋଡ଼ି ପାଉଁଶ ହୋଇଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ‘ସ୍ୱାସ୍ଥ୍ୟସେବାର ବିକାଶ ନର୍ସିଂ ସେବା ଉପରେ ନିର୍ଭର କରେ’

ଭୁବନେଶ୍ୱର,୧୧।୫(ଅସମାପିକା ସାହୁ)

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନର୍ସିଂ ସାଇନ୍ସେସ(କିନ୍ସ) ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ସେବିକା ସପ୍ତାହ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାଙ୍କ ଭୂମିକା ଏବଂ ଭାରତରେ ନର୍ସିଂ ଶିକ୍ଷାର ପ୍ରସାର ଓ ଅଭ୍ୟାସ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଯୋଗଦେଇ କହିଲେ, ଭବିଷ୍ୟତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପର୍ଯ୍ୟାପ୍ତ ନିବେଶର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟସେବାର ବିକାଶ ନର୍ସିଂ ସେବାର ବିକାଶ ଉପରେ ନିର୍ଭର କରିଥାଏ। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି ସେବିକାଙ୍କ ମାନସିକ ଓ ଅର୍ଥନୈତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ସେବିକାମାନେ ସେବାର ଅର୍ଥନୈତିକ ଶକ୍ତି। କରୁଣା ଓ ସହାନୁଭୂତି ମନୋଭାବ ନେଇ ସେବିକାମାନେ ରୋଗୀଙ୍କ ଜୀବନ ବଞ୍ଚାଇଥାନ୍ତି। ସେବିକାଙ୍କ ସେବାର ପ୍ରତିକ୍ରିୟା ସାଧାରଣ ଜନତାଙ୍କଠାରୁ ଜଣାପଡ଼େ ଏବଂ ରୋଗୀ ଓ ତାଙ୍କ ପରିବାର ସେବିକାଙ୍କୁ ସବୁଦିନ ମନେରଖନ୍ତି। ଭାରତରେ ନର୍ସିଂ ଶିକ୍ଷା ସମୟରେ ସେବିକାଙ୍କ ପାଇଁ ବ୍ୟାପକ ଅଭ୍ୟାସ ଓ ତାଲିମ ପାଇଁ ଉପଯୁକ୍ତ କ୍ଷେତ୍ରର ଅଭାବ ଯୋଗୁ ଗୁଣାତ୍ମକ ସେବିକା ସୃଷ୍ଟି ହେବାର ସମସ୍ୟା ରହିଛି ବୋଲି ଡା. ମହାନ୍ତି କହିଥିଲେ। ସେହିପରି କିମ୍ସ ମେଡିକାଲ ଅଧୀକ୍ଷକ ପ୍ରଫେସର ଆର୍. ସି. ଦାସ କହିଲେ, ୨୦୩୦ ସୁଦ୍ଧା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନକକୁ ପୂରଣ କରିବା ପାଇଁ ଭାରତରେ ସମ୍ପ୍ରତି ନର୍ସିଂ କ୍ଷମତାକୁ ଅଭିବୃଦ୍ଧି କରିବାର ସମୟ ଆସିଛି। ତେବେ ସେବିକାଙ୍କ ଜ୍ଞାନ ଓ କୌଶଳରେ ଯଥେଷ୍ଟ ଅଗ୍ରଗତି ଘଟିଛି। ସେମାନଙ୍କର ଏହି ପ୍ରକ୍ରିୟା ଜାରି ରହିବା ଉଚିତ ବୋଲି ଡା. ଦାସ କହିଛନ୍ତି। ଏହି ଅବସରରେ ନ୍ୟାଶନାଲ ଫ୍ଲୋରେନ୍ସ ନାଇଟେଙ୍ଗଲ ପୁରସ୍କାର ବିଜୟିନୀ ଜଗତ୍‌ସିଂହପୁରର ଖୁଲଣା ବାରିକ ଯୋଗଦେଇ ଉପସ୍ଥିତ ସେବିକା ଓ ମେଡିକାଲ ଅଧିକାରୀଙ୍କୁ ପ୍ରେରଣାମୂଳକ ଭାଷଣ ପ୍ରଦାନ କରିଥିଲେ। ପରେ ବିଭିନ୍ନ ବିଭାଗରେ ସେବିକାଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଏ. ପି. ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିନ୍ସ ଅଧ୍ୟକ୍ଷା ପ୍ରଫେସର ନିୟତି ଦାସ ପ୍ରମୁଖ ଯୋଗଦେଇଥିଲେ।




ଅନ୍ତର୍ଜାତୀୟ ସେବିକା ସପ୍ତାହ ପାଳନ ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସହ ଅନ୍ୟ ଅତିଥିମାନେ।

## ‘ନର୍ସଙ୍କ ବିନା ଡାକ୍ତରଖାନା ଅଧୁରା’

ଭୁବନେଶ୍ୱର, ୧୧।୫(ଅସମାପିକା ସାହୁ)

ନର୍ସମାନଙ୍କ ସେବା ଯତ୍ନ ଦ୍ୱାରା ହିଁ ରୋଗୀମାନେ ସୁସ୍ଥ ହୋଇଥାନ୍ତି। ନର୍ସଙ୍କୁ ମା’ମାନଙ୍କ ସହିତ ମଧ୍ୟ ତୁଳନା କରାଯାଏ। ତେଣୁ ନର୍ସଙ୍କ ବିନା ଡାକ୍ତରଖାନା ଅଧୁରା ବୋଲି ଶିକ୍ଷା ଓ ଅନୁସନ୍ଧାନ(ସୋଆ)ର ଉପସଭାପତି ଶାଶ୍ୱତୀ ଦାସ କହିଛନ୍ତି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସେସ ଆଣ୍ଡ୍ ସମ୍ ହସ୍ପିଟାଲ ପକ୍ଷରୁ ଆନ୍ତର୍ଜାତିକ ସେବିକା ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାଶ୍ୱତୀ କହିଲେ, ବିଗତ କିଛି ବର୍ଷରେ ମହାମାରୀ କୋଭିଡ୍ ପ୍ରଳୟରୁ ସମାଜକୁ ବଞ୍ଚାଇବାରେ ନର୍ସମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଇଏମ୍‌ଏସ୍ ଆଣ୍ଡ୍ ସମ୍ ହସ୍ପିଟାଲର ନର୍ସଙ୍କ ତ୍ୟାଗ ଓ ନିଷ୍ଠାପର ସେବା ଦ୍ୱାରା ସୋଆ ଅନେକ ସୁନାମ ଅର୍ଜନ କରିଛି। ତେଣୁ ସେମାନଙ୍କୁ ହୃଦୟର ସହ କୃତଜ୍ଞତା ଜ୍ଞାପନ କରୁଛନ୍ତି ବୋଲି ଶାଶ୍ୱତୀ କହିଛନ୍ତି। ବ୍ରହ୍ମପୁରସ୍ଥିତ କଲେଜ୍ ଅଫ୍ ନର୍ସିଂର ଅଧ୍ୟକ୍ଷା ପ୍ରଫେସର ଡା. ରାଜଲକ୍ଷ୍ମୀ ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଲେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସଙ୍କ କାର୍ଯ୍ୟଧାରାକୁ ଅଧିକ ସଫଳ କରିବା ନିମନ୍ତେ କ୍ଲିନିକାଲ ଗବେଷଣା କ୍ଷେତ୍ରରେ ସେମାନଙ୍କୁ ଅଧିକ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି। ସେହିପରି ପ୍ରସୂତିଙ୍କ ଚିକିତ୍ସା କରୁଥିବା ନର୍ସମାନେ ଅଧିକ ପ୍ରଶିକ୍ଷିତ ହେବା ଉଚିତ ବୋଲି ସେ କହିଥିଲେ।

ଆଇଏମ୍‌ଏସ୍ ଆଣ୍ଡ୍ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର ଯୋଗଦେଇ ନର୍ସମାନଙ୍କୁ ହସ୍ପିଟାଲର ମେରୁଦଣ୍ଡ ବୋଲି କହିଥିଲେ। ହସ୍ପିଟାଲର ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ମିନତୀ ମିଶ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ ହସ୍ପିଟାଲ ଫୁଲନଖରା କ୍ୟାମ୍ପସର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ରାଜେଶ ଲେଙ୍କା, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଇନ୍‌ଚାର୍ଜ ପ୍ରଫେସର ଡା. ରଚିତା ଷଡ଼ଙ୍ଗୀ ଓ ଆଡିଶନାଲ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଶୋଭାମଞ୍ଜରୀ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନର୍ସମାନଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗଲ ଶପଥପାଠ କରାଯାଇଥିଲା। ସେହିପରି ଅତିଥିଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିବାବେଳେ କେକ୍ କଟାଯାଇ ଏହି ସ୍ୱତନ୍ତ୍ର ଦିବସ ପାଳନ କରାଯାଇଥିଲା। ନର୍ସିଂ ସପ୍ତାହ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ ହସ୍ପିଟାଲର ସିନିୟର ନର୍ସିଂ ଏଜୁକେଟର ତଥା ସମ୍ ନର୍ସିଂ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ନିବେଦିତା ରାଉତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ କାବେରୀ ରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଆନ୍ତର୍ଜାତିକ ସେବିକା ଦିବସ ପକ୍ଷରୁ ସମ୍ ହସ୍ପିଟାଲ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ମହାତ୍ମା ସାଧୁସୁନ୍ଦର ଦାସଙ୍କ ଜୟନ୍ତୀ

ଚୌଦ୍ୱାର,୧୧।୫(ଆଶୁତୋଷ ଦାସ)

ମହାନ ସଂସ୍କାରକ, ଓଡ଼ିଶାର ପ୍ରଥମ ହାତଲେଖା କୁଜିବର ପତ୍ରିକାର ପୁରୋଧା ମହାତ୍ମା ସାଧୁସୁନ୍ଦର ଦାସଙ୍କ ଜୟନ୍ତୀ ଆଗ୍ରାହାଟ ପଞ୍ଚାୟତର କୁଜିବରସ୍ଥିତ ସୁନ୍ଦରା ବାବା ସିଦ୍ଧପୀଠରେ ପାଳିତ ହୋଇଯାଇଛି। ଏହି ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, କଳସଯାତ୍ରା ସହିତ ଯଜ୍ଞ କରାଯାଇଥିଲା। ମାର୍ଫତ୍‌ଦାର ଶରତ କୁମାର ସାହୁ, ଅନ୍ତର୍ଯ୍ୟାମୀ ଦାସ, ଉମେଶ ଚନ୍ଦ୍ର ସାହାଣୀ, ବାସୁଦେବ ସାହୁ, ସାଧୁସୁନ୍ଦର ସ୍ମୃତି କମିଟି ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପଥଚାରୀଙ୍କୁ ଅଭିନବ ଶ୍ରଦ୍ଧାଞ୍ଜଳି

କଟକ,୧୧।୫ (କାର୍ତ୍ତିକ ସାହୁ)

ଖପୁରିଆସ୍ଥିତ ଜୟ ଜଗନ୍ନାଥ ମର୍ନିଂ ୱାର୍କସ କ୍ଲବ ପକ୍ଷରୁ ଦିବଂଗତ ପଥଚାରୀଙ୍କୁ ଅଭିନବ ଉପାୟରେ କ୍ଲବ ପରିସରରେ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କ୍ଲବର ଆବାହକ ଆଦିକନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ ୨୩ ଜଣ ଦିବଂଗତ ପଥଚାରୀ ସଦସ୍ୟଙ୍କ ଫଟୋରେ ଏକକାଳୀନ ମାଲ୍ୟାର୍ପଣ କରାଯାଇଛି। ରୁଚି ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁଙ୍କ ସମେତ ବିଜୟଲକ୍ଷ୍ମୀ ସାହୁ, ସଂଯୁକ୍ତା ନାୟକ ପ୍ରମୁଖ ଦୀପଦାନ କରିଥିଲେ। ପଣ୍ଡିତ ବିଜୟ କୁମାର ଶତପଥୀ ଶାନ୍ତିପାଠ କରିବା ପରେ ନୀରବ ପ୍ରାର୍ଥନା କରାଯାଇଥିଲା। ସନ୍ଧ୍ୟା ଶତପଥୀ ଧନ୍ୟବାଦ ଦେଇଥିଲେ।

### ଶନିଶ୍ଚର ଦେବଙ୍କ ଜଳାଭିଷେକ

କଟକ ସଦର/ଚୌଦ୍ୱାର, ୧୧।୫ (ସୁଶାନ୍ତ କୁମାର ଜେନା/ଆଶୁତୋଷ ଦାସ)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗର ପଞ୍ଚାୟତର ରାମଚନ୍ଦ୍ରପୁରଠାରେ ଶନିଶ୍ଚର ଦେବଙ୍କ ଜଳାଭିଷେକ କରାଯାଇଛି। ବହୁ ସଂଖ୍ୟକ ଭକ୍ତ ମହାନଦୀରୁ ଜଳ ଆଣି ଶନିଶୀଳାରେ ଅଭିଷେକ କରିଥିଲେ। ଏହି ଅବସରରେ ଶନିବାରଠାରୁ ଦୁଇ ଦିନିଆ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇଛି। ସ୍ଥାନୀୟ ପୋଲିସ ପକ୍ଷରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। କିଶୋର ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ବ୍ୟବସ୍ଥା ପାଇଁ କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବା ସହ ସୂଚନା କେନ୍ଦ୍ର ଖୋଲାଯାଇଛି। ମନ୍ଦିର କମିଟି ସଭାପତି ରମାକାନ୍ତ ନାୟକ, ପ୍ରମୋଦ ନାୟକ, ଅଶୋକ ସାହୁ, ଦିଲ୍ଲୀପ ସାହୁ, ଦେବାଶିଷ ସିହ୍ନା, ରବୀନ୍ଦ୍ର ବେହେରା, ବାବୁନା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ଚୌଦ୍ୱାର ବେଉରା ସାହିସ୍ଥିତ ବୁଢ଼ାଶନି ପୀଠରେ ଭକ୍ତମାନେ ଜଳଲାଗି କରିଥିଲେ। ଏହି ଅବସରରେ ପୀଠରେ ମହାଯଜ୍ଞ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ଏଥିସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି ଚୌଦ୍ୱାରର ବିଭିନ୍ନ ଶନି ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।

# ଏସ୍‌ସିବିରେ ରୋଗୀ ସେବା ବିପର୍ଯ୍ୟସ୍ତ

କଟକ,୧୧।୫(ଶିଳ୍ପା ପ୍ରିୟଦର୍ଶିନୀ)

- ସମସ୍ୟା ସମାଧାନ ପାଇଁ ନିଆଯାଉନି ପଦକ୍ଷେପ
- ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଲେ ପିଜି ଛାତ୍ରୀଛାତ୍ର




ଏସ୍‌ସିବି ମେଡିକାଲକୁ ଏମ୍ସ ପ୍ଲସ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ମେଡିକାଲର ଭିତ୍ତିଭୂମିକୁ ସୁଦୃଢ କରାଯାଉଛି। ହେଲେ ଏଠାରେ ରୋଗୀସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବିଭିନ୍ନ ସ୍ଥାନରୁ ଆସୁଥିବା ରୋଗୀଙ୍କୁ ଠିକ୍‌ଭାବେ ଚିକିତ୍ସା ସେବା ମିଳୁ ନ ଥିବାରୁ ସେମାନଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରର ରୋଗୀମାନେ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ଏଠାକାର କୌଣସି ବିଭାଗରେ ଇସିଜି ମେଶିନ ନ ଥିବାରୁ ପରୀକ୍ଷା ପାଇଁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ମେଡିକାଲ ପରିସର କାନ୍ଥରେ ଘରୋଇ ଲାବରେଟୋରିର ବିଜ୍ଞାପନ ଲଗାଯାଉଛି। ରୋଗୀମାନେ ଏସ୍‌ସିବିରେ ଠିକ୍ ଭାବେ ଚିକିତ୍ସା ସେବା ନ ପାଇଁ ବାଧ ହୋଇ ଘରୋଇ ଲାବରେଟୋରିକୁ ଯାଇ ଟଙ୍କା ଖର୍ଚ୍ଚ କରି ଚିକିତ୍ସିତ ହେଉଛନ୍ତି। ମେଡିକାଲ କର୍ତ୍ତୃପକ୍ଷ ଗଠନ କରିଥିବା ଅନ୍ତରୀଣ ସ୍କ୍ୱାଡ୍ ଏଥିପ୍ରତି ନଜର ଦେଉନାହିଁ। ସେହିପରି ମେଡିକାଲର ମେଡିସିନ ବିଭାଗରେ ଶତାଧିକ ରୋଗୀ ଭର୍ତ୍ତି ହେଉଥିବାବେଳେ ୬୦ଟି ଆଇସିୟୁ ବେଡ୍ ରହିଛି। ଅନେକ ସମୟରେ ଗୁରୁତର ରୋଗୀମାନେ ଆଇସିୟୁ ବେଡ୍ ପାଇବାରୁ ବଞ୍ଚିତ ହେଉଛନ୍ତି। ମେଡିକାଲର ପ୍ରତି ୱାର୍ଡରେ ୫୦ରୁ ଅଧିକ ଅକ୍ସିଜେନ ସିଲିଣ୍ଡର ଆବଶ୍ୟକ ଥିବାବେଳେ ଏବେ ପ୍ରାୟ ୩୦ଟି ସିଲିଣ୍ଡର ରହୁଛି। ଫଳରେ ଅକ୍ସିଜେନ ଆବଶ୍ୟକ କରୁଥିବା ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ଜେରକ୍ସ ମେଶିନ କୌଣସି ଆଉଟ୍‌ଡୋରରେ ଉପଲବ୍ଧ ନାହିଁ। ତେଣୁ ମେଡିକାଲ ବାହାରକୁ ଯାଇ ରୋଗୀଙ୍କ ସମ୍ପର୍କୀୟଙ୍କୁ ଜେରକ୍ସ କରିବାକୁ ପଡୁଛି। ମେଡିକାଲରେ ବିଭିନ୍ନ ପରୀକ୍ଷା କରିବା ପାଇଁ ଡାକ୍ତର ପ୍ରେସ୍‌କ୍ରାଇବ୍ କରୁଛନ୍ତି। ହେଲେ କୌଣସି କାରଣରୁ ରୋଗୀମାନେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରତିଦିନ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଉପରୋକ୍ତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାଗୁଡିକର ସମାଧାନ ପାଇଁ କିଛିମାସ ପୂର୍ବରୁ ପିଜି ଛାତ୍ରୀଛାତ୍ରମାନେ ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ହେଲେ ଅଦ୍ୟାବଧି ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏନେଇ ଜଣେ ପିଜି ଛାତ୍ର ପରିଚୟ ଗୋପନ ରଖି କହିଛନ୍ତି, ଏସ୍‌ସିବି ମେଡିକାଲରେ ଅନେକ ଅବ୍ୟବସ୍ଥା ରହିଛି। ଏଥିରେ ସୁଧାର ଆଣିବା ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ପିଜି ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପ୍ରକାଶ ପାଇଲା 'ମୋ କଟକ' ବିଚାରପତ୍ର




ସାରଳା ଭବନରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ଅନ୍ୟମାନେ ବିଚାରପତ୍ର ଉନ୍ମୋଚନ କରୁଛନ୍ତି।

କଟକ,୧୧।୫(ଶିଳ୍ପା ପ୍ରିୟଦର୍ଶିନୀ)

ନିର୍ବାଚନ ପାଇଁ କଟକ ଲୋକ ସଭା ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ପକ୍ଷରୁ ଶନିବାର ସ୍ଥାନୀୟ ସାରଳା ଭବନରେ 'ମୋ କଟକ-ବିଚାରପତ୍ର' ପ୍ରକାଶ ପାଇଛି। ବିଜେଡି ଇସ୍ତାହାରଠାରୁ ଅନୁପ୍ରାଣିତ ହୋଇ ବିଚାରପତ୍ର ପ୍ରସ୍ତୁତ କରାଯାଇଛି। ଏଥିରେ କଟକ ସଂସଦୀୟ କ୍ଷେତ୍ରର ସାଂସଦ ଓ ସମସ୍ତ ବିଧାୟକ ପ୍ରାର୍ଥୀ ଏକାଠି ହୋଇ କଟକବାସୀଙ୍କ ବିକାଶ ପାଇଁ ବିଚାରପତ୍ରରେ ଥିବା ବିଚାର ଉପରେ କାମ କରିବା ନେଇ ସଂତୃପ୍ତ କହିଛନ୍ତି। ବିଚାରପତ୍ର ଲୋକାର୍ପଣ କରାଯିବା ସହ ଏଥିରେ ଆସନ୍ତା ୨୦୩୬ ମଧ୍ୟରେ କଟକକୁ ଏକ ସମୃଦ୍ଧ ସଂସଦୀୟ କ୍ଷେତ୍ରରେ ପରିଣତ କରିବାକୁ ବିଭିନ୍ନ ବିଚାର ଉପରେ କାମ କରିବା ପାଇଁ ସଭାରେ ଆଲୋଚନା କରାଯାଇଛି। ଏହି ସଭାରେ ବିଜେଡି ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ସିଏମ୍‌ସି ମେୟର ସୁବାସ ସିଂ, ଆଠଗଡ଼ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବଡମ୍ବା ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର ଓ ଚୌଦ୍ୱାର-କଟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ, ନଗର ବିଜେଡି ସଭାପତି ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପରେ ନିଗମର ବହୁ କର୍ପୋରେଟରଙ୍କ ସହିତ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବିଜେଡି ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

କଟକ ସଦର, ୧୧।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ବୁଥ୍‌ସ୍ତରୀୟ ବିଜେଡି କାର୍ଯ୍ୟକର୍ତ୍ତା ବୈଠକ ରାଜହଂସଠାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ରବି ନାରାୟଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଦଳୀୟ ପର୍ଯ୍ୟବେକ୍ଷକ ସରୋଜ ନାୟକ, ବିଭୂତି ଭୂଷଣ ପରିଡ଼ାଙ୍କ ସମେତ ୮ଟି ବୁଥ୍‌ର କାର୍ଯ୍ୟକର୍ତ୍ତା ଯୋଗଦେଇ ନିର୍ବାଚନ ସଂକ୍ରାନ୍ତରେ ମତବ୍ୟକ୍ତ କରିଥିଲେ। ପ୍ରତି ୱାର୍ଡରୁ ୫ ଜଣ ଲେଖାଏ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ନିର୍ବାଚନର ସମସ୍ତ କାର୍ଯ୍ୟ ପରିଚାଳନା କରାଯିବ। ଏହି କାର୍ଯ୍ୟକର୍ତ୍ତାମାନେ ସିଧାସଳଖ ସଭାପତି, ସରପଞ୍ଚ ତ୍ରିଲୋଚନ ପାତ୍ରଙ୍କ ସହ ଯୋଗସୂତ୍ର ରକ୍ଷା କରି କାର୍ଯ୍ୟ କରିବେ। ଏହି ବୈଠକରେ ପୂର୍ବତନ ସରପଞ୍ଚ ଅକ୍ଷୟ ପରିଡ଼ା, ପୂର୍ବତନ ସମିତି ସଭ୍ୟ ପ୍ରଭାକର ବେହେରା, ସୁବୋଧ ବେହେରା, କୃଷ୍ଣଚନ୍ଦ୍ର ବେହେରା, ଶୂନ୍ୟବାସୀ ବେହେରାଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ।

# ୬୩ ମାମଲା ଫଇସଲା



ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ।

## ହାଇକୋର୍ଟରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୧୧।୫ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଆଇନସେବା କମିଟି ଆନୁକୂଲ୍ୟରେ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ହାଇକୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରନ୍ ଇନ୍ ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ଏକ୍‌ଜିକ୍ୟୁଟିଭ୍ ଚେୟାରମ୍ୟାନ ତଥା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ହାଇକୋର୍ଟ ଲିଗାଲ ସର୍ଭିସେସ୍ କମିଟି ଚେୟାରମ୍ୟାନ ତଥା ବିଚାରପତି ଅରିନ୍ଦମ ସିହ୍ନାଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ଲୋକ ଅଦାଲତର ବିଭିନ୍ନ ବେଞ୍ଚରେ ଜଷ୍ଟିସ୍ ଏସ୍.କେ. ସାହୁ, ଜଷ୍ଟିସ୍ ଏମ୍.ଏସ୍. ସାହୁ, ଜଷ୍ଟିସ ଏ.କେ. ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ଏମ୍.ଏସ୍. ରମଣ, ଜଷ୍ଟିସ ଏସ୍.କେ. ମିଶ୍ର ଓ ଜଷ୍ଟିସ ଜି. ଶତପଥୀଙ୍କ ଅଧକ୍ଷତାରେ ମାମଲାଗୁଡ଼ିକର ଆପୋସ ବୁଝାମଣା ହୋଇଥିଲା। ଏହି ଲୋକ ଅଦାଲତରେ ବୀମା, ଅପରାଧ ଏବଂ ବିଦ୍ୟୁତ୍ ସମ୍ବନ୍ଧୀୟ ୬୩ଟି ମାମଲାର ଫଇସଲା ହୋଇଥିଲା। ଏଥିସହ ମୋଟ ୩,୮୫,୯୫,୨୦୯ ଟଙ୍କା ଆଦାୟ କରାଯାଇଛି। ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସ, ୟୁନାଇଟେଡ୍ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ ସମେତ ଅନ୍ୟ କେତେକ ଘରୋଇ ଇନ୍‌ସ୍ୟୁରାନ୍ସ କମ୍ପାନୀ ଓ ବିଭିନ୍ନ ବ୍ୟାଙ୍କର ଅଧିକାରୀ ଯୋଗଦେଇଥିଲେ।

# ୧୮,୮୨,୮୯,୭୪୩ ଟଙ୍କା ଆଦାୟ ସ୍ଥିର

## ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୧୧।୫ (କାର୍ତ୍ତିକ ସାହୁ)

କଟକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକ ଜିଲା ଓ ଦୌରାଜଜ୍ କୋର୍ଟ ପରିସର ଏବଂ ତାଲୁକ ସ୍ତରରେ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଲୋକଅଦାଲତର ବିଭିନ୍ନ କୋର୍ଟ ପରିଦର୍ଶନ କରି ମାମଲାଗୁଡ଼ିକର ଫଇସଲା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଏଥିରେ ବହୁ ସଂଖ୍ୟକ ଲୋକ ଯୋଗଦେଇ ସେମାନଙ୍କ ମାମଲା ଫଇସଲା କରାଇଥିଲେ। କଟକ ଜିଲା ଓ ଦୌରାଜଜ୍ ତଥା କଟକ ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ସଞ୍ଜୟ ରଞ୍ଜନ ବହିଦାରଙ୍କ ଅଧକ୍ଷତାରେ କଟକ ଜିଲା କୋର୍ଟର ବିଚାରପତିମାନେ ନିଜ ନିଜ କୋର୍ଟରେ ଥିବା ମାମଲାଗୁଡ଼ିକର ଆପୋସ ବୁଝାମଣାରେ ଫଇସଲା କରାଇଥିଲେ। ଏହି ଲୋକ ଅଦାଲତରେ ତାଲିକାଭୁକ୍ତ ମୋଟ ୨୬,୨୪୫ ମାମଲାରୁ ୧୦,୪୭୦ଟି ଫଇସଲା କରାଯାଇଛି। ଏଥିସହ ମୋଟ ୧୮,୮୨,୮୯,୭୪୩ ଟଙ୍କା ଜରିମାନା ଓ ଅନୁକମ୍ପାମୂଳକ ଅର୍ଥରାଶି ଆଦାୟ ପାଇଁ ସ୍ଥିର ହୋଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ୍ ଅଧିନିୟମଜନିତ ମାମଲା, ଖାଉଟି ବିବାଦଜନିତ ମାମଲା, ଚେକ୍ ବାଉନ୍ସ, ରାଜସ୍ୱ ଓ ପ୍ରାକ୍ ବିବାଦୀୟଜନିତ ମାମଲା ଆଦି ଫଇସଲା କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ରମାକାନ୍ତ ମହାନ୍ତି ଲୋକ ଅଦାଲତ ପରିଚାଳନା କରିଥିଲେ।

# ନିର୍ବାଚନ ପ୍ରଚାର କଲେ ସୋଫିଆ, ରୂପାଲି

କଟକ,୧୧।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୨୧ ନମ୍ବର ୱାର୍ଡର ବିଭିନ୍ନ ଅଞ୍ଚଳରେ ବାରବାଟୀ-କଟକ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ଶନିବାର ପଦଯାତ୍ରା ମାଧ୍ୟମରେ ନିର୍ବାଚନୀ ପ୍ରଚାର କରିଛନ୍ତି। ଏଥିରେ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୱାର୍ଡ କଂଗ୍ରେସ କମିଟି ପକ୍ଷରୁ ନିର୍ବାଚନ ପାଇଁ ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ପୂର୍ବତନ କର୍ପୋରେଟର ଗୌରୀ ଦାସ, ସାବିତ୍ରୀ ନାୟକ, ଅନିଲ ନାୟକ, ଡ. ସନ୍ତୋଷ ବଳ, ପଲ୍ଲବୀ ଘୋଷ, ସାହିଲ ପର୍ଭେଜ, ମିତୁଆ ସାହୁ ଉପସ୍ଥିତ ଥିଲେ।

ସେହିପରି ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ରୂପାଲି ଲେଙ୍କା ଶନିବାର କଟକ ରେଲୱେ ଷ୍ଟେଶନ ପ୍ରିପେଡ ଅଟୋ ଷ୍ଟାଣ୍ଡ, ଅର୍ବାନ ହାଟ, ଛତ୍ରବଜାର ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରେ ନିର୍ବାଚନ ପ୍ରଚାର କରିଛନ୍ତି। ଚୌଦ୍ୱାର-କଟକର ଉନ୍ନତି, ବିକାଶ ଓ ଅଞ୍ଚଳର ମୌଳିକ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ସେ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରଞ୍ଜିତା ଲେଙ୍କା, ସୁମିତ୍ରା ଲେଙ୍କା, ହିମାଂଶୁ କିରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ନିର୍ବାଚନ ପ୍ରଚାର କରୁଛନ୍ତି।

# ନିର୍ବାଚନ ପୋଷ୍ଟର, ପୁସିଂକାର୍ଡ ଛାପିବା ପାଇଁ ପ୍ରେସ୍‌ରେ ଭିଡ଼



କଟକ,୧୧।୫(ଶିଳ୍ପା ପ୍ରିୟଦର୍ଶିନୀ)

ଜମିବାରେ ଲାଗିଛି ନିର୍ବାଚନ ପ୍ରଚାର। ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି। ଏବେ ପ୍ରଚାର ପାଇଁ ବ୍ୟାନର, ପୋଷ୍ଟର, ପୁସିଂକାର୍ଡ ଆବଶ୍ୟକ ଥିବାରୁ କଟକର ବିଭିନ୍ନ ପ୍ରେସ୍ ବା ଛାପାଖାନାରେ ପ୍ରାର୍ଥୀଙ୍କ ଭିଡ ଲାଗୁଥିବା ଦେଖିବାକୁ ମିଳିଛି। କଟକ ସମେତ ରାଉରକେଲା, ଝାରସୁଗୁଡା, ଭଦ୍ରକ, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର ଭଳି ଜିଲାରୁ ପ୍ରାର୍ଥୀମାନେ ବ୍ୟାନର, ପୋଷ୍ଟର ଓ ପୁସିଂକାର୍ଡ ଛପାଇବା ପାଇଁ କଟକର ବିଭିନ୍ନ ପ୍ରେସ୍‌କୁ ଅର୍ଡର ଆସୁଛି। ପାଞ୍ଚବର୍ଷକୁ ଥରେ ନିର୍ବାଚନ ଆସୁଥିବାରୁ ଏପରି ବ୍ୟବସାୟ ହାତଛଡା କରିବାକୁ ବ୍ୟବସାୟୀ ଚାହିଁ ନ ଥାନ୍ତି। ଆବଶ୍ୟକ ମୁତାବକ କର୍ମଚାରୀ ନିୟୋଜିତ କରି ଦିନରାତି ଏହି କାମରେ ଲାଗି ପଡିଛନ୍ତି। ସହରରେ ଥିବା ସାଇଲକ୍ଷ୍ମୀ ଗ୍ରାଫିକ୍ସ, ପଦ୍ମାଳୟ ଗ୍ରାଫିକ୍ସ, ସତ୍ୟନାରାୟଣ ପ୍ରେସ୍, ରୟାଲ ହାଫ୍‌ଟନ୍, ତ୍ରିପାଠୀ ଜେରକ୍ସ, ଜଗନ୍ନାଥ ଅଫ୍‌ସେଟ୍ ଭଳି ଅନେକ ପ୍ରେସ୍‌ରେ ବ୍ୟାନର, ପୋଷ୍ଟର, ପୁସିଂକାର୍ଡ ଛପା କାମ ଜାରି ରହିଛି। ପ୍ରାର୍ଥୀ ପିଛା ୧୦ ଲକ୍ଷରୁ ଅଧିକ ଟଙ୍କାର କାମ କରାଯାଉଛି। ଏଥିରେ ବ୍ୟାନର, ପୋଷ୍ଟର, ପୁସିଂ କାର୍ଡ, ହୋର୍ଡିଂ, ୱାର୍ଡ ବ୍ୟାନର କାମ ରହିଛି। ସହରରେ ଥିବା ବିଭିନ୍ନ ପ୍ରେସ୍‌କୁ ୫ରୁ ଅଧିକ ପ୍ରାର୍ଥୀଙ୍କ କାମ ପାଇଁ ଅର୍ଡର ଆସିଛି। ଏବେ ସୋସିଆଲ ମିଡିଆ ପ୍ରଚାର ପ୍ରାର୍ଥୀଙ୍କୁ ବେଶି ସୁହାଇଛି ସତ, ହେଲେ ପ୍ରାର୍ଥୀ ଏହି ଛାପା କାମକୁ ଭୁଲି ନାହାନ୍ତି।



"ପାଞ୍ଚ ବର୍ଷକୁ ଥରେ ନିର୍ବାଚନ ଆସିଥାଏ। ତେଣୁ ପ୍ରାର୍ଥୀଙ୍କ ପାଇଁ ବ୍ୟାନର, ପୋଷ୍ଟର, ପୁସିଂକାର୍ଡ ଛପା କାମକୁ ହାତଛଡା କରିବାକୁ କୌଣସି ପ୍ରେସ୍ ମାଲିକ ଚାହିଁ ନ ଥାନ୍ତି। ଏପର୍ଯ୍ୟନ୍ତ ୬ରୁ ଅଧିକ ପ୍ରାର୍ଥୀଙ୍କ କାମ ପାଇଁ ଅର୍ଡର ଆସିଛି। ବିଶେଷକରି ପୁସିଂକାର୍ଡର ଅଧିକ ଚାହିଦା ରହିଛି। ଏହି କାମ ପାଇଁ ଅଧିକ କର୍ମଚାରୀ ନିୟୋଜିତ କରିଛୁ। ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

**ଗୌରାଙ୍ଗ ଭୂୟାଁ, ମାଲିକ, ସାଇଲକ୍ଷ୍ମୀ ଗ୍ରାଫିକ୍ସ**



"ନାମାଙ୍କନ ଦାଖଲ ପରେ ପ୍ରଚାର ପାଇଁ ପୋଷ୍ଟର, ବ୍ୟାନର ଓ ପୁସିଂକାର୍ଡ ଆବଶ୍ୟକ। ତେଣୁ ଏହାକୁ ଛପାଇବା ପାଇଁ ବିଭିନ୍ନ ପ୍ରେସ୍‌ରେ ପ୍ରାର୍ଥୀଙ୍କ ଭିଡ ଲାଗୁଛି। ବିଭିନ୍ନ ସାମଗ୍ରୀର ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରାର୍ଥୀଙ୍କୁ ସୁହାଇଲା ଭଳି ଦାମ୍ ରଖାଯାଇଛି।

**ତପନ କୁମାର ମହାପାତ୍ର, ମାଲିକ, ପଦ୍ମାଳୟ ଗ୍ରାଫିକ୍ସ**



ଗ୍ରହରାଜ ଶନିଦେବଙ୍କ ଜନ୍ମଦିବସରେ କଟକ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ଥିବା ଶନିଦେବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଳୁମାନେ ଜଳଲାଗି କରୁଛନ୍ତି।



କଟକ ଡଗରପଡା ଷ୍ଟୋନୀ ରୋଡ଼ସ୍ଥିତ ଅଲିଶା ବଜାର ଯୋଗ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ଆନ୍ତଃଜିଲା ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଓ ଅତିଥିବୃନ୍ଦ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**କୃଷ୍ଣପ୍ରସାଦ,୧୧।୫(କୈଳାସ ଚନ୍ଦ୍ର ପଟ୍ଟନାୟକ):** ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ କୃଷ୍ଣପ୍ରସାଦ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ହରିହର ପାହାଣ। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗ ମୁତାବକ, ଛାତ୍ରୀ ଜଣଙ୍କ ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ଉପରୋକ୍ତ ଅଭିଯୁକ୍ତ ଜଣଙ୍କ ତାଙ୍କ ପିଛା କରିଥିଲେ। ଏକ ନିଛାଟିଆ ସ୍ଥାନରେ ବଳାତ୍କାର ଉଦ୍ୟମ କରିଥିବା ନେଇ ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇବା ସହ ହରିହରଙ୍କୁ ଗିରଫ କରିଥିଲା।

### ଶନିଶ୍ଚରଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ବୋଲଗଡ଼,୧୧।୫(ଦେବବ୍ରତ ହୋତା)** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଭୀମପଡ଼ା ଗ୍ରାମସ୍ଥିତ ଶନିଶ୍ଚର ଦେବଙ୍କ ପୀଠରେ ଚତୁର୍ଥ ବାର୍ଷିକ ବଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା ଆଦି କରାଯାଇ ପ୍ରାତଃରୁ କଳସ ଶୋଭାଯାତ୍ରା, କଳସ ସ୍ଥାପନ କରାଯାଇଥିଲା। ପରେ ପୂଜାପାଠ ଓ ମହାଯଜ୍ଞ ଆରମ୍ଭ ହୋଇଥିଲା। ଶେଷରେ ଯଜ୍ଞର ରୀତିନୀତି ଅନୁସାରେ ସମସ୍ତ ପୂଜାପାଠ, ପୁଷ୍ପାଞ୍ଜଳି ପ୍ରଦାନ ସହ ପୂର୍ଣ୍ଣାହୁତି କାର୍ଯ୍ୟ ହୋଇଥିଲା। ବସନ୍ତ କୁମାର ରଥଙ୍କ ଦ୍ୱାରା ସମସ୍ତ ପୂଜା ପାଠ କାର୍ଯ୍ୟ କରାଯାଇଥିବା ବେଳେ କର୍ତ୍ତା ଭାବେ ପର୍ଶୁରାମ ମୁଦୁଲି ଓ ବୀର ଅଧିକାରୀ ଉପବିଷ୍ଟ ଥିଲେ। ଯଜ୍ଞ ଉପଲକ୍ଷେ ଦୁଇଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦୀ ଦୁଆରୀ, ସଂକୀର୍ତ୍ତନ, ନାଟକ 'ସୁଖ ସଉତୁଣୀ ଦୁଃଖ ଭଗାରୀ' ପରିବେଷଣ ହୋଇଥିଲା। ମଣ୍ଡଳସିଂହ, କାଉତରା, ଦିଘିରି, ଟାଙ୍ଗୀସାହି, କୁସୁପଲ୍ଲା, କୋଟପଲ୍ଲା ଆଦି ଗ୍ରାମର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୀମପଡା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ତିଛିଣିରେ ବାର୍ଷିକ ହରିଭକ୍ତ ସମ୍ମିଳନୀ

**କୃଷ୍ଣପ୍ରସାଦ,୧୧।୫(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ତିଛିଣି ଗ୍ରାମର ମା' ବୃନ୍ଦାବତୀଙ୍କ ପୀଠରେ ଶୁକ୍ରବାରଠାରୁ ୨୧ତମ ବାର୍ଷିକ ହରିଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେଉଛି । ଏହି ଅବସରରେ ଗୀତା ମହାଯଜ୍ଞ, ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି ଆୟୋଜନ କରାଯାଇଛି। ବେରୁଆଁବାଡ଼ି ମଠାଧୀଶଙ୍କ ନେତୃତ୍ୱରେ ୯ଜଣ ପଣ୍ଡିତ ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି। ଗ୍ରାମର ତ୍ରିନାଥ ଦେବ ସଂକୀର୍ତ୍ତନ ମଣ୍ଡଳୀ, ମା'ମଙ୍ଗଳା ସଂକୀର୍ତ୍ତନ ମଣ୍ଡଳୀ, କ୍ଷେତ୍ରପାଳି ସଂକୀର୍ତ୍ତନ ମଣ୍ଡଳୀ, ନନ୍ଦଳା, ବଡ଼ଝାଡ଼, ଗୁରୁବାଇ ସହିତ ୮ମେଳ ସଂକୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ କରୁଛନ୍ତି। ତିଛିଣି ଗ୍ରାମ୍ୟ କମିଟି ସଭାପତି କେଦାରନାଥ ସାହୁ, ସମ୍ପାଦକ ହିରଣ୍ୟ ସାହୁ, କୋଷାଧ୍ୟକ୍ଷ ପାଣ୍ଡବ ଜେନା, ଯଜ୍ଞ ପରିଚାଳନା କମିଟି ସଭାପତି ସୁକୁରି ପଲେଇ, ସମ୍ପାଦକ ମକଦ୍ଦମ ତରେଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି। ଆସନ୍ତା ମଙ୍ଗଳବାର ଉତ୍ସବର ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# 'ସାହିତ୍ୟ ହୃଦୟର କଥା କହେ'

**ଖୋର୍ଦ୍ଧା,୧୧।୫(ପ୍ରଭାତ ପାଣିଗ୍ରାହୀ)**

ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ପଞ୍ଚଦଶ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ସଭାପତି ଶିବସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୀତା ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଡ. ବାସନ୍ତୀ ମହାନ୍ତି, ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, କବି ନିରାକାର ଦାସ, ଶିକ୍ଷାବିତ୍ ଡ. ଶରତ ଚନ୍ଦ୍ର ରଥ, ଡ. ଶରଚ୍ଚନ୍ଦ୍ର ମହାପାତ୍ର, ନାଟ୍ୟକାର ବିଜୟ କୁମାର ମହାନ୍ତି, ପ୍ରାବନ୍ଧିକ ଡ. କିଶାନ୍ କାନୁନ୍‌ଗୋ, ସାହିତ୍ୟିକ ମନୋଜ କୁମାର ଜେନା, ଅର୍ଚ୍ଚିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ଭାଷାର ବହୁଳ ବ୍ୟବହାର ହେଲେ ଏହାର ସ୍ଥିତି ଅକ୍ଷୁଣ୍ଣ ରହିବ ବୋଲି କହିଥିଲେ। ସାହିତ୍ୟ ସମ୍ପର୍କ ଯୋଡ଼ିଥାଏ, ହୃଦୟର କଥା କହିଥାଏ ବୋଲି ମତପ୍ରକାଶ ପାଇଥିଲା।


ସାରସ୍ୱତ ସମାରୋହରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଶ୍ରୀଜଗନ୍ନାଥ ସାହିତ୍ୟ ପରିଷଦର ସାରସ୍ୱତ ସମାରୋହ**

ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତିବନ୍ଧୁ ଭିକ୍ଷୁ ମହାରାଜଙ୍କୁ ବୃନ୍ଦାବତୀ ଦାସୀ ଆଧ୍ୟାତ୍ମିକ ସମ୍ମାନ, ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ରଙ୍କୁ ପଠାଣି ପଟ୍ଟନାୟକ ସମାଲୋଚନା ସାହିତ୍ୟ ସମ୍ମାନ, ସାହିତ୍ୟିକ ଡ. ଅଲେଖ ଚନ୍ଦ୍ର ପଡ଼ିଆରୀଙ୍କୁ ସଚ୍ଚି ରାଉତରାୟ ଗଳ୍ପ ସମ୍ମାନ, ସଂଳାପ ଲେଖକ ଚନ୍ଦ୍ରକାନ୍ତ ପଣ୍ଡାଙ୍କୁ କୁନ୍ତଳା କୁମାରୀ ଗୀତି କବିତା ସମ୍ମାନ, ନାଟ୍ୟକାର ତଥା ଆଡ୍‌ଭୋକେଟ ବିଧାନ ଚନ୍ଦ୍ର ମହାନ୍ତିଙ୍କୁ ପରାଶର ସମ୍ମାନ, ଗୀତାଞ୍ଜଳି ମହାନ୍ତିଙ୍କୁ ଉମ୍ବରୁଧର ପରିଡ଼ା ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାହିତ୍ୟ ପରିଷଦର ସମ୍ପାଦିକା ବିମଳା ସିଂହ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ସାହିତ୍ୟିକା ଶ୍ୱେତପଦ୍ମାସିନୀ ମହାନ୍ତି ଅତିଥି ପରିଚୟ, ମିନତି ମିଶ୍ର ଓ ଇତିଶ୍ରୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଏବଂ ସମୀର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ମହାରଣା, ଗୋଲକ ବିହାରୀ ନାୟକ, ସୁବାସିନୀ ପଟ୍ଟନାୟକ ଓ ଇତିଶ୍ରୀ ସାହୁଙ୍କ ସଂଯୋଜନାରେ କବିତା ପଟ୍ଟନାୟକ, ଶାନ୍ତିଲତା ମହାନ୍ତି, ଦିବ୍ୟଲୋଚନ ଭାରିମଲ୍ଲ, ବିକ୍ରମ ଚମ୍ପତି, ଜ୍ଞାନରଞ୍ଜନ ଦାଶ, ଚପଳା ପଣ୍ଡା, ବିଳାସିନୀ ଦାଶ, ଶାନ୍ତିଲତା ଦେବୀ, କୈଳାସ ପୃଷ୍ଟି ପ୍ରମୁଖ କବିତା ପାଠ କରିଥିଲେ।


ରାମେଶ୍ୱରସ୍ଥିତ ନୂଆପୋଖରୀରେ ଶ୍ରୀଜୀଉ ଚାପଖେଳୁଛନ୍ତି। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

## ରାମନିଧି ଦେବ, ଜଗତ୍‌ମୋହନ ଦେବଙ୍କ ଚନ୍ଦନଯାତ୍ରା

**ନିରାକାରପୁର,୧୧।୫(ମାନସ ଚନ୍ଦ୍ର ପଟ୍ଟନାୟକ)**

ଅକ୍ଷୟ ତୃତୀୟା ଅବସରରେ ପାରମ୍ପରିକ ରୀତିରେ ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ଦେବଦେବୀଙ୍କ ପୀଠରେ ଆରମ୍ଭ ହୋଇଛି ଚନ୍ଦନଯାତ୍ରା ମହୋତ୍ସବ। ଏହି ପରିପ୍ରେକ୍ଷୀରେ ରାମେଶ୍ୱର ଗ୍ରାମର ଶ୍ରୀରାମନିଧି ଦେବ ଓ ଜଗତ୍‌ମୋହନ ଦେବଙ୍କର ଚନ୍ଦନଯାତ୍ରା ଆରମ୍ଭ ହୋଇଯାଇଛି। ଶ୍ରୀଜୀଉଙ୍କୁ ପ୍ରତ୍ୟୁଷରୁ ଅଗୁର, କର୍ପୂର, ଚୁଆ, ଚନ୍ଦନମିଶ୍ରିତ ସୁଶୀତଳ ଜଳରେ ସ୍ନାନ କରାଯାଇ ନୂତନ ବସ୍ତ୍ର ପିନ୍ଧାଯାଇଥିଲା। ସକାଳ ଧୂପ ଓ ଆଳତି ପରେ ଶ୍ରୀଜୀଉଙ୍କୁ ମନ୍ଦିର ପରିକ୍ରମା କରାଯାଇ ଚନ୍ଦନଗୃହକୁ ପ୍ରବେଶ କରାଯାଇଥିଲା। ସନ୍ଧ୍ୟାରେ ଏକ ସୁସଜ୍ଜିତ ବିମାନରେ ଶ୍ରୀଜୀଉଙ୍କୁ ନେଇ ସ୍ଥାନୀୟ ନୂଆପୋଖରୀରେ ଚାପଖେଳ ଅନୁଷ୍ଠିତ ହେଉଛି। ତୁରି, ମର୍ଦ୍ଦଳ, ଘଣ୍ଟନାଦ ସହ ହରିବୋଲ, ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ଏହି ଉତ୍ସବ ୨୧ ଦିନ ଧରି ଚାଲିବ ବୋଲି ଜଣାପଡ଼ିଛି।

## ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ

**ନିରାକାରପୁର,୧୧।୫ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ସରପାରି ପଞ୍ଚାୟତ ଅନ୍ତର୍ଗତ ବଘେଇପୁଟ ଗ୍ରାମର ଅନନ୍ତେଶ୍ୱରଙ୍କ ପୀଠରେ ଶନିବାରଠାରୁ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାମର ମାନସିକଧାରୀ ମହିଳା ଓ ପୁରୁଷ ନିକଟ ମନ୍ଦାକିନୀ ନଦୀରୁ ପାଣି ଉଠାଇ ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ପରେ ରୀତିନୀତି ଅନୁଯାୟୀ ସୂର୍ଯ୍ୟପୂଜା, ଗୋ-ପୂଜା, ଅଗ୍ନି ସ୍ଥାପନା ଆଦି କାର୍ଯ୍ୟ ହୋଇଥିଲା। ଚଣ୍ଡୀପାଠ ଓ ଜଗତ୍ କଲ୍ୟାଣ ଉଦ୍ଦେଶ୍ୟରେ ଆହୁତି ପ୍ରଦାନ କରାଯାଇଥିଲା। ଏହି ଯଜ୍ଞ ଦେବ ରଥଙ୍କ ପୌରୋହିତ୍ୟରେ ଚାଲିଥିବା ବେଳେ କର୍ତ୍ତାଭାବେ ଲିଙ୍ଗରାଜ ମାର୍ଥା ଓ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୧୩ ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ଯଜ୍ଞ କମିଟିର ସୁକାନ୍ତ କୁମାର ମଙ୍ଗରାଜ ସୂଚନା ଦେଇଛନ୍ତି।

## ଏଟିଏମ୍ ଅଚଳ, ଗ୍ରାହକ ହଇରାଣ

**ନିରାକାରପୁର,୧୧।୫(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁରରେ ୪ଦିନ ହେବ ଏଟିଏମ୍ ଅଚଳ ହୋଇପଡିଛି। ବିଶେଷକରି ଏଠାରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଅଚଳ ହୋଇଯିବାରୁ ଗ୍ରାହକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳରେ ୭ଟି ଏଟିଏମ୍ ରହିଥିବା ବେଳେ ଦୁଇଟି ବେସରକାରୀ ଏଟିଏମ୍ କାମ କରୁଥିବା ଜଣାପଡ଼ିଛି। ଏନେଇ ରାଜ ଜଗଦ୍ଦେବ କୁହନ୍ତି, ଏଟିଏମ୍ ଅଚଳ ଯୋଗୁ ଖୋର୍ଦ୍ଧାକୁ ଯାଇ ଟଙ୍କା ଉଠାଇକି ଆଣିବାକୁ ପଡୁଛି। ସେହିପରି ପବିତ୍ର ମହାପାତ୍ର କହିଛନ୍ତି, ବାପାଙ୍କ ଦେହାନ୍ତ ହୋଇଛି। ତାଙ୍କ କ୍ରିୟାକର୍ମ ପାଇଁ ଏଠାରେ ଏଟିଏମ୍ ଅଚଳ ଯୋଗୁ ବାହାରୁ ଟଙ୍କା ଉଠାଇବା ପଡ଼ିଲା। ଏନେଇ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ସେ କହିଛନ୍ତି। ତୁରନ୍ତ ଏଟିଏମ୍ ଗୁଡ଼ିକୁ ସଚଳ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଓଡ଼ିଶାର ଭାଗ୍ୟ ବଦଳାଇବ ଗୋଟିଏ ଭୋଟ: ଅପରାଜିତା


ଶୋଭାଯାତ୍ରାରେ ଭାଜପା ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୧୧।୫(ପ୍ରଭାତ ପାଣିଗ୍ରାହୀ)**

ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ' ପରେ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଶନିବାର ଅପରାହ୍ନରେ ସାରୁଅଠାରୁ ବେଗୁନିଆ ବ୍ଲକର ତୁଳସୀପୁର ପର୍ଯ୍ୟନ୍ତ ଭାଜପାର ଏକ ବିଶାଳ ବାଇକ୍ ଶୋଭାଯାତ୍ରା ହୋଇଯାଇଛି। ଏଥିରେ ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଓ ବେଗୁନିଆ ବିଧାନସଭା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବିଜୁଳି ଯୋଗଦେଇଥିଲେ। ଏହି ଅବସରରେ ଅପରାଜିତା କହିଥିଲେ, ୨୦୧୯ରେ ବେଗୁନିଆ, ବୋଲଗଡ଼ବାସୀଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ପାଇଛି। ଏହି ଦୁଇ ବ୍ଲକର ସମସ୍ତ ପଞ୍ଚାୟତର ସ୍ଥିତି ଅନୁଧ୍ୟାନ କରିଛି। ଅନେକ କାମ ହୋଇଛି, କିଛି ରହିଯାଇଛି। ତେବେ ବାକି ରହିଥିବା କାମକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଆହୁରି କହିଥିଲେ, ବେଗୁନିଆରେ ପ୍ରତି ଘରକୁ ଡ୍ରିଙ୍କିଙ୍ଗ୍ ୱାଟର ସହ ଯୋଡ଼ାଯିବ। ମା'ମାନେ ହାଣ୍ଡିଶାଳରେ ପାଣି ପାଇବେ। ଗାଁରେ ଆଉ ଚାଳଛପର ଘର ରହିବ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଛାତଘର ଯୋଗାଇ ଦିଆଯିବ। ଏହି ବିଧାନସଭା କ୍ଷେତ୍ରରେ ଜଳସେଚନ ଅଭାବରୁ ଚାଷୀମାନେ ବର୍ଷକୁ ଗୋଟିଏ ଫସଲ କରୁଛନ୍ତି। ସମସ୍ତଙ୍କ ଜମିକୁ କିପରି ପାଣି ପହଞ୍ଚିବ ସେନେଇ ଜଳସେଚନର ବ୍ୟବସ୍ଥା କରାଯିବ। ଓଡ଼ିଶାରେ ପ୍ରାକୃତିକ ସମ୍ବଳ ଭରପୂର ଥିବା ସତ୍ତ୍ୱେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପଛରେ ରହିଛି। ମୁଣ୍ଡପିଛା ଆୟ ବହୁତ କମ୍ ରହିଛି। ରାଷ୍ଟ୍ରର ପ୍ରଗତି, ସମୃଦ୍ଧି ପାଇଁ ମୋଦିଙ୍କୁ ୩ୟ ଥର ଲାଗି ଦେଶର ପ୍ରଧାନମନ୍ତ୍ରୀ କରିବାକୁ ହେଲେ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କହିଥିଲେ। ସେ ବିଜେଡିକୁ ଟାର୍ଗେଟ୍ କରି କହିଥିଲେ, ବିଜେଡିରେ ନେତା ହେଉଛନ୍ତି କ୍ରୀତଦାସ। ନେତା ଅର୍ଥାତ୍ ଯିଏ ନେତୃତ୍ୱ ନେବ। କିନ୍ତୁ ବିଜେଡି ନେତା ହାତ ପଛକୁ କରି ମୁଣ୍ଡକୁ ତଳକୁ କରି ଛିଡ଼ାହେବା, ଟେଣ୍ଟ ବାନ୍ଧିବାରେ ବ୍ୟସ୍ତ ରହୁଛନ୍ତି। ଓଡ଼ିଶାକୁ ଜଣେ ସୁସ୍ଥ, ସକ୍ରିୟ, ଓଡ଼ିଆ କହିପାରୁଥିବା ମୁଖ୍ୟମନ୍ତ୍ରୀ ଦରକାର। ଯିଏ ଲୋକଙ୍କ ସହ ହାତଧରି ଚାଲିପାରୁଥିବ। ନେତାକୁ ନୁହଁ, ବ୍ୟକ୍ତିତ୍ୱକୁ ଦେଖି ଭୋଟ ଦିଅନ୍ତୁ, ଯିଏ ଆଗକୁ ନେତୃତ୍ୱ ନେଇପାରିବ ଏବଂ ଆପଣଙ୍କ ଦୁଃଖସୁଖରେ ସାଥୀ ହୋଇପାରିବ ବୋଲି ଅପରାଜିତା କହିଥିଲେ।

## ଟାଙ୍ଗୀରେ ବିଜେଡି ପ୍ରାର୍ଥୀଙ୍କ ପଦଯାତ୍ରା



**ଟାଙ୍ଗୀ,୧୧।୫ (ରଘୁନାଥ ସାହୁ)**

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ପଞ୍ଚାୟତରେ ବିଜେଡିର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ କୁମାର ରାଉତରାୟ ଓ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ସମର୍ଥକମାନଙ୍କ ସହ ପଦଯାତ୍ରା କରି ଟାଙ୍ଗୀ ଗ୍ରାମ ପରିକ୍ରମା କରିଥିଲେ। ଉଭୟ ପ୍ରାର୍ଥୀ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସ୍ଥାନୀୟ ମଧୁମଙ୍ଗଳ ପଡ଼ିଆଠାରୁ ପଦଯାତ୍ରା ବାହାରି ବ୍ଲକ ଛକସ୍ଥିତ ବିଜେଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ମହିଳା, ଯୁବକ, କର୍ମୀମାନେ ସାମିଲ ହୋଇଥିଲେ। ବ୍ଲକ ଅଧ୍ୟକ୍ଷା ରିଷ୍ମା ମାନ୍ଧାତା, ବିଜେଡି ଜିଲା ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ଅଶୋକ ମହାପାତ୍ର, ନୀଳକଣ୍ଠ ବେହେରା, ସଞ୍ଜୟ ହରିଚନ୍ଦନ, ମାନସ ବଳିୟାରସିଂହ, ମହେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମାଜ ହିତ ପାଇଁ କାର୍ଯ୍ୟରତ ବ୍ୟକ୍ତି ଈଶ୍ୱର ପ୍ରେରିତ

**ଜଟଣୀ,୧୧।୦୫(ରବୀନ୍ଦ୍ରନାଥ ମହାକୁଡ଼)**

**ସୁବୁଦ୍ଧି ବ୍ରୟଲର୍ସର ସମ୍ବର୍ଦ୍ଧନା ଉତ୍ସବ**

ଜଟଣୀ ସ୍ଥିତ ସୁବୁଦ୍ଧି ବ୍ରୟଲର୍ସର ୩୫ବର୍ଷ ପୂର୍ତ୍ତି ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ତଥା ସୁବୁଦ୍ଧି ଦମ୍ପତି ବୃନ୍ଦାବନ ସୁବୁଦ୍ଧି ଓ ସ୍ମିତା ସୁବୁଦ୍ଧିଙ୍କ ପକ୍ଷରୁ ଟ୍ରାଫିକ କଲୋନୀସ୍ଥିତ ରେଲୱେ ଇନ୍‌ଷ୍ଟିଚ୍ୟୁଟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଇସିଆଇସିଆଇ ବ୍ୟାଙ୍କ ଜଟଣୀ ଶାଖା ପରିଚାଳକ ମନୋଜ କୁମାର ସାହୁ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ସାମାଜିକକର୍ମୀ ତ୍ରିଲୋଚନ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ନୋଟାରୀ ଅବନୀ ରାଉତରାୟ, ଆଇନଜୀବୀ ଅକ୍ଷାଂଶୁ ଶେଖର ନାୟକ, ମାନବାଧିକାର ସଂଘ ରାଜ୍ୟ ସମ୍ପାଦକ ବାସୁଦେବ ସେଠୀ, ଗୌତମ ମହାରଣା, ବିଶ୍ୱକର୍ମା ସଙ୍ଗଠନ ରାଜ୍ୟ ସମ୍ପାଦକ ଡ. ହାଡିବନ୍ଧୁ ମହାରଣା, ସୁବୁଦ୍ଧି ବ୍ରୟଲର୍ସ ଉପଦେଷ୍ଟା ଯଦୁମଣି ସୁବୁଦ୍ଧି, ଶିକ୍ଷକ କିଶୋର କୁମାର ସୁବୁଦ୍ଧି, ଏମ୍‌ଡି ସିରାଜ, ପରଦେଶ ହାଇଦର, ବବିବୁର ରହେମାନ, ପ୍ରମୋଦ ସ୍ୱାଇଁ, ପ୍ରିୟବ୍ରତ ଭୁଜବଳ, ପ୍ରମୋଦ ସାହୁ, ଜ୍ୟୋତି ମହାରଣା, ସବିତା ସାହୁ, ରବୀନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ସମାଜର ହିତ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଜଣେ ଜଣେ ମହାନ ମଣିଷ। ଦୀର୍ଘ ବର୍ଷ ଧରି ଜଟଣୀ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଜନସେବା ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ସୁବୁଦ୍ଧି ଦମ୍ପତିଙ୍କ ମହାନତା ଚିରବନ୍ଦନୀୟ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋର କୁମାର ସୁବୁଦ୍ଧି ଓ ରବୀନ୍ଦ୍ର ବାରିକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବାସୁଦେବ ସେଠୀ ଧନ୍ୟବାଦ ଦେଇଥିଲେ।



ସୁବୁଦ୍ଧି ବ୍ରୟଲର୍ସର ୩୫ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବନାଗ୍ନି ଦମନ ସଚେତନତା କାର୍ଯ୍ୟକ୍ରମ

**ବୋଲଗଡ଼,୧୧।୫(ଦେବବ୍ରତ ହୋତା)**

ବୋଲଗଡ଼ ବନ ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସହାୟତାରେ ବନାଗ୍ନି ଦମନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଗରଗୁଆଁ ପଞ୍ଚାୟତ ପାଟବନ୍ଧ ଗ୍ରାମ ବୁଢ଼ୀଦେଈ ମନ୍ଦିର ପ୍ରାଙ୍ଗଣରେ ବୋଲଗଡ଼ ବନପାଳ ପ୍ରଦୀପ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ଓ ବନ ସୁରକ୍ଷା କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଗ୍ରୀଷ୍ମପ୍ରବାହ ବେଳେ ଜଙ୍ଗଲରେ ନିଆଁଲାଗି ଧନଜୀବନ ହାନି ହେଉଥିବା ବେଳେ ଏହି ବନାଗ୍ନି ଦମନ ପାଇଁ ଆବଶ୍ୟକ ଉପାୟ ସମ୍ପର୍କରେ ଆଲୋଚନା ମାଧ୍ୟମରେ ସଚେତନ କରାଯାଇଥିଲା। ତେବେ ଦୁର୍ବୃତ୍ତମାନଙ୍କ ଦ୍ୱାରା ନିଆଁ ଲଗାଇ ଦିଆଯିବା ଫଳରେ ଜଙ୍ଗଲରେ ବ୍ୟାପକ ଗଛଲତା ପୋଡ଼ି


ସଚେତନତା କାର୍ଯ୍ୟକ୍ରମରେ ବନ ଅଧିକାରୀ ଏବଂ ଗ୍ରାମବାସୀ।

ପାଉଁଶ ହେଉଥିବା ବେଳେ ବହୁ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି। ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡ଼ି ଜଳବାୟୁ ପରିବର୍ତ୍ତନ ହେଉଛି। ବର୍ଷା ହେବାରେ ଅନିୟମିତତା ସୃଷ୍ଟି ହେଉଛି ଏବଂ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧିପାଉଛି। ସମସ୍ତେ ସଚେତନ ହୋଇ ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରିବା ସହ ଦୁର୍ବୃତ୍ତମାନଙ୍କୁ ଏଥିରୁ ନିବୃତ୍ତ ରଖିବାକୁ ପଡ଼ିବ ବୋଲି ଆହ୍ୱାନ ଦେଇଥିଲେ। ଏହି ଗ୍ରାମର ବାସିନ୍ଦାମାନେ ନାଗାପଲ୍ଲୀ ସଂରକ୍ଷିତ ଜଙ୍ଗଲ ନିକଟରେ ବାସ କରୁଛନ୍ତି। ତେବେ ନିଆଁ ଲାଗିଲେ ତୁରନ୍ତ ବନ ବିଭାଗକୁ ଖବର ଦେବାକୁ ବନପାଳ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ବନରକ୍ଷିକା ମମତା ବେହେରା ଓ ଛବି ଦେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବନରକ୍ଷକ ଅରୂପ ବେହେରା ଧନ୍ୟବାଦ ଦେଇଥିଲେ।

# 'ଭାରତର ସଂସ୍କୃତିକୁ କୌଣସି ଶକ୍ତି ନଷ୍ଟ କରିପାରିବ ନାହିଁ'

**ଖୋର୍ଦ୍ଧା,୧୧।୫(ପ୍ରଭାତ ପାଣିଗ୍ରାହୀ)**

ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ନବନିର୍ବାଚିତ ରାଷ୍ଟ୍ରୀୟ ସଭାପତି ବିଚାରପତି ଆଦର୍ଶ ଗୋଏଲଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ମାସିକ ଇ-ପତ୍ରିକା 'ସଂପ୍ରୀତି' ଉନ୍ମୋଚିତ ହୋଇଯାଇଛି। ଭାରତ ମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ ସହ ସମୂହ ବନ୍ଦେ ମାତରଂ ଗାନ ପରେ ସଭା ଆରମ୍ଭ ହୋଇଥିଲା। ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତର ଅଧ୍ୟକ୍ଷ ସତ୍ୟବାଦୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ଓଡ଼ିଶା ପୂର୍ବପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ ମଞ୍ଚ ସଂଯୋଜନା କରିଥିଲେ। ସତ୍ୟବାଦୀ ଶାଖା ପକ୍ଷରୁ ଦୃଷ୍ଟିବାଧକ ଦମ୍ପତିଙ୍କୁ ଘରର ବ୍ୟବସ୍ଥା



ଅତିଥିମାନେ ମାସିକ ଇ-ପତ୍ରିକା 'ସଂପ୍ରୀତି' ଉନ୍ମୋଚନ କରୁଛନ୍ତି।

**ଭାରତ ବିକାଶ ପରିଷଦର ରାଷ୍ଟ୍ରୀୟ ସଭାପତି ଆଦର୍ଶ ଗୋଏଲଙ୍କୁ ସ୍ୱାଗତ**

କରାଯିବା ସହ ନିତ୍ୟବ୍ୟବହାର ବ୍ୟବସ୍ଥା କରାଯାଇଛି। ଧର୍ମ ସମସ୍ତଙ୍କୁ ଯୋଡ଼ିବାର ମାଧ୍ୟମ। ବିଶ୍ୱର କୌଣସି ଶକ୍ତି ନାହିଁ, ଯାହା ଭାରତର ସଂସ୍କୃତିକୁ ନଷ୍ଟ କରିଦେବ ବୋଲି ଗୋଏଲ କହିଛନ୍ତି। ଭାରତ ବିକାଶ ପରିଷଦର କାମକୁ ଆହୁରି ଅଗ୍ରଗତି କରିବା ନେଇ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା କରିଥିଲେ। ତୃଣମୂଳସ୍ତରରେ କିପରି ସଙ୍ଗଠନ ପହଞ୍ଚିବ, ଆହୁରି ସୁଦୃଢ଼ ହେବ ସେନେଇ ମତ ରଖିଥିଲେ। କ୍ଷେତ୍ରୀୟ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଭାରତ ବିକାଶ ପରିଷଦ ସମ୍ବନ୍ଧରେ କହିଥିଲେ। ସେହିପରି ପୂର୍ବପ୍ରାନ୍ତ ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବପ୍ରାନ୍ତ ଅର୍ଥସଚିବ ନରସିଂହ ମିଶ୍ର ଧନ୍ୟବାଦ ଦେଇଥିଲେ। ପୂର୍ବପ୍ରାନ୍ତ ସଂଯୁକ୍ତ ମହାସଚିବ ଶୁଭାଶିଷ କର, ଗୀତା ପଟ୍ଟନାୟକ, ଅଶୋକ ମହାପାତ୍ର, ଲେଫ୍ଟନାଣ୍ଟ କର୍ଣ୍ଣେଲ ନାରାୟଣ ମହାନ୍ତି, ଲକ୍ଷ୍ମଣ ମହାନ୍ତି, ସଚ୍ଚିଦାନନ୍ଦ ପଣ୍ଡା, ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷେତ୍ରୀୟ ମହିଳା ସହଭାଗିତା ସଚିବ ସୁପ୍ରୀତି ରଥ, ପ୍ରାନ୍ତ ସଙ୍ଗଠନ ସଚିବ ରାମଚନ୍ଦ୍ର ଦଳାଇ, ନୃସିଂହନାଥ ନନ୍ଦ, ନୀହାର ରଞ୍ଜନ ସ୍ୱାଇଁ, ସଂଯୁକ୍ତା ମିଶ୍ର, ବିଜୟ ନନ୍ଦିନୀ ଦୁବେ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଓଡ଼ିଶା ପୂର୍ବପ୍ରାନ୍ତର ୨୨ଶାଖାର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ।

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ମେ ୧୨/୨୦୨୪ | Bhubaneswar, Sunday, May 12/2024 | ପୃଷ୍ଠା-୧

# ରତ୍ନଭଣ୍ଡାର ଚାବି ହଜିବାଠୁ ଡୁପ୍ଲିକେଟ୍ ଚାବି ଅଧିକ ଗମ୍ଭୀର

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ପାଇଁ ଶୁକ୍ରବାରଠାରୁ ୨ ଦିନିଆ ଓଡ଼ିଶା ଗସ୍ତ କରିଛନ୍ତି। ଶୁକ୍ରବାର ରାତିରେ ଭୁବନେଶ୍ୱରରେ ରୋଡ୍ ଶୋ କରିବାବେଳେ ଓଡ଼ିଶାରେ ଟର୍ନିଂ ପଏଣ୍ଟ ଆସିବ ବୋଲି ଗଣମାଧ୍ୟମକୁ କହିଥିଲେ। ଏଭଳି କଡ଼ା ଆଭିମୁଖ୍ୟରେ ସେ ବିଜେଡିକୁ ଟାର୍ଗେଟ୍ କରିଥିବାବେଳେ ଏହି ଧାରା ଶନିବାର ଫୁଲବାଣୀ, ବଲାଙ୍ଗୀର ଏବଂ ବରଗଡ଼ରେ ଆୟୋଜିତ ଭାଜପାର ବିଶାଳ ଜନସମାବେଶରେ ମଧ୍ୟ ଦେଖିବାକୁ ମିଳିଛି। ମୋଦି ଶ୍ରୀମନ୍ଦିର ରତ୍ନଭଣ୍ଡାର ସମେତ ରାଜ୍ୟର ଏକାଧିକ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆକ୍ରମଣାତ୍ମକ ଢଙ୍ଗରେ ସମାଲୋଚନା କରିଛନ୍ତି। ନବୀନ ବିନା କାଗଜ ଦେଖି ଓଡ଼ିଶାର ସବୁ ଜିଲାର ନାଁ ଏବଂ ନିଜେ ଲଢୁଥିବା କଣ୍ଟାବାଞ୍ଜି ଆସନର ୧୦ ଗାଁ ନାଁ କହିପାରିବେ ନାହିଁ ବୋଲି ମୋଦି କହିଛନ୍ତି। ଏହାଛଡ଼ା ଓଡ଼ିଶା ମାଟିରେ ଜନ୍ମ ହୋଇଥିବା, ଓଡ଼ିଆ ସଂସ୍କୃତି ଓ ଅସ୍ମିତା ବୁଝୁଥିବା ବ୍ୟକ୍ତି ଜୁନ୍ ୧୦ରେ ଭାଜପା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ସେ କହିଛନ୍ତି।**



ଫୁଲବାଣୀ, ୧୧।୫
(ରାକେଶ କୁମାର ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କନ୍ଧମାଳ ଜିଲା ଫୁଲବାଣୀ ଷ୍ଟାଡିୟମରେ ଆୟୋଜିତ ଭାଜପାର ସଂକଳ୍ପ ସମାବେଶରେ ଯୋଗଦେଇ ଶ୍ରୀମନ୍ଦିର ରତ୍ନଭଣ୍ଡାର କଥା ଉଠାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। କନ୍ଧମାଳ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସମାବେଶରେ କହିଛନ୍ତି, ଶ୍ରୀମନ୍ଦିର ରତ୍ନଭଣ୍ଡାରର ମୂଲ୍ୟାଙ୍କନ ୪୫ ବର୍ଷ ତଳେ ହୋଇଥିଲା। ସେତେବେଳେ ରତ୍ନଭଣ୍ଡାରରେ ଏତେ ପରିମାଣରେ ଆଭୂଷଣ ଓ ରତ୍ନ ଥିଲା ଯେ ମୂଲ୍ୟାଙ୍କନ କରୁଥିବା ବ୍ୟକ୍ତିମାନେ ରତ୍ନଭଣ୍ଡାରକୁ ଅମୂଲ୍ୟ କହି ହାତ ଟେକି ଦେଇଥିଲେ। କିନ୍ତୁ ଗତ ୪୦ ବର୍ଷରୁ ଅଧିକ ସମୟ ହେଲାଣି ରତ୍ନଭଣ୍ଡାର ଖୋଲାଯାଇ ନାହିଁ। ଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଚାବି ୬ ବର୍ଷ ହେଲା ମିଳୁନାହିଁ। ଏଭଳି ଅମୂଲ୍ୟ ଭଣ୍ଡାରର ଚାବି ବି ସରକାର ସମ୍ଭାଳି ପାରୁନାହାନ୍ତି। ରାଜ୍ୟ ସରକାର କହୁଛନ୍ତି ଡୁପ୍ଲିକେଟ ଚାବି ମିଳିଛି। ଡୁପ୍ଲିକେଟ ଚାବି କାହିଁକି ତିଆରି ହୋଇଥିଲା? ଡୁପ୍ଲିକେଟ ଚାବିରେ କେହି ରତ୍ନଭଣ୍ଡାର ଖୋଲୁଥିଲେ କି? ଚାବି ହଜିବା ଗମ୍ଭୀର ବିଷୟ। କିନ୍ତୁ ଡୁପ୍ଲିକେଟ ଚାବି ତା'ଠାରୁ ଅଧିକ ଗମ୍ଭୀର ବିଷୟ। ରତ୍ନ ଭଣ୍ଡାର, ଜଗନ୍ନାଥଙ୍କ ଜମି ବିଷୟରେ ସମସ୍ତ ଓଡ଼ିଶାବାସୀ ଏବଂ ଦେଶବାସୀଙ୍କ ଜାଣିବାର ଅଧିକାର ଅଛି। ଏହି ଘଟଣାର ତଦନ୍ତ ସରକାର ଜଣେ ଆୟୋଗଙ୍କୁ ଦେଇଥିଲେ। କିନ୍ତୁ ତାହାର ରିପୋର୍ଟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ରାଜ୍ୟର ନବୀନ ସରକାର ଏହା ଉପରେ କାହିଁକି କିଛି କହୁନାହାନ୍ତି। କାହା ପାପ ଲୁଚାଇବାକୁ ଚାହୁଁଛନ୍ତି? ଓଡ଼ିଶାରେ ଭାଜପା ସରକାର ଆସିଲେ ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ ହେବ। ଏହା ମୋଦିଙ୍କର ଗ୍ୟାରେଣ୍ଟି ବୋଲି ସେ କହିଛନ୍ତି। ସମାବେଶରେ ମୋଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଷୟରେ କଡ଼ା ଟିପ୍ପଣୀ ଦେଇ କେତେକ ପ୍ରଶ୍ନ କରିଛନ୍ତି। ନବୀନବାବୁ ବହୁ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ଅଛନ୍ତି। କିନ୍ତୁ ଆଜି ଓଡ଼ିଶାର ଜନତା କାହିଁକି ଦୁଃଖିତ ଅଛନ୍ତି? ମୁଖ୍ୟମନ୍ତ୍ରୀ ବିନା କାଗଜ ଦେଖି ରାଜ୍ୟର ସବୁ ଜିଲା ଏବଂ ସେଗୁଡ଼ିକର ମୁଖ୍ୟାଳୟର ନାଁ କହିପାରିବେ ନାହିଁ। ଯେଉଁ ମୁଖ୍ୟମନ୍ତ୍ରୀ କାଗଜ ବିନା କିଛି କହିପାରିବେ ନାହିଁ, ସେ ଓଡ଼ିଶାବାସୀଙ୍କ ଦୁଃଖ ଜାଣିପାରିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ଲୋକଙ୍କ ସହ ଜଡ଼ିତ ଥିବା ଜଣେ ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ କରନ୍ତୁ ବୋଲି ମୋଦି ☞ପୃଷ୍ଠା-୪

## କଣ୍ଟାବାଞ୍ଜିର ୧୦ ଗାଁର ନାଁ କହିପାରିବେନି ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର, ୧୧।୫ (ବୀରେନ୍ଦ୍ର କୁମାର ଝାଙ୍କର)

ଫୁଲବାଣୀ ଜନସମାବେଶ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାସ୍ଥିତ ପଡ଼ିଆରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଦେଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଜୋର୍‌ଦାର ସମାଲୋଚନା କରିଛନ୍ତି। ମୋଦି କହିଛନ୍ତି ଯେ, ଓଡିଶା ଧନୀ ରାଜ୍ୟ। ହେଲେ ଓଡ଼ିଶାବାସୀ ଗରିବ। ରାଜ୍ୟ ସରକାର ଲୋକଙ୍କୁ ଗରିବ କରି ରଖିଛନ୍ତି। ୨୫ବର୍ଷ ଧରି ଶାସନ କରି ମଧ୍ୟ ଲୋକଙ୍କ ବିକାଶ କରିପାରି ନ ଥିବା ବିଜେଡି ସରକାରକୁ ପରିବର୍ତ୍ତନ କରିବାର ସମୟ ଆସିଛି। ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଆସନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଛନ୍ତି। କିନ୍ତୁ କଣ୍ଟାବାଞ୍ଜିର ୧୦ଟି ଗାଁର ନାଁ ମଧ୍ୟ ନବୀନ କହିପାରିବେ ନାହିଁ। ସେ ନିର୍ବାଚନ ପ୍ରଚାରରେ କଣ୍ଟାବାଞ୍ଜି ଆସିଲେ ତାଙ୍କୁ ଏ ବିଷୟରେ ବିନା କାଗଜ ଦେଖି କହିବାକୁ କହିବେ ବୋଲି ଉପସ୍ଥିତ ଲୋକଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଏବେ ନବୀନଙ୍କୁ ବଲାଙ୍ଗୀରର ଜନସାଧାରଣ ବାଜା ବଜାଇ ବିଦା କରନ୍ତୁ ବୋଲି ମୋଦି ନିବେଦନ କରିଛନ୍ତି।

## ଓଡ଼ିଶାରେ ଜନ୍ମିତ ବ୍ୟକ୍ତି ଭାଜପା ମୁଖ୍ୟମନ୍ତ୍ରୀ ହେବେ

ବରଗଡ଼, ୧୧।୫ (ପ୍ରେମାନନ୍ଦ ଖମାରୀ)

ଓଡ଼ିଶାରେ ଅପାର ପ୍ରାକୃତିକ ସମ୍ପଦ ଭରି ରହିଥିବା ସତ୍ତ୍ୱେ ବିଜେଡି ସରକାର ରାଜ୍ୟରେ ଦାରିଦ୍ର୍ୟ ହଟାଇ ପାରିନାହିଁ। ଓଡ଼ିଶାର ମହାନ୍ ସଂସ୍କୃତି, ପରମ୍ପରାକୁ ବିଜେଡି ସରକାର ୨୫ବର୍ଷ ଶାସନ କାଳରେ ବରବାଦ କରିଦେଇଛି। ସାରା ରାଜ୍ୟରେ ବିଜେଡି ବିରୋଧରେ ଲୋକଙ୍କ ମଧ୍ୟରେ କ୍ରୋଧ ରହିଛି। ଆଉ କେତେ ସହିବା ବୋଲି ଲୋକେ କହୁଛନ୍ତି। ବରଗଡ଼ରେ ଶନିବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ସମାବେଶରେ ମୋଦି ନାଁ ନ ନେଇ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ଟାର୍ଗେଟ୍ କରିଛନ୍ତି। ଏଠାରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ବିଧାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପରେ ଜଣେ ସୁପର ସିଏମ୍ ଅଛନ୍ତି। ୫ବର୍ଷ ହେଲା ବାହାର ଲୋକ ଓଡ଼ିଶାକୁ କବ୍‌ଜା କରି ନେଇଛନ୍ତି। ଯାହାଙ୍କୁ ଓଡ଼ିଶା ବାବଦରେ ଜଣାନାହିଁ, ତାଙ୍କ ହାତରେ ଓଡ଼ିଶା ଶାସନ ଚାଲିବା ଉଚିତ କି ବୋଲି ଉପସ୍ଥିତ ଜନତାଙ୍କୁ ମୋଦି ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟରେ ଶାସନକୁ ଆସିଲେ, ଓଡ଼ିଶାରେ ଜନ୍ମିତ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହେବେ ବୋଲି ମୋଦି କହିଛନ୍ତି।

# ୧୦ ବର୍ଷ ପରେ ବି ଭାଜପା ଓଡ଼ିଶାବାସୀଙ୍କ ହୃଦୟ ଜିତିପାରିବ ନାହିଁ

ଭୁବନେଶ୍ୱର, ୧୧।୫ (ଅନିଲ ଦାସ)

**ମୋଦିଙ୍କୁ ଜବାବ ଦେଲେ ନବୀନ**



ଜୁନ୍ ୧୦ରେ ନୁହେଁ ଆଉ ୧୦ ବର୍ଷ ପରେ ବି ଭାଜପା ଓଡ଼ିଶାବାସୀଙ୍କ ହୃଦୟ ଜିତିପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପ୍ରକାଶ କରିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୁଲବାଣୀ, ବଲାଙ୍ଗୀର ଏବଂ ବରଗଡ଼ଠାରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଶନିବାର ଯୋଗଦେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏପରି କି ମୁଖ୍ୟମନ୍ତ୍ରୀ ବିନା କାଗଜରେ ଓଡ଼ିଶାର ୩୦ ଜିଲା ଏବଂ କଣ୍ଟାବାଞ୍ଜିର ୧୦ଟି ଗ୍ରାମର ନାମ କହିପାରିବେ ନାହିଁ ବୋଲି ମୋଦି କହିଥିଲେ। ଏହାର ଜବାବରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଉପରେ ମୁଖ୍ୟମନ୍ତ୍ରୀ ନିଜର କଡ଼ା ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଶନିବାର ସନ୍ଧ୍ୟାରେ ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋର କ'ଣ ମନେ ଅଛି କି ନାହିଁ ୨୪ ବର୍ଷ ହେଲା ଓଡ଼ିଶାବାସୀ ଭଲ ଭାବରେ ଜାଣିଛନ୍ତି। କିନ୍ତୁ ମାନ୍ୟବର ପ୍ରଧାନମନ୍ତ୍ରୀ ଆପଣ ଓଡ଼ିଶାକୁ କେତେ ମନେ ରଖିଛନ୍ତି। ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ହେବା ପରେ ଆପଣ ଓଡ଼ିଆ ଭାଷାକୁ ଭୁଲିଗଲେ। ସଂସ୍କୃତକୁ ହଜାରେ କୋଟି, ଓଡ଼ିଆ ଭାଷାକୁ ଶୂନ। ☞ପୃଷ୍ଠା-୪




## ଆଇଓଏସ୍‌ରେ ପ୍ରୋଫାଇଲ୍ ଫଟୋ ସ୍କ୍ରିନ୍‌ଶଟ୍ ବ୍ଲକ୍ କରିବ ହ୍ୱାଟ୍ସଆପ୍

ନୂଆଦିଲ୍ଲୀ, ୧୧।୫

ଆଇଓଏସ୍ ମୋବାଇଲ ଅପରେଟିଂ ସିଷ୍ଟମ ଥିବା ଫୋନ୍‌ଗୁଡ଼ିକରେ ହ୍ୱାଟ୍ସଆପ୍ ୟୁଜର୍ସ ପ୍ରୋଫାଇଲ ଫଟୋର ସ୍କ୍ରିନ୍‌ଶଟ୍ ନେଇପାରିବେ ନାହିଁ। ପୂର୍ବରୁ ଥିବା ଏହି ସୁବିଧାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ମେଟା ମାଲିକାନାରେ ଥିବା ହ୍ୱାଟ୍ସଆପ୍ ପ୍ରସ୍ତୁତି ଚଳାଇଛି। ଡବ୍ଲ୍ୟୁଏ-ବିଟାଇନ୍‌ଫୋ ପକ୍ଷରୁ ଶନିବାର ଏ ସମ୍ପର୍କିତ ଏକ ଡେମୋର ସ୍କ୍ରିନ୍‌ଶଟ ଶେୟାର କରାଯାଇଛି।

ହ୍ୱାଟ୍ସଆପ୍‌ରେ ପ୍ରୋଫାଇଲ ଫଟୋର ସ୍କ୍ରିନ୍‌ଶଟ୍ ନେବାକୁ କେହି ଉଦ୍ୟମ କଲେ ସ୍କ୍ରିନ୍‌ରେ ଏକ ମେସେଜ୍ ଦେଖିବାକୁ ମିଳିବ। 'ଆପଣଙ୍କ ପ୍ରୋଫାଇଲ ଫଟୋ ସ୍କ୍ରିନ୍‌ଶଟ' ବ୍ଲକ୍ ହୋଇଯାଇଛି ବୋଲି ଏଥିରେ ଉଲ୍ଲେଖ ରହିବ। ସମସ୍ତ ୟୁଜର୍ସଙ୍କ ☞ପୃଷ୍ଠା-୪

# ଆଖି ବୁଜିଲା 'ନନ୍ଦନ'



**୪ ମାସ ଧରି ସ୍ନାୟୁଜନିତ ରୋଗରେ ପୀଡ଼ିତ ଥିଲା**

ବାରଙ୍ଗ, ୧୧।୫ (ଲିଙ୍ଗରାଜ ରାଉତ)

ଦୀର୍ଘ ୪ ମାସକାଳ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ 'ନନ୍ଦନ' ହାରିଯାଇଛି। ଶନିବାର ବଡ଼ିଭୋରୁ ପ୍ରାଣୀଉଦ୍ୟାନ ନନ୍ଦନକାନନର ୩୩ (ଘ) ଏନ୍‌କ୍ଲୋଜରରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଙ୍ଗଲି ବାଘ ନନ୍ଦନର ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

ନନ୍ଦନକାନନ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ନନ୍ଦନ। ସେ ଦୀର୍ଘ ୪ ମାସ ହେବ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣୀ ଚିକିତ୍ସକଙ୍କ ନଜରବନ୍ଦୀରେ ରହି ଚିକିତ୍ସିତ ହେଉଥିଲା। ହେଲେ ବିଡ଼ମ୍ବନାର ବିଷୟ ଚିକିତ୍ସା ସତ୍ତ୍ୱେ ସେ ସୁସ୍ଥ ହୋଇପାରି ନ ଥିଲା। ତେବେ ପ୍ରାଣୀ ଚିକିତ୍ସକ ରୋଗ ଚିହ୍ନିବାରେ ଅବହେଳା ନା ଅନଭିଜ୍ଞ ଚିକିତ୍ସକଙ୍କ ହାତରେ ନନ୍ଦନର ଚିକିତ୍ସା ହେଉଥିଲା, ଯାହାଫଳରେ ରୋଗ ଚିହ୍ନିବାରେ ବିଳମ୍ବ ହେଲା। ଏମିତି ଅନେକ ପ୍ରଶ୍ନ ପ୍ରାଣୀପ୍ରେମୀଙ୍କ ମହଲରେ ଉଙ୍କି ମାରୁଛି। ଯଦି ପ୍ରଥମରୁ ଠିକ୍ ରୋଗ ଚିହ୍ନି ଚିକିତ୍ସା କରାଯାଇଥାନ୍ତା, ତେବେ ନନ୍ଦନ ସୁସ୍ଥ ହୋଇପାରିଥାନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପ୍ରାଣୀଉଦ୍ୟାନରେ ଜଣେ ବିଜ୍ଞ ପ୍ରାଣୀ ଚିକିତ୍ସକ ନିଯୁକ୍ତି ଦେବାକୁ ପ୍ରାଣୀପ୍ରେମୀ ମତ ଦେଇଛନ୍ତି। ଅନ୍ୟପଟେ ପ୍ରାଣୀ ବିଭାଗ ଅଧିକାରୀଙ୍କୁ ଏବେ ଜୀବଜନ୍ତୁଙ୍କ ଚିନ୍ତା ପରିବର୍ତ୍ତେ ପର୍ଯ୍ୟଟକ ପରିଚାଳନା ଚିନ୍ତା ଅଧିକ ଘାରୁଛି ବୋଲି ନନ୍ଦନକାନନରେ ଚର୍ଚ୍ଚା ଚାଲିଛି। ପ୍ରକାଶ ଥାଉକି, ୨୦୧୩ ଫେବୃଆରୀରେ ଚନ୍ଦକା ଡମପଡ଼ା ଓ ନନ୍ଦନକାନନ ଜଙ୍ଗଲରେ ଆତଙ୍କ ସୃଷ୍ଟି କରିଥିଲା ନନ୍ଦନ। ପରେ ନନ୍ଦନକାନନର ଜଙ୍ଗଲୀ ବାଘୁଣୀ ☞ପୃଷ୍ଠା-୪

# ଶକ୍ତିଶାଳୀ ସୌରଝଡ଼: ଲଦାଖ ଆକାଶ ଲାଲ୍



ହାନ୍‌ଲେ ଡାର୍କ ସ୍କାଏ ରିଜର୍ଭ ପକ୍ଷରୁ ଶନିବାର ରେକର୍ଡ କରାଯାଇଥିବା ଲଦାଖ ଆକାଶର ବିରଳ ଦୃଶ୍ୟ।

ୱାଶିଂଟନ୍/ନୂଆଦିଲ୍ଲୀ, ୧୧।୫

୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ଶୁକ୍ରବାର ପୃଥିବୀକୁ ଏକ ଶକ୍ତିଶାଳୀ ସୌରଝଡ଼ ଧକ୍କା ଦେଇଛି। ଫଳରେ ତସମାନିଆଠାରୁ ନେଇ ବ୍ରିଟେନ୍ ପର୍ଯ୍ୟନ୍ତ ଆକାଶ ଗାଢ଼ନାଲି ରଙ୍ଗରେ ଆଲୋକିତ ହୋଇଯାଇଛି। ଏତିକି ନୁହେଁ, ଲଦାଖର କିଛି ଭାଗରେ ମଧ୍ୟ ଚୁମ୍ବକୀୟ ଝଡ଼ର ପ୍ରଭାବ ଦେଖିବାକୁ ମିଳିଛି। ଲଦାଖ ଆକାଶରେ ବିରଳ ଲାଲ ଆଭା ଦୃଶ୍ୟମାନ ହୋଇଛି। ଏହି ସୌରଝଡ଼ ଯୋଗୁ ସାଟେଲାଇଟ୍ ଏବଂ ପାୱାର ଗ୍ରୀଡ୍‌ଗୁଡ଼ିକରେ ଅଚଳାବସ୍ଥା ଦେଖାଦେଇପାରେ ବୋଲି ଆଶଙ୍କା କରାଯାଉଛି।

ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟ୍‌ମୋସ୍ଫିଅରିକ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏନ୍‌ଓଏଏ)ର ସ୍ପେସ୍ ୱେଦର ପ୍ରେଡିକ୍ସନ୍ ସେଣ୍ଟରର ସୂଚନାନୁସାରେ ଶୁକ୍ରବାର ୧୬୦୦ ଜିଏମ୍‌ଟିରେ କିଛି ସମୟ ପରେ ସୂର୍ଯ୍ୟଙ୍କ ପ୍ଲାଜ୍‌ମା ଓ ଚୁମ୍ବକୀୟ କ୍ଷେତ୍ରରୁ ବହୁ ପରିମାଣର କୋରୋନାଲ୍ ମାସ୍ ଇଜେକ୍ସନ (ସିଏମ୍‌ଇ) ବାହାରିଥିଲା। ପରେ ଏହା ଅତ୍ୟନ୍ତ ଭୂଚୁମ୍ବକୀୟ ଝଡ଼ରେ ପରିବର୍ତ୍ତିତ ହୋଇଥିଲା। ୨୦୦୩ର 'ହେଲୋୱିନ୍ ଷ୍ଟର୍ମ' ପରେ ପ୍ରଥମ ଥର ପାଇଁ ଏଭଳି ମହାଜାଗତିକ ଘଟଣା ଦୃଶ୍ୟମାନ ହୋଇଛି। ସେତେବେଳେ ହେଲୋୱିନ୍ ଷ୍ଟର୍ମ ସୁଇଡେନ୍ ଓ ଦକ୍ଷିଣ ଆଫ୍ରିକାରେ ଶକ୍ତି ପ୍ରକଳ୍ପଗୁଡ଼ିକୁ ବହୁଳ ଭାବେ ପ୍ରଭାବିତ କରିଥିବାରୁ ଅନେକ ଦିନ ଧରି ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡ଼ିଥିଲା। ସଦ୍ୟ ସୌରଝଡ଼ ଯୋଗୁ ଆଗାମୀ ☞ପୃଷ୍ଠା-୪



# ଅନ୍ତର୍ଜାତୀୟ ସେବିକା ଦିବସ



## ଲିଙ୍ଗରାଜ କଲେଜ ଅଫ୍ ନର୍ସିଂ

କଥାରେ ଅଛି ମଣିଷର ସେବା ଭଗବାନଙ୍କର ସେବା। ଏହି ପରିପ୍ରେକ୍ଷୀରେ ସେବା ଓ କର୍ତ୍ତବ୍ୟବୋଧ ବିଷୟରେ ସଚେତନ କରିବା ପାଇଁ ପ୍ରତିବର୍ଷ ମେ' ୧୨ ତାରିଖରେ ପାଳିତ ହୋଇଆସୁଅଛି 'ଅନ୍ତର୍ଜାତୀୟ ନର୍ସ ଦିବସ'। ୧୯୬୫ ମସିହାରେ ଅନ୍ତର୍ଜାତୀୟ ନର୍ସେସ କାଉନ୍‌ସିଲ ପକ୍ଷରୁ ଏହି ଦିବସ ପ୍ରଥମଥର ପାଇଁ ପାଳନ କରାଯାଇଥିଲା। ସେବା କ୍ଷେତ୍ରରେ ଇଟାଲୀର ଫ୍ଲୋରେନ୍ସ ସହରରେ ଜନ୍ମିତା ଫ୍ଲୋରେନ୍ସ ନାଇଟିଙ୍ଗେଲ ଜଣେ ନର୍ସ ଭାବରେ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଥିଲେ। ତାଙ୍କର କାର୍ଯ୍ୟଦକ୍ଷତା, ନିଷ୍ଠାକୁ ସ୍ମରଣ କରି ତାଙ୍କ ଜନ୍ମଦିନ ୧୮୨୦ ମସିହା ମେ' ୧୨ ତାରିଖକୁ ଅନ୍ତର୍ଜାତୀୟ ନର୍ସ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିବର୍ଷଠାରୁ ପ୍ରତିବର୍ଷ ମେ' ୧୨ ତାରିଖକୁ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଇଆସୁଅଛି। ଉକ୍ତ ଦିବସରେ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ନର୍ସମାନଙ୍କର ଆବଶ୍ୟକତା ଓ ସେମାନଙ୍କ ସେବା ମନୋବୃତ୍ତିର ପ୍ରଚାର ଏବଂ ପ୍ରସାର ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ।

ପ୍ରକୃତିର ଏକ ଶାନ୍ତ ପରିବେଶରେ ଉତ୍ତମ ପାଠପଢ଼ା ପ୍ରଦାନ ଓ ସମାଜକୁ ନିପୁଣ ସେବିକା(ନର୍ସ) ପ୍ରଦାନର ଲକ୍ଷ୍ୟ ରଖି ୨୦୨୦ରେ ଭୁବନେଶ୍ୱରରେ ଜନ୍ମ ନେଇଥିଲା 'ଲିଙ୍ଗରାଜ କଲେଜ ଅଫ ନର୍ସିଂ'। ବହୁ ବିଜ୍ଞ ଓ ଅନୁଭୂତି ସମ୍ପନ୍ନ ଅଧ୍ୟାପକଙ୍କ ସହାୟତାରେ ଏଠାରେ ଛାତ୍ରୀଛାତ୍ରଙ୍କୁ ଠିକ୍ ଶିକ୍ଷା ପ୍ରଦାନ ସହ ସେମାନଙ୍କ ମନରେ ରୋଗୀଙ୍କ ପ୍ରତି ସେବା ମନବୃତ୍ତିକୁ ସୁଦୃଢ଼ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ସମାଜରେ ଜଣେ ଭଲ ସେବିକା ହିସାବରେ ପରିଚିତ କରାଇବା ଏଠାକାର ନର୍ସିଂ ପାଠ୍ୟକ୍ରମର ଏକ ମୁଖ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ। ତେଣୁ ଆଜି ଏହି ଅନ୍ତର୍ଜାତୀୟ ନର୍ସିଂ ଦିବସରେ ଲିଙ୍ଗରାଜ କଲେଜ ଅଫ ନର୍ସିଂ, ଭୁବନେଶ୍ୱର ସମସ୍ତ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତର ନୂତନ ଦିଗ୍‌ଦର୍ଶନ ଦେବା ଓ ଏକ ଉତ୍ତମ ସେବିକା ରୂପେ ଗଢ଼ିବାର ପ୍ରତିଶ୍ରୁତି ନେଇ ପ୍ରବେଶ ପଥକୁ ନିମନ୍ତ୍ରଣ କରୁଛି।




### ଲୋକଙ୍କ ସେବା କରିବାର ଏକ ମାଧ୍ୟମ ନର୍ସିଂ



ମେଡିକାଲରେ ନର୍ସମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି। ୧୦୦ ରୋଗୀଙ୍କ ପାଇଁ ଜଣେ ଡାକ୍ତର ଥିବାବେଳେ ରୋଗୀଙ୍କ ସେବାଯତ୍ନ ପାଇଁ ଅନେକ ନର୍ସ ନିୟୋଜିତ ରହିଥାନ୍ତି। ଲୋକଙ୍କ ସେବା କରିବାର ଏକ ମାଧ୍ୟମ ହେଉଛି ନର୍ସିଂ। ମୁଁ ଲୋକଙ୍କ ସେବା ମନୋବୃତ୍ତି ନେଇ ନର୍ସିଂ ବୃତ୍ତିକୁ ଚୟନ କରିଥିଲି। ଏଥିରୁ ମୋତେ ଖୁସି ମିଳୁଛି। ପ୍ରତ୍ୟେକ ଘରେ ଜଣେ ସେବିକା ରହିବା ଦରକାର। ଫଳରେ ପରିବାର ସଦସ୍ୟ ସେବା ପାଇପାରିବେ।

- ସ୍ୱାଗତିକା ଶୁଭଦର୍ଶିନୀ ପାଣିଗ୍ରାହୀ, ଷ୍ଟାଫ୍ ନର୍ସ, ପୁରୀ

### ସ୍ୱାସ୍ଥ୍ୟକ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ସ୍କୁଲ ସମୟରୁ ବିଭିନ୍ନ ସେବାମୂଳକ ଅନୁଷ୍ଠାନ ସହ ଜଡ଼ିତ ଥିବାରୁ ଲୋକଙ୍କ ସେବା କରିବା ପାଇଁ ମନରେ ପ୍ରବଳ ଇଚ୍ଛା ରହିଥିଲା। ତେଣୁ ଶିକ୍ଷା ସରିବା ପରେ ନର୍ସିଂ କରିଥିଲି। ଏହାଦ୍ୱାରା ପ୍ରତ୍ୟକ୍ଷ ଭାବେ ଲୋକଙ୍କ ସେବା କରିହେବ। ସ୍ୱାସ୍ଥ୍ୟକ୍ଷେତ୍ରରେ ନର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରୋଗୀଙ୍କ ସ୍ୱାସ୍ଥ୍ୟ ଉପରେ ନର୍ସମାନେ ବିଶେଷ ଧ୍ୟାନ ଦେଇଥାନ୍ତି। ଆଗାମୀ ଦିନରେ ଜଣେ ଉତ୍ତମ ନର୍ସ ଭାବେ ସମାଜରେ ପ୍ରତିଷ୍ଠିତ ହେବାକୁ ଲକ୍ଷ୍ୟ ରଖିଛି।

- ଇନ୍ଦ୍ରାଣୀ ସିଂ, ନର୍ସିଂ ଛାତ୍ରୀ, ପୁରୀ

### ନର୍ସଙ୍କୁ ଉପଯୁକ୍ତ ସମ୍ମାନ ଓ ପାରିଶ୍ରମିକ ମିଳିବା ଉଚିତ



ନିଃସ୍ୱାର୍ଥପର ସେବା, ଜନସ୍ୱାସ୍ଥ୍ୟ ସୁରକ୍ଷା ଓ ସମାଜ କଲ୍ୟାଣକୁ ଦୃଷ୍ଟିରେ ରଖି ମୁଁ ଏହି କ୍ଷେତ୍ରକୁ ଆସିଛି। କରୋନା କାଳରେ ଯେତେବେଳେ ସାରା ବିଶ୍ୱରେ ଭାଇରସ୍ ଯୋଗୁ ଲୋକେ ଯନ୍ତ୍ରଣା ଭୋଗୁଥିଲେ, ସେତେବେଳେ ନର୍ସମାନେ ହିଁ ନିଜ ଜୀବନକୁ ବାଜି ଲଗାଇ ଦେବଦୂତ ସାଜି ଲୋକଙ୍କ ସେବା କରୁଥିଲେ। ଜଣେ ରୋଗୀଙ୍କ ପାଖରେ ଡାକ୍ତର କମ୍ ସମୟ ରହିଥାନ୍ତି, ହେଲେ ନର୍ସ ଦିନରାତି ରହି ସେବା ଯୋଗାଇଥାନ୍ତି। ତେଣୁ ନର୍ସମାନଙ୍କୁ ଉପଯୁକ୍ତ ସମ୍ମାନ ସହିତ ଠିକ୍ ପାରିଶ୍ରମିକ ପ୍ରଦାନ କରାଯିବା ଦରକାର।

-ସଂଘମିତ୍ରା ରଥ, ନର୍ସ, ପୁରୀ

### ରୋଗୀଙ୍କୁ ସହନଶୀଳତାର ସହ ସାମନା କରିବାକୁ ପଡ଼େ



ମୋ ଘର ମୟୂରଭଞ୍ଜ। ତେବେ ମା'ବାପାଙ୍କ ପ୍ରେରଣାରେ ମୁଁ ବୁର୍ଲା ନର୍ସିଂ କଲେଜରେ ପାଠ ପଢ଼ିବା ପରେ ଦୀର୍ଘ ୧୪ ବର୍ଷ ହେବ ଭିମସାରରେ କାର୍ଯ୍ୟ କରି ଆସୁଛି। ପ୍ରତିଦିନ ଶହ ଶହ ରୋଗୀଙ୍କ ସେବା ଯତ୍ନ କରିବାର ସୁଯୋଗ ମିଳୁଛି। ପ୍ରତିଦିନ ଭିନ୍ନ ଭିନ୍ନ ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥାନ୍ତି। ଅନେକ ସମୟରେ ରୋଗୀ ପରିଜନ ଚିକିତ୍ସାରେ ସହଯୋଗ କରିବା ପରିବର୍ତ୍ତେ ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା ମଧ୍ୟ କରିଥାନ୍ତି। ତେବେ ସବୁ ପ୍ରକାର ରୋଗୀଙ୍କୁ ସହନଶୀଳତାର ସହ ସାମନା କରିବାକୁ ପଡେ। ଆମେ ସେବା କରିବାକୁ ଏହି ବୃତ୍ତିକୁ ବାଛିଛୁ, ତେଣୁ ସମସ୍ତଙ୍କୁ ଉଚିତ ସେବା ମିଳୁ ଏହା ଆମର ଧ୍ୟେୟ ହୋଇଥାଏ।

- ହେମାମାଳିନୀ ଦାସ, ବୁର୍ଲା ଭିମସାର

### ରୋଗୀ ସେବା କରି ଆତ୍ମସନ୍ତୋଷ ପାଇଛି



ମୋର ନର୍ସିଂ ସେବା କ୍ଷେତ୍ରରେ ୧୭ ବର୍ଷ ବିତି ସାରିଲାଣି। ଛୋଟ ସମୟରୁ ମୁଁ ଜଣେ ନର୍ସ ହେବା ପାଇଁ ଚିନ୍ତା କରୁଥିଲି। ମୁଁ ଶିକ୍ଷକ ଚାକରି ପାଇଥିଲି ତେବେ ନର୍ସିଂ କ୍ଷେତ୍ରରେ କାର୍ଯ୍ୟକରିବାକୁ ମନସ୍ଥ କରିଥିଲି। ଦିନକୁ ଦିନ ନର୍ସିଂ ସେବାରେ ଉନ୍ନତି ଆସିଛି ଏବଂ ସମ୍ମାନ ମଧ୍ୟ ବଢ଼ିଛି। ଏବେ ଛାତ୍ରୀଛାତ୍ରମାନେ ନର୍ସିଂରେ ମାଷ୍ଟର ଡିଗ୍ରୀ ପାଠ ପଢ଼ି ସେବାରେ ଯୋଗ ଦେଉଛନ୍ତି। ଅତ୍ୟାଧୁନିକ କୌଶଳରେ ରୋଗୀଙ୍କ ଚିକିତ୍ସା ସେବା କରାଯାଇ ପାରୁଛନ୍ତି। ଦୀର୍ଘ ବର୍ଷର ରୋଗୀ ସେବା କରି ଆତ୍ମସନ୍ତୋଷ ପାଇପାରିଛି।

-ଅଞ୍ଜଳି ସାହୁ, ସିନିଅର ନର୍ସିଂ ଅଧିକାରୀ, ଭିମସାର

### ଚାକିରି ନୁହଁ, ଏକ ସେବା କାର୍ଯ୍ୟ



ନର୍ସିଂ କେବଳ ଏକ ଚାକିରି ନୁହଁ, ଏକ ସେବା କାର୍ଯ୍ୟ। ସୀମାରେ ଯବାନମାନଙ୍କ ପରି ରୋଗୀକୁ ସୁସ୍ଥ କରିବା ପାଇଁ ସଂଘର୍ଷ କରିବାକୁ ପଡେ। ହେଲେ ରୋଗୀ ମୁହଁରେ ହସ ଫୁଟାଇ ଆତ୍ମ ସନ୍ତୋଷ ମିଳିଥାଏ। ମୁଁ ଦୀର୍ଘ ୨୭ବର୍ଷର ନର୍ସିଂ ସେବା ପରେ ବି ବେଶ୍ ଖୁସି ରହିଛି। ଚାକିରି ଜୀବନରେ ବିଭିନ୍ନ ରୋଗୀଙ୍କ ସେବା କରିଛି। ଅନେକ ରୋଗୀ ବର୍ଷ ବର୍ଷ ପରେ ବି ମନେରଖି ସମ୍ମାନ ଦିଅନ୍ତି। ଏଥିପାଇଁ ବୃତ୍ତିକୁ ନେଇ ଗର୍ବ ଲାଗେ। ରୋଗୀଙ୍କ ସହ ସେମାନଙ୍କ ପରିଜନ ଆମର ସେବା ପାଇଁ ଧନ୍ୟବାଦ ଦିଅନ୍ତି। ଏହା ଆମ ବୃତ୍ତିପ୍ରତି ସମ୍ମାନ ଅଟେ।

- ତୁଷାର ତରଙ୍ଗିନୀ ଦଡିଆ, ସଭାପତି, ଭିମସାର ନର୍ସିଂ ସଂଘ

## ସମ୍ବଲପୁର ନର୍ସିଂ କଲେଜ

ମାନବ ସେବା ଭଗବାନଙ୍କ ସେବା– ଏହି ପରିପ୍ରେକ୍ଷୀରେ ସେବା ଓ କର୍ତ୍ତବ୍ୟବୋଧ ବିଷୟରେ ସଚେତନ କରିବା ପାଇଁ ପ୍ରତିବର୍ଷ ମେ ମାସ ୧୨ ତାରିଖରେ ପାଳନ ହୋଇଆସୁଛି ଅନ୍ତର୍ଜାତୀୟ ନର୍ସ ଦିବସ। ହାତରେ ଦିପଟିଏ ଧରି ରାତ୍ରିର ନିର୍ଜନ ପ୍ରହରେ ଅବା ଯୁଦ୍ଧ କ୍ଷେତ୍ରରେ ଆହତ ସୈନ୍ୟମାନଙ୍କ ଶଯ୍ୟାଧାରରେ ଜଣେ ଠିଆହୋଇ ଅଗଣିତ ବ୍ୟଥିତ ପ୍ରାଣରେ ଆଶା ଆଉ ଆଶ୍ୱାସନାର କୋମଳ ଛୁଆଁ ଟିକେ ଦେଇ ସେଦିନ ଯେଉଁ କ୍ଷୀଣାଙ୍ଗୀ ତରୁଣୀଟି ସେବା ଆଉ ହୃଦୟତାର ସାକାର ବିଗ୍ରହ ରୂପରେ ଉଭା ହୋଇଥିଲେ ସେ ହେଉଛନ୍ତି ଫ୍ଲୋରେନ୍ସ ନାଇଟେଙ୍ଗଲ। ସେହି ମହୀୟସୀ ବ୍ୟକ୍ତିତ୍ୱ ୧୮୨୦ ମେ' ୧୨ରେ ଇଟାଲୀ ସହରରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୧୦ ଅଗଷ୍ଟ ୧୩ରେ ଲଣ୍ଡନରେ ଦେହତ୍ୟାଗ କରିଥିଲେ। ମାନବ ସେବାକୁ ମାଧବ ସେବା ରୂପରେ ବରଣ କରି ନେଉଥିବା ତାଙ୍କ ଭଳି ମହୀୟସୀମାନେ ଧୂଳିର ଧରାରେ ବିଧାତାଙ୍କର ଏକ ନିଆରା ସୃଷ୍ଟି ରୂପରେ ଆବିର୍ଭୂତ ହୁଅନ୍ତି। ମାନବିକତାର ମହକରେ ସମଗ୍ର ସୃଷ୍ଟିକୁ ସୁରକ୍ଷିତ କରିଦେଇ ଦିନେ ପୁଣି ବିଦାୟ ନେଇ ଚାଲିଯାଆନ୍ତି। ତେବେ ସେମାନଙ୍କର ସ୍ମୃତି କାଳକାଳକୁ ଏକ ଅନିର୍ବାଣ ଦୀପଶିଖା ଭଳି ପଥହରା ମାନବ ଜାତିକୁ ଦିଗ୍‌ଦର୍ଶନ ଦେଇଥାଏ। ତେଣୁ ତାଙ୍କୁ ଆମେ Lady with the lamp ବୋଲି କହୁ। ସେ ଜଣେ ବ୍ରିଟିସ ନର୍ସ ଥିଲେ। She is the foundation of philosopher of modern nursing। ତେଣୁ ତାଙ୍କୁ ସ୍ମରଣ କରିବା ପାଇଁ ସମଗ୍ର ବିଶ୍ୱରେ ଥିବା ନର୍ସିଂ ଅନୁଷ୍ଠାନଗୁଡ଼ିକରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଏ। ସେ ବିଶ୍ୱର ପ୍ରଥମ ମହିଳା ଯାହାଙ୍କୁ କି ୧୯୦୭ ମସିହାରେ Order of merit ପୁରସ୍କାରରେ ସମ୍ମାନିତ କରାଯାଇଛି।

ସମ୍ବଲପୁର ନର୍ସିଂ କଲେଜରେ ମଧ୍ୟ ନର୍ସିଂ ଦିବସ ପାଳିତ ହୋଇଥାଏ। ଏଥିରେ କଲେଜର ମୁଖ୍ୟ ପରିଚାଳକ ରଘୁନନ୍ଦନ ନାଏକ, ଅଧ୍ୟକ୍ଷା ଡା. ରୋଜାଲିନ ଷ୍ଟିଫେନ ଓ କଲେଜର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମସ୍ତଙ୍କୁ ପ୍ରୋତ୍ସାହିତ କରିବା ସହିତ ଅନ୍ତର୍ଜାତୀୟ ନର୍ସ ଦିବସର ମହତ୍ତ୍ୱ ବିଷୟରେ ନର୍ସିଂ ପିଲାଙ୍କୁ ଉଦ୍‌ବୋଧନ ଦିଅନ୍ତି।




| Course | Duration | Educational Qualification | Age |
|---|---|---|---|
| M.Sc. Nursing | 2 Years | Basic B.Sc. (N) or P.B.B.Sc. (N) with 55% of Marks | Not Applicable |
| P.B.B.Sc. Nursing | 2 Years | GNM Pass | Not Applicable |
| Basic B.Sc.Nursing | 4 Years | +2 Science 45% in PCB for General & 40% for SC/ST | 17 to 30 Years |
| G.N.M | 3 Years | +2 (Any Stream) 40% for General & 35% for SC/ST | 17 to 30 Years |
| A.N.M | 2 Years | +2 Any Stream | 17 to 30 Years |










## ଶ୍ରୀ ଶ୍ରୀ କଲେଜ ଅଫ୍ ନର୍ସିଂ

କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଶାନ୍ତ ପରିବେଶରେ ଅବସ୍ଥିତ 'ଶ୍ରୀ ଶ୍ରୀ କଲେଜ ଅଫ୍ ନର୍ସିଂ' ବାସ୍ତବରେ ନିଜ ଶୈକ୍ଷିକ ବାତାବରଣ ପାଇଁ ବିଖ୍ୟାତ। ଏଠାରେ ପେସାଦାର ଚିକିତ୍ସକଙ୍କ ଦ୍ୱାରା କେବଳ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ଦିଆଯାଏନାହିଁ, ବରଂ ଦୟାଳୁ ଚିକିତ୍ସକଙ୍କ ଦ୍ୱାରା ରୋଗୀମାନଙ୍କୁ ମାନସିକସ୍ତରରେ ମଧ୍ୟ ଉତ୍ତମ ଚିକିତ୍ସାସେବା ଯୋଗାଇଦେବା ସମ୍ପର୍କରେ ଶିକ୍ଷା ଦିଆଯାଏ। ଏହା ନର୍ସିଂର କଳା ଓ ବିଜ୍ଞାନର ଏକ ସହଜ ମିଶ୍ରଣ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ନର୍ସିଂ ପ୍ରତିଷ୍ଠାନ ସାମଗ୍ରିକ ସ୍ୱାସ୍ଥ୍ୟର ପ୍ରତୀକ ଭାବେ ସଦର୍ପେ ଦଣ୍ଡାୟମାନ ହୋଇଥିବାବେଳେ ଜନକଲ୍ୟାଣର ଅନୁସନ୍ଧାନ କରିବାକୁ ପରମ୍ପରା ଆଧୁନିକତା ସହ ମିଶିଯାଇଥାଏ।

### ସାମଗ୍ରିକ ସ୍ୱାସ୍ଥ୍ୟ

ଆମ କାର୍ଯ୍ୟକ୍ରମ ପରମ୍ପରାର ସୀମା ଡେଇଁ ପାରମ୍ପରିକ ଚିକିତ୍ସା ଜ୍ଞାନ, ଯୋଗରୁ ମିଳୁଥିବା ଶାନ୍ତି ଏବଂ ସାମଗ୍ରିକ ଉପଚାରର ଜାଗରୁକତାକୁ ନର୍ସିଂ ଶିକ୍ଷାର ମୌଳିକ ଢାଞ୍ଚା ସହ ମିଶାଇବାକୁ ପ୍ରସ୍ତୁତ କରିଛି। ଆମ ମତରେ ବାସ୍ତବ କଲ୍ୟାଣ ନିମନ୍ତେ କେବଳ ଶାରୀରିକ ଜୀବନଶକ୍ତି ନୁହେଁ, ଅଧିକନ୍ତୁ ମାନସିକ ଶାନ୍ତି, ସାମାଜିକ ସଦ୍ଭାବ, ଆର୍ଥିକ ସ୍ଥିରତା ଏବଂ ଆଧ୍ୟାତ୍ମିକ ସମୃଦ୍ଧିନାର ବି ଆବଶ୍ୟକତା ରହିଛି।

### କଠୋର ଶୈକ୍ଷଣିକ, ବ୍ୟବହାରିକ ବୁଦ୍ଧି

ଆମର ପାଠ୍ୟକ୍ରମ ଶୈକ୍ଷଣିକ କଠୋରତାକୁ ବ୍ୟବହାରିକ ଅନୁଭବ ସହ ଯୋଡ଼ିଥାଏ। ଏହି ପାଠ୍ୟକ୍ରମ ଆପଣଙ୍କୁ ସ୍ୱାସ୍ଥ୍ୟରକ୍ଷାର ବହୁମୁଖୀ ଦାବି ନିମନ୍ତେ ପ୍ରସ୍ତୁତ କରିଥାଏ। ଏଠାରେ ଅଧ୍ୟୟନ କରୁଥିବା ପ୍ରତ୍ୟେକଙ୍କୁ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ପ୍ରସ୍ତୁତ କରିବା ହିଁ ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ। ଆରୋଗ୍ୟ ସମ୍ପର୍କିତ ତାଲିମ ସାଙ୍ଗକୁ ଉତ୍ତମ ଭାବବିନିମୟ ଶିକ୍ଷା ମାଧ୍ୟମରେ ଚିକିତ୍ସାର ସଫଳ ତଥା ପ୍ରଭାବଶାଳୀ କୌଶଳ ସମ୍ପର୍କରେ ଏଠାରେ ଶିକ୍ଷା ପ୍ରଦାନ କରାଯାଏ।

### ବିବିଧତାରେ ଏକତା

ଆମର ଶ୍ରେଣୀଗୃହ ଏବଂ କ୍ଲିନିକାଲ ଶିକ୍ଷାରେ ଆଧୁନିକ ସ୍ୱାସ୍ଥ୍ୟର ଦେଖାରଖା ପାଇଁ ଦୃଢ଼ ଭିତ୍ତିଭୂମି ରହିଛି। ଆମ ମତରେ ସମାଜ ହେଉଛି ଅସଂଖ୍ୟ ସଂସ୍କୃତି, ପୃଷ୍ଠଭୂମି ଏବଂ ଲୋକପରମ୍ପରାରେ ସମୃଦ୍ଧ ଏକ ଚିତ୍ରପଟ୍ଟ।

### ଭବିଷ୍ୟତର ଉତ୍ତମ ନର୍ସିଂ ବ୍ୟକ୍ତିତ୍ୱ ସୃଷ୍ଟି କରିବା

ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟରେ ଆମ ପ୍ରାଧ୍ୟାପକମାନେ କେବଳ ଇନ୍‌ଷ୍ଟ୍ରକ୍ଟର ନୁହନ୍ତି, ଅଧିକନ୍ତୁ ସେମାନେ ପଥପ୍ରଦର୍ଶକ ଭଳି ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବାର କ୍ଷମତା ରଖନ୍ତି। ଉଚ୍ଚକୋଟୀର ଶିକ୍ଷାଦାନ ପଦ୍ଧତି ଏବଂ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଛାତ୍ରଙ୍କ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଦ୍ୱାରା ସେମାନେ ନର୍ସିଂ ଶିକ୍ଷାକୁ ଏକ ଅପହଞ୍ଚ ଉଚ୍ଚତାକୁ ନେଇପାରିଛନ୍ତି। ଫଳରେ ଏଠାରୁ ଉତ୍ତୀର୍ଣ୍ଣ ହେଉଥିବା ପିଲାମାନେ ସ୍ୱାସ୍ଥ୍ୟସେବାରେ ନିଜ ନିଜ କ୍ଷେତ୍ରରେ ସର୍ବୋତ୍ତମ ପ୍ରଦର୍ଶନ କରିପାରନ୍ତି।

### ଉତ୍କୃଷ୍ଟତାର ମାର୍ଗ

ଏଠାରେ ଯେକୌଣସି ଛାତ୍ରୀଛାତ୍ର ବିଏସ୍‌ସି ନର୍ସିଂ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରନ୍ତୁ କିମ୍ବା ଜିଏନ୍‌ଏମ୍ ନର୍ସିଂ କୋର୍ସ ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟସ୍ଥିତ ନର୍ସିଂ ମହାବିଦ୍ୟାଳୟରେ ସେମାନଙ୍କୁ ଯନ୍ତ୍ରପାତିରେ ସମୃଦ୍ଧ ବିଶ୍ୱସ୍ତରୀୟ ପ୍ରୟୋଗଶାଳା ଓ ସର୍ବୋତ୍କୃଷ୍ଟ କ୍ଲିନିକାଲ ପ୍ରଶିକ୍ଷଣ ହାତପାଆନ୍ତାରେ ଉପଲବ୍ଧ ହୋଇପାରିବ, ଯାହା ପ୍ରଶିକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ। ବିଶେଷକରି 'ଜେନେରାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି'ରେ ଆମର ଡିପ୍ଲୋମା ପାଠ୍ୟକ୍ରମ ନିର୍ଦ୍ଦିଷ୍ଟ ଭାବରେ ସେହିମାନଙ୍କୁ ଲକ୍ଷ୍ୟକରି ପ୍ରସ୍ତୁତ କରାଯାଇଛି, ଯାହା ବ୍ୟକ୍ତି, ପରିବାର ଓ ସମୁଦାୟର କ୍ରମବର୍ଦ୍ଧିଷ୍ଣୁ ସ୍ୱାସ୍ଥ୍ୟସେବା ଚାହିଦାକୁ ପୂରଣ କରିବାରେ ସଫଳ ହୋଇପାରିବ।

### ଏଇଠୁ ଆରମ୍ଭ ଆପଣଙ୍କ ଯାତ୍ରା

ଶ୍ରୀ ଶ୍ରୀ ନର୍ସିଂ ମହାବିଦ୍ୟାଳୟ ଜରିଆରେ ଆମ ସହ ଯୋଡ଼ିହୁଅନ୍ତୁ, ଯେଉଁଠାରେ ଉତ୍କୃଷ୍ଟତାଭରା କରୁଣା ଓ ନବୀନତାରେ ଭରପୂର ପରମ୍ପରା ଉପଲବ୍ଧ ହୁଏ। ଏଭଳି ଏକ ଦୁନିଆରେ ପାଦ ରଖନ୍ତୁ, ଯେଉଁଠାରେ ସ୍ୱାସ୍ଥ୍ୟସେବା କେବଳ ଏକ ପେସା ନୁହେଁ, ଏକ ଆହ୍ୱାନ ପାଲଟେ। ଅନ୍ୟମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାର ଅବସର ସାଙ୍ଗକୁ ପାଲଟେ ସମସ୍ତଙ୍କ ପାଇଁ ଅନୁକମ୍ପାର ଅନୁଭବ। ସମଗ୍ର ଉପଚାରକ ପାଲଟିବା ଲକ୍ଷ୍ୟରେ ଏହିଠାରୁ ହିଁ ଆରମ୍ଭ ହୁଏ ଆପଣଙ୍କ ଯାତ୍ରା।

SRI SRI UNIVERSITY
SRI SRI UNIVERSITY LEARN • LEAD • SERVE
UGC I NAAC 'A' I AICTE I ICAR I COA I NABH
ADMISSIONS OPEN
- Bachelor of Business Administration (BBA)
- Bachelor of Commerce (B.Com.) Honours
- Bachelor of Science (B.Sc.) in Forensic Science
- Bachelor of Science (B.Sc.) in Optometry Technology
- Bachelor of Science (B.Sc.) Honors Computer Science
- Bachelor of Computer Applications (B.C.A.)
- Bachelor of Science (B.Sc.) Honors Physics
- Bachelor of Architecture (B. Arch.)
- Bachelor of Interior Design (B.I.D.)
- Bachelor of Science (B.Sc.) in Osteopathy
- Integrated Master of Science (I.M.Sc.) in Osteopathy
- Bachelor of Physiotherapy (B.P.T.)
- Bachelor of Physical Education and Sports (B.P.E.S.)
- Bachelor of Science (B.Sc.) Nursing
- Bachelor of Naturopathy and Yogic Science (B.N.Y.S.)
- Bachelor of Science(B.Sc.) in Yoga
- Bachelor of Science ( B. Sc.) Honors Horticulture
- Bachelor of Science ( B. Sc.) Honors Agriculture
- Bachelor of Science (B.Sc) Honors Agribusiness
- Bachelor of Science (B.Sc.) Honors Food Nutrition and Dietetics
- Bachelor of Arts (B.A.) Honors English
- Bachelor of Performing Arts (B.P.A) (Odissi Dance)
- Bachelor of Performing Arts (B.P.A.) Hindustani Vocal
- Bachelor of Fine Arts (B.F.A.)
- Bachelor of Science (B.Sc.) Honors Psychology (Contemplative Studies)
- Bachelor of Technology (B.Tech.) - CSE - Artificial Intelligence and Machine Learning
- Bachelor of Technology (B.Tech.) - CSE - Data Science
- Bachelor of Technology (B.Tech.) - CSE - Cyber Security & Cyber Defense
- Bachelor of Technology (B.Tech.) - CSE-JAVA Full Stack and Python Full Stack
- Bachelor of Technology (B. Tech.) in Electronics & Communication Engineering - VLSI Design, PCB Design, Chip Design and Embedded Artificial Intelligence
- Bachelor of Technology (B. Tech.) in Electrical Engineering-Electric Vehicle Technology (Electrical)
- Bachelor of Technology (B. Tech.) in Mechatronics: Electric Vehicle Technology (Mechanical)

srisri.university I admissions@srisriuniversity.edu.in I +91 78944 24562 APPLY NOW



## ବୋଉର ସ୍ୱପ୍ନ ଥିଲା



ମୋ ବୋଉର ସ୍ୱପ୍ନ ଥିଲା ସେ ଜଣେ ନର୍ସ ହେବେ। କିନ୍ତୁ ପାରିବାରିକ ସମସ୍ୟା ଯୋଗୁ ସେ ହୋଇପାରିଲା ନାହିଁ। ତେଣୁ ମୋତେ ସେ ନର୍ସିଂ କ୍ଷେତ୍ରରେ ଯିବା ପାଇଁ ଉତ୍ସାହିତ କରିଥିଲା। ଯଦିଓ ମୋର ଇଚ୍ଛା ନ ଥିଲା, କିନ୍ତୁ ବୋଉର ସ୍ୱପ୍ନକୁ କିପରି ପୂରଣ କରିବି ତାହା ମୋର ଲକ୍ଷ୍ୟ ଥିଲା। ଏବେ ଏହି କ୍ଷେତ୍ରରେ ୫ବର୍ଷରୁ ଊର୍ଦ୍ଧ୍ୱ ହେବ କାମ କରିସାରିଲିଣି। ଆଉ ଏହି କାମଠାରୁ କିଛି ଭଲ କାମ ନାହିଁ ବୋଲି ଏବେ ମୁଁ ଅନୁଭବ କରୁଛି।

**- ସସ୍ମିତା ପ୍ରିୟଦର୍ଶିନୀ ସାହୁ, ନର୍ସ, ନୀଳାଦ୍ରିବିହାର ୟୁପିଏଚ୍‌ସି, ଭୁବନେଶ୍ୱର**

## ନର୍ସିଂ ପ୍ରତି ମାନସିକତା ବଦଳୁଛି



ଦୀର୍ଘ ୨୦ବର୍ଷ ହେଲାଣି ନର୍ସିଂ କ୍ଷେତ୍ରରେ କାର୍ଯ୍ୟ କରୁଛି। ପୂର୍ବରୁ ନର୍ସିଂ ପ୍ରତି ଯେଉଁ ମାନସିକତା ଥିଲା, ଏବେ ତାହା ବଦଳିଲାଣି। ପିଲା ଏବେ ଏ କ୍ଷେତ୍ରରେ ଆଗକୁ ଆସିଲେଣି। ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ଭିତ୍ତିଭୂମିର ବିକାଶ ହୋଇଛି। ଯଦିଓ ରୋଗୀଟିଏ ଏକ ସ୍ୱତନ୍ତ୍ର ରୋଗ ନେଇ ସେହି ରୋଗ ବିଶେଷଜ୍ଞଙ୍କ ପାଖକୁ ଯାଇଥାଏ, କିନ୍ତୁ ନର୍ସମାନେ ହିଁ ପରବର୍ତ୍ତୀ ସେବା ଦେଇଥାନ୍ତି। ତେଣୁ ଏହାଠାରୁ ଆଉ କିଛି ବଡ଼ ସେବା ନାହିଁ ବୋଲି ମୁଁ ମନେକରେ।

**- ସୁମତି ପାଇକରାୟ, ସମ୍ପାଦିକା, କ୍ୟାପିଟାଲ ହସ୍ପିଟାଲ ନର୍ସିଂ କର୍ମଚାରୀ ସଂଘ**

## ମାନବ ସେବା ପାଇଁ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ



ନର୍ସିଂ ଏକ ଭଲ ସ୍ତରର ପ୍ରଫେଶନ ନୁହେଁ ବୋଲି ଭାବିବା ସହ ପିଲା ଏ ଦିଗରେ ଯିବା ଉଚିତ ନୁହେଁ ବୋଲି ବହୁତ ଲୋକ କୁହନ୍ତି। ଏଭଳି ଏକ ପୁରୁଣା ଚିନ୍ତାଧାରାକୁ ବଦଳାଇବାକୁ ପଡ଼ିବ। ଏ କ୍ଷେତ୍ରରେ ଆସିବା ପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ଭଲ ପାଠ ପଢ଼ିବା ସହିତ ପ୍ରବେଶିକା ପରୀକ୍ଷା ମଧ ଦେବାକୁ ପଡ଼ିଥାଏ। ତେଣୁ ନର୍ସିଂ ପ୍ରତି ଏଭଳି ହୀନ ମାନସିକତା ରଖିବା ଉଚିତ ନୁହେଁ। ମାନବ ସେବା ପାଇଁ ଏହା ଏକ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ। କରୋନା ସମୟରେ ନର୍ସମାନେ ହିଁ ଆଗଧାଡ଼ିର ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲେ।

**- ସାଧନା କୁମାରୀ, ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ, ଏମ୍‌ସ ଭୁବନେଶ୍ୱର**

## ଏହି ବୃତ୍ତି ଭଗବାନଙ୍କ ଦାନ



୨୦୦୧ ମସିହାରୁ ଏହି ବୃତ୍ତିରେ ଯୋଗଦେଲି। ସେତେବେଳେ ଲୋକେ ଏହି ବୃତ୍ତିକୁ ଆସୁ ନ ଥିଲେ। ଆମକୁ ସବୁ କାମ କରିବାକୁ ପଡୁଥିଲା। ଡ୍ୟୁଟି ଭିତରେ ଟିକେ ବି ଫାଙ୍କା ମିଳୁ ନ ଥିଲା। ହେଲେ ଡ୍ୟୁଟି ସରିବା ପରେ ବହୁତ ଶାନ୍ତି ମିଳୁଥିଲା। କାରଣ ଭଗବାନ ମୋ ଦ୍ୱାରା ଏତେ ଲୋକଙ୍କ ସେବା କରାଉଛନ୍ତି। ଏହି ବୃତ୍ତି ଭଗବାନଙ୍କ ଦାନ। ଚିକିତ୍ସା ଶୈଳୀରେ ବିକାଶକୁ ଦେଖି ବର୍ତ୍ତମାନ ସ୍ୱତନ୍ତ୍ର ଭବେ ବିଭିନ୍ନ ବିଭାଗ ପାଇଁ ନର୍ସିଂ କୋର୍ସ କରାଯାଉଛି। ଯୁବପିଢ଼ି ଏହି ବୃତ୍ତିକୁ ଏବେ ଆଗ୍ରହର ସହ ଆପଣାଉଛନ୍ତି।

**- ଝରଣା ଜେନା, ନର୍ସିଂ ଆସୋସିଏଶନ ସଭାପତି, ଏସ୍‌ସିବି ମେଡିକାଲ**

## ଲୋକଙ୍କ ସେବା କରିବା ପାଇଁ ନର୍ସିଂ ପଢ଼ିଲି



ମୁଁ ଜଣେ ନର୍ସିଂ ଛାତ୍ରୀ। ରୋଗୀ ସେବା କରିବାକୁ ମୋତେ ଭଲ ଲାଗେ। ଜଣେ ନର୍ସଙ୍କ ଉତ୍ତମ ଚିକିତ୍ସା ସେବା ଦ୍ୱାରା ରୋଗୀ ଶୀଘ୍ର ଭଲ ହୋଇଥାଏ। ଦୁଃଖ ସମୟରେ ରୋଗୀଙ୍କ ପରିବାରକୁ ଆଶ୍ୱାସନା ଦେଇଥାଏ। ମୁଁ ଲୋକଙ୍କ ସେବା କରିବା ପାଇଁ ଏହି ପାଠ ପଢିବାକୁ ବାଛିଲି। ଲୋକଙ୍କ ଦୁଃଖବେଳେ ସେମାନଙ୍କ କାମରେ ଆସିବି। ସେଥିପାଇଁ ଏହି ବୃତ୍ତିକୁ ବାଛିଚି।

**- ଆର୍ଯ୍ୟା କୁମାରୀ ବିଶ୍ୱ ବିଜୟିନୀ ଡାକୁଆ, ନର୍ସିଂ ଛାତ୍ରୀ, ଏସ୍‌ସିବି ମେଡିକାଲ କଲେଜ**

## ନର୍ସିଂ ସେବା ନୁହେଁ, ଏକ ତପସ୍ୟା



ନର୍ସିଂ, କେବଳ ସେବା ନୁହେଁ, ଏହା ଏକ ତପସ୍ୟା। ମାନବ ସେବା ହିଁ ମାଧବ ସେବା। ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଦରକାର। ଏବେ ନର୍ସିଂ ପ୍ରଫେଶନ୍‌ରେ ବହୁତ ଷ୍ଟାଫ୍ ପିଏଚ୍.ଡି. କରିସାରିଲେଣି। ତେଣୁ ନର୍ସିଂ ଅଫିସରଙ୍କୁ ମଧ ଡାକ୍ତରଙ୍କ ଭଳି ପ୍ରେସ୍‌କ୍ରାଇବ୍ କରିବାକୁ ଅନୁମତି ଦେଲେ ତାହା ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇପାରିବ।

**- ନିତ୍ୟାନନ୍ଦ କହଁର, ସିନିୟର ନର୍ସିଂ ଅଫିସର, ଏସ୍‌ସିବି ମେଡିକାଲ**

# ବ୍ରାଇଟ୍ ସ୍କୁଲ ଅଫ୍ ନର୍ସିଂ

ନର୍ସିଂ କ୍ଷେତ୍ରରେ 'ବ୍ରାଇଟ ସ୍କୁଲ ଅଫ ନର୍ସିଂ' ଏକ ଉଚ୍ଚମାନର ଗୁଣାତ୍ମକ ଶିକ୍ଷାନୁଷ୍ଠାନ, ଯାହା ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ଅବସ୍ଥିତ। ଏହି ଶିକ୍ଷାନୁଷ୍ଠାନଟି 'ବ୍ରାଇଟ ଏଡୁକେଶନାଲ ଚାରିଟେବୁଲ ଟ୍ରଷ୍ଟ' ଦ୍ୱାରା ୨୦୦୭ରୁ ପରିଚାଳିତ। ଏହି ନର୍ସିଂ ଶିକ୍ଷାନୁଷ୍ଠାନଟି ଓଡ଼ିଶା ସରକାରଙ୍କ ONMRC, DME&T, Govt. of Odisha ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଅଟେ। ଏଠାରେ ସରକାରଙ୍କ ସମସ୍ତ ନିୟମାନୁସାରେ କାର୍ଯ୍ୟ ପରିଚାଳିତ କରାଯାଏ। ଟ୍ରଷ୍ଟର ଚେୟାରମ୍ୟାନ ଇଂ ବିଜୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ଅଧକ୍ଷତାରେ ଦୀର୍ଘ ବର୍ଷ ଧରି ବହୁତ ସୁନ୍ଦର ଭାବରେ ପରିଚାଳିତ ହୋଇ ଆସୁଅଛି। ସେ ଜଣେ ଉଚ୍ଚଶିକ୍ଷିତ, ଅମାୟିକ, ଛାତ୍ରବତ୍ସଳ ବ୍ୟକ୍ତି ଅଟନ୍ତି। ତାଙ୍କର ଶିକ୍ଷା କ୍ଷେତ୍ରରେ ବହୁତ ବର୍ଷ ଧରି ଅଭିଜ୍ଞତା ଅଛି। ତାଙ୍କର ପ୍ରତ୍ୟକ୍ଷ ପରିଚାଳନାରେ ଛାତ୍ରୀଛାତ୍ରଙ୍କର ସମସ୍ତ ସୁବିଧା ଅସୁବିଧାର ସମାଧାନ ହୁଏ। ଏଠାରେ ଗରିବ, ଏସ୍‌ସି, ଏସ୍‌ଟି ଶ୍ରେଣୀର ପିଲାମାନେ ବହୁତ ସ୍ୱଳ୍ପ ମୂଲ୍ୟରେ ନର୍ସିଂ ପାଠ ପଢ଼ିବାର ସ୍ୱପ୍ନକୁ ସାକାର କରିବା ସହ ନିଜକୁ ଧନ୍ୟ ମନେ କରନ୍ତି। ଓଡ଼ିଶା ସରକାରଙ୍କ ତରଫରୁ ଏସ୍‌ସି, ଏସ୍‌ଟି ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତିର ସମସ୍ତ ସୁବିଧା କରାଯାଏ। ବ୍ୟାଙ୍କ ଋଣର ସୁବିଧା ମଧ୍ୟ ପାଇ ପାରୁଛନ୍ତି। ଗରିବ ପିଲାମାନେ କିପରି ସ୍ୱଳ୍ପ ଖର୍ଚ୍ଚରେ ଭୁବନେଶ୍ୱର ସହରରେ ରହି ଗୁଣାତ୍ମକ ନର୍ସିଂ ଶିକ୍ଷା ପାଇ ପାରିବେ, ତାହା ଅନୁଷ୍ଠାନର ଚେୟାରମ୍ୟାନ ବିଜୟ ଜେନାଙ୍କ ମୂଳ ଲକ୍ଷ୍ୟ।

'ବ୍ରାଇଟ ସ୍କୁଲ ଅଫ ନର୍ସିଂ' ଶିକ୍ଷାନୁଷ୍ଠାନ ଅଭ୍ୟାସଗତ ଶିକ୍ଷା ପାଇଁ ବହୁ ବଡ଼ ବଡ଼ କର୍ପୋରେଟ ହସ୍ପିଟାଲ ସହ ଅନୁବନ୍ଧିତ ହୋଇଛି। ଏଠାରେ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ, ଲାଇବ୍ରେରୀ ସବୁ ପ୍ରକାରର ସୁବିଧା ଅଛି। ଏଠାରେ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଏ। ସର୍ବୋପରି 'ବ୍ରାଇଟ ସ୍କୁଲ ଅଫ ନର୍ସିଂ' ନର୍ସିଂ ଶିକ୍ଷା କ୍ଷେତ୍ରରେ ଏକ ଆଦର୍ଶ ଅନୁଷ୍ଠାନ।

ଏଠାରେ ଗୁଣାତ୍ମକ ଶିକ୍ଷା ଲାଭ ସହ ଛାତ୍ରୀଛାତ୍ରଙ୍କର ବ୍ୟକ୍ତି ଏବଂ ଚରିତ୍ରର ବିକାଶ କରାଯାଏ। ଏଠାରେ ଛାତ୍ରୀଛାତ୍ରଙ୍କର ବିକାଶର ପୂର୍ଣ୍ଣତା ମିଳିବା ସହ ସବୁ ପ୍ରକାରର ବାଧାବିଘ୍ନକୁ ସାମ୍ନା କରିବାକୁ ମନରେ ଦୃଢ଼ତା ଆଣିଥାଏ। ଏଠାରେ ଛାତ୍ରୀଛାତ୍ରଙ୍କର ସର୍ବାଙ୍ଗୀନ ଉନ୍ନତି ଯଥା ମାନସିକ ଏବଂ ବୌଦ୍ଧିକ ସ୍ତରର ବିକାଶ ପାଇଁ ସବୁ ପ୍ରକାରର ଚେଷ୍ଟା କରାଯାଏ। ବିଭିନ୍ନ ସମୟରେ ବକ୍ତୃତା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଏ। ଏବେ ଶିକ୍ଷାନୁଷ୍ଠାନରେ ମେ' ୬ ରୁ ୧୨ ପର୍ଯ୍ୟନ୍ତ ନର୍ସିଂ ସପ୍ତାହ ପାଳନ କରାଯାଉଛି। ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚ ମାନର ନର୍ସିଂ ସେବା ଯୋଗାଇ ଦେବା ପାଇଁ ଅନୁଷ୍ଠାନ ବଦ୍ଧପରିକର। Miss Fresher ନର୍ସିଂ ଛାତ୍ରୀକୁ ସମ୍ବର୍ଦ୍ଧିତ କରାଗଲା। ଏହି ଅବସରରେ କଲ୍‌ଚରାଲ ପ୍ରୋଗ୍ରାମର ଆୟୋଜନ କରାଯାଇଥିଲା।

# ସାରଦାଦେବୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ

ସାରଦାଦେବୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ୨୦୦୬ରେ କେବଳ ଏଏନ୍‌ଏମ୍ କୋର୍ସକୁ ନେଇ ଗଢ଼ିଉଠିଥିଲା। ପରେ ଏହାର କଳେବର ବୃଦ୍ଧି ପାଇ ଜିଏନ୍‌ଏମ୍, ବି.ଏସ୍‌ସି. ଆଦି କୋର୍ସ ସୃଷ୍ଟି ହୋଇଥିଲା। ଅଭିଭାବକ ଓ ପରିଚାଳନା ସମିତିର ମିଳିତ ସହଯୋଗରେ ଏବେ ଏହାର ନିଜସ୍ୱ ବିଲ୍ଡିଂ, ପାଠାଗାର, ଛାତ୍ରୀନିବାସ, ଛାତ୍ରାବାସ, ବୃହତ ପ୍ରୟୋଗଶାଳା, ନିଜସ୍ୱ ପରିବହନ ବ୍ୟବସ୍ଥା ଆଦି ସୃଷ୍ଟି ହୋଇପାରିଛି। ଅତ୍ୟାଧୁନିକ ଶ୍ରେଣୀଗୃହ, ଅଭିଜ୍ଞ ଶିକ୍ଷକଙ୍କ ଶିକ୍ଷାଦାନ ଓ ସୁପରିଚାଳନା ଦ୍ୱାରା ଅନୁଷ୍ଠାନର ମାନ ବୃଦ୍ଧି ହୋଇପାରିଛି। ଛାତ୍ରୀଛାତ୍ରଙ୍କ ପାଠ୍ୟକ୍ରମ ଆଧାରିତ ମେଡିକାଲ ପ୍ରଶିକ୍ଷଣ ପାଇଁ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ସହ ଅନୁବନ୍ଧିତ ହୋଇପାରିଛି। ହଷ୍ଟେଲ୍‌ର ସୁପରିଚାଳନା ଯୋଗୁ ୧୦୦ରୁ ଅଧିକ ଛାତ୍ରୀଛାତ୍ର ସେଠାରେ ସହାବସ୍ଥାନ କରୁଛନ୍ତି। ଅଦ୍ୟାବଧି ଶହ ଶହ ନର୍ସିଂ ଛାତ୍ରୀଛାତ୍ର ବିଭିନ୍ନ କୋର୍ସରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲରେ କାର୍ଯ୍ୟ କରୁଛନ୍ତି। କରୋନା ସମୟରେ ଉକ୍ତ ଅନୁଷ୍ଠାନର ଅନେକ ନର୍ସିଂ ଛାତ୍ରୀ କରୋନାଯୋଦ୍ଧା ଭାବେ ବିଭିନ୍ନ ସରକାରୀ ହସ୍ପିଟାଲରେ କାର୍ଯ୍ୟନିର୍ବାହ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଉତ୍ତମ ଶୃଙ୍ଖଳା ବ୍ୟବସ୍ଥା ପାଇଁ ସାରଦାଦେବୀ ଇନ୍‌ଷ୍ଟିଚ୍ୟୁଟ ସରକାରୀ ପରୀକ୍ଷା କେନ୍ଦ୍ର ଭାବେ ଏକଦା ସୁନାମ ଅର୍ଜନ କରିଛି। ଏହାର ଅଧ୍ୟବସାୟୀ ଛାତ୍ରୀଛାତ୍ରମାନେ ବର୍ଷ ତମାମ ବିଭିନ୍ନ ସେମିନାର, ପଥପ୍ରାନ୍ତ ନାଟକ, ଅଭିଭାଷଣ, ପ୍ରତିଯୋଗିତା, ସଚେତନତା କାର୍ଯ୍ୟକ୍ରମ, ହେଲ୍‌ଥ କ୍ୟାମ୍ପ, ନଗର ପରିକ୍ରମା, ସଫେଇ କାର୍ଯ୍ୟକ୍ରମ ଆଦି ପରିଚାଳନା କରୁଛନ୍ତି। ଏବେ ଅନୁଷ୍ଠାନ ତା'ର ନିଜସ୍ୱ ବିଲ୍ଡିଂ ସହ ସରକାରଙ୍କ ସମସ୍ତ ମାନଦଣ୍ଡକୁ ସୁଚାରୁରୂପେ ଗ୍ରହଣ କରିଛି। ବିଦ୍ୟାଳୟର ନିଜସ୍ୱ ହଷ୍ଟେଲ୍‌ରେ ସୁପରିଚାଳନାଭିତ୍ତିରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି। ଆବଶ୍ୟକତା ଦୃଷ୍ଟିରୁ ଅତିରିକ୍ତ କ୍ଲାସ, ଅଫଲାଇନ୍ କ୍ଲାସ, ଅନ୍‌ଲାଇନ୍ କ୍ଲାସ ଆଦିର ବ୍ୟବସ୍ଥା କରିପାରିଛି। ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଯିବାଆସିବା ପାଇଁ ନିଜସ୍ୱ ବସ୍‌ର ବ୍ୟବସ୍ଥା କରିଛି।

ପ୍ରତିବର୍ଷ ମେ' ୧୨ତାରିଖକୁ ବିଶ୍ୱ ନର୍ସିଂ ଦିବସ ଭାବେ ପାଳନ କରାଯାଇଥାଏ। ଏତଦ୍ ବ୍ୟତୀତ ଉକ୍ତ ଦିନ ବାର୍ଷିକ ଉତ୍ସବ ମଧ୍ୟ ପାଳନ କରାଯାଏ। ଏହି ଅବସରରେ ବିଭିନ୍ନ ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା ସହ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଏ। ଏବେ ଅନୁଷ୍ଠାନରେ ଡି. ଫାର୍ମା, ଡିଏମ୍‌ସିଟି ଆଦି ଅତିରିକ୍ତ କୋର୍ସ ମଧ୍ୟ ଯୋଡ଼ି ହୋଇଛି। ପ୍ରତିବର୍ଷ ବୋର୍ଡ ବିଦ୍ୟାଳୟ ପରିଚାଳିତ ପରୀକ୍ଷାରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ପାଇଆସୁଛନ୍ତି ଏବଂ ସରକାରଙ୍କ ବିବିଧ ସୁବିଧା ସୁଯୋଗ ସବୁ ପାଇଆସୁଛନ୍ତି। ପ୍ରତିବର୍ଷ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ଛାତ୍ରୀଛାତ୍ର ଏଠାରେ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ବ୍ୟବସ୍ଥାକୁ ନଜରରେ ରଖି ହଷ୍ଟେଲ ଓ ଶ୍ରେଣୀଗୃହରେ ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଂସ୍ଥାପକ ଡା. ସତୀଶ କୁମାର ପ୍ରଧାନଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ଶ୍ରମଦାନ ସ୍ୱରୂପ ଉକ୍ତ ଅନୁଷ୍ଠାନ ଆଜି ରାଜ୍ୟର ଏକ ସଫଳ ଶିକ୍ଷାନୁଷ୍ଠାନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛି।






















୧୧।୦୫।୨୦୨୪

| ୪,୮୪, ୧୬୫ ଟଙ୍କା | |
|---|---|
| ସୁନା | ୪୦ ଗ୍ରାମ୍ |
| ରୁପା | ୧୪୬.୫୦୦ ଗ୍ରାମ୍ |

## ଆମ୍ବ ଗୋଟାଇବା ବେଳେ ବଜ୍ରପାତ, ବୃଦ୍ଧ ମୃତ

**ବେଗୁନିଆ,୧୧।୫(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ବାସୁଦେବପୁର (କାନପୁର) ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ଆମ୍ବ ଗୋଟାଇବା ବେଳେ ବଜ୍ରପାତ ହେବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା(୭୧)। ସୂଚନା ମୁତାବକ, ଅପରାହ୍ନ ପ୍ରାୟ ୨ଟାରେ ପୂର୍ଣ୍ଣଚନ୍ଦ୍ର ଗ୍ରାମ ନିକଟ ଏକ ବଗିଚାକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ହଠାତ୍ ଝଡ ତୋଫାନ ସହ ବଜ୍ରପାତ ହୋଇଥିଲା। ବଜ୍ରପାତ ଯୋଗୁ ପୂର୍ଣ୍ଣଚନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଥିଲା। ଅନ୍ୟପଟେ ପୂର୍ଣ୍ଣଚନ୍ଦ୍ର ଘରକୁ ଫେରିବା ବିଳମ୍ବ ହେବା ଯୋଗୁ ପରିବାରଲୋକେ ଖୋଜାଖୋଜି କରି ବଗିଚାରେ ପହଞ୍ଚିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ସେ ଜଣେ କଂଗ୍ରେସ କର୍ମୀ ହୋଇଥିବାରୁ ତାଙ୍କ ପରିବାର ଲୋକଙ୍କୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସମବେଦନା ଜ୍ଞାପନ କରାଯାଇଛି। କଂଗ୍ରେସର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ବ୍ୟକ୍ତି ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

# ରାଜଧାନୀରେ ଲେଡି ଡ୍ୟାନ୍ସରଙ୍କୁ ହତ୍ୟା

**ଭୁବନେଶ୍ୱର,୧୧।୫ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀ ଭୁବନେଶ୍ୱରରେ ଜଣେ ଲେଡି ଡ୍ୟାନ୍ସରଙ୍କୁ ହତ୍ୟା କରାଯାଇଛି। ବଡ଼ଗଡ଼ ଗାଁସ୍ଥିତ ଭଡ଼ାଘରୁ ସନ୍ଦେହଜନକ ଅବସ୍ଥାରେ ଝୁଲି ରହିଥିବା ତାଙ୍କ ମୃତଦେହକୁ ଶୁକ୍ରବାର ରାତିରେ ପୋଲିସ ଜବତ କରିଛି। ମୃତା ଯୁବତୀ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ୍ ଇବ୍ରିଶ ପଞ୍ଚାୟତ ଅଲଣା ଗ୍ରାମର ସୁଲୋଚନା ଦାସ। ଫ୍ୟାନ୍‌ରେ ଏକ ଓଢଣିରେ ସୁଲୋଚନା ଝୁଲି ରହିଥିବାବେଳେ ଆଣ୍ଠୁ ତଳେ ଲାଗି ରହିଥିଲା। ପାଖରେ ମଦ ବୋତଲ ଓ ସିଗାରେଟ ପଡିଥିଲା। ଏଥିସହ ତାଙ୍କ ପିଠି ଓ ମୁହଁରେ ଦାଗ ରହିଥିବା ଦେଖିବାକୁ ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏପଟେ ପରିବାର ଲୋକେ ମଧ୍ୟ ଥାନାରେ ହତ୍ୟା ଅଭିଯୋଗ ଆଣିଛନ୍ତି। ଶନିବାର ସକାଳେ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଛାନ୍‌ଭିନ୍ କରିଛି। ଯୁବତୀଙ୍କ ବାପାଙ୍କ ଲିଖିତ ଅଭିଯୋଗ ଆଧାରରେ ବଡଗଡ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୩୨୬/୨୪) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚାଲିଛି।


ସୁଲୋଚନା ଦାସ

### ଜଣେ ଯୁବକଙ୍କ ସହ ଲିଭ୍ ଇନ୍‌ରେ ଥିଲେ

କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି। ଅନ୍ୟପଟେ ଯୁବତୀ ଜଣକ ଜଣେ ଯୁବକଙ୍କ ସହ ଲିଭ୍‌ଇନ୍‌ରେ ଥିବା ପରିବାର ଲୋକଙ୍କଠାରୁ ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେବେ ଘଟଣା ପରଠୁ ଯୁବକ ଜଣକ ଫେରାର ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ଅଧିକ ଘନୀଭୂତ ହୋଇଛି।

ମୃତା ସୁଲୋଚନା ବିଭିନ୍ନ ଷ୍ଟେଜ୍ ଶୋ'ରେ ନୃତ୍ୟ କରନ୍ତି। ପୂର୍ବରୁ ସେ ଓଡ଼ିଶା ବାହାରେ ଥିଲେ। ଗତ ଏକବର୍ଷ ହେବ ଭୁବନେଶ୍ୱର ଆସି ଡ୍ୟାନ୍ସ ପ୍ରୋଗ୍ରାମ କରୁଥିଲେ। ତାଙ୍କ ସାନ ଭଉଣୀଙ୍କ କହିବା ଅନୁସାରେ, ଶୁକ୍ରବାର ଦିନ ପ୍ରାୟ ୧୧ଟା ୩୦ ପରେ ନୀହାର ନାମକ ଜଣେ ଯୁବକଙ୍କଠାରୁ ଫୋନ୍ କଲ୍ ପାଇଥିଲୁ। ସେ ଜଣେ ହୋଟେଲ ମାଲିକ। ଆମ ଭଉଣୀ ସହିତ ସେ ଲିଭ୍‌ଇନ୍‌ରେ ରହୁଥିଲେ। ତାଙ୍କଠାରୁ ଖବର ପାଇ ସନ୍ଧ୍ୟାରେ ଆମେ ଭୁବନେଶ୍ୱର ବଡଗଡ ଗାଁରେ ପହଞ୍ଚିଥିଲୁ। କିନ୍ତୁ ଏଠାରେ ପହଞ୍ଚିବା ପରେ ପୁରୁଷ ବନ୍ଧୁଙ୍କ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ବହୁ ଖୋଜାଖୋଜି କରି ପାଉଁରୁଟି ଫ୍ୟାକ୍ଟ୍ରି ପାଖ ପଡାସାହିରେ ଥିବା ଏକ ଭଡାଘରେ ପହଞ୍ଚିଥିଲୁ। ଘରର କବାଟ ଖୋଲା ଥିଲାବେଳେ ଭଉଣୀ ଫ୍ୟାନ୍‌ରେ ଏକ ଓଢଣିରେ ଝୁଲି ରହିଥିଲେ। ଗୋଡ଼ ବଙ୍କା ହୋଇ ଆଣ୍ଠୁ ତଳେ ଲାଗିଥିଲା। ପିଠିରେ ମାଡ଼ ଚିହ୍ନ ଓ ମୁହଁରେ ଦାଗ ରହିଥିବାରୁ ପୋଲିସକୁ ଖବର ଦେଇଥିଲୁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।



ମାତୃ ଦିବସ (ମଦର୍ସ ଡେ) ଉପଲକ୍ଷେ ଶନିବାର ପୁରୀ ବେଳାଭୂମିରେ ସୁଦର୍ଶନ ସ୍ୟାଣ୍ଡ୍ ଆର୍ଟ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ବାଲୁକା କଳା।

## ନଦୀପଠାରୁ ମହିଳାଙ୍କ ଗଳିତ ମୃତଦେହ ଜବତ

**ଭୁବନେଶ୍ୱର,୧୧।୫ (ସୂର୍ଯ୍ୟକାନ୍ତ ବେହେରା):** ବଡଗଡ ଥାନା ଅନ୍ତର୍ଗତ ବସୁଆଘାଇ ନଦୀ ପଠାସ୍ଥିତ ଏକ ବୁଦା ମୂଳରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ମିଳିଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ମହିଳାଙ୍କ ପରିଚୟ ଜଣାପଡି ନ ଥିବାବେଳେ ବୟସ ପାଖାପାଖି ୪୦ ବର୍ଷ ହେବ। ହତ୍ୟା ପରେ କେହି ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମହିଳାଙ୍କ ମୃତ୍ୟୁ କିଭଳି ଘଟିଲା ଜଣାପଡିବ ବୋଲି ପୋଲିସ କହିଛି। ଏଥିସହ ମହିଳାଙ୍କ ପରିଚୟ ଜାଣିବା ଲାଗି ପୋଲିସ ବିଭିନ୍ନ ଥାନାକୁ ଫଟୋ ପଠାଇବା ତଦନ୍ତ ଜାରି ରଖିଥିବା ସୂଚନା ଦିଆଯାଇଛି।

# ୧,୪୮,୮୨୦ ମାମଲା ଫଇସଲା

**କଟକ,୧୧।୫ (କାର୍ତ୍ତିକ ସାହୁ)**

### ରାଷ୍ଟ୍ରୀୟ ଲୋକ ଅଦାଲତ
### ୧୨୭,୬୪,୮୪,୧୯୨ ଟଙ୍କା ଆଦାୟ

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଅଦାଲତରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରନ୍ ଇନ୍ ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍ ତଥା ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଲୋକ ଅଦାଲତ ପରିଚାଳିତ ହୋଇଥିଲା। ମୋଟ ୧,୪୮,୮୨୦ଟି ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧୨୭,୬୪,୮୪,୧୯୨ ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲ ଓ କଞ୍ଜୁମର ଫୋରମ୍ ସମେତ ୩୦ ଜିଲାର ଜିଲା ଓ ତାଲୁକ କୋର୍ଟରେ ପଡ଼ିରହିଥିବା ବିଭିନ୍ନ ମାମଲା ୧୧,୭୫୨, ରାଜସ୍ୱ ମାମଲା ୧,୩୨,୫୧୭ ଓ ପ୍ରିଲିଟିଗେଶନ୍ ମାମଲା ୪୫୫୧ଟି ଫଇସଲା ହୋଇଛି। ଏଥିରେ କ୍ରିମିନାଲ କମ୍ପାଉଣ୍ଡେବଲ ଅଫେନ୍ସ ୨୮୫, ଏନ୍ଆଇ ଆକ୍ଟ ୧୩୮ ଧାରାରେ ୧୩୨୮, ମନି ରିକଭରି ୭୪୪, ମୋଟର ଯାନ ଦୁର୍ଘଟଣା ୬୦୧, ଶ୍ରମ ବିବାଦ ୪୯, ବିଦ୍ୟୁତ୍, ପାଣି ସେବା ବିବାଦ ୨୩, ବୈବାହିକ ସମେତ ଅନ୍ୟାନ୍ୟ ମାମଲା ୫୧୩, ଜମି ଅଧିଗ୍ରହଣ ୮, ବିଭିନ୍ନ ରାଜସ୍ୱ ଅଧିକାରୀଙ୍କ ନିକଟରେ ପଡ଼ିରହିଥିବା ରାଜସ୍ୱ ମାମଲା ୧,୩୨,୫୧୭, ଖାଉଟି ବିବାଦ ୨୧, ଦେୱାନୀ ୧୩୩୮, ଅନ୍ୟାନ୍ୟ ଆପରାଧିକ ମାମଲା ୬୮୩୫ ଓ ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲର ୭ଟି ମାମଲା ମିଶି ୧,୪୪,୨୬୯ ଏବଂ ୪୫୫୧ଟି ପ୍ରିଲିଟିଗେଶନ ମାମଲା ରହିଛି।

# ରଥ ନିର୍ମାଣ ଆରମ୍ଭ


ରଥର ତୁମ୍ବ ନିର୍ମାଣ ପାଇଁ କରତି ସେବକମାନେ କାଠ ଚିରଟ କରୁଛନ୍ତି।

**ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)**

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ପବିତ୍ର ଅକ୍ଷୟତୃତୀୟାରେ ଶୁକ୍ରବାର ରଥକାଠ ଅନୁକୂଳ ହୋଇଥିବାବେଳେ ଶନିବାରଠାରୁ ଶ୍ରୀନଅର ସମ୍ମୁଖ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ପ୍ରଥମ ଦିନରେ ତିନିରଥର ତୁମ୍ବ କାର୍ଯ୍ୟ ଆରମ୍ଭ କରାଯାଇଛି। ତିନିରଥର ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରାଥମିକ ପର୍ଯ୍ୟାୟରେ ରଥଚକ ପାଇଁ ତୁମ୍ବ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନିରଥ ନିମନ୍ତେ ମୋଟ ୪୨ଟି ତୁମ୍ବ ନିର୍ମାଣ ହେବ। ପ୍ରଥମେ ରଥ ନିର୍ମାଣକାରୀ ସେବକମାନେ ସକାଳ ୮ଟାରେ ରଥଖଳାରେ ଉପସ୍ଥିତ ହୋଇ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଭୋଇ ସର୍ଦ୍ଦାର ରବି ଭୋଇ ଏବଂ କାର୍ତ୍ତିକ ଭୋଇଙ୍କ ନେତୃତ୍ୱରେ ଭୋଇସେବକମାନେ ତିନିରଥ ଚାଳିକୁ ତୁମ୍ବ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଫାସିକାଠ ଗଡ଼ କରିବାକୁ କରତିସେବକମାନଙ୍କୁ ଯୋଗାଇଥିଲେ। ତିନିରଥର ମୁଖ୍ୟ ମହାରଣାମାନେ ତୁମ୍ବକାଠ ଗଡ଼ ପାଇଁ ମାପ ଚିହ୍ନ ଦେବା ପରେ କରତିସେବକମାନେ ପ୍ରଥମେ ଗୋଟିଏ ଗୋଟିଏ ନାହକା ତୁମ୍ବ ଗଡ଼ କରି ଯୋଗାଇଥିଲେ। ତିନିରଥର ମୁଖ୍ୟ ମହାରଣାମାନେ ତୁମ୍ବ ଗଡ଼ରେ କୁଅଁର ଦ୍ୱାରା ଘେର ମାପ ଚିହ୍ନ ଦେବା ପରେ ତିନିରଥ ମହାରଣା ସେବକମାନେ ମର୍ଦ୍ଦଳାକାର ଭାବେ ବାରିସିରେ ହାଣି ଗୋଲିଆ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେହିପରି ଦୋଳବେଦିଠାରେ ତିନି ରଥ ଓଝା ବା କମାର ସେବକମାନେ ରଥ ନିର୍ମାଣ ପାଇଁ ଅସ୍ଥାୟୀ କମାରଶାଳ ପ୍ରସ୍ତୁତ କରିଛନ୍ତି। କମାରଶାଳାରେ ରଥରେ ଆବଶ୍ୟକ ହେଉଥିବା କଣ୍ଟାଗୁଡ଼ିକ ନିର୍ମାଣ କରାଯିବ।

## ପ୍ରଥମ ପୃଷ୍ଠାରୁ...

### ରତ୍ନଭଣ୍ଡାର ଚାବି...

ଆହ୍ୱାନ ଦେଇଛନ୍ତି। ଥରେ ସାହସ କରି ସମସ୍ତ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାନ୍ତୁ ବୋଲି ସେ ନିବେଦନ କରିଛନ୍ତି।

**ରାମ ମନ୍ଦିର, ପରମାଣୁ ବୋମା କଥା କହିଲେ**

ଦେଶରେ ବହୁ ବର୍ଷରୁ ପ୍ରତୀକ୍ଷା ଥିବା ରାମମନ୍ଦିର କଥା ଉଠାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ରାମ ମନ୍ଦିର ନିର୍ମାଣ ହେଲା। ଆମର ପୂର୍ବଜମାନେ ନିଶ୍ଚିତ ଶାନ୍ତି ପାଉଥିବେ। ଆଜିର ଦିନରେ ପୋଖରାନରେ ଅଟଳ ବିହାରୀ ବାଜପେୟୀ ସରକାରଙ୍କ ସମୟରେ ପରମାଣୁ ବୋମା ପରୀକ୍ଷଣ ହୋଇଥିଲା, ଯାହା ବିଶ୍ୱ ଦେଖିଲା। କିନ୍ତୁ କଂଗ୍ରେସ ସରକାର ଏସବୁ ଉପରେ ପଛଘୁଞ୍ଚା ଦେଉଥିଲା। ପରମାଣୁ ପରୀକ୍ଷା ହେବା ପରେ ସାରା ବିଶ୍ୱରେ ରହୁଥିବା ଭାରତୀୟ ଗର୍ବ କରିଥିଲେ। କଂଗ୍ରେସ ସବୁବେଳେ ନିଜ ଦେଶକୁ ଡରାଇବାକୁ ଚେଷ୍ଟା କରୁଥିଲା। ପାକିସ୍ତାନ ପାଖରେ ପରମାଣୁ ବୋମା ଅଛି ବୋଲି କହୁଥିଲା ବୋଲି ମୋଦି କହିଛନ୍ତି।

### ୧୦ ବର୍ଷ ପରେ...

ଆପଣ ଓଡ଼ିଶୀ ସଙ୍ଗୀତକୁ ମଧ୍ୟ ଭୁଲିଗଲେ। ମୁଁ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ ୨ ଥର ପ୍ରସ୍ତାବ ପଠାଇଥିଲି। ଆପଣ ଦୁଇଥର ଏହାକୁ ଅଗ୍ରାହ୍ୟ କଲେ। ଓଡ଼ିଶାରେ ବହୁ ବୀରପୁତ୍ର ଅଛନ୍ତି। ଆଜି ଆପଣ ବି କେତେ ଜଣଙ୍କ ନାଁ କହିଲେ। ଭାରତରତ୍ନ ପାଇଁ କ'ଣ କେହି ଠିକ୍ ଲାଗିଲେନି। ଆପଣ ଭାରତରତ୍ନ ବାଣ୍ଟିବା ବେଳେ ଓଡ଼ିଶାର ବୀରପୁତ୍ର ବିଜୁ ପଟ୍ଟନାୟକଙ୍କୁ ବି ଭୁଲିଗଲେ। ଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଦୁଇଗୁଣ କରିବାକୁ କହିଥିଲେ। ଆପଣ ତାକୁ ବି ଭୁଲିଗଲେ। ଓଡ଼ିଶା ଲୋକଙ୍କୁ ମନେରଖି ଉପକୂଳ ରାଜପଥ କରିବାର ଥିଲା। ସେଇଟା ବି ଭୁଲିଗଲେ। ଓଡ଼ିଶାର ସମ୍ପଦ କୋଇଲା। କୋଇଲା ଆପଣ ନେଉଛନ୍ତି। ଆପଣ ୧୦ ବର୍ଷ ହେଲା ରୟାଲ୍‌ଟି ଦେବା ପାଇଁ ଭୁଲିଗଲେ। ନିର୍ବାଚନ ସମୟରେ ଓଡ଼ିଶାକୁ ମନେପକାଇଲେ କିଛି ଲାଭ ନାହିଁ। ୨୦୧୪ ଓ ୨୦୧୯ରେ ନିଜେ ଦେଇଥିବା ପ୍ରତିଶ୍ରୁତି(ପ୍ରୋମିଜ)କୁ ଆପଣ ମନେରଖିଛନ୍ତି କି ? ଆପଣ ଓଡ଼ିଶାବାସୀଙ୍କୁ କହିଥିବା ଦର ବୃଦ୍ଧି କମାଇବା, ୨ କୋଟି ଚାକିରି, ପେଟ୍ରୋଲ, ଡିଜେଲ ଦର କମାଇବା, ମୋବାଇଲ କନେକ୍ଟିଭିଟି ଦେବା, ଜିଏସ୍‌ଟି ଛାଡ଼ କରିବା ସବୁ ଓଡ଼ିଶାବାସୀ ମନେରଖିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଭଲ ପାଇବା ଯୋଗୁ ବିଜୁ ଜନତା ଦଳ ଷଷ୍ଠ ଥର ପାଇଁ ଓଡ଼ିଶାରେ ସରକାର ଗଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କଡ଼ା ଜବାବ ଦେଇଛନ୍ତି।

### ଆଇଓଏସ୍‌ରେ ପ୍ରୋଫାଇଲ୍...

ପ୍ରିଭେସି ସୁରକ୍ଷା ପାଇଁ କମ୍ପାନୀ ଏହି ପଦକ୍ଷେପ ନେବାକୁ ଯାଉଛି ବୋଲି ସୂଚନା ଦେଇଛି। ରିପୋର୍ଟ ଅନୁଯାୟୀ, ଓନରଙ୍କ ବିନା ଅନୁମତିରେ ସ୍କ୍ରିନ୍‌ଶଟ ନେବାକୁ ଚାହିଁଲେ ଏହି ଫିଚର ପ୍ରିଭେସି ସୁରକ୍ଷା ସକାଶେ ଏକ ଅତିରିକ୍ତ ଲେୟାର ଭାବେ କାର୍ଯ୍ୟ କରିବା ସହ ସମ୍ପୃକ୍ତ ୟୁଜରଙ୍କୁ ତତ୍କାଳ ବ୍ଲକ୍ କରିଦେବ। ଏଥିସହ ପ୍ରୋଫାଇଲ ଫଟୋଗୁଡ଼ିକର ଦୁରୁପଯୋଗକୁ ମଧ୍ୟ ବନ୍ଦ କରାଯାଇପାରିବ। ହ୍ୱାଟ୍ସଆପ୍‌ର ପରବର୍ତ୍ତୀ ଅପ୍‌ଡେଟ୍‌ରେ ଏହା ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ଆଖି ବୁଜିଲା...

ସାରା ପ୍ରେମରେ ପଡ଼ି ନନ୍ଦନକାନନରେ ଧରାପଡ଼ି ପୁଣି ଖସିଯାଇଥିଲା। ଦୀର୍ଘ ୪ ମାସର କସରତ ପରେ ୨୦୧୩ ଜୁନ ୬ରେ ନନ୍ଦନ ଧରାପଡ଼ି ନନ୍ଦନକାନନରେ ବନ୍ଦୀ ଜୀବନ ବିତାଉଥିଲା। ପରବର୍ତ୍ତୀ ସମୟରେ ବାଘୁଣୀ ମେଘା ଓ ସାରା ସହ ମିଶି ନନ୍ଦନ ତା'ର ବଂଶ ବୃଦ୍ଧି କରିଥିଲା। ତେବେ ସ୍ନାୟୁଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାବେଳେ ନନ୍ଦନ ୨୦୨୪ ଜାନୁୟାରୀ ୨୧ରେ ଅସୁସ୍ଥ ହୋଇପଡ଼ିଥିଲା। ଶନିବାର ତା'ର ମୃତ୍ୟୁ ହୋଇଯାଇଛି। ଏହା ପର୍ଯ୍ୟଟକଙ୍କ ପାଇଁ ଦୁଃଖର ବିଷୟ ପାଲଟିଛି।

### ଶକ୍ତିଶାଳୀ ସୌରଝଡ଼...

ଦିନରେ ଆହୁରି ସିଏମ୍‌ଇ ପୃଥିବୀକୁ ନିଷ୍କାସିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଉତ୍ତର ୟୁରୋପ ଓ ଅଷ୍ଟ୍ରେଲେସିଆରେ ଲୋକେ ନାଲି ଆକାଶର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିବାରେ ଲାଗିଛନ୍ତି।

ସମ୍ଭାବ୍ୟ ଅଚଳାବସ୍ଥାକୁ ଦୃଷ୍ଟିରେ ରଖି କେତେକ ଦେଶର ସରକାର ସାଟେଲାଇଟ୍ ଅପରେଟର୍ସ, ଏୟାରଲାଇନ୍ସ ଏବଂ ପାୱାର ଗ୍ରୀଡ୍ ପରିଚାଳକଙ୍କୁ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଷ୍ଟାର୍‌ଲିଙ୍କ ସାଟେଲାଇଟ୍ ମାଲିକ ଏଲନ୍ ମସ୍କଙ୍କ ପ୍ରାୟ ୫,୦୦୦ ସାଟେଲାଇଟ୍ ପୃଥିବୀର ନିମ୍ନ କକ୍ଷରେ ଅବସ୍ଥାପିତ ହୋଇଥିବାବେଳେ ସେ ଏହି ସୌରଝଡ଼କୁ 'ଦୀର୍ଘ ସମୟ ପରେ ସବୁଠୁ ବୃହତ୍ତମ' ବୋଲି ଅଭିହିତ କରିଛନ୍ତି।

ଅନ୍ୟପକ୍ଷେ ଚୁମ୍ବକୀୟ ସୌରଝଡ଼ର ପ୍ରଭାବ ଭାରତରେ ମଧ୍ୟ ଦେଖିବାକୁ ମିଳିଛି। କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର କେତେକ ଅଞ୍ଚଳରେ ଆକାଶ ଗାଢ଼ଲାଲ ରଙ୍ଗ ଧାରଣ କରିଛି, ଯାହାକୁ ହିମାଳୟରେ ହାନ୍‌ଲେ ଡାର୍କ ସ୍କାଏ ରିଜର୍ଭ ରେକର୍ଡ କରିଛି। କୋରୋନାଲ ମାସ୍ ଇଜେକ୍ସନ ବା ସୌରଝଡ଼ ସୂର୍ଯ୍ୟଙ୍କ ଏଆର୍‌୧୩୬୬୪ ରିଜିଅନ୍‌ରୁ ପୃଥିବୀ ଆଡ଼କୁ ସେକେଣ୍ଡ ପ୍ରତି ୮୦୦ କି.ମି. ବେଗରେ ଧାବମାନ କରିଛି ବୋଲି କୋଲକାତାସ୍ଥିତ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଇନ୍ ସ୍ପେସ୍ ସାଇନ୍ସେସ୍ ଇନ୍ ଇଣ୍ଡିଆ (ସିଇଏସ୍‌ଏସ୍‌ଆଇ) ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ଲଦାଖରେ ଏହା ଶନିବାର ରାତି ଗୋଟାଏରେ ଦୃଶ୍ୟମାନ ହୋଇଥିଲା। ଅଷ୍ଟ୍ରିଆ, ଜର୍ମାନୀ, ସ୍ଲୋଭିକିଆ, ସୁଇଜରଲାଣ୍ଡ, ଡେନ୍‌ମାର୍କ ଓ ପୋଲାଣ୍ଡ ଭଳି ଲଦାଖବାସୀ ଏହାର ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପରେ ସେଗୁଡ଼ିକ ଭାଇରାଲ ହେବାରେ ଲାଗିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୀର୍ତ୍ତିରଞ୍ଜନ


@ ସ୍ମିତାରାଣୀ



@ ତାପସ


@ ବିଶ୍ୱନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଋତୁସ୍ରାବ ସମୟରେ ସବୈତନିକ ଛୁଟି ପାଇଁ ଜାତିସଂଘରେ ସ୍ୱର ଉଠାଇଲେ ଓଡ଼ିଆ ଝିଅ



ମିଳିତ ଜାତିସଂଘର ନାଗରିକ ସମାଜ ସମ୍ମିଳନୀରେ ଓଡ଼ିଆ ଝିଅ ରଞ୍ଜିତା ପ୍ରିୟଦର୍ଶିନୀ।

**ଭୁବନେଶ୍ୱର, ୧୧।୫(ଅସମାପିକା ସାହୁ)**

ଋତୁସ୍ରାବ ସମୟରେ ସବୈତନିକ ଛୁଟି ପାଇଁ ଜାତିସଂଘରେ ଓଡ଼ିଆ ଝିଅ ସ୍ୱର ଉଠାଇଛନ୍ତି। କେନିଆର ନାଇରୋବିରେ ମିଳିତ ଜାତିସଂଘର ନାଗରିକ ସମାଜ (ସିଭିଲ ସୋସାଇଟି) ସମ୍ମିଳନୀରେ ଓଡ଼ିଆ ଝିଅ ରଞ୍ଜିତା ପ୍ରିୟଦର୍ଶିନୀ 'ପେଡ୍ ପିରିଅଡ୍ ଲିଭ୍' ନେଇ ଉଠାଇଥିବା ପ୍ରସଙ୍ଗ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି। ବିଶ୍ୱର ଅନେକ କୋଟି ମହିଳା କର୍ମକ୍ଷେତ୍ରରେ ଋତୁସ୍ରାବ ସମୟରେ ପାଉଥିବା ଶାରୀରିକ ପୀଡ଼ା ଓ ଏନେଇ ମହିଳାଙ୍କ ସ୍ୱରକୁ ରଞ୍ଜିତା ଉପସ୍ଥାପିତ କରିଥିଲେ। 'ପେଡ୍ ପିରିଅଡ୍ ଲିଭ୍'କୁ ବିଭିନ୍ନ ଦେଶ ସ୍ୱୀକାର କରନ୍ତୁ। ଏଥିପାଇଁ ସମସ୍ତେ ଗୁରୁତ୍ୱ ଦେବାକୁ ଜାତିସଂଘକୁ ସେ ନିବେଦନ କରିଥିଲେ।

**ଜାତୀୟ ଲୋକ ଅଦାଲତ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସଠାରେ ପ୍ରତିଷ୍ଠିତ ଜୁଡିସିଆଲ କୋର୍ଟ ପରିସରରେ ଚଳିତବର୍ଷର ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଚାରପତି ଅନୁସନ ଦାଶ ଯୋଗଦେଇ ୨୩ଟି ଫୌଜଦାରି ମାମଲାର ଫଇସଲା କରିଥିଲେ। ପ୍ୟାନେଲ ଓକିଲ ସୁଶାନ୍ତ ମହାନ୍ତି ଓ ସରକାରୀ ଓକିଲ ରବିଶଙ୍କର ଜେନା, କଣାସ ବାର୍ ଆସୋସିଏଶନ ସଭାପତି ସଦାନନ୍ଦ ପ୍ରଧାନ, ଆଇନଜୀବୀ ନିରଞ୍ଜନ ମୁଦୁଲି, ବିଶ୍ୱନାଥ ବେହେରା, ଅଶୋକ ପାଣିଗ୍ରାହୀ, ପ୍ରଶାନ୍ତ ଜେନା, ପ୍ରଶାନ୍ତ ବରାଳ, ଆଇନୀ ପ୍ରବୋଧ ତ୍ରିପାଠୀ ଓ ଅନ୍ୟାନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁକ୍ତ ୨ ବିଜ୍ଞାନ ବୃତ୍ତି ଚୟନ ପରୀକ୍ଷା

**ସାକ୍ଷୀଗୋପାଳ,୧୧।୫(ଭରତ ରାଉତ)**

ସିଗ୍ମା ଏକାଡେମୀ ପକ୍ଷରୁ ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ସହଯୋଗରେ ଏକ ଯୁକ୍ତ ୨ ବିଜ୍ଞାନ ବୃତ୍ତି ଚୟନ ପରୀକ୍ଷା ଶନିବାର ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଯେଉଁ ଛାତ୍ରୀଛାତ୍ର ଚୟନ ହେବେ, ସେମାନଙ୍କୁ ଭୁବନେଶ୍ୱରରେ ରହିବା, ଖାଇବା ସହ ଇଞ୍ଜିନିୟରିଂ କୋଚିଂ ମାଗଣାରେ ଯୋଗାଇ ଦିଆଯିବ ବୋଲି ସିଗ୍ମା ଏକାଡେମୀର ମୁଖ୍ୟ ସଫ୍ଟୱେୟାର ଇଞ୍ଜିନିୟର ବିଷ୍ଣୁ ପ୍ରସାଦ ମିଶ୍ର ଏବଂ କୃଷି ବିଜ୍ଞାନୀ ପ୍ରଶାନ୍ତ ମିଶ୍ର ଉଦ୍‌ବୋଧନ ଦେଇ କହିଥିଲେ। ଭାରତ ବିକାଶ ପରିଷଦ ରାଜ୍ୟ ସଭାପତି ସତ୍ୟବାଦୀ ଦାଶ, ମିଡ଼ିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ, ସଚିବ ନବଘନ ଶତପଥୀ, ଅର୍ଥ ସଚିବ ବିଜୟ ପରିଡ଼ା, ସେବା ସଚିବ ଲିଙ୍ଗରାଜ ସାହୁ, ସଂସ୍କାର ସଚିବ ବିଭୁ ପ୍ରସାଦ ମହାପାତ୍ର, ମାନସ ରଞ୍ଜନ ପଟ୍ଟନାୟକ, ତପସ୍ୱିନୀ ଦାସ, ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମପରିଚାଳନା କରିଥିଲେ। ଏହି ପରୀକ୍ଷାରେ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଟେଇଶିପୁରରେ ରୁଦ୍ରପ୍ରତାପଙ୍କ ବାଇକ୍ ଶୋଭାଯାତ୍ରା

**ପିପିଲି, ୧୧।୫(ଦୁର୍ଗାମାଧବ ମିଶ୍ର):**

ପିପିଲି ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ଶୁକ୍ରବାର ଟେଇଶିପୁର ପଞ୍ଚାୟତରେ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ନିଜର ନିର୍ବାଚନ ପ୍ରଚାର କରିଛନ୍ତି। ସେ ସାନସରଗାଇଲୋ, ନିର୍ମଳା, ବଡସରଗାଇଲୋ, ସୋଲଣା, ନୁଆପାଟେଣା, ପୋଟଳ, କାଙ୍କନଡୁଆ, ନାନପୁର, ଟେଇଶିପିର, ଆଳିସ, ବାଲିଗାଁ, ଆବଲପୁର, ପୋଡଙ୍ଗ, ନୂଆଗୋଡ଼ି ଆଦି ଗ୍ରାମ ପରିକ୍ରମା କରି ଭୋଟ ମାଗିଥିଲେ। ଦଳୀୟକର୍ମୀମାନେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଶୋଭାଯାତ୍ରାରେ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲାପରିଷଦ ସଦସ୍ୟ ଧରଣୀଧର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ପୂର୍ବତନ ଜିଲାପରିଷଦ ସଭ୍ୟ ଦେବାଶିଷ ନନ୍ଦ, ଟେଇଶିପୁର ସରପଞ୍ଚଙ୍କ ପ୍ରତିନିଧି କେଶବ ସେନାପତି, ପୂର୍ବତନ ସରପଞ୍ଚ ନରେନ୍ଦ୍ର ଦାସ, ପୂର୍ବତନ ସମିତିସଭ୍ୟ ଈଶ୍ୱର ପ୍ରସାଦ ଦାସ, ଫଗୁଭୂଷଣ ପରିଡା, ଜୟନ୍ତ କୁମାର ଦାଶ, ଜିତେନ୍ଦ୍ର ବରାଳ, ପ୍ରକାଶ ରଥ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

**ପୁରୀ,୧୧।୫ (ଅଜିତ୍ ମହାନ୍ତି)**



ଏକ ଦୈନିକ ଖବରକାଗଜର ପୁରୀ ଜିଲା ପ୍ରତିନିଧି ନିରଞ୍ଜନ ମିଶ୍ରଙ୍କ ପିତା ଭାସ୍କର ମିଶ୍ରଙ୍କର ୭୫ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ଗୁରୁବାର ରାତିରେ ତାଙ୍କୁ ହଠାତ୍ ହୃଦ୍‌ଘାତ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଶନିବାର ଅପରାହ୍ନ ୧ଟା ୫୫ରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ମୃତଦେହକୁ ସତ୍ୟବାଦୀ ଥାନା ଅଧୀନ ପରଜାପଡ଼ା ବିଜିପୁରସ୍ଥିତ ନିଜ ବାସଭବନକୁ ନିଆଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି ସମୟରେ ପରିବାର ସଦସ୍ୟ, ଝିଅ, ଜ୍ୱାଇଁ, ବନ୍ଧୁ ଓ ପରିଜନମାନେ ଉପସ୍ଥିତ ଥିଲେ। ନିରଞ୍ଜନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମିଶ୍ର ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ୨ବର୍ଷ ପୂର୍ବେ ନିରଞ୍ଜନଙ୍କ ମା' ରମାମଣି ମିଶ୍ରଙ୍କ ବିୟୋଗ ଘଟିଥିଲା।

# ୧୦ ହଜାର ଲିଟର କ୍ଷୀରରେ ସ୍ନାନ କଲେ ଐଶାନେଶ୍ୱର

## କ୍ଷୀର ସାଗର ମେଳା

**କୋଣାର୍କ,୧୧।୫ (ଜ୍ୟୋତିରାଜ ମହାନ୍ତି):**



କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ଗ୍ରାମପଞ୍ଚାୟତର ପ୍ରସିଦ୍ଧ ଶୈବପୀଠ ବାବା ଐଶାନେଶ୍ୱର ମହାଦେବଙ୍କ ପୀଠରେ ଶନିବାର ଧର୍ମୀୟ ରୀତିନୀତି ଓ ପରମ୍ପରା ଅନୁଯାୟୀ କ୍ଷୀର ସାଗର ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବାବା ଐଶାନେଶ୍ୱର ଅଷ୍ଟଶମ୍ଭୁଙ୍କ ମଧ୍ୟରେ ଅନ୍ୟତମ। ବୈଶାଖ ମାସ ଶୁକ୍ଳପକ୍ଷରେ ପ୍ରସିଦ୍ଧ ଶୈବପୀଠ ବାବା ଐଶାନେଶ୍ୱରଙ୍କ ପୀଠରେ ପ୍ରତ୍ୟକ୍ଷରୁ ମନ୍ଦିର ପ୍ରାଙ୍ଗଣ ଶୋଧନ ପରେ ଧାର୍ମିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ପରେ ବାବା ଐଶାନେଶ୍ୱର ମହାଦେବଙ୍କ କ୍ଷୀରାଭିଷେକ ନୀତି କରାଯାଇଥିଲା। ପୂଜକ ପ୍ରଭୁଙ୍କ ଉପରେ ୧୦ ହଜାର ଲିଟର କ୍ଷୀର ଢାଳି କ୍ଷୀର ସାଗର ମେଳାର ରୀତିନୀତି ଓ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ କରିଥିଲେ। ନୀତି ସମ୍ପନ୍ନ ପରେ କୁରୁଜଙ୍ଗ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଶତାଧିକ ଶ୍ରଦ୍ଧାଳୁ ପ୍ରଭୁ ଐଶାନେଶ୍ୱରଙ୍କ ପୂଜାର୍ଚ୍ଚନା ଓ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଠାକୁରଙ୍କ ପୂଜକ, ସେବାୟତ ଓ ମନ୍ଦିର ପରିଚାଳନା କମିଟି ସଭାପତି, ସମ୍ପାଦକଙ୍କ ସମେତ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



ପୁରୀ: ଦିବଂଗତ ସାମାଜିକ କର୍ମୀ ଭବାନୀ ବଳିୟାର ସିଂଙ୍କ ସ୍ମୃତିଅର୍ଘ୍ୟ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ସ୍ୱାଧୀନ ପ୍ରାର୍ଥୀ ହେବେ ସାମାଜିକ କର୍ମୀ ସୁଜାତା

**ଗୋପ,୧୧।୫ (ଭାରତୀ ଭୂଷଣ ଉପାଧ୍ୟାୟ):**

ନିମାପଡ଼ା ନିର୍ବାଚନମଣ୍ଡଳୀରେ ରାଜନୀତି ବେଶ୍ ସରଗରମ ରହିଛି। ଏହାରି ମଧ୍ୟରେ ନାରୀନେତ୍ରୀ ତଥା ସାମାଜିକ କର୍ମୀ ସୁଜାତା ସ୍ୱାଇଁ ସ୍ୱାଧୀନ ଭାବେ ପ୍ରାର୍ଥୀ ହେବା ଲାଗି ଘୋଷଣା କରିଛନ୍ତି। ଗୋପ ଅଞ୍ଚଳର ବିଭିନ୍ନ ସ୍ଥାନରେ ବୈଠକ କରି ନିଜର ସଂଗଠନ ସୁଦୃଢ଼ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଗୋପ ନିକଟ କୁସୁପୁରଠାରେ ବୈଠକ କରି ନିଜ ସପକ୍ଷରେ ମତଦାନ କରିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଗୋପ- ନିମାପଡ଼ା ଅଞ୍ଚଳର ବିକାଶ ଶୀର୍ଷରେ ପହଞ୍ଚାଇବାକୁ ସ୍ୱାଧୀନ ପ୍ରାର୍ଥୀ ଭାବେ ତାଙ୍କୁ ସମର୍ଥନ କରିବାକୁ ନିବେଦନ କରିଥିଲେ। ବୈଠକରେ ବରିଷ୍ଠ ସଂଗଠକ ବିଭୂତିଭୂଷଣ ପ୍ରଧାନ, ଭାଗୀରଥି ବେହେରା, ପ୍ରଶାନ୍ତ ବେହେରା, ରାଜ୍ୟ ଗ୍ରାମ୍ୟ ସାଥୀ ମହାସଂଘ କୋଷାଧ୍ୟକ୍ଷ ଅଜୟ ରାୟ, ନାରୀନେତ୍ରୀ ମିଲି ସିଂ, ମୁଖ୍ୟ ପରାମର୍ଶଦାତା ପ୍ରଭାତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୧୩ ତାରିଖରେ ଏକ ବିଶାଳ ଶୋଭାଯାତ୍ରାରେ ସ୍ୱାଇଁ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି କହିଛନ୍ତି।

## ଅସାମାଜିକ ବ୍ୟକ୍ତିଙ୍କ ଆତଙ୍କ, ପୋଲିସ ନିଷ୍କ୍ରିୟ

**ଯୋଗେଶ୍ୱରପୁର, ୧୧।୫(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅଧୀନ ଜହ୍ନବାଲିଆ ଛକରେ ଜୈନିକ ଅସାମାଜିକ ବ୍ୟକ୍ତି ଦୈନିକ ମଦ ପାନ କରି ବଜାରରେ ଆତଙ୍କ ସୃଷ୍ଟି କରିବା ସହିତ ଦୋକାନୀଙ୍କୁ ଧମକ ଦେଇ ଆକ୍ରମଣ କରିବା ସମ୍ପର୍କରେ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ହେଲେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଫଳରେ ଅପରାଧୀ ଜଣଙ୍କ ଖୁଲମଖୁଲା ବ୍ୟବସାୟୀଙ୍କୁ ଧମକ ଦେଇ ଦୋକାନ ଭିତରେ ପଶି ବାଡେଇବି, ପୋଲିସ ମୋର କଣ କରିବ କହି ଜୈନିକ ଗ୍ୟାରେଜ ମାଲିକଙ୍କୁ ଧମକ ଦେଇଛନ୍ତି। ତେବେ ପୋଲିସର ନିଷ୍କ୍ରିୟତାରୁ ଜନସାଧାରଣ ସୁରକ୍ଷିତ ନୁହଁନ୍ତି ବୋଲି ଜହ୍ନବାଲିଆ ଅଞ୍ଚଳର କେତେକ ବ୍ୟବସାୟୀ ତାଙ୍କର ନାମ ଗୋପନ ରଖି କହିଛନ୍ତି।

## ସନ୍ତୋଷୀ ହେଲ୍‌ଥ କେୟାର ଉଦ୍‌ଘାଟିତ

**ବଳଙ୍ଗା, ୧୧।୫(କେଦାରେଶ୍ୱର ନନ୍ଦ)**

ଗୁରୁବାର ବଳଙ୍ଗା ନିକଟସ୍ଥ ମୟୋର ଛକଠାରେ ସାଇ ସନ୍ତୋଷୀ ହେଲ୍‌ଥ କେୟାରର ଶୁଭ ଉଦ୍‌ଘାଟନ ହେବା ସହ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅବସରପ୍ରାପ୍ତ ବୈଜ୍ଞାନିକ ଜ୍ୟୋସ୍ନାରାଣୀ ଦାଶ, ସମାଜସେବୀ କସ୍ତୁରୀବାଳା ସ୍ୱାଇଁ, ନମିତା ନନ୍ଦ ପ୍ରମୁଖ ଯୋଗଦେଇ ଫିତା କାଟି ଶୁଭ ଉଦ୍‌ଘାଟନ କରିଥିଲେ। ହେଲଥ କେୟାର ନିର୍ଦ୍ଦେଶକ ଅମିତାଭ ମିତ୍ର, ହେଲ୍ପଲାଇନ ଓଡ଼ିଶାର ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ବେହେରା, ବିଶିଷ୍ଟ ବ୍ୟବସାୟୀ ଚନ୍ଦ୍ରଶେଖର ପାତ୍ର, ସ୍ୱସ୍ତିତପା ପାତ୍ର, କୋଠକୁସାଙ୍ଗ ସରପଞ୍ଚ ଜୟନ୍ତୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉକ୍ତ ହେଲ୍‌ଥ କେୟାର ଚିକିତ୍ସା କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଥିଲେ। ସେହିଭଳି ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀମାନଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ହେଲ୍‌ଥ କେୟାର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଡ. ସ୍ୱରୂପ ରଞ୍ଜନ ସାହୁ, ଡ. ସୂର୍ଯ୍ୟକାନ୍ତ ସାମନ୍ତରାୟ, ଡ. ଲୋକେଶ ମିଶ୍ର ପ୍ରମୁଖ ଆଖପାଖ ଅଞ୍ଚଳର ଶତାଧିକ ରୋଗୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଜୟଦେବ ଜୟନ୍ତୀ ପାଳିତ



**ପୁରୀ, ୧୧।୫(ଅଜିତ୍ କୁମାର ମହାନ୍ତି)**

ଜୟଦେବ ଫାଉଣ୍ଡେଶନ ପକ୍ଷରୁ ଗୀତଗୋବିନ୍ଦର ରଚୟିତା ଭକ୍ତକବି ଶ୍ରୀଜୟଦେବଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ଭିଆଇପି ରୋଡ ଜୟଦେବ ଛକରେ ପାଳିତ ହୋଇଯାଇଛି। ଉତ୍ସବରେ ପ୍ରସନ୍ନ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ଅନାମ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ୟାରୀମୋହନ ଦାଶ, ଉର୍ମିଳା ପ୍ରଧାନ, ରମାକାନ୍ତ କର, ଶ୍ରୀଧର ମହାପାତ୍ର, ଗଣେଶ୍ୱର ପ୍ରହରାଜ, ରମେଶ କୁମାର ସାହୁ, ବିପିନ ବିହାରୀ ଦଳାଇ, ଶ୍ୟାମପ୍ରକାଶ ସେନାପତି, ଶଙ୍ଖମିତ୍ର ସିଂହାରୀ, ରାମଚନ୍ଦ୍ର ସାହୁ, ମାଧବ ଶ୍ରୀନନ୍ଦନ ପ୍ରମୁଖ ଉପସ୍ଥିତ ରହି ଜୟଦେବଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଘୋଡ଼ାବଜାର ନାମଯଜ୍ଞ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଓଡ଼ିଶା ସଙ୍ଗୀତ ପରିଷଦର କଳାକାରଙ୍କ ଦ୍ୱାରା ଶ୍ରୀଗୀତଗୋବିନ୍ଦ ଗାୟନ, ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା।

# ଜିଲାରେ ୧୫୯୮ ପୋଲିଂ କେନ୍ଦ୍ର

**ପୁରୀ,୧୧।୫(ଅଜିତ୍ ମହାନ୍ତି):**

ପୁରୀ ଜିଲାର ୨ଟି ଲୋକସଭା ସଂସଦୀୟ କ୍ଷେତ୍ର ଅଧୀନ ୬ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୨ଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ୧୭ ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଅଧୀନ ୧୦୭ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ, ୧୦୮ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ, ୧୦୯ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ଓ ୧୧୦ ପିପିଲିବିଧାନସଭା ନିର୍ବାଚନମଣ୍ଡଳୀରେ ୬ଷ୍ଠ ପର୍ଯ୍ୟାୟରେ ମେ' ୨୫ରେ ନିର୍ବାଚନ ହେବ। ସେହିପରି ୧୬ ଜଗତ୍‌ସିଂହପୁର ଲୋକସଭା ସଂସଦୀୟ କ୍ଷେତ୍ର ଅଧୀନ ୧୦୫ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଓ ୧୦୬ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ଜୁନ ୧ରେ ୭ମ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ଜିଲାର ୬ଗୋଟି ନିର୍ବାଚନମଣ୍ଡଳୀରେ ଭୋଟରମାନେ ଯେପରି ଶୃଙ୍ଖଳିତ ଓ ସୁବିଧାରେ ଭୋଟ ଦେବେ ସେନେଇ ବ୍ୟବସ୍ଥା ହୋଇଛି। ଜିଲାର ୬ ନିର୍ବଚନମଣ୍ଡଳୀରେ ସମୁଦାୟ ୧୫୯୮ ବିଧାନସଭା ମତଦାତା କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୨୪୬ ସଖୀ ପୋଲିଂ ଷ୍ଟେଶନ, ୧୩ ପିଡବ୍ଲୁଡି ମ୍ୟାନେଜ ପୋଲିଂ ଷ୍ଟେଶନ, ୧୪ ଯୁଥ ମ୍ୟାନେଜ ପୋଲିଂ ଷ୍ଟେଶନ ରହିଛି। ଇକୋ ଫ୍ରେଣ୍ଡଲି ପୋଲିଂ ଷ୍ଟେଶନ ୧୪ ଏବଂ ଅନ୍ୟ ଥିମ୍ ଆଧାରରେ ୧୨ ଏହିପରି ମୋଟ ୨୯୯ ମତଦାତା କେନ୍ଦ୍ର ହୋଇଛି। ବିଧାନସଭା ଅନୁଯାୟୀ, କାକଟପୁର ବିଧାନସଭାରେ ୨୮୦ଟି ମତଦାତା କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୩୮ ସଖୀ ପୋଲିଂ ଷ୍ଟେଶନ, ୨ ପିଡବ୍ଲୁଡି ମ୍ୟାନେଜ ପୋଲିଂ ଷ୍ଟେଶନ, ୪ ଯୁଥ ମ୍ୟାନେଜ ପୋଲିଂ ଷ୍ଟେଶନ ରହିଛି। ଇକୋଫ୍ରେଣ୍ଡଲି ପୋଲିଂ ଷ୍ଟେଶନ ୨ଏବଂ ଅନ୍ୟ ଥିମ୍ ଆଧାରରେ ୩ ମତଦାନ କେନ୍ଦ୍ର କରାଯାଇଛି। ସେହିପରି ନିମାପଡ଼ା ବିଧାନସଭାରେ ୨୮୦ ମତଦାନ କେନ୍ଦ୍ର ହୋଇଛି। ସେଥିମଧ୍ୟରୁ ୩୮ସଖୀ ପୋଲିଂ ଷ୍ଟେଶନ, ୨ ପିଡବ୍ଲୁଡି ମ୍ୟାନେଜ ପୋଲିସ ଷ୍ଟେଶନ, ୧ଟି ଯୁଥ ମ୍ୟାନେଜ ପୋଲିଂ ଷ୍ଟେଶନ ରହିଛି। ଇକୋଫ୍ରେଣ୍ଡଲି ପୋଲିଂ ଷ୍ଟେଶନ ୬ ଏବଂ ଅନ୍ୟ ଥିମ୍ ଆଧାରରେ ୨ ମତଦାନ କେନ୍ଦ୍ର ରହିଛି। ପୁରୀ ସଦର ନିର୍ବାଚନ ମଣ୍ଡଳୀରେ ୨୩୯ ମତଦାନ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୮୦ ସଖୀ ପୋଲିଂ ଷ୍ଟେଶନ, ୨ଗୋଟି ପିଡବ୍ଲୁଡି ମ୍ୟାନେଜ ପୋଲିଂ ଷ୍ଟେଶନ, ୧ଟି ଯୁଥ ମ୍ୟାନେଜ ପୋଲିଂ ଷ୍ଟେଶନ ରହିଛି। ଇକୋଫ୍ରେଣ୍ଡଲି ପୋଲିଂ ଷ୍ଟେଶନ ୧ଟି ଏବଂ ଅନ୍ୟ ଥିମ୍ ଆଧାରରେ ୧ଟି ଷ୍ଟେଶନ କରାଯାଇଛି। ବ୍ରହ୍ମଗିରି ବିଧାନସଭା ପାଇଁ ୨୭୧ ମତଦାନ କେନ୍ଦ୍ର କରାଯାଇଛି । ସେଥିମଧ୍ୟରୁ ୧୨ ସଖୀ ପୋଲିଂ ଷ୍ଟେଶନ, ୩ ପିଡବ୍ଲୁଡି ମ୍ୟାନେଜ ପୋଲିଂ ଷ୍ଟେଶନ, ଯୁଥ ମ୍ୟାନେଜ ପୋଲିଂ ଷ୍ଟେଶନ ୪ରହିଛି। ଇକୋଫ୍ରେଣ୍ଡଲି ପୋଲିଂ ଷ୍ଟେଶନ ୨ଏବଂ ଅନ୍ୟ ଥିମ୍ ଆଧାରରେ ୨ ରହିଛି। ସତ୍ୟବାଦୀ ବିଧାନସଭାରେ ୨୫୪ ମତଦାନ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୧୦ ସଖୀ ପୋଲିଂ ବୁଥ, ପିଡବ୍ଲୁଡି ମ୍ୟାନେଜ ପୋଲିଂ ଷ୍ଟେଶନ ୨, ଯୁଥ ମ୍ୟାନେଜ ପୋଲିଂ ଷ୍ଟେସନ ୨ଗୋଟି ରହିଛି। ଇକୋଫ୍ରେଣ୍ଡଲି ପୋଲିଂ ଷ୍ଟେଶନ ୨ କରାଯାଇଛି। ପିପିଲି ନିବାଚନମଣ୍ଡଳୀରେ ୨୭୪ ମତଦାତା କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୩୮ ସଖୀ ପୋଲିଂ ମତଦାନ କେନ୍ଦ୍ର, ପିଡବ୍ଲୁଡି ମ୍ୟାନେଜ ପୋଲିଂ ଷ୍ଟେଶନ ୨, ଯୁଥ ମ୍ୟାନେଜ ପୋଲିଂ ଷ୍ଟେଶନ ୨ ରହିଛି। ଇକୋ ଫ୍ରେଣ୍ଡଲି ପୋଲିଂ ଷ୍ଟେଶନ ୧ଟି ଏବଂ ଅନ୍ୟ ଥିମ୍ ଆଧାରରେ ୧୨ଟି ପୋଲିଂ ଷ୍ଟେଶନ କରାଯାଇଛି।

# ମତଦାନ ପାଇଁ ତେଲୁଗୁ ଭାଷାରେ ଅନୁରୋଧ କଲେ ଜିଲାପାଳ

**ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)**

ନିର୍ବାଚନ ଗଣତନ୍ତ୍ରର ମହାପର୍ବ। ଏହି ମହାପର୍ବରେ ପ୍ରତ୍ୟେକ ଭୋଟର ସାମିଲ ହୋଇ ନିଜ ବିବେକାନୁମୋଦିତ ମୂଲ୍ୟବାନ ଭୋଟ ସାବ୍ୟସ୍ତ କରିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି। ମେ ୨୫ରେ ଆଗାମୀ ନିର୍ବାଚନ ପାଇଁ ପେଣ୍ଠକଟା ଅଞ୍ଚଳରେ ରହୁଥିବା ସମସ୍ତ ଭୋଟର ନିଶ୍ଚିତ ମତଦାନ କରିବାକୁ ତେଲୁଗୁ ଭାଷାରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସ୍ୱାଇଁ ଅନୁରୋଧ କରିଛନ୍ତି। ପେଣ୍ଠକଟାସ୍ଥିତ ମତ୍ସ୍ୟଜୀବୀ ସଭାଗୃହଠାରେ ସୁଇପ ବା ସିଷ୍ଟେମେଟିକ ଭୋଟର୍ସ ଏଡୁକେଶନ ଆଣ୍ଡ ଇଲେକ୍ଟର୍ସ ପାର୍ଟିସିପେଶନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା। ପୂର୍ବ ନିର୍ବାଚନରେ ପେଣ୍ଠକଟା ଅଞ୍ଚଳରେ ମତଦାନ ହାର କମ୍ ରହିଥିବାରୁ ଚଳିତ ନିର୍ବାଚନରେ ଯେପରି ଅଧିକ ମତଦାନ ହୁଏ ସେଥିପାଇଁ ଜିଲାପାଳ ସେମାନଙ୍କ ସହ ଆଲୋଚନା କରିଥିଲେ। ନିଜ ଭାଷା ଜିଲାପାଳଙ୍କ ମୁହଁରେ ଶୁଣି ଭୋଟରମାନେ ଖୁସି ବ୍ୟକ୍ତ କରିବା ସହ ନିଶ୍ଚିତ ମତଦାନ କରିବେ ବୋଲି କହିଥିଲେ। ସେହିପରି ଜିଲା (ପ୍ରଶାସନ) ତରଫରୁ ବାଲିନୋଲିଆ ସାହି ଓ ନିକଟବର୍ତ୍ତୀ ଅଞ୍ଚଳରେ କିପରି ଅଧିକ ସଂଖ୍ୟାରେ ଭୋଟ ଦାନ ହୋଇପାରିବ ସେଥିପାଇଁ ପୁରୀ ବିଚ୍ ଲାଇଫ ଗାର୍ଡ ମହସଂଘ ସହିତ ମଧ୍ୟ ଗୁରୁବାର ସମୁଦ୍ର କୂଳରେ ଜିଲା ପ୍ରଶାସନର ଉଚ୍ଚ ପଦାଧିକାରୀ ବୈଠକ କରି ଭୋଟ ଦାନ ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲେ। ମତଦାନ ହାର ବଢାଇବା ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ପ୍ରଶାସନ ତରଫରୁ ପ୍ରୟାସ ଚାଲିଛି।

# ବିଭିନ୍ନ ପଞ୍ଚାୟତରେ ସିଆର୍‌ପିଏଫ୍ ଯବାନଙ୍କ ଫ୍ଲାଗ୍‌ମାର୍ଚ୍ଚ

**ଅସ୍ତରଙ୍ଗ,୧୧।୫(ପ୍ରଦୀପ୍ତ କୁମାର ଦୀକ୍ଷିତ):**



ନିର୍ବାଚନ ପୂର୍ବରୁ କଡ଼ା ସୁରକ୍ଷା ପାଇଁ ଆରମ୍ଭ ହୋଇଯାଇଛି ପ୍ରାକ୍ ପ୍ରସ୍ତୁତି। ନିର୍ବାଚନ ସମୟରେ ଯେପରି ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେନେଇ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟରେ ଶନିବାର ବେଗୁନିଆବସ୍ତ, ଅସ୍ତରଙ୍ଗ, ମାଣ୍ଡୁକି ସମେତ ଅସ୍ତରଙ୍ଗ ବଜାରରେ ଅସ୍ତରଙ୍ଗ ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ଫ୍ଲାଗ୍‌ମାର୍ଚ୍ଚ ହୋଇଯାଇଛି। ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ ଆୟୋଜନ କରିବାକୁ ହାତରେ ବନ୍ଧୁକଧାରୀ ସେଣ୍ଟ୍ରାଲ ଫୋର୍ସ ଫ୍ଲାଗ ମାର୍ଚ୍ଚ ଜରିଆରେ ଲୋକଙ୍କ ଭିତରେ ବିଶ୍ୱାସ ଓ ଭରସା ଜାଗ୍ରତ କରାଇଥିଲେ। ଏଥିସହ ଅପରାଧୀ ଓ ଆପରାଧିକ ମନୋଭାବ ଥିବା ଲୋକଙ୍କୁ ପୋଲିସ କଡ଼ା ବାର୍ତ୍ତା ଦେଇଛି। ଏହି ଫ୍ଲାଗ୍‌ମାର୍ଚ୍ଚ ସମୟରେ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ ଓ ସିଆର୍‌ପିଏଫ୍ ଯବାନ ସାମିଲ ଥିଲେ।

# ହଟକିଶୋର ଅମାୟିକ ମଣିଷ ଥିଲେ



**ଗୋପ,୧୧।୫ (ଭାରତୀ ଭୂଷଣ ଉପାଧ୍ୟାୟ):**

ବିଶିଷ୍ଟ ଶିକ୍ଷାବିତ୍, ସାମାଜିକ କର୍ମୀ ତଥା ପରୋପକାରୀ ବ୍ୟକ୍ତି ହଟକିଶୋର ସ୍ୱାଇଁ ଜଣେ ଅମାୟିକ ମଣିଷ ଥିଲେ। ହଟ ସାର୍ ଛାତ୍ରୀଛାତ୍ରଙ୍କୁ କିପରି ଭଲ ମଣିଷ କରି ଗଢ଼ିତୋଳିବେ, ସେ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ। ଗୋପ ବ୍ଲକ ଅଧୀନ ଏରବଙ୍ଗ ହାଇସ୍କୁଲରେ ଶନିବାର ଆୟୋଜିତ ହଟ କିଶୋରଙ୍କ ୭ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅତିଥିମାନେ ଯୋଗଦେଇ ଏହା କହିଛନ୍ତି। ହାଇସ୍କୁଲ ଆଲୁମ୍ନି ସଂଗଠନ ସଭାପତି ଗଣେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଦିଲୀପ ପାତ୍ର, ଚକ୍ରଧର ନାୟକ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ହଟକିଶୋର ସ୍ୱାଇଁ ଶିକ୍ଷକତା ଜୀବନରେ ଅନେକ ଛାତ୍ରୀଛାତ୍ର ରାଜ୍ୟ ଓ ରାଜ୍ୟ ବାହାରେ ନିଜକୁ ପ୍ରତିଷ୍ଠିତ କରିଥିବା ତାଙ୍କ ପୁତ୍ର ସୁଦୀପ୍ତ ସ୍ୱାଇଁ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର, ସଂଗଠକଙ୍କ ସହ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା।

# ଇଭିଏମ୍, ଭିଭିପିଏଟିର ଚୂଡ଼ାନ୍ତ ରେଣ୍ଡୋମାଇଜେଶନ

**ପୁରୀ,୧୧।୫(ଅଜିତ୍ କୁମାର ମହାନ୍ତି)**

ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶନିବାର ଇସିଆଇ ପ୍ରଦତ୍ତ ସଫ୍ଟୱେୟାର ମାଧ୍ୟମରେ ଇଭିଏମ୍ ଏବଂ ଭିଭିପିଏଟିର ଚୂଡ଼ାନ୍ତ ରେଣ୍ଡୋମାଇଜେଶନ କରାଯାଇଥିଲା। ନିର୍ବାଚନ କମିଶନର ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ବା ସେମାନଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏହି ରେଣ୍ଡୋମାଇଜେଶନ ଅନୁଷ୍ଠିତ ହୋଇଥିଲା। ଭାରତର ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ମିଳିଥିବା ସମସ୍ତ ଇଭିଏମ୍ ଓ ଭିଭିପିଏଟିକୁ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା ଓ ପରବର୍ତ୍ତୀ ସମୟରେ ପ୍ରଥମ ରେଣ୍ଡୋମାଇଜେଶନ ପରେ ଶ୍ରୀଜଗନ୍ନାଥ ସଂସ୍କୃତି ୟୁନିଭର୍ସିଟିରେ ବ୍ରହ୍ମଗିରି ଓ ପିପିଲି ଏବଂ କେନ୍ଦ୍ରୀୟ ବିଦ୍ୟାଳୟରେ ପୁରୀ ଓ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନୁସାରେ ରଖାଯାଇଥିଲା। ବର୍ତ୍ତମାନ ନିର୍ବାଚନମଣ୍ଡଳୀ ଅନୁସାରେ ଥିବା ଇଭିଏମ୍ ଓ ଭିଭିପିଏଟିରେ ଚୂଡ଼ାନ୍ତସ୍ତରୀୟ ରେଣ୍ଡୋମାଇଜେଶନ କମ୍ପ୍ୟୁଟର ମାଧ୍ୟମରେ କରାଗଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ରେଣ୍ଡୋମାଇଜେସନ ମାଧ୍ୟମରେ ବାଲଟ ୟୁନିଟ, କଲେ ୟୁନିଟ ଓ ଭିଭିପାଟର ସଂଯୁକ୍ତ ଓ ନିର୍ଦ୍ଦିଷ୍ଟ ବୁଥ ୱାରୀ ରେଣ୍ଡମାଇଜେଶନ କରାଯାଇଛି। ପ୍ରଥମେ ପୁରୀ ଲୋକ ସଭା ଅନ୍ତର୍ଗତ ନୟାଗଡ଼, ରଣପୁର, ଚିଲିକା, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ଏବଂ ପରେ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନର ରେଣ୍ଡୋମାଇଜେଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ପର୍ଯ୍ୟବେକ୍ଷକ ଡ. କୁନାଲ ପ୍ରକାଶ ଖେମନର, ଭିଡିଓ କନଫରେନ୍ସ ମାଧ୍ୟମରେ ନୟାଗଡ଼ରୁ ସାଧାରଣ ପର୍ଯ୍ୟବେକ୍ଷକ ଟି.ଭି. ସୁଭାଷ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ତଥା ୧୦୯-ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ଶରତ ଚନ୍ଦ୍ର ବେହେରା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ୧୦୮-ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ତଥା ୧୦୭ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ଗୋପୀନାଥ କୁଅଁର, ଅତିରିକ୍ତ ଉପଜିଲାପାଳ ତଥା ୧୧୦- ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧି, ନିର୍ବାଚନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ସଂପୃକ୍ତ ରିଟର୍ନିଂ ଅଫିସର, ପ୍ରାର୍ଥୀ ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗ ରୁମ୍ ଖୋଲାଯାଇ ରେଣ୍ଡୋମାଇଜେସନର ନମ୍ବର ଆଧାରରେ ବୁଥ ୱାଇଜ ବିୟୁ, ସିୟୁ ଓ ଭିଭିପିଏଟିକୁ ପେୟାରିଂ ବା ସଂଯୁକ୍ତ କରାଯିବ।


**Format C-1**

**Declaration about criminal cases**

(As per the judgement dated 25 September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate : **Rajendra Kumar Sahoo, S/o- Late Fagu Sahoo**
**At - Paltanpadia, PO/PS/Dist.-Khordha, Pin - 752055**

Name of political party : **Biju Janata Dal**

Name of Election : **Odisha Legislative Assembly**

Name of Constituency : **117 - Khordha Assembly Consituency**

I Rajendra Kumar Sahoo (name of candidate), a candidate for the above mentioned election ; declare for public information the following details about any criminal antecedents :

**(A) Pending criminal case :-**

| Sl. No. | Name of Court | Case No. and dated | Status of case (s) | Section of acts concerned and brief description of offence (s) |
|---|---|---|---|---|
| 01 | Smt. S. Mishra Judicial Magistrate (First Class Bhubaneswar) | 321/2005 | Case is pending for Evidence from prosecution | U/S 341/353/294/IPC U/S 341 IPC wrongly restrain, U/S 353 IPC use of criminal force to deter public servant for discharging his public duty, U/S - 294 - Obsence act or songs. |

**(B) Details about Cases of Conviction for criminal offence :**

| Sl. No. | Name of Court & Date (s) of Order (s) | Description of Office (s) & Punishment Imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |

*In the case of election to council of States or election to Legislative Council by MLAs, mention the election concerned in place of name of constituency.

**Sd./-Rajendra Kumar Sahoo**

## ସଂକ୍ଷେପରେ

### ଶନିଦେବଙ୍କ ଜଳାଭିଷେକ, ମେଳା ଉତ୍ସବ

ସାଲେପୁର,୧୧।୫(ଅରବିନ୍ଦ ଭୂୟାଁ)– ସାଲେପୁର ଅଞ୍ଚଳର ବିଭିନ୍ନ ଶନିଶ୍ଚରଙ୍କ ପୀଠରେ ଗ୍ରହରାଜ ଶନିଶ୍ଚରଙ୍କ ଜଳାଭିଷେକ ଓ ଶନିମେଳା ଅନୁଷ୍ଠିତ ହୋଇଯାଇଛି। ଏନେଇ ସକାଳୁ ମାନସିକଧାରୀମାନେ ଗ୍ରହରାଜ ଶନିଦେବଙ୍କୁ କଳସୀରେ ପାଣି ଦେଇ ଜଳାଭିଷେକ କରିଥିଲେ। ସାଲେପୁର ବ୍ଲକର ବୋଦାମୁଣ୍ଡାଇ, ରାଇସୁଙ୍ଗୁଡ଼ା, ସାଲେପୁର କଲେଜରୋଡ୍, ବାରିଗୋଳ, କଳାଗ୍ମୀ, ବଟେଶ୍ୱର ସମେତ ଅନ୍ୟାନ୍ୟ ଶନିଦେବଙ୍କ ପୀଠରେ ଜଳାଭିଷେକ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ କୀର୍ତ୍ତନ ଓ ଶନିମେଳା ଅନୁଷ୍ଠିତ ହୋଇଥିଲା।

### ଡ୍ରାଇଭର ମହାସଂଘ ପକ୍ଷରୁ ଜଳଛତ୍ର

ସାଲେପୁର,୧୧।୫(ଅରବିନ୍ଦ ଭୂୟାଁ)

ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ କୁଆଁପାଳ ରୋଡ୍‌ରେ ଥିବା ଆଖଣ୍ଡଳମଣି ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରାଦେଇପୁର, ବାଲିସାହି, ଶିଶୁଆ ପଞ୍ଚାୟତର ବହୁ ସ୍ୱେଚ୍ଛାସେବୀ ଏହି ଜଳଛତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଡ୍ରାଇଭର ମହାସଂଘର ସଭାପତି ମାଧବ କୁମାର ଦାଶ, ପବିତ୍ର ବେହେରା, ଗୋବିନ୍ଦ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ଦାସ, କୈଳାସ ଚନ୍ଦ୍ର ସେଠୀ, ଅକ୍ଷୟ କୁମାର ମହାନ୍ତି, ଚନ୍ଦନ ବେହେରା, ପରମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ହୋଇ ପଥଚାରୀମାନଙ୍କୁ ଜଳ ସେବା ପ୍ରଦାନ କରିଥିଲେ।

### ଦୁଃସାହସିକ ରାତ୍ରି ସାଇକେଲ ଯାତ୍ରା ଆରମ୍ଭ ୧୨ଘଣ୍ଟାରେ ସ୍ୱର୍ଣ୍ଣିମ ତ୍ରିଭୁଜକୁ ପରିକ୍ରମା ଲକ୍ଷ୍ୟ

ଭୁବନେଶ୍ୱର,୧୧।୫ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବ (ବିସିଏସି) ପକ୍ଷରୁ ଦୁଃସାହସିକ ରାତ୍ରି ସାଇକେଲ ଯାତ୍ରା 'ସାଇକ୍ଲିଂ ଅଣ୍ଡର ଦି ଷ୍ଟାର୍ସ'ର ୭ମ ସଂସ୍କରଣ ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ବିସିଏସି ସଭାପତି ଲଳିତ ଦାସ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବହୁ ସାଇକେଲ ଚାଳକ ଯୋଗଦେଇ ଭୁବନେଶ୍ୱର କ୍ଲବଠାରୁ ସନ୍ଧ୍ୟା ୬ଟାରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଯୋଜନା ଅନୁଯାୟୀ ଏହି ଯାତ୍ରା ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିବା ପରେ ମେରାଇନ ଡ୍ରାଇଭ୍‌ରେ କୋଣାର୍କ ଅଭିମୁଖେ ଯାତ୍ରା କରିବେ। ପରେ ଭୁବନେଶ୍ୱର ଫେରିବେ ସମସ୍ତ ସାଇକେଲ ଚାଳକ। ସ୍ୱର୍ଣ୍ଣିମ ତ୍ରିଭୁଜକୁ ସନ୍ଧ୍ୟା ୬ଟାରୁ ସକାଳ ୬ ମଧ୍ୟରେ ୧୭୦ କିମି ସଫଳତାର ସହ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏନେଇ ପୋଲିସ କମିଶନର ପଣ୍ଡା କହିଲେ, ସାଇକେଲ ଚାଳନା ଶରୀର ପକ୍ଷେ ଉତ୍ତମ। ତେଣୁ ସମସ୍ତେ ସାଇକେଲ ଚାଳନା ଅଭ୍ୟାସ କରିବା ଦରକାର। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ରାଉତ, ଶିବାଶିଷ ମହାନ୍ତି ପରିଚାଳନା କରିଥିଲେ।

# ସାପ୍ତାହିକ ହାଟ ନିଲାମ ହେଉ ନ ଥିବାରୁ କ୍ଷତି ସହୁଛି ପଞ୍ଚାୟତ

- ହାଟ ପରିସରରେ ଥିବା ଦୋକାନ ଘରୁ ଭଡା ମିଳୁନାହିଁ
- ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ
- ତ୍ୱରିତ ପଦକ୍ଷେପ ନେବାକୁ ଦାବି

ଟିଗିରିଆ,୧୧।୫(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତ ଅଧୀନରେ ଥିବା ସାପ୍ତାହିକ ହାଟ ନିଲାମ କରାଯାଉନାହିଁ। ଏହି ହାଟ ପରିସରରେ ଥିବା ୫ଟି ଦୋକାନ ଗୃହର ଭଡା ଆସୁନାହିଁ। ଏନେଇ ପଞ୍ଚାୟତକୁ କ୍ଷତି ସହିବାକୁ ପଡୁଛି ବୋଲି ସ୍ଥାନୀୟ ଗୋକର୍ଣଖାଲ ଗ୍ରାମର ରବୀନ୍ଦ୍ର କୁମାର ଜେନା ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏପରି ଅସୁବିଧା ହୋଇଛି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

ଅଭିଯୋଗ ଅନୁଯାୟୀ, ନୂଆପାଟଣା ପଞ୍ଚାୟତ ଅଧୀନରେ ଥିବା ସାପ୍ତାହିକ ହାଟକୁ ୨୦୨୩–୨୦୨୪ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ନିଲାମ ନ କରି ଏହି ପଞ୍ଚାୟତର ୱାର୍ଡ ସଭ୍ୟମାନଙ୍କୁ ମହାସୁଲ ଆଦାୟ ପାଇଁ ଦାୟିତ୍ୱ ଦେଇଛନ୍ତି। ଏନେଇ ୱାର୍ଡ ସଭ୍ୟମାନେ ଇଚ୍ଛା ମୁତାବକ କିଛି ହାତ ଟେକା ଅର୍ଥ ପଞ୍ଚାୟତକୁ ପ୍ରଦାନ କରୁଛନ୍ତି। ଫଳରେ ପଞ୍ଚାୟତ ବାର୍ଷିକ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଆର୍ଥିକ କ୍ଷତି ସହୁଛି। ଚଳିତ ବର୍ଷ ମଧ୍ୟ ସମାନ ଢଙ୍ଗରେ ସାପ୍ତାହିକ ହାଟକୁ ନିଲାମ କରାଯାଇ ନ ଥିବାରୁ ପଞ୍ଚାୟତର ଆର୍ଥିକ କ୍ଷତି ପୂର୍ବ ବର୍ଷରୁ ଅଧିକ ହେବବୋଲି ରବୀନ୍ଦ୍ର ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ଦର୍ଶାଇଛନ୍ତି ଯେ, ହାଟ ପରିସରରେ ଥିବା ୫ଟି ଦୋକାନ ଗୃହ ଯାହାକି ୨୦୦୬ରେ ଉଦ୍‌ଘାଟନ ହୋଇଥିଲା। ତାହା ଭଡା ସୂତ୍ରରେ ଦିଆଯାଇଥିଲେ ମଧ୍ୟ କୌଣସି ଅର୍ଥ ପଞ୍ଚାୟତ ଆକାଉଣ୍ଟକୁ ଆସିନାହିଁ। ତେଣୁ ଯଥାଶୀଘ୍ର ଉକ୍ତ ସାପ୍ତାହିକ ହାଟ ପାଲି ପିଛା ୩ ହଜାର ଟଙ୍କା ନିଲାମ ଓ ଦୋକାନ ଘର ପାଇଁ ମାସିକ ୭୫୦ ଟଙ୍କା ଭଡା ସୂତ୍ରରେ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ରବୀନ୍ଦ୍ର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ନୂଆପାଟଣା ସରପଞ୍ଚ ସୋମନାଥ ଦାସଙ୍କୁ ପଚାରିବାରେ ନିଲାମ ହୋଇନଥିବାରୁ ୱାର୍ଡ ସଭ୍ୟମାନେ ମହାସୁଲ ଆଦାୟ କରି ପଞ୍ଚାୟତରେ ଜମା କରୁଛନ୍ତି।

ଦୋକାନ ଘର ନିର୍ମାଣ କରିଥିବା ଠିକାଦାର ଏହାକୁ ଏପର୍ଯ୍ୟନ୍ତ ପଞ୍ଚାୟତକୁ ହସ୍ତାନ୍ତର କରିନାହାନ୍ତି ବୋଲି ସୋମନାଥ କହିଥିଲେ।

# ଆଧ୍ୟାତ୍ମିକ କବିତା ଆସର, ଆଲୋଚନାଚକ୍ର



ସମ୍ବର୍ଦ୍ଧନା ସମାରୋହରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ନିଶ୍ଚିନ୍ତକୋଇଲି,୧୧।୫ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ବେଲେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଏକ ଆଧ୍ୟାତ୍ମିକ କବିତା ଆସର ଏବଂ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉର୍ବୀ ସାହିତ୍ୟ ପତ୍ରିକାର ସମ୍ପାଦକ କବି ଶ୍ରୀଧର ଶେଖର ମହାପାତ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶକ୍ତି ଉପାସକ ତଥା ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କବି ବିରୁପାକ୍ଷ ରାୟ, ମୁଖ୍ୟ ବକ୍ତାଭାବେ ଜବାହାରଲାଲ ନେହେରୁ ମହାବିଦ୍ୟାଳୟ କୁଆଁପାଳ ଓଡିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ. ନିଖିଳେଶ ମହାନ୍ତି ଯୋଗଦାନ କରି ଶକ୍ତି ତତ୍ତ୍ୱ ଓ ମା'ବେଲେଶ୍ୱରୀଙ୍କ ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ମୁକ୍ତମଞ୍ଚ କବିତା ପାଠୋତ୍ସବରେ କବି କ୍ଷୀରୋଦ କୁମାର ଦାସ ଓ ଶିଶୁ କବି ମହେନ୍ଦ୍ର ଘଡେଇ ସଂଯୋଜନା କରିଥିଲେ। କବି ଶ୍ରୀନିବାସ ସାହୁ, ଦୁର୍ଗାପ୍ରସାଦ ରାୟ, ଶରତଚନ୍ଦ୍ରରାଉତ, ରାମଚନ୍ଦ୍ର ସାହୁ, ଶିକ୍ଷକ ଶରତଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିପାଞ୍ଜଳୀ ମିଶ୍ର, ପ୍ରାକ୍ତନ ସିଆରସିସି ମିନତୀ ନାୟକ, ଶ୍ୟାମସୁନ୍ଦର ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖବରଦାତା ବଲ୍ଲଭ ଚରଣ ପଲେଇ ମା'ଙ୍କ ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ମା' ବେଲେଶ୍ୱରୀ ଉନ୍ନୟନ କମିଟି ପକ୍ଷରୁ ସଭାପତି କ୍ଷୀରୋଦ କୁମାର ପଣ୍ଡା, ଉପସଭାପତି ପ୍ରମୋଦ କୁମାର ପଣ୍ଡା, ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ସେଠୀ, ଅନାମଚରଣ ଦାସ, ଦୀପ୍ତିରଞ୍ଜନ ସାହୁ, ଜିଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ଗୋଲଖ ପରିଡା,ହରେକୃଷ୍ଣ ରାଉତ,ପୂଜକ ଶୁକଦେବ ଷଡ଼ଙ୍ଗୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶୁଭମ ସତ୍ୟଜିତ ସାହୁ ଧନ୍ୟବାଦ ଦେଇଥିଲେ।

# ୨ ପଞ୍ଚାୟତରେ ବିଜେଡି କର୍ମୀ ସମାବେଶ




ଆନନ୍ଦପୁର ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମାବେଶରେ ବିଧାୟକ ପ୍ରତାପ ଜେନା ଅଭିଭାଷଣ ଦେଉଛନ୍ତି।

ମାହାଙ୍ଗା,୧୧।୫(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତସ୍ଥିତ ଇନ୍ଦାଠାରେ ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ବିଜେଡି ସଭାପତି ଲଳିତମୋହନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନା ଯୋଗଦେଇ ପଞ୍ଚାୟତରେ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ। ଏଥିସହ ଆନନ୍ଦପୁର ପଞ୍ଚାୟତକୁ ଆହୁରି କିପରି ବିକଶିତ କରାଯାଇପାରିବ ସେଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଓ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ସମର୍ଥନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟା ସୁସ୍ମିତା ଦାସ,ସରପଞ୍ଚ ରେଣୁବାଳା ଭୂୟାଁ, ସମିତି ସଭ୍ୟା ଭବାନୀ ଶଙ୍କରୀ ବେହେରା, ବିଜେଡି ନେତା ବିଜୟ କୁମାର ସିଂହ୍ନା ପ୍ରମୁଖ ଯୋଗଦେଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବନେତା ପ୍ରମୋଦ ବେହେରା,ମନୋଜ କୁମାର ସାହୁ, ଦିଲୀପ ରାଉତ, ଶିଶିର ନାୟକ, ଜୟଦେବ ଜେନା, ଜିତେନ୍ଦ୍ର ନାୟକ, ଅରୁଣ ଲେଙ୍କା, ସୁନାକର ଜେନା, ସତ୍ୟଜିତ ସ୍ୱାଇଁ, ଆର୍ତ୍ତତ୍ରାଣ ବିଶ୍ୱାଳ, ଗଣେଶ୍ୱର ସାହୁ, ମହେନ୍ଦ୍ର ପ୍ରଧାନ, ରାଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଇଥା ପଞ୍ଚାୟତସ୍ଥିତ ଗୋଠମୁହଁ ରେ ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମାବେଶରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରତାପ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ। ଏଥିରେ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ସରପଞ୍ଚ ଶୈଳବାଳା ବେହେରା, ସମିତି ସଭ୍ୟା ବନଲତା ଦଳାଇ, ପଞ୍ଚାୟତ ବିଜେଡି ସଭାପତି କମଳାକାନ୍ତ ରାଉତ, ପୂର୍ବତନ ସରପଞ୍ଚ ଦିଲୀପ ଦାସ, ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ବେହେରା, ଜୋନ ସଭାପତି ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ନାରାୟଣ ବେହେରା, ସମିତି ସଭ୍ୟାଙ୍କ ପ୍ରତିନିଧି ସୁକାନ୍ତ ଦଳାଇ, କପିଳ ପାଲ, ସୁରେନ୍ଦ୍ର ରାଉତ, କାଳନ୍ଦୀ ନାୟକ, ଶୁଭ୍ରାଂଶୁ ରାଉତ,ବିବେକାନନ୍ଦ ଦାସ, ସିଦ୍ଧେଶ୍ୱର ରାଉତରାୟ, ରମାକାନ୍ତ ରାଉଳ, ବଳିରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଦକ୍ଷତା ବିକାଶ ପ୍ରଶିକ୍ଷଣ ଉଦ୍‌ଯାପିତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ

ବାଙ୍କୀ,୧୧।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ କୁରୁମଚଇନୀ ଗ୍ରାମର ନବଜ୍ୟୋତି କ୍ଲବ ପରିସରରେ ଚାଲିଥିବା ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଦ୍ୱାରା ଆତ୍ମନିଯୁକ୍ତି ଯୋଜନାରେ କଟକ ଜନଶିକ୍ଷଣୀୟ ସଂସ୍ଥାର ନିର୍ଦ୍ଦେଶିକା ଅନିମା ଦାଶ ଓ ଭାରପ୍ରାପ୍ତ ପରିଚାଳନା ଅଧିକାରୀ ସସ୍ମିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷଣ ଶିବିରରେ ଲଲାଟେନ୍ଦୁ ପଣ୍ଡା ଯୋଗଦେଇ ଗ୍ରାମୀଣ ଯୁବତୀ, ଯୁବକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ବାଙ୍କୀ କଲେଜ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏପରି ପ୍ରଶିକ୍ଷଣ ଦ୍ୱାରା ଗ୍ରାମାଞ୍ଚଳର ଯୁବତୀ, ଯୁବକମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁରେଶ୍ୱର ବେହେରା ଓ ସାମାଜିକ କର୍ମୀ ରଞ୍ଜିତ ସେଠ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ୨୦ଜଣ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟଅତିଥି ପ୍ରମାଣପତ୍ର ବଣ୍ଟନ କରିଥିଲେ। ଶେଷରେ ପ୍ରଶିକ୍ଷକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଘରୁ ଭୋଟ ଦେବା ସୁଯୋଗ : ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ବାଙ୍କୀ,୧୧।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟରଞ୍ଜନ ସାହୁ)

୨୦୨୪ ସାଧାରଣ ନିର୍ବାଚନରେ ପ୍ରଥମ ଥର ଲାଗି ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ଘରୁ ଭୋଟ ଦେବା ଲାଗି ବ୍ୟବସ୍ଥା କରାଯାଇଛି। ଏନେଇ ବାଙ୍କୀ ନିର୍ବାଚନମଣ୍ଡଳୀରେ ନିୟୋଜିତ ନିର୍ବାଚନ ଅଧିକାରୀମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଡମପଡା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦେବୀପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୫ ଜଣ ଅଧିକାରୀଙ୍କୁ ୫ ଟିମ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯାଇଛି। ଏହ ନୂତନ ବ୍ୟବସ୍ଥାର ଲାଭ ଦେଶରେ ୮୫ ବର୍ଷରୁ ଊର୍ଦ୍ଧ୍ୱ ୮୧ ଲକ୍ଷ ଭୋଟର ଏବଂ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଭୋଟରଙ୍କୁ ମିଳିପାରିବ ବୋଲି କୁହାଯାଇଛି।

# ୫୮ ମାମଲା ପଞ୍ଜୀକୃତ, ୧୭ ଫଇସଲା

**ରାଷ୍ଟ୍ରୀୟ ଲୋକ ଅଦାଲତ**

ବାଙ୍କୀ,୧୧।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିନିୟର ଡିଭିଜନ ସିଭିଲ ଜର୍ଜ ନବନୀତା ଦାସଙ୍କ କୋର୍ଟରେ ସମୁଦାୟ ୨୯ ମାମଲା ପଞ୍ଜୀକୃତ ହୋଇଥିଲା। ୭ଟି ଫଇସଲା ହୋଇଥିଲା। ସେହିପରି ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ୨୯ ମାମଲା ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୦ଟି ଫଇସଲା ହୋଇଥିଲା। ଏହି ଲୋକ ଅଦାଲତରେ କର୍ମଚାରୀ ବିପଦ ରଞ୍ଜନ ମହାପାତ୍ର, ଧୋଇନ ବେହେରା, ପ୍ରଶାନ୍ତ ବେହେରା, ଅଦ୍ୱୈତ୍ୟ ପ୍ରସାଦ ଦାଶ, ସୌଭାଗ୍ୟ ରଞ୍ଜନ ସାମନ୍ତରାୟ, ଗୌର କୃପା ଦାସ, ରଞ୍ଜନ ସାଠୁଆ, ଭାଗବତ ଦେହୁରୀ, ରମେଶ ନାୟକ, ବନମାଳୀ ବେହେରା, ସୁକାନ୍ତ ହାତୀ, ପ୍ରଦ୍ୟୁମ୍ନ ଜେନା, ଭରତ ନାୟକ ଓ ଦୀପ୍ତିମୟୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବାଙ୍କୀ ବ୍ଲକ କୁରୁମଚଇନୀ ଗ୍ରାମରେ ଆୟୋଜିତ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃତୀ ପ୍ରଶିକ୍ଷାର୍ଥୀ ଓ ଅନ୍ୟମାନେ।

# ଗୋରେଖନାଥ ପୀଠ: ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଭିଡ଼

ରଘୁନାଥପୁର, ୧୧।୫ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ପବିତ୍ର ଅକ୍ଷୟତୃତୀୟାରୁ ୮ ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର ରାତିରେ ଏନେଇ ଅଙ୍କୁରାରୋପଣ ଓ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣଙ୍କ ପକ୍ଷରୁ ଶନିବାର ଯଜ୍ଞ ମଣ୍ଡପ ଚତୁଃପାର୍ଶ୍ୱରେ ଘଟ ସ୍ଥାପନ ଓ ସର୍ବ ଦେବଦେବୀ ପୂଜା ପରେ ଅଗ୍ନିକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ଆହୁତି ଦିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ସମୟରେ ଜନଗହଳିକୁ ଦୃଷ୍ଟିରେ ରଖି ପୀଠ ପରିସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫାଷ୍ଟେଡ୍ ସୁବିଧା, ପାନୀୟଜଳ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା କରାଯାଇଛି। ପୀଠ ଚତୁଃପାର୍ଶ୍ୱକୁ ଆଲୋକୀକରଣ କରାଯାଇଛି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୀଠରେ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଅଘଟଣ ଆଶଙ୍କାରେ ଦମକଳ ଗାଡ଼ିର ବ୍ୟବସ୍ଥା କରାଯାଇଛି। ପୀଠ ପ୍ରଶାସନ ପକ୍ଷରୁ ଏକ ୧୦ ଜଣିଆ କମିଟି ଉପରେ ଏସବୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି କମିଟିରେ ରଘୁନାଥପୁର ତହସିଲଦାର, ତିର୍ତ୍ତୋଲ ଆଇଆଇସି, ସ୍ଥାନୀୟ ଅଞ୍ଚଳର ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ରମେଶ ଚନ୍ଦ୍ର ଜେନା, ରମେଶ ମହାନ୍ତି, ପ୍ରଦୀପ୍ତ ମହାନ୍ତି,ପ୍ରଶାନ୍ତ ଭୂୟାଁ, ସୁଶାନ୍ତ ଦାଶ ଓ ନରେନ୍ଦ୍ର ଦାସ ପ୍ରମୁଖ ରହିଛନ୍ତି। ସେହିପରି ଦୈନନ୍ଦିନ ପ୍ରସାଦ ସେବନ ପାଇଁ ପୂଜକ ଦିଲୀପ କୁମାର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ଗୋରେଖବାହିନୀର ସଭ୍ୟମାନେ ପ୍ରସାଦ ବିତରଣ ଓ ମିନାବଜାର ଦାୟିତ୍ୱରେ ରହିଛନ୍ତି। ଅପେରା ପାର୍ଟି ପକ୍ଷରୁ ଯାତ୍ରା ପରିବେଷଣ କରାଯିବା ନିମନ୍ତେ ସ୍ଥିର ହୋଇଛି। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପରିଜା ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ପୀଠରେ ଭକ୍ତଙ୍କ ଭିଡ଼ ବଢୁଥିବାରୁ ଆଗକୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଏଣୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ, ରାହାଡିଙ୍ଗା ନାଳବନ୍ଧ ରାସ୍ତାରେ ଆଲୋକୀକରଣ ଏବଂ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଉପରକୁ ପାଣି ସ୍ପ୍ରେ କରିବା ପାଇଁ ପୀଠ ପ୍ରଶାସନକୁ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ପ୍ରଭୁଙ୍କ ପୀଠକୁ ଆସୁଥିବା ଭକ୍ତ ଓ ଦର୍ଶନାର୍ଥୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ଦିନରାତି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ଆଇନଜୀବୀ ମହାନ୍ତି ପ୍ରକାଶ କରିଛନ୍ତି।



ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଉଛି।

**Format C-1**

**Declaration about criminal cases**
(As per the judgement dated 25 September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate : **Rajendra Kumar Sahoo, S/o- Late Fagu Sahoo At - Paltanpadia, PO/PS/Dist.-Khordha, Pin - 752055**
Name of political party : **Biju Janata Dal**
Name of Election : **Odisha Legislative Assembly**
Name of Constituency : **117 - Khordha Assembly Consituency**
I Rajendra Kumar Sahoo (name of candidate), a candidate for the above mentioned election ; declare for public information the following details about any criminal antecedents :
**(A) Pending criminal case :-**

| Sl. No. | Name of Court | Case No. and dated | Status of case (s) | Section of acts concerned and brief description of offence (s) |
|---|---|---|---|---|
| 01 | Smt. S. Mishra Judicial Magistrate (First Class Bhubaneswar) | 321/2005 | Case is pending for Evidence from prosecution | U/S 341/353/294/IPC U/S 341 IPC wrongly restrain, U/S 353 IPC use of criminal force to deter public servant for discharging his public duty, U/S - 294 - Obsence act or songs. |

**(B) Details about Cases of Conviction for criminal offence :**

| Sl. No. | Name of Court & Date (s) of Order (s) | Description of Office (s) & Punishment Imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |

*In the case of election to council of States or election to Legislative Council by MLAs, mention the election concerned in place of name of constituency.

**Sd./-Rajendra Kumar Sahoo**

## ସଂକ୍ଷେପରେ

### ବ୍ୟାଙ୍କରେ ଅଗ୍ନିକାଣ୍ଡ : ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା

**ଖୋର୍ଦ୍ଧା,୧୧।୫(ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ ଗୋଡ଼ିପୋଖରୀ ଛକରେ ଥିବା ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଖୋର୍ଦ୍ଧା ଶାଖାରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର, ଗୁରୁତ୍ୱପୂର୍ଣ୍ଣ ଫାଇଲ, ବହୁ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ରାତି ପ୍ରାୟ ୩ଟା ୩୦ରେ ବ୍ୟାଙ୍କ ଭିତରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ହୋଇଥାଇପାରେ ବୋଲି ଅଗ୍ନିଶମ କର୍ମଚାରୀ ଅନୁମାନ କରୁଛନ୍ତି। ବ୍ୟାଙ୍କ ଭିତରେ ଥିବା ୪ଟି ଏସି, ୭ଟି କମ୍ପ୍ୟୁଟର ସେଟ୍, ସ୍କାନର, ଫ୍ୟାନ୍, ସିସିଟିଭି କ୍ୟାମେରା, ଟଙ୍କା ଗଣତି ଯନ୍ତ୍ର, ପାସ୍‌ବୁକ୍ ପ୍ରିଣ୍ଟର ଆଦି ପୋଡ଼ି ପାଉଁଶ ହୋଇଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ଦୁଃସାହସିକ ରାତ୍ରି ସାଇକେଲ ଯାତ୍ରା ଆରମ୍ଭ ୧୨ଘଣ୍ଟାରେ ସ୍ୱର୍ଣ୍ଣିମ ତ୍ରିଭୁଜକୁ ପରିକ୍ରମା ଲକ୍ଷ୍ୟ

**ଭୁବନେଶ୍ୱର,୧୧।୫ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶର ସାଇକ୍ଲିଂ ଆଣ୍ଡ୍ ଆଡ୍‌ଭେଞ୍ଚର କ୍ଲବ (ବିସିଏସି) ପକ୍ଷରୁ ଦୁଃସାହସିକ ରାତ୍ରି ସାଇକେଲ ଯାତ୍ରା 'ସାଇକ୍ଲିଂ ଅଣ୍ଡର ଦି ଷ୍ଟାର୍ସ'ର ୭ମ ସଂସ୍କରଣ ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ପୋଲିସ କମିଶନର ସଞ୍ଜୀବ ପଣ୍ଡା ଓ ବିସିଏସି ସଭାପତି ଲଳିତ ଦାସ ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବହୁ ସାଇକେଲ ଚାଳକ ଯୋଗଦେଇ ଭୁବନେଶ୍ୱର କ୍ଲବଠାରୁ ସନ୍ଧ୍ୟା ୬ଟାରେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଯୋଜନା ଅନୁଯାୟୀ ଏହି ଯାତ୍ରା ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିବା ପରେ ମେରାଇନ ଡ୍ରାଇଭ୍‌ରେ କୋଣାର୍କ ଅଭିମୁଖେ ଯାତ୍ରା କରିବେ। ପରେ ଭୁବନେଶ୍ୱର ଫେରିବେ ସମସ୍ତ ସାଇକେଲ ଚାଳକ। ସ୍ୱର୍ଣ୍ଣିମ ତ୍ରିଭୁଜକୁ ସନ୍ଧ୍ୟା ୬ଟାରୁ ସକାଳ ୬ ମଧ୍ୟରେ ୧୭୦ କିମି ସଫଳତାର ସହ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏନେଇ ପୋଲିସ କମିଶନର ପଣ୍ଡା କହିଲେ, ସାଇକେଲ ଚାଳନା ଶରୀର ପକ୍ଷେ ଉତ୍ତମ। ତେଣୁ ସମସ୍ତେ ସାଇକେଲ ଚାଳନା ଅଭ୍ୟାସ କରିବା ଦରକାର । ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ରାଉତ, ଶିବାଶିଷ ମହାନ୍ତି ପରିଚାଳନା କରିଥିଲେ।

### ମୋ ବସରୁ ଚୋରି କରି ମହିଳା ଗିରଫ

**ଭୁବନେଶ୍ୱର,୧୧।୫ (ସୂର୍ଯ୍ୟକାନ୍ତ ବେହେରା)**

ଯାତ୍ରୀ ହୋଇ ମୋ ବସରେ ଚଢୁଥିଲେ, ମୌକା ଦେଖି ଗହଳିରେ ଚୋରି କରି ଫେରାର ହେଉଯାଉଥିଲେ। ମୋ ଏଭଳି ଢଙ୍ଗରେ ଚୋରି କରୁଥିବା ମହିଳା ଗ୍ୟାଙ୍ଗ ମଧ୍ୟରୁ ଜଣଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତ ମହିଳା ହେଲେ ପଶ୍ଚିମବଙ୍ଗର ଲାଜବତି ସିଂ। ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ ହୋଇଛି। ତେବେ ଏହି ଘଟଣାରେ ଗ୍ୟାଙ୍ଗର ଅନ୍ୟ ୩ ମହିଳା ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ମହିଳାଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ କଟକ ଲିଙ୍କ ରୋଡ୍ ଏବଂ ଓଏମପି ଛକରେ ରହିବା ସହ ସେଠାରୁ ମୋ ବସରେ ମୋବାଇଲ ଚୋରି କରିବା ପାଇଁ ଭୁବନେଶ୍ୱରକୁ ଯାତାୟାତ କରନ୍ତି। ସେମାନେ ମିଳିତଭାବେ ମୋ ବସରୁ ସୁଯୋଗ ଦେଖି ମୋବାଇଲ ଫୋନ ଚୋରି କରିବା ପରେ ପୁନର୍ବାର କଟକ ଫେରିଯାଇଥାନ୍ତି ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ ଶୁକ୍ରବାର ଅପରାହ୍ନ ସାଢେ ୩ଟାରେ ଅଭିଯୋଗକାରିଣୀ ପାର୍ବତୀ ସାହୁ ଘରକୁ ଆସିବା ପାଇଁ ବରମୁଣ୍ଡା ବସଷ୍ଟାଣ୍ଡରୁ ଓମଫେଡ ଛକକୁ ମୋ ବସରେ ଆସିଥିଲେ। ସେ ଓମଫେଡ ଛକରେ ପହଞ୍ଚିବା ମଧ୍ୟରେ ଅଭିଯୁକ୍ତ ସୁଯୋଗ ଦେଖି ତାଙ୍କର ମୋବାଇଲକୁ ଚୋରି କରି ନେଇଯାଇଥିଲେ। ପାର୍ବତୀ ବସରୁ ଓହ୍ଲାଇବା ସମୟରେ ମୋବାଇଲ ନ ପାଇବାରୁ ଖୋଜିଥିଲେ। ଅଭିଯୁକ୍ତ ଜଣଙ୍କ ମୋବାଇଲ ନେଇ ଓହ୍ଲାଇ ଦୌଡି ପଳାଉଥିବା ଦେଖିବାକୁ ପାଇଥିଲେ।

# 'ସ୍ୱାସ୍ଥ୍ୟସେବାର ବିକାଶ ନର୍ସିଂ ସେବା ଉପରେ ନିର୍ଭରକରେ'

**ଭୁବନେଶ୍ୱର,୧୧।୫(ଅସମାପିକା ସାହୁ)**




କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନର୍ସିଂ ସାଇନ୍ସେସ(କିନ୍ସ) ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ସେବିକା ସପ୍ତାହ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକାଙ୍କ ଭୂମିକା ଏବଂ ଭାରତରେ ନର୍ସିଂ ଶିକ୍ଷାର ପ୍ରସାର ଓ ଅଭ୍ୟାସ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଯୋଗଦେଇ କହିଲେ, ଭବିଷ୍ୟତରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପର୍ଯ୍ୟାପ୍ତ ନିବେଶର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟସେବାର ବିକାଶ ନର୍ସିଂ ସେବାର ବିକାଶ ଉପରେ ନିର୍ଭର କରିଥାଏ। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି ସେବିକାଙ୍କ ମାନସିକ ଓ ଅର୍ଥନୈତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ସେବିକାମାନେ ସେବାର ଅର୍ଥନୈତିକ ଶକ୍ତି। କରୁଣା ଓ ସହାନୁଭୂତି ମନୋଭାବ ନେଇ ସେବିକାମାନେ ରୋଗୀଙ୍କ ଜୀବନ ବଞ୍ଚାଇଥାନ୍ତି। ସେବିକାଙ୍କ ସେବାର ପ୍ରତିକ୍ରିୟା ସାଧାରଣ ଜନତାଙ୍କଠାରୁ ଜଣାପଡ଼େ ଏବଂ ରୋଗୀ ଓ ତାଙ୍କ ପରିବାର ସେବିକାଙ୍କୁ ସବୁଦିନ ମନେରଖନ୍ତି। ଭାରତରେ ନର୍ସିଂ ଶିକ୍ଷା ସମୟରେ ସେବିକାଙ୍କ ପାଇଁ ବ୍ୟାପକ ଅଭ୍ୟାସ ଓ ତାଲିମ ପାଇଁ ଉପଯୁକ୍ତ କ୍ଷେତ୍ରର ଅଭାବ ଯୋଗୁ ଗୁଣାତ୍ମକ ସେବିକା ସୃଷ୍ଟି ହେବାର ସମସ୍ୟା ରହିଛି ବୋଲି ଡା. ମହାନ୍ତି କହିଥିଲେ। ସେହିପରି କିମ୍ସ ମେଡିକାଲ ଅଧୀକ୍ଷକ ପ୍ରଫେସର ଆର୍. ସି. ଦାସ କହିଲେ, ୨୦୩୦ ସୁଦ୍ଧା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନକକୁ ପୂରଣ କରିବା ପାଇଁ ଭାରତରେ ସମ୍ପ୍ରତି ନର୍ସିଂ କ୍ଷମତାକୁ ଅଭିବୃଦ୍ଧି କରିବାର ସମୟ ଆସିଛି। ତେବେ ସେବିକାଙ୍କ ଜ୍ଞାନ ଓ କୌଶଳରେ ଯଥେଷ୍ଟ ଅଗ୍ରଗତି ଘଟିଛି। ସେମାନଙ୍କର ଏହି ପ୍ରକ୍ରିୟା ଜାରି ରହିବା ଉଚିତ ବୋଲି ଡା. ଦାସ କହିଛନ୍ତି।

ଏହି ଅବସରରେ ନ୍ୟାଶନାଲ ଫ୍ଲୋରେନ୍ସ ନାଇଟେଙ୍ଗଲ ପୁରସ୍କାର ବିଜୟିନୀ ଜଗତ୍‌ସିଂହପୁରର ଖୁଲଣା ବାରିକ ଯୋଗଦେଇ ଉପସ୍ଥିତ ସେବିକା ଓ ମେଡିକାଲ ଅଧିକାରୀଙ୍କୁ ପ୍ରେରଣାମୂଳକ ଭାଷଣ ପ୍ରଦାନ କରିଥିଲେ। ପରେ ବିଭିନ୍ନ ବିଭାଗରେ ସେବିକାଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଏ. ପି. ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିନ୍ସ ଅଧ୍ୟକ୍ଷା ପ୍ରଫେସର ନିୟତି ଦାସ ପ୍ରମୁଖ ଯୋଗଦେଇଥିଲେ।

# ବସ୍-ଟ୍ରକ୍ ଧକ୍କା, ୩ ଆହତ






ବେଗୁନିଆ ଥାନା ସମ୍ମୁଖ ରାଜପଥରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବସ୍।

**ବେଗୁନିଆ,୧୧।୫ (ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ବେଗୁନିଆ ଥାନା କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଭୋରୁ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସରକାରୀ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ୩ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭୋର୍ ୪ଟାରେ ଏକ ସରକାରୀ ବସ୍(ଓଡି ୧୭ଏଲ୍ ୬୨୮୮) ବରଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଏକ ଟ୍ରକ୍ (ଓଡି ୦୨ଏଭି ୪୬୧୧) ମଧ୍ୟ ଆସୁଥିଲା। ହଠାତ୍ ଏହି ଦୁଇ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସ୍‌ରେ ଥିବା ଜଣେ ଶିଶୁଙ୍କ ସହିତ ଅନ୍ୟ ଦୁଇଜଣ ଯାତ୍ରୀ ଆହତ ହୋଇଥିଲେ। ବେଗୁନିଆ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୩୯/୨୪) ରୁଜୁକରି ତଦନ୍ତ ଚଳାଇଛି।



କାଳବୈଶାଖୀ ପ୍ରଭାବରେ ଶନିବାର ବାଣପୁର ଅଞ୍ଚଳରେ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିରହିଛି।

## କାଳବୈଶାଖୀ: ଭାଙ୍ଗିଲା ଗଛ, ବିଦ୍ୟୁତ୍ ସେବା ବ୍ୟାହତ

ବାଣପୁର,୧୧।୫(ଦିଲୀପ ସ୍ୱାଇଁ): ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବାଣପୁର ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼ ବଡ଼ ଗଛ ଭାଙ୍ଗିଯିବା ସହ ବିଦ୍ୟୁତ୍‌ସେବା ବାଧାପ୍ରାପ୍ତ ହୋଇଛି। ମାଟିଆ ପୋଖରୀଠାରୁ ବୋରିଗାଁ, ବେଡୁଲୀ, ସାହସପୁର, ବାଁଲେଇ, ଭେଟେଶ୍ୱର, ଭାପୁର ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ଗଛ ଭାଙ୍ଗିପଡ଼ିଥିବା ଦେଖିବାକୁ ମିଳିଛି। ରାସ୍ତାରେ ଡାଳ ପଡ଼ିରହିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ବିଦ୍ୟୁତ୍‌ସେବା ବ୍ୟାହତ ହୋଇଛି। ସ୍ଥାନୀୟ ଯୁବକମାନେ ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା

**ଟାଙ୍ଗୀ,୧୧।୫(ରଘୁନାଥ ସାହୁ)**

ଟାଙ୍ଗୀର ଆରାଧ୍ୟ ପ୍ରଭୁ ବଳରାମ ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଆରମ୍ଭ ହୋଇଯାଇଛି। ଗୋଡ଼ିପାଟଣା ସାହିସ୍ଥିତ ଡିଗି ପୋଖରୀଠାରେ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ହୋଇଥିଲା। ସଂକୀର୍ତ୍ତନ ମଣ୍ଡଳୀ, ବାଜା, ଘଣ୍ଟବାଦ୍ୟରେ ଏକପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପଣ୍ଡିତ ଶୁଭ୍ରାଂଶୁ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ସରପଞ୍ଚ କିଶୋର କୁମାର ବେହେରା, କମିଟି ସମ୍ପାଦକ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ଭଗବାନ ଚମ୍ପତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ ବୋଲି ସଭାପତି ଡା. ମଧୁସୂଦନ ସେନାପତି ସୂଚନା ଦେଇଛନ୍ତି।

# ଖୋର୍ଦ୍ଧାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ଖୋର୍ଦ୍ଧା,୧୧।୫(ପ୍ରଭାତ ପାଣିଗ୍ରାହୀ)**

ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତକୁ ପ୍ରଥମ ଅତିରିକ୍ତ ଜିଲାଜଜ୍ ତଥା ତାଲୁକ ଆଇନବା କମିଟିର ଚେୟାରମ୍ୟାନ ଅଜୟ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଲୋକ ଅଦାଲତରେ ଦୁର୍ଘଟଣା ୯୮ଟି କେଶ ଫଏସଲା କରାଯାଇ ୨୮ଲକ୍ଷ ୫ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଛି। ବ୍ୟାଙ୍କ କେସ ମଧ୍ୟରୁ ୧୦ଟିର ଫଏସଲା କରାଯାଇ ୨ଲକ୍ଷ ୧୨ହଜାର ୭୩୬ ଟଙ୍କା ଆଦାୟ କରାଯାଇଛି। ଏଥିରେ ପରିବାର ଅଦାଲତ ଜଜ୍ ରାଜେଶ କୁମାର ନାୟାର, ଏଡିଜେ-୨ ରଞ୍ଜିତା ଲେଙ୍କା, ସିଜିଏମ୍ ଶରତ କୁମାର ଜେନା, ମହିଳା ଅଦାଲତ ଜଜ୍ ଚିନ୍ମୟୀ ରଥ, ସିଭିଲ ଜଜ ବରିଷ୍ଠ ସୁନିତା କୁମାରି ଖଣ୍ଡେଲୱାଲ, ଫୌଜଦାରୀ ଅଦାଲତ ବିଚାରପତି ଲିପ୍ସା ରାଉତ, ଏସ୍‌ଡିଜେମ ଜଗଦୀଶ ଚନ୍ଦ୍ର ଜେନା, ସିଭିଲ ଜଜ କନିଷ୍ଠ ପ୍ରଭାତ କୁମାର ସାମଲ ଏହାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମନ୍ମଥ ମିଶ୍ର, ବିକ୍ରମ ଚମ୍ପତି, ଶିବ ତ୍ରିପାଠୀ, କେଦାରନାଥ ସାମନ୍ତରାୟ, ଉମେଶ ଚନ୍ଦ୍ର ହୋତା, ଖୋର୍ଦ୍ଧା ଓକିଲ ସଙ୍ଘର ସଭାପତି, ସମ୍ପାଦକ, ବିଭିନ୍ନ ଜାତୀୟ ବ୍ୟାଙ୍କର ଅଧିକାରୀ, ଅଦାଲତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରଥଯାତ୍ରା ପାଇଁ ରଥକାଠ ଅନୁକୂଳ

**ଖୋର୍ଦ୍ଧା,୧୧।୫(ପ୍ରଭାତ ପାଣିଗ୍ରାହୀ)**

**ଶ୍ରୀ ଅନନ୍ତ ପୁରୁଷୋତ୍ତମ**

ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥର ଜାଗୁଲିପାଟଣାସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣ ବିଗ୍ରହ)ଙ୍କ ରଥଯାତ୍ରା ଲାଗି ରଥକାଠ ଅନୁକୂଳ ହୋଇଯାଇଛି। ଭୋର ସାଢେ ୪ଟାରେ ମନ୍ଦିର ଦ୍ୱାରଫିଟା, ମଇଲମ, ତଡପଲାଗି, ଅବକାଶ, ଦ୍ୱାରପାଳ ସୂର୍ଯ୍ୟପୂଜା ନୀତି ପରେ ୬ଟାରେ ମଙ୍ଗଳ ଆଳତି ହୋଇଥିଲା। ମନ୍ଦିର ସମ୍ମୁଖରେ ଏକ ଚାରି ଫୁଟିଆ ଧଉରା କାଠ ରଖାଯାଇଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ ମନ୍ଦିର ପୂଜକ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଆଜ୍ଞାମାଳ ଆଣି ରଥକାଠରେ ବିଜେ କରିଥିଲେ। ପରେ ପାରମ୍ପରିକ ରୀତିନୀତିରେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ରଥକାଠ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ସ୍ଥାନୀୟ ବୁଦ୍ଧିଜୀବୀ ବୈକୁଣ୍ଠନାଥ ମହାପାତ୍ର, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମନ୍ଦିର କମିଟି ପକ୍ଷରୁ ରଥର ମୁଖ୍ୟ ବିଶ୍ୱକର୍ମା ଅର୍ଜୁନ ମହାରଣା ଶାଢୀ ବନ୍ଧାଇ ରଥକାମ ଅନୁକୂଳ କରିଥିଲେ। ଶନିବାରଠାରୁ ବିଧିବଦ୍ଧ ଭାବେ ରଥକାଠ ଅନୁକୂଳ କରାଯାଇଛି।

ପରବର୍ତ୍ତୀ ପର୍ଯ୍ୟାୟରେ ରଥ ନିର୍ମାଣ କରାଯିବ। ରଥଯାତ୍ରା ଆୟୋଜନ ନେଇ ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

# ଶ୍ୟାମାମଣି, ସ୍ନେହପ୍ରଭାଙ୍କୁ 'ଜାଗୃତି ସମ୍ମାନ'

## ରାଜଶ୍ରୀ, ବୁଦ୍ଧନାଥଙ୍କୁ 'ଜାଗୃତି ଯୁବ ସମ୍ମାନ'

**ଭୁବନେଶ୍ୱର,୧୧।୫(ଶର୍ମିଷ୍ଠା ପାଣିଗ୍ରାହୀ)**

ଜାଗୃତି ସାଂସ୍କୃତିକ ପରିଷଦର ୨୨ତମ ବାର୍ଷିକ ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶାସ୍ତ୍ରୀୟ ଓଡ଼ିଆ ଭାଷା ପତିଷ୍ଠାନର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଗୁରୁ କୁମୁକୁମ ମହାନ୍ତି, ପଣ୍ଡିତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଓ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଓ ସ୍ନେହପ୍ରଭା ସାମନ୍ତରାୟଙ୍କୁ 'ଜାଗୃତି ସମ୍ମାନ ୨୦୨୪' ପ୍ରଦାନ କରାଯାଇଥିଲା। ସେହିପରି ରାଜଶ୍ରୀ ପ୍ରହରାଜ ଓ ବୁଦ୍ଧନାଥ ସ୍ୱାଇଁଙ୍କୁ 'ଜାଗୃତି ଯୁବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗୁରୁ ମିନତୀ ପ୍ରଧାନ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ କୋଲକାତାରୁ ଆସିଥିବା ଦେବଯାନୀ ବସୁଙ୍କ ଭାରତନାଟ୍ୟମ, ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ଓଡିଶୀ ନୃତ୍ୟାଭିନୟରେ ମାନ ଉଧାରଣ ଉପସ୍ଥାପିତ ହୋଇଥିଲା। ଯୁଗଳବନ୍ଦୀରେ ସନ୍ତୋଷ ରାମ ଏବଂ ସମୀର କୁମାର ପାଣିଗ୍ରାହୀ ଓଡିଶୀ ନୃତ୍ୟ ପରିବେଷିତ କରିଥିଲେ। ଏକାଡେମୀ ତରଫରୁ ଦଳଗତ ନୃତ୍ୟରେ ଜଗତଜନନୀ ପରିବେଷଣ ଉଚ୍ଚକୋଟୀର ହୋଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।

# ରାଧାବଲ୍ଲଭ ଜୀଉଙ୍କ ଜଳକ୍ରୀଡ଼ା ଉତ୍ସବ

**ଖୋର୍ଦ୍ଧା,୧୧।୫(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ରାଧାବଲ୍ଲଭ ସାହିସ୍ଥିତ ରାଜ ପ୍ରତିଷ୍ଠିତ ରାଧାବଲ୍ଲଭ ମନ୍ଦିରରେ ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି । ସନ୍ଧ୍ୟା ଆଳତି ପରେ ଅନ୍ୟାନ୍ୟ ନୀତି ହୋଇ ରାଧାବଲ୍ଲଭଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ଡଙ୍ଗାରେ ସିଂହାସନରେ ବିଜେ କରିଥିଲେ। ହରିବୋଲ, ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବେଶ ପରେ ଶ୍ରୀଜୀଉ ଚାପ ଖେଳିଥିଲେ। ଛାତ୍ର ଶୁଭମ୍ ବେହେରାଙ୍କ ଦ୍ୱାରା ଏହି ଡଙ୍ଗା ନିର୍ମାଣ କରାଯାଇଛି। ଏହି ଉତ୍ସବକୁ ଭାଗବତ ପ୍ରଚାର ସମିତିର ଉପସଭାପତି ରବିନାରାୟଣ ମହାପାତ୍ର, ସମ୍ପାଦକ ଅଧ୍ୟାପକ ସୁଶାନ୍ତ ମିଶ୍ର, ଜଟକୃଷ୍ଣ ଦାଶ, ଗୌରଚନ୍ଦ୍ର ପ୍ରଧାନ, ସୂର୍ଯ୍ୟ ପାତ୍ର, କାଶୀନାଥ ଲାଲା, ଆଶିଷ ସାହା, ଏନ୍.ରାଜେଶ୍ୱର ରାଓ, ଖୁକି ବାରିକ, ରୁନୁ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଐତିହ୍ୟ ଗବେଷକ ଗୋପାଳକୃଷ୍ଣ ଦାସ କୁହନ୍ତି, ଗଜପତି ମୁକୁନ୍ଦଦେବଙ୍କ ପୁତ୍ର ରାଜା ପ୍ରଥମ ଦିବ୍ୟସିଂହ ଦେବ (ଖ୍ରୀ ୧୬୮୯-୧୭୧୬) ଖୋର୍ଦ୍ଧା ଦୁର୍ଗର ଉତ୍ତର ପାର୍ଶ୍ୱସ୍ଥ ଜଜାରସିଂହ ମୌଜା ଅଧୁନା ଆଧୁନିକ ଖୋର୍ଦ୍ଧା ସହରରେ ରାଧାବଲ୍ଲଭ ଜୀଉଙ୍କ ଏକମାତ୍ର ମନ୍ଦିର ନିର୍ମାଣ କରିଥିଲେ। ରାଧାବଲ୍ଲଭଙ୍କ ଏହି ପ୍ରାଚୀନ ମନ୍ଦିର ଅତ୍ୟନ୍ତ କାରୁକାର୍ଯ୍ୟ ପୂର୍ଣ୍ଣ ହୋଇଛି।

# ଯୁବବର୍ଗଙ୍କ ସହ ଆଲୋଚନାକଲେ ରାଜେନ୍ଦ୍ର



**ଖୋର୍ଦ୍ଧା,୧୧।୫(ପ୍ରଭାତ ପାଣିଗ୍ରାହୀ)**

**ଯୋଡ଼ିଶଙ୍ଖରେ ଭୋଟ୍ ଦେବାକୁ ଆହ୍ୱାନ**

ସାଧାରଣ ନିର୍ବାଚନ ପାଇଁ ଜମୁଛି ପ୍ରଚାର। ଖୋର୍ଦ୍ଧା ବିଧାନସଭା ଆସନ ଲାଗି ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁ ନିଆରା ଢଙ୍ଗରେ ପ୍ରଚାର କରୁଛନ୍ତି। ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ଭାବର ଆଦାନପ୍ରଦାନ ସହ ମୁଖ୍ୟମନ୍ତ୍ରୀଙ୍କ ବିକାଶ ଯାତ୍ରାରେ ସାମିଲ ହୋଇ ଯୋଡ଼ିଶଙ୍ଖକୁ ଜିତାଇବା ପାଇଁ ଆହ୍ୱାନ କରିଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳର ବିଭିନ୍ନ ୱାର୍ଡର ଯୁବକ, ଯୁବତୀ, କଲେଜ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଯୁବଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ନୂଆ ଓ କାର୍ଯ୍ୟକ୍ରମ, ଛାତ୍ରବୃତ୍ତି ପ୍ରଦାନ କରିଛନ୍ତି। ଯୁବସମାଜ ଅନ୍ତର୍ନିହିତ ପ୍ରତିଭା ବିକାଶ, କ୍ରୀଡ଼ାର ଭିତ୍ତିଭୂମି, ଉନ୍ନତ ଷ୍ଟାଡିୟମ, କଲେଜ ରୂପାନ୍ତରଣ, ଛାତ୍ରବୃତ୍ତି ଆଦି ପିଲାଙ୍କ ଉଚ୍ଚତ୍ତର ଶିକ୍ଷା ପ୍ରଦାନକ୍ଷେତ୍ରରେ ସହାୟକ ହୋଇପାରିବ। ଶିକ୍ଷାନୁଷ୍ଠାନ ଗୁଡ଼ିକର ଆବଶ୍ୟକ ଭିତ୍ତିଭୂମି, ପିଲାଙ୍କୁ ସର୍ବନିମ୍ନ ସୁବିଧା ପ୍ରଦାନ ସହ ସେମାନଙ୍କ ପ୍ରତିଭା ବିକାଶ ପାଇଁ ଉପଯୁକ୍ତ ପ୍ଲାଟଫର୍ମ ଦିଗରେ ଗୁରୁତ୍ୱ ଦେବେ ବୋଲି ରାଜେନ୍ଦ୍ର କହିଛନ୍ତି। ଖୋର୍ଦ୍ଧା ବିଧାନସଭା କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ଲାଗି ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ପିଲାମାନେ ପୁଷ୍ପଗୁଚ୍ଛ ଦେଇ ବିଧାୟକ ପ୍ରାର୍ଥୀ ସାହୁଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଲେଖନୀକୁ ଶାଣିତକଲେ ସାହିତ୍ୟ ଯୁଗଯୁଗ ଧରି ତିଷ୍ଠି ରହିବ

**ଭୁବନେଶ୍ୱର,୧୧।୫(ଅନୁରାଧା ମହାରଣା)**

'ଆମ ସାହିତ୍ୟ ପରିବାର, ବ୍ୟାସନଗର'ର ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନ ହୋତା କହିଲେ, ସାହିତ୍ୟ କୌଣସି ଅଞ୍ଚଳ ଭିତରେ ସୀମାବଦ୍ଧ ନୁହେଁ। ଏଣୁ ପ୍ରଚାରପ୍ରସାର ଦିଗରେ ଧ୍ୟାନ ନ ଦେଇ ଲେଖନୀକୁ ଶାଣିତ କଲେ ସାହିତ୍ୟ ଯୁଗଯୁଗ ଧରି ତିଷ୍ଠି ରହିବ। ଉଦ୍‌ଘାଟକ ଭାବେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ କହିଲେ, ସାହିତ୍ୟକୁ ନିଷ୍ଠା ଓ ସାଧନାର ସହିତ ସମ୍ପାଦନ କରିବା ଦରକାର। ମୁଖ୍ୟବକ୍ତା ଭାବେ ପ୍ରଫେସର.ପ୍ରେମାନନ୍ଦ ମହାପାତ୍ର କହିଲେ, ସାହିତ୍ୟ ସମସ୍ତଙ୍କୁ ଭାବରସରେ ବାନ୍ଧିଥାଏ । ସାହିତ୍ୟର ପତନ ଘଟିଲେ ସମାଜ ବିପଥଗାମୀ ହେଇଯାଏ । ଅତିଥି ଶଶଧର ପଣ୍ଡା 'ଆମ ସାହିତ୍ୟ ପରିବାର' ପକ୍ଷରୁ ଉତ୍କର୍ଷ ସମ୍ମାନ ପ୍ରଦାନର ପରମ୍ପରାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ୫ମ ବାର୍ଷିକ ମୁଖପତ୍ର 'ଉଦ୍ଭବ'ର ଲୋକାର୍ପଣ କରିବା ସହ ଓଡିଶାର ଶ୍ରେଷ୍ଠ ୭ଟି ସଙ୍ଗଠନକୁ 'ଉତ୍କର୍ଷ ସମ୍ମାନ' ପ୍ରଦାନ କରାଯାଇଥିଲା। ସେସବୁ ଅନୁଷ୍ଠାନ ହେଲା ଭୁବନେଶ୍ୱର ସାହିତ୍ୟ ସମାଜ, ସୁକିନ୍ଦା ସାହିତ୍ୟ ସମାଜ, ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ, ରଶ୍ମିପ୍ରଭା, ପାର୍ବତୀ ଗୋବିନ୍ଦ ସ୍ମୃତି ସଂସଦ, ଅଭିମନ୍ୟୁ ସାମନ୍ତସିଂହାର ସାହିତ୍ୟ ସୃଜନୀ, ଓ ଜଗତସିଂହପୁର ସାହିତ୍ୟ ପରିଷଦ। ସେହିପରି ଓଡିଶାର ଲବ୍ଧ ପ୍ରତିଷ୍ଠିତ ୧୭ଜଣ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇଜଣ ଲବ୍ଧପ୍ରତିଷ୍ଠିତ ଲେଖକ ଜୟନ୍ତୀ ଜେନା ଏବଂ ଡ. ସୁରେନ୍ଦ୍ର ମହାନ୍ତିଙ୍କ ପୁସ୍ତକର ପାଠକାର୍ପଣ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସନ୍ଧ୍ୟା ଘଡେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡଃ. ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ପଣ୍ଡିତ ଅକ୍ଷୟ କୁମାର ଦାସ ଓ ସଭାପତି ଡ. ଅଲେଖ ମହାରଣା ଅନୁଷ୍ଠାନର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ସୁଚେତା ପ୍ରିୟଦର୍ଶିନୀଙ୍କ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ମହେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।

**Format C-1**

**Declaration about criminal cases**

(As per the judgement dated 25 September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate : **Rajendra Kumar Sahoo, S/o- Late Fagu Sahoo At - Paltanpadia, PO/PS/Dist.-Khordha, Pin - 752055**

Name of political party : **Biju Janata Dal**

Name of Election : **Odisha Legislative Assembly**

Name of Constituency : **117 - Khordha Assembly Consituency**

I Rajendra Kumar Sahoo (name of candidate), a candidate for the above mentioned election ; declare for public information the following details about any criminal antecedents :

**(A) Pending criminal case :-**

| Sl. No. | Name of Court | Case No. and dated | Status of case (s) | Section of acts concerned and brief description of offence (s) |
| --- | --- | --- | --- | --- |
| 01 | Smt. S. Mishra Judicial Magistrate (First Class Bhubaneswar) | 321/2005 | Case is pending for Evidence from prosecution | U/S 341/353/294/IPC<br>U/S 341 IPC wrongly restrain,<br>U/S 353 IPC use of criminal force to deter public servant for discharging his public duty,<br>U/S - 294 - Obsence act or songs. |

**(B) Details about Cases of Conviction for criminal offence :**

| Sl. No. | Name of Court & Date (s) of Order (s) | Description of Office (s) & Punishment Imposed | Maximum Punishment Imposed |
| --- | --- | --- | --- |
| 1 | NIL | NIL | NIL |

*In the case of election to council of States or election to Legislative Council by MLAs, mention the election concerned in place of name of constituency.

**Sd./-Rajendra Kumar Sahoo**

# ରାତି ଅଧରେ ଘଡ଼ଘଡ଼ି ସହ ବର୍ଷା, ପବନ



ଶନିବାର ରାତିରେ ହୋଇଥିବା ବର୍ଷା ଓ ପବନ ସମୟରେ ଭୁବନେଶ୍ୱରର ଏକ ଓଭରବ୍ରିଜ୍ ତଳ ରାସ୍ତାର ଦୃଶ୍ୟ ।



ଆଚାର୍ଯ୍ୟ ବିହାର ଭୋଇ ନଗର ରାସ୍ତାରେ ଏକ ଗଛ ଭାଙ୍ଗି ପଡିଛି ।

ଭୁବନେଶ୍ୱର,୧୧।୫(ଅନୁରାଧା ମହାରଣା)

ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ରାଜଧାନୀ ଆକାଶରେ ହଠାତ୍ ଘୋଟି ଆସିଥିଲା କଳା ହାଣ୍ଡିଆ ମେଘ । ପ୍ରାୟ ୧ଘଣ୍ଟା ଧରି ପ୍ରବଳ ବର୍ଷା ସାଙ୍ଗକୁ ପବନ ଓ ଘଡ଼ଘଡ଼ି ବିଜୁଳି ରାଜଧାନୀବାସୀଙ୍କୁ ଆତଙ୍କିତ କରିଥିଲା । ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ହେଉଥିଲେ ମଧ୍ୟ ଏହାର ଘୂର୍ଣ୍ଣାୟମାନ ଗତିରେ ବହୁ ଗଛ ଭାଙ୍ଗିପଡିବା ସହ ବର୍ଷାର କ୍ଷୀପ୍ରତାକୁ ବଢ଼ାଇ ଦେଇଥିଲା । ଏଥିଯୋଗୁ ସହର ରାସ୍ତାରେ ବର୍ଷା ପାଣିର ସୁଅ ଛୁଟିଥିଲା । ବର୍ଷା ପାଣି ଜମି ରହିବାରୁ ଏନ୍‌ଏଚ୍-୧୬ ଓଭରବ୍ରିଜ୍ ତଳେ ଓ ଉପରେ କିଛି ସମୟ ଧରି କୃତ୍ରିମ ନଦୀ ସୃଷ୍ଟି ହୋଇଥିଲା । ପବନ ସହ ରାସ୍ତାରେ ପାଣିର ସୁଅକୁ ଗାଡିମୋଟର ଆଗକୁ ବଢ଼ିବା ଅସମ୍ଭବ ହୋଇପଡ଼ିଥିଲା । ଫଳରେ ଦୀର୍ଘ ସମୟ ଧରି ଓଭର ବ୍ରିଜ୍ ଉପରେ ଟ୍ରକ୍, କାର ସହ ଅନ୍ୟାନ୍ୟ ଯାନବାହନ ଅଟକି ରହିଥିଲା । ନୟାପଲ୍ଲୀ, ଜୟଦେବ ବିହାର, ସିଆରପିଏଫ୍, ଫାୟାରଷ୍ଟେଶନ, ବରମୁଣ୍ଡା ଓଭରବ୍ରିଜ୍ ଉପରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା । କେତେକ ସ୍ଥାନରେ ବାଇକ୍‌ଗୁଡ଼ିକର ସିଟ୍ ପର୍ଯ୍ୟନ୍ତ ପାଣିରେ ବୁଡ଼ିଯାଇଥିଲା । ଫଳରେ ଏକାଧିକ ଇଞ୍ଜିନ୍‌ରେ ପାଣି ପଶିଯିବାରୁ ଗାଡ଼ି ଖରାପ ହୋଇ ଅଟକି ରହିଥିଲା । ଲୋକେ ଝଡ଼ବର୍ଷାରେ ଗାଡ଼ି ଠେଲି ଠେଲି ନେବା ବେଶ୍ କଷ୍ଟଦାୟକ ହୋଇପଡ଼ିଥିଲା । ଓଭରବ୍ରିଜ୍ ତଳେ ଏହାଠାରୁ ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳିଥିଲା । ଡ୍ରେନ୍ ଆଡ଼କୁ ପାଣି ସୁଅର ବେଗ ଏତେ ତୀବ୍ର ରହିଥିଲା ଯେ, ବଡ଼ ବଡ଼ କାର୍‌ଗୁଡ଼ିକ୍ ଟାଣି ହୋଇଯାଉଥିଲା । ଲୋକେ ଭୟରେ ଗାଡ଼ି ଛାଡ଼ି ପଳାଉଥିବାବେଳେ ଗାଡିଟି ପାଣି ସୁଅରେ ଭାସି ଯାଉଥିଲା । ଅନେକ ଲୋକ ଓଭରବ୍ରିଜ୍ ତଳେ ଆଶ୍ରୟ ନେବା ସହ ଝଡ଼ ଥମିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ । ସାରା ରାଜଧାନୀରେ ଡ଼ାଳପତ୍ର ଭାଙ୍ଗି ଗଦା ହୋଇଥିଲା । କେତେକ ସ୍ଥାନରେ କୃଷ୍ଣଚୂଡ଼ା ଗଛ ଉପୁଡ଼ି ପଡିଥିଲା । ବର୍ଷା ଥମିବା ପରେ ବି ଘଡଘଡ଼ି ବିଜୁଳି ମାରୁଥିଲା । ବିଳମ୍ବିତ ରାତିରେ ପ୍ରକୃତିର ତାଣ୍ଡବରେ ବହୁ ଗଛ ଭାଙ୍ଗି ରାସ୍ତାରେ ପଡିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା । ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେବାରୁ ବହୁ ଅଞ୍ଚଳ ଅନ୍ଧାରରେ ରହିଥିଲା । ଏପରିସ୍ଥିତିରେ ମଶା ଓ ଗରମ ବି ସହରବାସୀଙ୍କୁ କଲବଲ କରିଥିଲା ।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ବାଲିଅନ୍ତା,୧୧।୫(ନୀଳମାଧବ ସାହୁ)

ଜୟଦେବ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାରକୁ ଜୋର୍‌ଦାର କରାଯାଇଛି । ଶୁକ୍ରବାର ରାତିରେ ବାଲିଅନ୍ତା ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ସ୍ଥାନୀୟ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପଞ୍ଚାୟତର ବହୁ ବରିଷ୍ଠ ଓ ପୁରୁଖା କର୍ମକର୍ତ୍ତା ଓ ଯୁବକର୍ମୀ ଯୋଗଦେଇ ଦଳୀୟ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ସହମତି ପ୍ରକାଶ ପାଇଥିଲା । ସମ୍ମିଳନୀରେ ନିର୍ବାଚନମଣ୍ଡଳୀର ବିଜେଡି ମୁଖ୍ୟ କମଳ କୁମାର ପାତ୍ର ଯୋଗଦେଇ ଜୟଦେବ ମାଟିର ବିକାଶ ସାଙ୍ଗକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସମସ୍ତ ଦଳୀୟ କର୍ମୀ ଆଗେଇ ଆସି ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଅନୁରୋଧ କରିଥିଲେ । ସମ୍ମିଳନୀରେ ସ୍ଥାନୀୟ ସରପଞ୍ଚ କୃଷ୍ଣକେଶବ ଆପଟ, ପୂର୍ବତନ ସରପଞ୍ଚ ରାଜକିଶୋର ରାଉତରାୟ, ପୂର୍ବତନ ସମିତିସଭ୍ୟ ଦିଲୀପ ସାହୁ ଓ ସ୍ଥାନୀୟ ଯୁବନେତା ରବୀନ୍ଦ୍ର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ ।

## ନବୀନ ଗ୍ୟାରେଣ୍ଟିରେ ଓଡ଼ିଶା ହେବ ଏକ ନମ୍ବର ରାଜ୍ୟ: ବିଜେଡି

ଭୁବନେଶ୍ୱର,୧୧।୫(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ୧୦୦ ବର୍ଷ ପୂରଣ ହେବାର ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୩୪ ସୁଦ୍ଧା ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ୨୦୨୪ ନିର୍ବାଚନରେ ବିଜୁ ଜନତା ଦଳର ଇସ୍ତାହାରରେ ଦିଆଯାଇଥିବା ୨୪ଟି ନବୀନ ଗ୍ୟାରେଣ୍ଟି ବିଷୟରେ ଉଲ୍ଲେଖ କରି ବିଜେଡି ଇସ୍ତାହାର କମିଟିର ଆବାହକ ତଥା ରାଷ୍ଟ୍ରୀୟ ମୁଖପାତ୍ର ଅମର ପଟ୍ଟନାୟକ ଏହା କହିଛନ୍ତି । ଶନିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅମରଙ୍କ ସହିତ ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର ଓ ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ଉପସ୍ଥିତ ରହି ବିଜେଡି ଇସ୍ତାହାରରେ ଦିଆଯାଇଥିବା ନବୀନଙ୍କ ଗ୍ୟାରେଣ୍ଟି ସମ୍ପର୍କରେ କହିଛନ୍ତି ।

ଗଣମାଧ୍ୟମକୁ ଅମର କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୨୪ଟି ଗ୍ୟାରେଣ୍ଟି ଅନ୍ୟ ସମସ୍ତ ଗ୍ୟାରେଣ୍ଟିଠାରୁ ଊର୍ଦ୍ଧ୍ୱରେ । ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ରହିଛି । ଏହା ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ ହେବା ଦିଗରେ ଆଗେଇ ନେଇଯିବ ଏବଂ ୨୦୩୪ ସୁଦ୍ଧା ଆମେ ଏହି ଲକ୍ଷ୍ୟ ହାସଲ କରିବୁ । କୃଷକ ଓ ଘରୋଇ ହିତାଧିକାରୀଙ୍କ ପାଇଁ ମାଗଣା ବିଜୁଳି, ଆଦିବାସୀ ସଶକ୍ତୀକରଣ, ମଧ୍ୟବିତ୍ତ, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି), ସଂଖ୍ୟାଲଘୁ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଆଦି ସମସ୍ତଙ୍କ ପାଇଁ ଅର୍ଥନୈତିକ ଅଭିବୃଦ୍ଧି, ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ୨୪ ଗ୍ୟାରେଣ୍ଟି ଉପରେ ସେ ଆଲୋକପାତ କରିଛନ୍ତି । ଅନେକ ଗୁରୁତ୍ୱପୂର୍ଣ୍ଣ ଗ୍ୟାରେଣ୍ଟି ବିଷୟରେ ବିସ୍ତୃତ ବିବରଣୀ ଦେଇ ପଟ୍ଟନାୟକ ଚାଷୀଙ୍କୁ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ସମସ୍ତଙ୍କ ପାଇଁ ବିଏସ୍‌କେୱାଇ ନବୀନ କାର୍ଡ, ମଧ୍ୟବିତ୍ତଙ୍କୁ ବାସଗୃହ, ଖାଦ୍ୟ, ସ୍ୱାସ୍ଥ୍ୟ, ଶକ୍ତି ଓ ପରିବହନ ଗ୍ୟାରେଣ୍ଟି ଏବଂ ଯୁବବର୍ଗଙ୍କୁ ୧୦ ବର୍ଷରେ ୧ ଲକ୍ଷ କୋଟି ଟଙ୍କା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଛାତ୍ରୀମାନଙ୍କ ପାଇଁ ନୂଆ-ଓ ବୃତ୍ତି ୧୪,୦୦୦ ଟଙ୍କା ଏବଂ ଛାତ୍ରଙ୍କ ପାଇଁ ୧୨,୦୦୦ ଟଙ୍କାକୁ ବୃଦ୍ଧି, ଶ୍ରମିକ କଲ୍ୟାଣ ଆଦି ସଂକ୍ରାନ୍ତରେ ସେ ସୂଚନା ଦେଇଛନ୍ତି ।



ଅମର ପଟ୍ଟନାୟକ

ସୁଲତା ଦେଓ ମିଶନ ଶକ୍ତି ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ କିପରି ଗ୍ୟାରେଣ୍ଟି ପେନ୍‌ସନ ଏବଂ ୧୫ ଲକ୍ଷ ଟଙ୍କାର ସୁଧ ମୁକ୍ତ ଋଣ ମିଳିବ ସେ ବିଷୟରେ କହିଛନ୍ତି । ଦିବ୍ୟାଙ୍ଗମାନଙ୍କୁ କିପରି ସଶକ୍ତ ଓ ପ୍ରୋତ୍ସାହିତ କରାଯିବ ତାହା ଉପରେ ଆଲୋକପାତ କରିବା ସହିତ କ୍ରୀଡ଼ା ସୁବିଧା, ଗ୍ରାମ୍ୟ ଉନ୍ନୟନ ଓ ସେବା, ଭାଷା ଓ ସଂସ୍କୃତି ଏବଂ ଖାଦ୍ୟ ନିରାପତ୍ତା ଆଦି ସମ୍ପର୍କରେ ସେ କହିଛନ୍ତି ।

ସସ୍ମିତ ପାତ୍ର ଅନୁସୂଚିତ ଜାତି, ଜନଜାତି, ଓବିସି ଓ ସଂଖ୍ୟାଲଘୁଙ୍କ ପାଇଁ ନବୀନ ଗ୍ୟାରେଣ୍ଟି ଯୋଜନାରେ ଦିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି । ୧୦,୦୦୦ ଅନୁସୂଚିତ ଜାତିର ଯୁବକଙ୍କୁ ସ୍ୱରୋଜଗାର ପାଇଁ ୧ ଲକ୍ଷ ଟଙ୍କା କରି ଅନୁଦାନ ଦେବା ପାଇଁ ୧୦ ବର୍ଷ ମଧ୍ୟରେ ୧୦୦୦ କୋଟି ଟଙ୍କା ପ୍ରଦାନ କରାଯିବ । ଅନୁରୂପ ଭାବେ ୧୦୦୦ ଏସ୍‌ଟି ଓ ଓବିସି ଯୁବକଙ୍କ ପାଇଁ ମଧ୍ୟ ସ୍ୱରୋଜଗାର ଲାଗି ୧୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯିବ । ଆଞ୍ଚଳିକ ଅସମାନତା କିପରି ହ୍ରାସ ପାଇବ ଏବଂ ସମାନ ଅଭିବୃଦ୍ଧି ସୁନିଶ୍ଚିତ କରାଯିବ ସେ ବିଷୟରେ କହିଛନ୍ତି ।

## ଷ୍ଟୁଆର୍ଟ ସ୍କୁଲର ଅଡିଓ ଭିଜୁଆଲ କକ୍ଷ ଉଦ୍‌ଘାଟିତ



ସ୍କୁଲ୍ ପକ୍ଷରୁ ଲାଲ୍‌ଲାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଚେୟାରମ୍ୟାନ ସଞ୍ଜୟ ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଭୁବନେଶ୍ୱର,୧୧।୫

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ସିଆର୍‌ପି ଛକ ନିକଟସ୍ଥ ଷ୍ଟୁଆର୍ଟ ସ୍କୁଲ ପରିସରରେ ନବୀକରଣ ହୋଇଥିବା ଅଡିଓ ଭିଜୁଆଲ କକ୍ଷ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ଉଦ୍ୟୋଗପତି ତଥା ଲାଲ୍‌ଲାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଚେୟାରମ୍ୟାନ ସଞ୍ଜୟ ହଂସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆର୍‌ଇଭି ଏଫ୍.ସି. ନର୍ଥ, ସଚିବ ଡିବିଇ, ୟୁ.ଫୁଲନ୍‌ଟନ୍, ସଚିବ ଏସ୍‌ଏସ୍‌ବି ପ୍ରମୁଖ ଉପସ୍ଥିତ ଥିଲେ ।

ଉଲ୍ଲେଖଯୋଗ୍ୟ, ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ତଥା ଆଧୁନିକ ଯନ୍ତ୍ରପାତି ସହ ସଜ୍ଜିତ ଏହି ନବୀକୃତ ଅଡିଓ ଭିଜୁଆଲ କକ୍ଷ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଇଁ ବେଶ୍ ସହାୟକ ହେବ । ଏପରିକି ଗ୍ରୀଷ୍ମଛୁଟି ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହକୁ ଫେରିବା ପରେ ଏହା ଏକ ଭିନ୍ନ ଅଭିଜ୍ଞତା ପ୍ରଦାନ କରିବ । ଏହି ପରିପ୍ରେକ୍ଷୀରେ ଷ୍ଟୁଆର୍ଟ ସ୍କୁଲର ପ୍ରିନ୍ସିପାଲ ଡ. ଆର୍.ଆର୍. ସେନାପତି କହିଥିଲେ, ବିଶିଷ୍ଟ ଉଦ୍ୟୋଗପତି ସଞ୍ଜୟ ହଂସ ହେଉଛନ୍ତି ଏହି ସ୍କୁଲର ୧୯୮୦ ବ୍ୟାଚ୍‌ର ଛାତ୍ର ଏବଂ ତାଙ୍କର ଉଦ୍ୟମ ଯୋଗୁ ଏହି ଅଡିଓ ଭିଜୁଆଲ କକ୍ଷର ପୁନଃ ସ୍ଥାପନା ସମ୍ଭବ ହୋଇପାରିଛି, ଏଥିପାଇଁ ତାଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛୁ । ଏ ନେଇ ସଞ୍ଜୟ ହଂସ କହିଛନ୍ତି, ଏହି ବିଦ୍ୟାଳୟର ଛାତ୍ର ହେବା ମୋ ପାଇଁ ଭାଗ୍ୟର କଥା ଏବଂ ସ୍କୁଲ ମୋତେ ଅନେକ କିଛି ପ୍ରଦାନ କରିଥିବାରୁ ମୁଁ ଆଜି ମୋ ନିଜ ଅନୁସାରେ ସ୍କୁଲକୁ କିଛି ଦେବାକୁ ଆଗ୍ରହ ପ୍ରକାଶ କରିଛି । ଏହା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି । ଅପରପକ୍ଷରେ ୧୯୮୦ ବ୍ୟାଚ୍‌ର ପ୍ରାୟ ସମସ୍ତ ଛାତ୍ରୀଛାତ୍ରୀ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ ।

## ଶାସ୍ତ୍ରୀନଗରରେ ଅନନ୍ତଙ୍କ ପଦଯାତ୍ରା

ଭୁବନେଶ୍ୱର,୧୧।୫ (ଅନୁରାଧା ମହାରଣା)

ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ବିଜେଡିର ନିର୍ବାଚନୀ ପ୍ରଚାର ଜୋର୍ ଧରିଛି । ଶନିବାର ୱାର୍ଡ ନଂ. ୩୯ରେ ଶାସ୍ତ୍ରୀନଗରରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ୱାର୍ଡ଼ ପରିକ୍ରମା କରି ଜନସାଧାରଣଙ୍କ ସମର୍ଥନ ଲୋଡିଥିଲେ । ଜେନାଙ୍କୁ ବିଭିନ୍ନ ସ୍ଥାନରେ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବାବେଳେ ନୟାପଲ୍ଲୀ ସୀତାପୁର ବିଜୁ ଆଦର୍ଶ କଲୋନୀ ରାମ ମନ୍ଦିର ନିକଟରେ ପଦଯାତ୍ରା ଶେଷ ହୋଇଥିଲା । ଚଳିତ ନିର୍ବାଚନରେ ଉଭୟ ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ । ପଦଯାତ୍ରାରେ ବରିଷ୍ଠ ନେତା ରମାନାଥ ସାମନ୍ତରାୟ, ବିଜେଡ଼ି ଭୁବନେଶ୍ୱର ଉପସଭାପତି ମିଲନ ପାଇକରାୟ, ଯୁବ ସାମାଜିକ କର୍ମୀ ସାଗର ବଳବନ୍ତରାୟ, ବରିଷ୍ଠ ନାଗରିକ ମହାସଂଘ କାର୍ଯ୍ୟକାରୀ ସଭାପତି ଗିରିଜା ନନ୍ଦନ ମହାନ୍ତି, ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର, ବରିଷ୍ଠ ନେତା, ଯୁବ ଛାତ୍ର ମହିଳା କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।




ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ୱାର୍ଡ ନଂ.୩୯ରେ ଅନନ୍ତ ନାରାୟଣ ଜେନାଙ୍କ ପଦଯାତ୍ରା ।

## ଏକାମ୍ର ନିର୍ବାଚନମଣ୍ଡଳୀରେ ଅଶୋକଙ୍କ ପ୍ରଚାର



ପୁରୁଣା ଭୁବନେଶ୍ୱର,୧୧।୫(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ଶନିବାର ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ପଦଯାତ୍ରା, ସାଧାରଣ ସଭା, କର୍ମୀ ସମ୍ମିଳନୀ ଆଦି ଅନୁଷ୍ଠିତ ହୋଇଯାଇଛି । ସକାଳେ ପରିବାର ସମ୍ପର୍କ ଅଭିଯାନ ପୋଖରୀପୁଟ ପେଟ୍ରୋଲ ପମ୍ପଠାରୁ ଲିଙ୍ଗରାଜ ବିହାର, କାର୍‌ଗିଲ ବିଜୁ ଆଦର୍ଶ କଲୋନୀରେ ହୋଇଥିଲା । ସେହିପରି ବିଭିନ୍ନ ସ୍ଥାନରେ ବାଇକ୍ ଶୋଭାଯାତ୍ରା, ପଦଯାତ୍ରା ହୋଇଥିଲା । ଯୋଡ଼ିଶଙ୍ଖରେ ଭୋଟ ଦେବା ପାଇଁ ଉଭୟ ପ୍ରାର୍ଥୀ ଜନସାଧାରଣଙ୍କୁ ନିବେଦନ କରିଥିଲେ । ବରିଷ୍ଠ ନାଗରିକ ସମ୍ମିଳନୀରେ ମେୟର ସୁଲୋଚନା ଦାସ, ବିଜେଡି ସାଧାରଣ ସମ୍ପାଦକ ଅମିୟ ଦାସ, ଓଡ଼ିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ. ସନ୍ତୋଷ ବେଜ, ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, କର୍ପୋରେଟର ଚାରୁଲତା ସାମନ୍ତରାୟ, ମହାମାୟା ସ୍ୱାଇଁ, ଶ୍ରୀଧର ବେହେରା, ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ସମିତିସଭ୍ୟ ବିନୋଦ ରାଉତ, ପୂର୍ବତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ହୃଦୟ ବଲ୍ଲଭ ସାମନ୍ତରାୟ, ସୁଜିତ୍ ସ୍ୱାଇଁ, ରଘୁନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡିରେ ଖଣ୍ଡପଡ଼ା ଭାଜପା କର୍ମକର୍ତ୍ତା, ଚଳଚ୍ଚିତ୍ର ଅଭିନେତା ରୁଦ୍ର ପାଣିଗ୍ରାହୀ

ଭୁବନେଶ୍ୱର,୧୧।୫(ଅନିଲ ଦାସ)

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା କର୍ମକର୍ତ୍ତା ଶନିବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅମିତ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର ସାହୁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବସନ୍ତ କୁମାର ମାଝି, ରାଜକିଶୋର ଦଳେଇ, ଦାଶରଥି ଦାଶ, ବନମାଳୀ ନାୟକ, ରବୀନ୍ଦ୍ର ପ୍ରଧାନ ଓ ସଦାଶିବ ତ୍ରିପାଠୀ, ଭାଜପା ଖଣ୍ଡପଡ଼ା ମଣ୍ଡଳ ସଭାପତି ସଞ୍ଜୟ ପ୍ରଧାନ, ଅଜୟ ନାୟକ, ପ୍ରକାଶ ମହାରଣା, ରବି ପଟ୍ଟନାୟକ, ମନୋଜ ବାରିକ, ଅଜିତ ଦାସ, ଅଶୋକ ଦଳବେହେରା ପ୍ରମୁଖ ବିଜେଡିରେ ଯୋଗଦେଇଛନ୍ତି । ସେହିପରି ଓଡ଼ିଆ ଚଳଚ୍ଚିତ୍ର ଓ ସିରିଏଲ ଅଭିନେତା ରୁଦ୍ର ପାଣିଗ୍ରାହୀ ମଧ୍ୟ ବିଜେଡିରେ ଯୋଗଦେଇଛନ୍ତି । ତାଙ୍କ ଯୋଗଦାନ ଫଳରେ ଦଳ ଆହୁରି ମଜଭୁତ ହେବ ବୋଲି ସସ୍ମିତ କହିଛନ୍ତି ।

## ଟ୍ୱିଲାଇଟ ଟୁର୍‌ର ୨ୟ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୫

ରେସର୍ସ ଆଣ୍ଡ ରନର୍ସ କ୍ଲବ୍ ଭୁବନେଶ୍ୱରର ବହୁ ପ୍ରତୀକ୍ଷିତ ଦୁଃସାହସିକ ରାତ୍ରି ସାଇକେଲ ଯାତ୍ରା 'ଦ ଟ୍ୱି ଲାଇଟ ଟୁର୍'ର ୨ୟ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର କେଶୁରାସ୍ଥିତ ଷ୍ଟଲ୍‌ୱାର୍ଟ ଜିମ୍‌ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ଆୟକର ବିଭାଗର ମୁଖ୍ୟ ଆୟୁକ୍ତ ସରୋଜ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ ପତାକା ଦେଖାଇ ସାଇକେଲ ଯାତ୍ରାକୁ ଶୁଭାରମ୍ଭ କରାଇଥିଲେ । ଉକ୍ତ ଯାତ୍ରାରେ ମୋଟ ୫୧ଜଣ ସାଇକେଲ ଚାଳକ ଅଂଶ ଗ୍ରହଣ କରିଥିଲାବେଳେ ଭୁବନେଶ୍ୱରଠାରୁ ଏହି ଯାତ୍ରା ପୁରୀ ଅଭିମୁଖେ ଯାତ୍ରା କରିଥିଲା । ଏପରିକି ଯାତ୍ରାର କାର୍ଯ୍ୟସୂଚୀ ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଏକତ୍ରିତ ହୋଇ ଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ପ୍ରାପ୍ତ କରି ପୁରୀରୁ କୋଣାର୍କ ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ପରବର୍ତ୍ତୀ ସମୟରେ କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରେ ସାମୟିକ ସମୟର ବିରାମ ନେଇ ରାତ୍ରି ୩.୩୦ଘଟିକା ସମୟରେ କୋଣାର୍କରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭକରି ସମସ୍ତ ସାଇକେଲ ଚାଳକ ସ୍ୱର୍ଣ୍ଣିମ ଚତୁର୍ଭୁଜର ୧୭୫କି.ମି. ରାସ୍ତା ୧୩ ଘଣ୍ଟାରେ ଶେଷ କରିବେ ବୋଲି ଯୋଜନା ରହିଛି । ଉକ୍ତ ଯାତ୍ରାରେ ରେସର୍ସ ଆଣ୍ଡ ରନର୍ସ କ୍ଲବ୍‌ର ସଭାପତି ବ୍ରଜେନ୍ଦୁ ଦାସ, ସାଧାରଣ ସମ୍ପାଦକ ସୁଜିତ କୁମାର ଗୋସ୍ୱାମୀ, କୋଷାଧ୍ୟକ୍ଷ ଦିଲୀପ ମିଶ୍ରଙ୍କ ସମେତ ମୋଟ ୫୧ଜଣ ସାଇକେଲ ଚାଳକ ଯୋଗଦେଇଥିଲେ । ଅପରପକ୍ଷରେ ଏହି ଯାତ୍ରା ଶେଷହେବା ପରେ ସମସ୍ତ ସଫଳ ଚାଳକଙ୍କୁ କ୍ଲବ୍ କର୍ମକର୍ତ୍ତାଙ୍କ ଦ୍ୱାରା ପଦକ ପ୍ରଦାନ କରାଯାଇଥଲା ।




**Format C-1**

**Declaration about criminal cases**

(As per the judgement dated 25 September, 2018, of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)

Name and address of candidate : **Rajendra Kumar Sahoo, S/o- Late Fagu Sahoo At - Paltanpadia, PO/PS/Dist.-Khordha, Pin - 752055**

Name of political party : **Biju Janata Dal**

Name of Election : **Odisha Legislative Assembly**

Name of Constituency : **117 - Khordha Assembly Consituency**

I Rajendra Kumar Sahoo (name of candidate), a candidate for the above mentioned election ; declare for public information the following details about any criminal antecedents :

**(A) Pending criminal case :-**

| Sl. No. | Name of Court | Case No. and dated | Status of case (s) | Section of acts concerned and brief description of offence (s) |
|---|---|---|---|---|
| 01 | Smt. S. Mishra Judicial Magistrate (First Class Bhubaneswar) | 321/2005 | Case is pending for Evidence from prosecution | U/S 341/353/294/IPC<br>U/S 341 IPC wrongly restrain,<br>U/S 353 IPC use of criminal force to deter public servant for discharging his public duty,<br>U/S - 294 - Obsence act or songs. |

**(B) Details about Cases of Conviction for criminal offence :**

| Sl. No. | Name of Court & Date (s) of Order (s) | Description of Office (s) & Punishment Imposed | Maximum Punishment Imposed |
|---|---|---|---|
| 1 | NIL | NIL | NIL |

*In the case of election to council of States or election to Legislative Council by MLAs, mention the election concerned in place of name of constituency.

**Sd./-Rajendra Kumar Sahoo**

DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମେ ୧୨/୨୦୨୪ Bhubaneswar, Sunday, May 12 / 2024




# ପ୍ଲେ ଅଫ୍‌ରେ ନାଇଟ୍ ରାଇଡର୍ସ

**କୋଲକାତା, ୧୧।୫**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ସଂସ୍କରଣରେ ପ୍ରଥମ ଦଳ ଭାବେ ପ୍ଲେ ଅଫ୍‌ରେ ସ୍ଥାନ ସୁରକ୍ଷିତ କରିଛି କୋଲକାତା ନାଇଟ୍ ରାଇଡର୍ସ(କେକେଆର୍)। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌କୁ ୧୮ ରନରେ ଜିତିବା ସହ ପ୍ରଥମ ଦଳ ଭାବେ ୧୮ ପଏଣ୍ଟ ଅର୍ଜନ କରିଛି କେକେଆର। ପ୍ରଥମେ ବ୍ୟାଟିଂ କରି କେକେଆର ୭ ଉଇକେଟରେ ୧୫୭ ରନ୍ କରିଥିଲା। ଜବାବରେ ମୁମ୍ବାଇ ୧୬ ଓଭରରେ ୮ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଇଡେନ୍ ଗାର୍ଡେନ୍ସରେ ଖେଳା ଯାଇଥିବା ମ୍ୟାଚ୍ ବର୍ଷା କାରଣରୁ ପ୍ରାୟ ଦେଢ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ବେଳେ ମ୍ୟାଚ୍‌କୁ ୧୬ ଓଭର ବିଶିଷ୍ଟ କରାଯାଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଦୁଇ ଓପନର ଫିଲ ସଲ୍ଟ(୬), ସୁନୀଲ ନାରିନ(୦) ଓ ଶ୍ରେୟସ ଆୟାର(୭) ବିଫଳ ହୋଇଥିଲେ। ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିଥିବା ଭେଙ୍କଟେଶ ଆୟାର ଚମତ୍କାର ବ୍ୟାଟିଂ କରି ୪୨ ରନ୍ କରିଥିଲେ। ଭେଙ୍କଟେଶ ୨୧ ବଲ୍ ଖେଳି ୬ ଚୌକା ଓ ୨ ଛକା ସହ ୪୨ ରନ୍ କରିଥିଲେ। ପରେ ନୀତିଶ ରାଣା ୩୩, ଆନ୍ଦ୍ରେ ରସେଲ୍ ୨୪ ଓ ରିଙ୍କୁ ସିଂ ୨୦ ରନ କରିଥିଲେ। ଶେଷ ଆଡକୁ ରମଣଦୀପ ସିଂ ୧୭* ରନ୍ କରିବାରୁ କେକେଆର ୧୫୭ ରନ୍‌ରେ ପହଞ୍ଚିଥିଲା। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମ୍‌ରା ଓ ପୀୟୁଷ ଚାୱଲା ୨ଟି ଲେଖାଏ ଉଇକେଟ ନେଇଥିଲେ।

## ଦେଢ଼ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ମ୍ୟାଚ୍


ଉଇକେଟ ନେବା ପରେ ବରୁନ ଚକ୍ରବର୍ତ୍ତୀ(ଡାହାଣ)ଙ୍କୁ ଶ୍ରେୟସ ଆୟାରଙ୍କ ବଧେଇ।

୧୫୮ ରନ୍ ଜବାବରେ ଇଶାନ୍ କିଶନ୍(୪୦) ଓ ରୋହିତ ଶର୍ମା(୧୯) ସତର୍କତାର ସହ ଖେଳି ୬୫ ରନ୍ ଯୋଡିଥିଲେ। ତେବେ ଇଶାନ ଆଉଟ ହେବା ପରେ କେକେଆର ସ୍ପିନର ବିପର୍ଯ୍ୟୟ ଘଟାଇଥିଲେ। ତିଲକ ବର୍ମା ୩୨ ଓ ନମନ ଧୀର ୧୭ ରନ୍ କରିଥିଲେ ମଧ୍ୟ ବିଜୟ ପାଇଁ ଏହା ଯଥେଷ୍ଟ ନ ଥିଲା। କେକେଆର ପକ୍ଷରୁ ବରୁନ ଚକ୍ରବର୍ତ୍ତୀ, ହର୍ଷିତ ରାଣା ଓ ଆନ୍ଦ୍ରେ ରସେଲ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୧୬ ଓଭରରେ ୧୫୭/୭(ଭେଙ୍କଟେଶ ଆୟାର–୪୨, ନୀତୀଶ ରାଣା–୩୩, ଆନ୍ଦ୍ରେ ରସେଲ–୨୪, ଯଶପ୍ରୀତ ବୁମ୍‌ରା–୨/୩୯, ପୀୟୁଷ ଚାୱଲା–୨/୨୮, ଅଂଶୁଲ କାମ୍ବୋଜ–୧/୨୪)। ମୁମ୍ବାଇ ଇଣ୍ଡିଆନ୍ସ ୧୬ ଓଭରରେ ୧୩୯/୮ (ଇଶାନ କିଶନ–୪୦, ତିଳକ ବର୍ମା–୩୨, ରୋହିତ ଶର୍ମା–୧୯, ବରୁଣ ଚକ୍ରବର୍ତ୍ତୀ–୨/୧୭, ହର୍ଷିତ ରାଣା–୨/୩୪, ଆନ୍ଦ୍ରେ ରସେଲ–୨/୩୪)।


ବର୍ଷା ପରେ ପଡ଼ିଆରେ ଜମିଥିବା ପାଣି ସଫା କରୁଛନ୍ତି ଗ୍ରାଉଣ୍ଡ ଷ୍ଟାଫ୍।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୨ | ୯ | ୩ | ୧୮ | +୧.୪୨୮ |
| ରାଜସ୍ଥାନ ରୟାଲ୍ସ | ୧୧ | ୮ | ୩ | ୧୬ | +୦.୪୭୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୬ | ୬ | ୧୨ | +୦.୪୯୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | −୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | −୦.୭୬୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୫ | ୭ | ୧୦ | +୦.୨୧୭ |
| ଗୁଜରାଟ ଟାଇଟନ୍ସ | ୧୨ | ୫ | ୭ | ୧୦ | −୧.୦୬୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୪ | ୯ | ୮ | −୦.୨୭୧ |
| ପଞ୍ଜାବ କିଙ୍ଗ୍ସ | ୧୨ | ୪ | ୮ | ୮ | −୦.୪୨୩ |

### ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**

**ଚେନ୍ନାଇ ବନାମ ରାଜସ୍ଥାନ**
ସ୍ଥାନ: ଚେନ୍ନାଇ
ସମୟ: ଅପରାହ୍ନ ୩.୩୦

**ବେଙ୍ଗାଲୁରୁ ବନାମ ଦିଲ୍ଲୀ**
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ମୁଣ୍ଡରେ ବୋତଲ ବାଜି ଜୋକୋଭିଚ୍ ଆହତ



**ରୋମ୍, ୧୧।୫(ପି.ଟି.)**

ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଟେନିସ୍ ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିଚ୍ ମୁଣ୍ଡରେ ବୋତଲ ବାଜି ଆହତ ହୋଇଛନ୍ତି। ଇଟାଲିଆନ୍ ଓପନର ମ୍ୟାଚ୍ ପରେ ଏହି ଘଟଣା ଘଟିଥିଲା। ଜଣେ ଫ୍ୟାନ୍‌ଙ୍କୁ ଅଟୋଗ୍ରାଫ ଦେଉଥିବା ବେଳେ ସେ ଆହତ ହୋଇଥିଲେ। ଟାଇଟଲ ଜିତିବା ପରେ ପ୍ରଥମ ଧାଡିରେ ବସିଥିବା ଜଣେ ଫ୍ୟାନ୍ ଅଟୋଗ୍ରାଫ ମାଗିଥିଲେ। ଅଟୋଗ୍ରାଫ ପାଇଁ ଫ୍ୟାନ୍ ଜଣଙ୍କ ଜୋକୋଭିଚ୍‌ଙ୍କ ହାତକୁ ନୋଟ୍‌ବୁକ୍ ବଢାଉଥିବା ବେଳେ ତାଙ୍କ ବ୍ୟାକ୍‌ପ୍ୟାକରେ ଥିବା ଏକ ଆଲୁମିନିୟମ ପାଣି ବୋତଲ ଜୋକୋଭିଚ୍‌ଙ୍କ ମୁଣ୍ଡରେ ପଡିଥିଲା। ଫଳରେ ସେ ସାମାନ୍ୟ ଆହତ ହୋଇଥିଲେ। ସେ ତଳେ ପଡି ଯାଇଥିବା ବେଳେ ତାଙ୍କୁ ସୁରକ୍ଷାକର୍ମୀ ଲକର ରୁମ୍‌କୁ ନେଇଥିଲେ। ପରେ ସୋସିଆଲ ମିଡିଆ ସାଇଟ୍ 'ଏକ୍ସ'ରେ ପୋଷ୍ଟ କରିବା ସହ ସେ ସୁସ୍ଥ ଥିବା କହିଛନ୍ତି ଜୋକୋଭିଚ୍। ବିଭିନ୍ନ ସୋସିଆଲ୍ ମିଡିଆରେ ହୋଇଥିବା ପୋଷ୍ଟକୁ ନେଇ ସେ ଫ୍ୟାନମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ଏବେ ସୁସ୍ଥ ଥିବାବେଳେ ହୋଟେଲ ରୁମ୍‌ରେ ବିଶ୍ରାମ ନେଉଥିବା ପ୍ରକାଶ କରିଛନ୍ତି। ମୁଣ୍ଡରେ ସାମାନ୍ୟ ଫୁଲା ରହିଥିବା ବେଳେ ସେ ଆଇସ୍ ପ୍ୟାକ ଲଗାଉଥିବା ପ୍ରକାଶ କରିଥିଲେ।

ସାଧାରଣତଃ ମ୍ୟାଚ୍ ପରେ ପ୍ରେସ୍ କନ୍‌ଫରେନ୍ସରେ ଭାଗ ନେଉଥିବା ଜୋକୋଭିଚ୍ ସିଧା ଡାକ୍ତରଙ୍କୁ ଭେଟିଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ରବିବାର ପରବର୍ତ୍ତୀ ମ୍ୟାଚ୍ ଖେଳିବେ। ଫ୍ରେଞ୍ଚ କ୍ୱାଲିଫାୟର କୋରେଣ୍ଟିନ୍ ମୌଟେଟଙ୍କୁ ଉଦ୍‌ଘାଟନୀ ମ୍ୟାଚ୍‌ରେ ୬–୩, ୬–୧ରେ ପରାସ୍ତ କରିଥିଲେ ଜୋକୋଭିଚ୍। ୩୬ ବର୍ଷୀୟ ଜୋକୋଭଚିଚ୍ ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।

# ଅମନଙ୍କୁ ପ୍ୟାରିସ୍ ଅଲିମ୍ପିକ କୋଟା

**ଇସ୍ତାନବୁଲ୍, ୧୧।୫ (ପି.ଟି.)**

ଅମନ ଶେରାୱତ ଏଠାରେ ଚାଲିଥିବା ୱାର୍ଲ୍ଡ କ୍ୱାଲିଫାୟର୍ସରେ ୫୭ କେଜି ଫ୍ରିଷ୍ଟାଇଲ କାଟେଗୋରିରେ ଅଲିମ୍ପିକ କୋଟା ହାସଲ କରି ଭାରତର ସମ୍ମାନ ରଖିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ରାଉଣ୍ଡରେ ପରାଜୟ ଦ୍ୱାରା ଦୀପକ ପୁନିଆ ବାଦ୍ ପଡ଼ିଛନ୍ତି। ଫଳରେ ଅମନ ପ୍ରତିଯୋଗିତାରେ ସେ ଏକମାତ୍ର ଭାରତୀୟ ପୁରୁଷ କୁସ୍ତିଯୋଦ୍ଧା ଭାବେ ପ୍ୟାରିସ ଗେମ୍ସ ଟିକେଟ ହାସଲ କରିପାରିଛନ୍ତି। ୨୦ ବର୍ଷୀୟ ଅମନ ହେଉଛନ୍ତି ୨୩ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ଏବଂ ସିନିୟର ଏସିଆନ ଚାମ୍ପିୟନଶିପ୍ ଟାଇଟଲ ବିଜେତା। ଏଠାରେ ସେ ସମସ୍ତ ୩ଟି ବାଉଟ୍‌ରେ ଡବଲ ଡିଜିଟ୍ ସ୍କୋର କରିଥିଲେ। ତନ୍ମଧ୍ୟରୁ ଦୁଇଟିରେ ସେ ଟେକ୍‌ନିକାଲ ସୁପିରିଅରିଟିରେ ବିଜୟୀ ହୋଇଥିଲେ।

# ପଞ୍ଚମ ବିଜୟ ଲକ୍ଷ୍ୟରେ ଆର୍‌ସିବି

**ବେଙ୍ଗାଲୁରୁ, ୧୧।୫(ପି.ଟି.)**

ଚମତ୍କାର ଫର୍ମରେ ରହିଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) କ୍ରମାଗତ ପଞ୍ଚମ ବିଜୟ ଲକ୍ଷ୍ୟରେ ରହିଛି। ରବିବାର ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଆରସିବି ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ। ଧୀମା ଓଭର ହାର ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ନିୟମିତ ଅଧିନାୟକ ରିଷଭ ପନ୍ତ ଏହି ମ୍ୟାଚ୍ ଖେଳିବେ ନାହିଁ। ଫଳରେ ଦିଲ୍ଲୀ ଉପରେ ଅତିରିକ୍ତ ଚାପ ରହିବ। ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଧୀମା ଓଭର ପାଇଁ ପନ୍ତଙ୍କୁ ୩୦ ଲକ୍ଷ ଟଙ୍କାର ଫାଇନ୍ ସହ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିଲା। ଅନ୍ୟ ପକ୍ଷରେ କ୍ରମାଗତ ୪ ମ୍ୟାଚ ଜିତିବା ସହ ଚମତ୍କାର ଫର୍ମରେ ରହିଛି ଆରସିବି। ପଞ୍ଚମ ମ୍ୟାଚ୍ ଜିତିବା ସହ ପ୍ଲେ ଅଫ୍ ଆଶା ଜୀବିତ ରଖିବାକୁ ଚାହିଁବ ଦଳ। ସମାନ ଭାବରେ ଦିଲ୍ଲୀ ପାଇଁ ଏହି ମ୍ୟାଚ୍‌ଟି ଗୁରୁତ୍ୱପୂର୍ଣ୍ଣ। ପ୍ଲେ ଅଫ୍ ପ୍ରବେଶ ପାଇଁ ଏହି ମ୍ୟାଚରେ ଦିଲ୍ଲୀକୁ ମଧ୍ୟ ନିଶ୍ଚୟ ବିଜୟ ଆବଶ୍ୟକ। ଅନ୍ୟ ପକ୍ଷରେ ଆରସିବିର ପୂର୍ବତନ ଅଧିନାୟକ ବିରାଟ କୋହଲି ଚମତ୍କାର ଫର୍ମରେ ରହିଛନ୍ତି। ୧୫୩ ଆଭରେଜ ସହ ସେ ୬୩୪ ରନ୍ ସ୍କୋର କରିଛନ୍ତି। ଆରସିବି ୧୨ ମ୍ୟାଚ୍‌ରୁ ୧୦ଟିରେ ବିଜୟ ହାସଲ କରିଛି। ପଏଣ୍ଟ ଟେବୁଲରେ ଦଳ ସପ୍ତମ ସ୍ଥାନରେ ରହିଛି। ତେବେ କ୍ରମାଗତ ୪ ବିଜୟ ସହ ଦଳ ଆତ୍ମବିଶ୍ୱାସରେ ରହିଛି। ରଜତ ପଟିଦାର ଓ ଫାଫ୍ ଡୁ ପ୍ଲେସି ମଧ୍ୟ ଚମତ୍କାର ବ୍ୟାଟିଂ କରି କୋହଲିଙ୍କୁ ସହଯୋଗ କରିଛନ୍ତି। ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଦଳ ସମ୍ପୂର୍ଣ୍ଣ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ବେଳେ ପ୍ରଥମ ଥର ପାଇଁ ପେସ୍ ବୋଲର ମାନେ ବିଜୟରେ ଯୋଗଦାନ ଦେଇଥିଲେ। ମହମ୍ମଦ ସିରାଜ ୩ ଓ ଯଶ ଦୟାଲ ୨ ଉଇକେଟ ନେଇଥିବା ବେଳେ ଉଭୟଙ୍କ ଇକୋନୋମୀ ୧୦ ତଳେ ରହିଥିଲା। ତେବେ ଦିଲ୍ଲୀ କ୍ୟାପିଟାଲ୍ସ ଜେକ୍ ଫ୍ରେଜର ମ୍ୟାକ୍‌ଗୁର୍କ୍ ଆରସିବି ବୋଲରଙ୍କ ପାଇଁ ଚିନ୍ତାର କାରଣ ହୋଇ ପାରନ୍ତି। ଚଳିତ ସିଜନରେ ସେ ୨୩୬ ଷ୍ଟ୍ରାଇକ୍‌ରେଟ୍‌ରେ ବ୍ୟାଟିଂ କରିଛନ୍ତି। ସେହିପରି ଦିଲ୍ଲୀ ସ୍ପିନରଙ୍କ ମଧ୍ୟରେ କୁଲଦୀପ ଯାଦବ ଓ ଅକ୍ଷର ପଟେଲ ଚମତ୍କାର ଫର୍ମରେ ରହିଛନ୍ତି। ଉଭୟ ଚମତ୍କାର ଇକୋନୋମୀ ହାରରେ ଉଇକେଟ ନେବାରେ ସଫଳ ହୋଇଛନ୍ତି। ଚିନ୍ନାସ୍ୱାମୀ ଗ୍ରାଉଣ୍ଡରେ ଏକ ହାଇ ସ୍କୋରିଂ ମ୍ୟାଚ୍ ଆଶା କରିବେ ଫ୍ୟାନ୍।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ